بِسْمِ اللهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْد
وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 3 ସଂଖ୍ୟା 46-47

ସାପ୍ତାହିକ
# ବଦର
The Weekly କାଦିଆନ
BADAR Qadian
ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍
ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

15-22 ନଭେମ୍ବର 2018 15-22 ନବୁଓ୍ୱତ୍ 1397 ହି.ଶ 06-13 ରବିଉଲ୍ ଅଓ୍ୱଲ୍ 1440 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

يَا أَيُّهَا الَّذِينَ آمَنُوا اتَّقُوا اللَّهَ وَذَرُوا مَا بَقِيَ مِنَ الرِّبَا إِنْ كُنْتُمْ مُؤْمِنِينَ ۝ فَإِنْ لَمْ تَفْعَلُوا فَأْذَنُوا بِحَرْبٍ مِنَ اللَّهِ وَرَسُولِهِ

(280،279:سورة البقرة)

ଅନୁବାଦ - ହେ ବିଶ୍ୱାସକାରୀମାନେ ! ଅଲ୍ଲାଃଙ୍କୁ ଭୟ କର ଏବଂ ଯଦି ତୁମୋନେ ବିଶ୍ୱାସକାରୀ ହୋଇଥାଅ ତେବେ ସୁଧର ଅବଶିଷ୍ଟ (ଅଂଶ) ଛାଡିଦିଅ । ଏବଂ ଯଦି ତୁମେମାନେ ଏପରି ନକର, ତେବେ ଅଲ୍ଲାଃ ଓ ତାହାଙ୍କ ରସୁଲ୍‌ଙ୍କ ତରଫରୁ ଏକ (ଆସନ୍ନ) ଯୁଦ୍ଧକୁ ଅବଶ୍ୟମ୍ଭାବି ମନେକର (ଓ ସେଥିପାଇଁ ସାବଧାନ ହୁଅ) ।
(ବକ୍ରାଃ : ୨୭୯-୨୮୦)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ·ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ·ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ·ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।
॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ମୁସଲ୍‌ମାନ୍ ମାନଙ୍କ ପାଇଁ ସହି ବୁଖାରୀ ଅତ୍ୟନ୍ତ ପବିତ୍ର ଓ ଲାଭକାରୀ ପୁସ୍ତକ ଅଟେ । ଏହା ହେଉଛି ସେହି ପୁସ୍ତକ ଯେଉଁଥିରେ ସ୍ୱଷ୍ଟ ରୂପେ ଲେଖା ହୋଇଛି ହଜ୍‌ରତ୍ ଇସା ଆ:ସ ମରିଯାଇଛନ୍ତି ବୋଲି । ସେହିପରି ମୁସ୍‌ଲିମ୍ ଏବଂ ଅନ୍ୟ ହଦିସ୍ ପୁସ୍ତକ ଗୁଡିକରେ ବହୁତ ତତ୍ୱଜ୍ଞାନର ଭଣ୍ଡାର ଭରି ରହିଛି ଏବଂ ଏପରି ସତର୍କତାର ସହିତ ସେଗୁଡିକ ଉପରେ ଅମଳ କରିବା ଜରୁରୀ ହେବ କି କୌଣସି ବିଷୟ ଏପରି ନହେଉ ଯାହା କୁର୍‌ଆନ୍, ସୁନ୍ନତ୍ ଏବଂ ସେହିସବୁ ହଦିସ୍ ଗୁଡିକର ବିରୋଧ କରୁଥିବ ଯାହା ପବିତ୍ର କୋରାନ୍ ମୁତାବକ ଅଟେ ।

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ଏପରି ଶହଶହ ହଦିସ୍ ଅଛି ଯେଉଁଥିରେ ଭବିଷ୍ୟବାଣୀମାନ ଭରି ରହିଛି । କିନ୍ତୁ ସେଥି ମଧ୍ୟରୁ ଅଧିକାଂଶ (ହଦିସ୍) ମୋହଦିସ୍‌ଙ୍କ ନିକଟରେ ମଜ୍‌ରୁହ୍ ବା ମୌଜୁଉ ବା ଜଇଫ୍ (ଦୁର୍ବଳ ଶ୍ରେଣୀର) । ଯଦି ସେଥି ମଧ୍ୟରୁ କୌଣସି ହଦିସ୍ ପୂରଣ ହୋଇଯାଏ ଓ ତାକୁ ତୁମେ ଏକଥା କହି ଏଡ଼ାଇ ଯାଅ କି ଆମେ ତାହାକୁ ମାନୁନାହୁଁ କାରଣ ତାହା ଜଇଫ୍ (ଦୁର୍ବଳ ଶ୍ରେଣୀର) ବା ତାର କୌଣସି ରାଓ୍ୱି ସତ୍ୟବାନ୍ ନୁହଁନ୍ତି ତେବେ ଏପରି ପରିସ୍ଥିତିରେ ସେ ସବୁ ହଦିସ୍‌କୁ ରଦ୍ଦ କରିଦେବା ତୁମ ନିକଟରେ ବେଇମାନି ହେବ ଯେଉଁଗୁଡିକୁ ସତ୍ୟ ହେବାର ପରିପ୍ରକାଶ ନିଜେ ଇଶ୍ୱର କରିଛନ୍ତି । ଚିନ୍ତା କରନ୍ତୁ କି ଯଦି ଏପରି ହଜାର ହଜାର ହଦିସ୍ ଥିବ ଓ ମୁହଦିସ୍‌ଙ୍କ ନିକଟରେ ସେ ସବୁ ଜଇଫ୍ ଥିବ ଏବଂ ହଜାର ହଜାର ଭବିଷ୍ୟବାଣୀ ସେଥିରୁ ସତ୍ୟ ପ୍ରମାଣିତ ହେଉଥିବ ତେବେ କଣ ତୁମେ ସେହି ସବୁ ହଦିସ୍ ଗୁଡିକୁ ଜଇଫ୍ ଅଭିହିତ କରି ଇସ୍‌ଲାମ୍‌ର ହଜାର ହଜାର ପ୍ରମାଣକୁ ନଷ୍ଟ କରିଦେବ । (ଯଦି ଏପରି କର) ତେବେ ଏପରି ପରିସ୍ଥିତିରେ ତୁମେ ଇସ୍‌ଲାମ୍‌ର ଶତ୍ରୁ ହୋଇଯିବ । ଅଲ୍ଲାଃତାଲା କହୁଛନ୍ତି *ଫଲା ୟୁଜ୍‌ହରୁ ଆଲା ଗଇବିହି ଅହଦନ୍ ଇଲ୍ଲା ମନିର୍ ତଜା ମିର୍ ରସୁଲ୍* (ଅଲ୍‌ଜିନ୍:୨୭-୨୮) । ତେଣୁ ସଚ୍ଚା ପେଶ୍‌ଗୋଇ ସଚ୍ଚା ରସୁଲ୍‌ଙ୍କ ବ୍ୟତୀତ (ଆଉ) କାହା ସହିତ ସମ୍ବନ୍ଧିତ ହୋଇପାରିବ । କଣ ଏପରି ଅବସରରେ ଏହା କହିବା (ଜଣେ ବ୍ୟକ୍ତିର) ଇମାନ୍‌ଦାରୀ ନୁହେଁ କି ସହି ହଦିସ୍‌କୁ ଜଇଫ୍ ଅଭିହିତ କରୁଥିବା ମୋହଦିସ୍‌ମାନେ ଭୁଲ୍ କରୁଛନ୍ତି ବୋଲି ବା ଏହା କହିବା ଠିକ୍ ହେବ କି ମିଥ୍ୟା ହଦିସ୍‌କୁ ସତ୍ୟ ଅଭିହିତ କରି ଈଶ୍ୱର ଭୁଲ୍ କରିଛନ୍ତି । ଏବଂ ଯଦି କୌଣସି ଏକ ହଦିସ୍ ଜଇଫ୍ (ଦୁର୍ବଳ) ସ୍ତରରେ ମଧ୍ୟ ଥିବ ଓ ତାହା ପବିତ୍ର କୋରାନ୍, ସୁନ୍ନତ୍ ଏବଂ ଏପରି ହଦିସ୍‌କୁ ବିରୋଧ କରୁନଥିବ ଯାହା ପବିତ୍ର କୋରାନ୍ ମୁତାବକ ରହିଛି, ତେବେ ଉକ୍ତ ହଦିସ୍ ଉପରେ ଅମଳ କର । କିନ୍ତୁ ବହୁତ ସତର୍କତା ଅବଲମ୍ବନ କରି ହଦିସ୍ ଗୁଡିକ ଉପରେ ଅମଳ କରିବା ଉଚିତ୍ । କାରଣ ବହୁତ ଗୁଡିଏ ଆହାଦିସ୍ ଦୁର୍ବଳ ଶ୍ରେଣୀର ମଧ୍ୟ ଅଛନ୍ତି । ତାହା ସବୁ ଇସ୍‌ଲାମ୍ ଭିତରେ ବିଭ୍ରାଟ ସୃଷ୍ଟି କରିଛନ୍ତି । ପ୍ରତ୍ୟେକ ଫିର୍‌କା (ଗୋଷ୍ଠୀ) ନିଜର ଆସ୍ଥା ଓ ବିଶ୍ୱାସ ମୁତାବକ ନିଜ ନିଜ ପାଇଁ ହଦିସ୍ ରଖିଛନ୍ତି । ଏପରିକି ନମାଜ ପରି ନିଶ୍ଚିତ ଓ ଚାଲିଆସିଥିବା ଧାର୍ଯ୍ୟ କର୍ତ୍ତବ୍ୟକୁ ହଦିସ୍ ଗୁଡିକରେ ଥିବା ମତଭେଦ, ଭିନ୍ନଭିନ୍ନ ରୂପ ଦେଇଅଛି । କିଏ ବଡପାଟିରେ ଆମିନ୍ କହୁଛି ତ କିଏ ମନେମନେ କହୁଛି । କିଏ ଇମାମ୍ ପଛରେ ଫାତିହା ପଢୁଛି ତ ଆଉକିଏ ତାହା ପଢ଼ିବାକୁ ନମାଜ ଭାଙ୍ଗିଗଲାବୋଲି ଜାଣୁଛି । କିଏ ଛାତିରେ ହାତ ବାନ୍ଧୁଛି ତ କିଏ ନାଭି ଉପରେ । ଏହି ସବୁ ମତଭେଦର ଅସଲ କାରଣ ହେଉଛି ହଦିସ୍ । *କୁଲ୍ଲୁ ହିଜ୍‌ବିନ୍ ବିମା ଲଦୈହିମ୍ ଫରିହୁନ୍* (ଅଲ୍‌ମୁମିନୁନ୍:୫୪) ନଚେତ୍ ସୁନ୍ନତ୍ ଗୋଟିଏ ଶୈଳୀ ବତାଇଥିଲା । ପୁଣି ରିଓ୍ୱାୟତ୍‌ରେ ହସ୍ତକ୍ଷେପ କରାଯିବା ଦ୍ୱାରା ସେହି ଶୈଳୀକୁ ବଦଳାଇ ଦିଆଗଲା । ଏହିପରି ଆହାଦିସ୍‌ର ଭୁଲ୍ ବୁଝାମଣା ଅନେକ ଲୋକଙ୍କୁ ନିଃଶେଷ କରିଦେଇଛି । ସିହାମାନେ ମଧ୍ୟ ଏହାଦ୍ୱାରା ନିଃଶେଷ ହେଲେ । ଯଦି (ସେମାନେ) ପବିତ୍ର କୋରାନ୍‌କୁ ନିଜର ହକମ୍ (ବିଚାରକ) ଅଭିହିତ କରିଥାନ୍ତେ ତେବେ ଗୋଟିଏ ସୁରଃ ନୁର୍ ହିଁ ସେମାନଙ୍କୁ ଜ୍ୟୋତି ପ୍ରଦାନ କରିପାରିଥାଆନ୍ତା କିନ୍ତୁ ହଦିସ୍ ଗୁଡିକ ସେମାନଙ୍କୁ ହଲାକ୍ କଲେ । ସେହିପରି ହଜ୍‌ରତ୍ ମସିହ୍‌ଙ୍କ ସମୟରେ ଉକ୍ତ ୟୁହୁଦୀମାନେ ନିଃଶେଷ ହୋଇଗଲେ[1] ଯେଉଁମାନେ ନିଜକୁ ଅହ୍‌ଲେ ହଦିସ୍ ବୋଲାଉଥିଲେ । କିଛିକାଳ ହେବ ସେହି ଲୋକମାନେ ତୌରାତ୍‌କୁ ଛାଡି ଦେଇଥିଲେ । ଯେପରିକି ଏପର୍ଯ୍ୟନ୍ତ ସେମାନଙ୍କର ଅକିଦା (ବିଶ୍ୱାସ) ରହିଛି । ସେମାନଙ୍କର ଏ ଧର୍ମ ଥିଲା କି ହଦିସ୍ ତୌରିୟତ୍ ଉପରେ କାଜି (ବିଚାରପତି) ଅଟେ । ତେଣୁ ସେମାନଙ୍କ ନିକଟରେ ଏପରି ବହୁ ସଂଖ୍ୟକ ହଦିସ୍ ମହଜୁଦ୍ ଥିଲା କି ଯେପର୍ଯ୍ୟନ୍ତ ଇଲିୟା (ନବୀ) ପୁନର୍ବାର ଆକାଶରୁ ସ୍ୱଦେହରେ ଅବତୀର୍ଣ୍ଣ ନହୋଇଛନ୍ତି ସେପର୍ଯ୍ୟନ୍ତ ସେମାନଙ୍କର ମସିହ୍ ମଉଦ୍ ଆସିବେ ନାହିଁ । ସେହି ହଦିସ୍ ଗୁଡିକ ତାଙ୍କୁ ଭୀଷଣ ଅସୁବିଧାରେ ପକାଇଦେଲା ଏବଂ ସେହି ଲୋକମାନେ ଉକ୍ତ ହଦିସ୍ ଗୁଡିକ ଉପରେ ଆଶ୍ରିତ ହୋଇ ହଜ୍‌ରତ୍ ମସିହ୍‌ଙ୍କ ଏପରି ଅର୍ଥକୁ ଗ୍ରହଣ କରିପାରିଲେ ନାହିଁ କି ଇଲିୟାସ୍‌ର ଅର୍ଥ ହେଉଛି ୟୁହନ୍ନା ଅର୍ଥାତ୍ ୟହ୍‌ୟା ନବୀ ଯିଏ ଇଲିୟାସ୍‌ର ଚେହେରା ଓ ପ୍ରକୃତି ନେଇ ଆସିଛନ୍ତି ଏବଂ ବରୋଜି (ଅନୁରୂପ) ରୂପେ ତାଙ୍କର ଅସ୍ତିତ୍ୱ ହାସଲ କରିଛନ୍ତି । ସୁତରାଂ ହଦିସ୍ ଯୋଗୁ ତାଙ୍କୁ ଏପରି ଧୋକା ଲାଗିଥିଲା, ଯାହା ପରିଶେଷରେ ସେମାନଙ୍କର ବେଇମାନ୍ ହେବାର କାରଣ ସାଜିଲା ଓ ସମ୍ଭବତଃ ସେହି ଲୋକମାନେ ଉକ୍ତ ହଦିସ୍ ଗୁଡିକୁ ଅର୍ଥ କରିବାରେ ଭୁଲ୍ କରିଥିବେ ବା ହଦିସ୍‌ରେ କିଛିଟା ମନୁଷ୍ୟଗତ ଶବ୍ଦ ମିଶିଯାଇଥିବ । ସୁତରାଂ ବୋଧହୁଏ ମୁସଲ୍‌ମାନ୍‌ମାନଙ୍କୁ ଏ ଘଟଣାର କିଛି ଖବର ନଥିବ କି ୟୁହୁଦୀମାନଙ୍କ ମଧ୍ୟରେ ହଜ୍‌ରତ୍ ମସିହ୍‌ଙ୍କ ଅମାନ୍ୟକାରୀ ଅହଲେ ହଦିସ୍ ହିଁ ଥିଲେ । ସେମାନେ ତାଙ୍କ ସମ୍ବନ୍ଧରେ କୋଳାହଳ କଲେ ଏବଂ ତକ୍‌ଫିର୍ (ଅମାନ୍ୟକାରୀ)ର ଫତ୍‌ଓ୍ୱା ଲେଖିଲେ ଓ ସେମାନଙ୍କୁ କାଫିର୍ ଅଭିହିତ କଲେ । ଏବଂ କହିଲେ କି ଏ ବ୍ୟକ୍ତି ଈଶ୍ୱରଙ୍କ ପୁସ୍ତକକୁ ମାନୁନାହିଁ (ଅର୍ଥାତ୍) ଈଶ୍ୱର ଇଲିୟାସ୍‌ଙ୍କ ପୁନର୍ବାର ଆସିବାର ଖବର ଦେଇଥିଲେ କିନ୍ତୁ ସେ ଏହି ଭବିଷ୍ୟବାଣୀର ଅର୍ଥ କରୁଛି ଏବଂ କୌଣସି ଉଚିତ୍ କାରଣ ନ ଦର୍ଶାଇ ଖବରକୁ ଆଉ କେଉଁଆଡେ ଟାଣି ନେଉଛି[2] ଏବଂ ହଜ୍‌ରତ୍ ମସିହ୍‌ଙ୍କ ନାମକୁ ସେମାନେ କେବଳ କାଫିର୍ ରଖିନାହାଁନ୍ତି ବରଂ ମୁଲ୍‌ହିଦ୍ (ନାସ୍ତିକ) ମଧ୍ୟ ରଖିଲେ ଏବଂ କହିଲେ କି ଯଦି ଏ ବ୍ୟକ୍ତି ହେଉଛନ୍ତି ସଚ୍ଚା (ବ୍ୟକ୍ତି) ତେବେ ପୁଣି ଦୀନେ ମୁସୁଓ୍ୱି (ମୁସା ଆ:ସଙ୍କ ଧର୍ମ) ଭୁଲ୍ ଅଟେ । ତାହା ସେମାନଙ୍କ ପାଇଁ ଫଏଜ୍ ଆଓ୍ୱେଜ୍‌ର ଯୁଗ ଥିଲା । ମିଥ୍ୟା ହଦିସ୍ ଗୁଡିକ ସେମାନଙ୍କୁ ଧୋକା ଦେଲେ । ସୁତରାଂ ହଦିସ୍ ଗୁଡିକ ପଢ଼ିବା ସମୟରେ ଏକଥା ଭାବିନେବା ଉଚିତ୍ ହେବ କି ଗୋଟିଏ ଜାତି ଏହା ପୂର୍ବରୁ ହଦିସ୍‌କୁ ତୌରାତ୍ ଉପରେ କାଜି ଅଭିହିତ କରି ଏପରି ଅବସ୍ଥାରେ ପହଂଚିସାରିଛି କି ଜଣେ ସଚ୍ଚା ନବୀକୁ ସେମାନେ କାଫିର୍ ଏବଂ ଦଜ୍ଜାଲ୍ କହିଦେଲେ ଏବଂ ତାକୁ ଅସ୍ୱୀକାର କରିଦେଲେ । ଯଦିଚ ମୁସଲ୍‌ମାନ୍ ମାନଙ୍କ ପାଇଁ ସହି ବୁଖାରୀ ଅତ୍ୟନ୍ତ ପବିତ୍ର ଏବଂ ଲାଭଦାୟକ ପୁସ୍ତକ ଅଟେ । ଏହା ହେଉଛି ସେହି ପୁସ୍ତକ ଯେଉଁଥିରେ ସ୍ୱଷ୍ଟ ରୂପେ ଲେଖାଯାଇଛି କି ହଜ୍‌ରତ୍ ଇସା ଆ:ସଙ୍କର ମୃତ୍ୟୁ ହୋଇଯାଇଛି । ସେହିପରି ମୁସ୍‌ଲିମ୍ ଏବଂ ଅନ୍ୟ ହଦିସ୍ ପୁସ୍ତକ ଗୁଡିକ ଭିତରେ ବହୁତ ଜ୍ଞାନବର୍ଦ୍ଧକ ତତ୍ୱପୂର୍ଣ୍ଣ ଭଣ୍ଡାର ରହିଛି ଓ ଏପରି ସତର୍କତାର ସହିତ ସେଗୁଡିକ ଉପରେ ପରିଚାଳିତ ହେବା ଧାର୍ଯ୍ୟ ଅଟେ କି (ସେଥିରେ) କୌଣସି ବିଷୟ ଏପରି ନଥିବ ଯାହା କୁର୍‌ଆନ୍, ସୁନ୍ନତ୍ ଏବଂ ଉକ୍ତ ଆହାଦିସ୍ ଗୁଡିକର ବିରୋଧ କରୁଥିବ ଯାହା କୁର୍‌ଆନ୍ ମୁତାବକ ଥିବ । (କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୬୩-୬୬)

---

୧ ଇଞ୍ଜିଲ୍‌ରେ ଉକ୍ତ ଭାବନା ଗୁଡିକର ଭୀଷଣ ବିରୋଧ କରାଯାଇଥିଲା ଯାହା ତାଲ୍‌ମୁଦ୍‌ର ହଦିସ୍ ଓ ରିଓ୍ୱାୟତ୍ ଗୁଡିକରେ ପ୍ରକାଶ କରାଯାଇଥିଲା । ଏହି ହଦିସ୍ ଗୁଡିକ ଜଣେ ଜଣକ ଠାରୁ (ଚାଲିଆସି) ହଜ୍‌ରତ୍ ମୁସା ପର୍ଯ୍ୟନ୍ତ ପହଂଚିଯାଇଥିଲା ଏବଂ କୁହାଯାଉଥିଲା କି ଏହା ହେଉଛି ହଜ୍‌ରତ୍ ମୁସାଙ୍କ ଏଲ୍‌ହାମ୍ (ସ୍ୱର୍ଗବାଣୀ) । ଶେଷରେ ଏପରି ଅବସ୍ଥା ହୋଇଗଲା କି ତୌରାତ୍‌କୁ ପରିତ୍ୟାଗ କରି ସବୁ ସମୟ ଆହାଦିସ୍‌କୁ ପଢ଼ିବାରେ ନିୟୋଜିତ କରାଯାଉଥିଲା । କିଛି ବିଷୟରେ ତାଲ୍‌ମୁଦ୍ ତୌରାତ୍‌ର ବିରୋଧ କରିଥାଏ । ତେବେ ମଧ୍ୟ ୟୁହୁଦୀମାନେ ତାଲ୍‌ମୁଦ୍‌ର କଥା ଉପରେ ଅମଳ କରୁଥିଲେ । *ତାଲ୍‌ମୁଦ୍ ଲେଖକ ୟୁସୁଫ୍ ବାର୍କ୍‌ଲେ, ମୁଦ୍ରଣ-ଲଣ୍ଡନ-୧୮୭୮*

୨ ଯେଉଁ ସମୟରେ ହଜ୍‌ରତ୍ ଇସା ଆ:ସଙ୍କ ଉପରେ କୁଫୁର୍‌ର ଫତ୍‌ଓ୍ୱା ଲେଖାଗଲା ସେ ସମୟରେ ଉକ୍ତ ପୋଲସ୍ ମଧ୍ୟ ମୁକଫିରିନ୍ (ଅମାନ୍ୟକାରୀ)ଙ୍କ ଜମାତ୍‌ରେ ସାମିଲ୍ ଥିଲା ଯିଏ ପରେ ନିଜକୁ ରସୁଲେ ମସିହ୍‌ର ଶବ୍ଦ ଦ୍ୱାରା ପ୍ରସିଦ୍ଧି ଲାଭ କଲା । ଏହି ବ୍ୟକ୍ତି ହଜ୍‌ରତ୍ ମସିହ୍‌ଙ୍କ ଜୀବନରେ ତାଙ୍କର ଭୀଷଣ ଶତ୍ରୁ ଥିଲା । ହଜ୍‌ରତ୍ ମସିହ୍‌ଙ୍କ ନାମରେ ଯେତେ ମାତ୍ରାରେ ଇଞ୍ଜିଲ୍ ଲେଖାଯାଇଛି ସେଥି ମଧ୍ୟରୁ ଗୋଟିଏରେ ମଧ୍ୟ ଏ ଭବିଷ୍ୟବାଣୀ ନାହିଁ କି ମୋ ପରେ ପୋଲସ୍ ରସୁଲ୍ ହୋଇଯିବ ବୋଲି । ସେହି ବ୍ୟକ୍ତିର ବିଗତ ଚାଲିଚଳନ ବାବଦରେ ଲେଖିବାକୁ ଆମର କୌଣସି ଆବଶ୍ୟକତା ନାହିଁ କି ଇସାଇ ଠିକ୍ ଜାଣିଛନ୍ତି । ଦୁଃଖର କଥା ହେଉଛି ଏହା କି ସେ ହେଉଛନ୍ତି ସେହି ବ୍ୟକ୍ତି ଯିଏ ହଜ୍‌ରତ୍ ମସିହ୍‌ଙ୍କୁ ବହୁତ ଦୁଃଖ ଦେଇଥିଲେ ଯେପର୍ଯ୍ୟନ୍ତ ସେ ସେହି ଦେଶରେ ଥିଲେ । ଏବଂ ଯେତେବେଳେ ସେ କୃଶରୁ ବଂଚି କାଶ୍ମୀର ଆଡକୁ ଚାଲିଆସିଲେ ସେତେବେଳେ ସେ ଗୋଟିଏ ମିଥ୍ୟା ସ୍ୱପ୍ନ ମଧ୍ୟରେ ନିଜକୁ ହଓ୍ୱାରିମାନଙ୍କ ମଧ୍ୟରେ ସାମିଲ୍ କରିଦେଲେ ଏବଂ ତସ୍‌ଲିସ୍ (Trinity) ର ପ୍ରଥାକୁ ମନରୁ ଗଢ଼ିଦେଲା ଓ ଇସାଇମାନଙ୍କ ଉପରେ ସୁଅର୍ (ଘୁଷୁରି)କୁ ଯାହା ତୌରିଅତ୍ ଅନୁସାରେ ସବୁବେଳ ପାଇଁ ହରାମ୍ (ଅବୈଧ) ଥିଲା, (ତାକୁ) ହଲାଲ୍ (ବୈଧ) କରିଦେଲା ଏବଂ ମଦକୁ ବହୁତ ପ୍ରୋତ୍ସାହନ ଦେଇଦେଲା ଏବଂ ଇଞ୍ଜିଲ୍‌ର ଅକିଦା (ବିଶ୍ୱାସ ଓ ପ୍ରଥା) ରେ ତସ୍‌ଲିସ୍ (Trinity) କୁ ଦାଖଲ କରିଦେଲା । ଫଳତଃ ଉକ୍ତ ସମସ୍ତ ବିଦ୍‌ଅତ୍ (ମନଗଢ଼ା କାର୍ଯ୍ୟ ) ଦ୍ୱାରା ୟୁନାନ୍‌ର ମୂର୍ତ୍ତୀ ପୂଜକମାନେ ଖୁସି ହୋଇଯିବେ । ମିନ୍‌ହୁ ।

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

**ଉତ୍ସାହ ଏବଂ ଉଦ୍ଦିପନା ସାମୟିକ ହେବା ଉଚିତ୍ ନୁହେଁ ବରଂ ଜଣେ ମୋମିନ୍‌ର କାର୍ଯ୍ୟ ହେଉଛି ଏହା କି ସେ ପୁଣ୍ୟ କାର୍ଯ୍ୟଗୁଡିକରେ ନିରନ୍ତରତା ଗ୍ରହଣ କରୁ, ପୁଣ୍ୟ କାର୍ଯ୍ୟରେ ଆଗକୁ ବଢୁ ଏବଂ କାର୍ଯ୍ୟରେ ସୁଧାର ଆଣିବା ପାଇଁ ପ୍ରତିକ୍ଷଣ ଚେଷ୍ଟା କରୁ ।**

**କିଛି ବର୍ଷ ପୂର୍ବେ ଆପଣମାନେ ଅମ୍‌ଲି ଇସ୍‌ଲାହା (କାର୍ଯ୍ୟରେ ସୁଧାର ଆଣିବା) ବିଷୟରେ ମୋର କ୍ରମାନ୍ୱୟରେ ଖୁତ୍‌ବାଜୁମା ଗୁଡିକ ଶୁଣିଥିବେ । ସେ ସବୁଥିରେ ବହୁତ ଗୁଡିଏ ପୁଣ୍ୟ ଉପଦେଶ ରହିଛି ।**

**ମନେରଖନ୍ତୁ କି ଅମଲି ଇସ୍‌ଲାହା ଦ୍ୱାରା ଆପୋଷରେ ଥିବା ଝଗଡ଼ା, ଧନସମ୍ପତିର ମୋହ, ଟି.ଭି ଏବଂ ଅନ୍ୟ ମାଧମରେ ଆସୁଥିବା ଅଶ୍ଳୀଳ ପ୍ରୋଗ୍ରାମ୍ ଗୁଡିକୁ ଦେଖିବା, ଜଣେ ଅନ୍ୟଜଣକୁ କମ୍ ସମ୍ମାନ କରିବା ଇତ୍ୟାଦି ପ୍ରତ୍ୟେକ ପ୍ରକାରର ଖରାପ ଜିନିଷ ନିଃଶେଷ ହୋଇଯିବ ।**

ଅକ୍ଟୋବର ୧୨,୧୩,୧୪ - ୨୦୧୮ ମସିହାରେ କାଦିଆନ୍‌ରେ ଅନୁଷ୍ଠିତ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଭାରତର ସାଲାନା ଇଜ୍‌ତିମା ଅବସରରେ

## ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ହୃଦୟସ୍ପର୍ଶୀ ବିଶେଷ ବାର୍ତା

ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଭାରତ ପ୍ରିୟ ସଦସ୍ୟଗଣ ।

*ଅସ୍‌ସଲାମୋ ଆଲୈକୁମ୍ ୱ ରହମତୁଲ୍ଲାହି ୱ ବରକାତୁହୁ*

ମୋତେ ଏହା ଜାଣି ବହୁତ ଖୁସି ଲାଗିଲା ଯେ ଆପଣମାନଙ୍କୁ ନିଜର ବାର୍ଷିକ ଇଜିତିମା ଅନୁଷ୍ଠିତ କରିବା ପାଇଁ ସୌଭାଗ୍ୟ ମିଳୁଅଛି । ଅଲ୍ଲାଃତାଲା ଏହି ଇଜିତିମାକୁ ପ୍ରତିକ୍ଷେତ୍ରରୁ ବାବର୍‌କତ୍ କରନ୍ତୁ ଓ ଏହାର ପୁଣ୍ୟ ଫଳ ପ୍ରଦାନ କରନ୍ତୁ । ଆମିନ୍ ।

ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ସାର ପୃଥିବୀରେ ଥିବା ଜମାତ୍ ଗୁଡିକ ଦୀନି ତର୍‌ବିୟତ ଓ ଆଧ୍ୟାତ୍ମିକ ଉନ୍ନତି ପାଇଁ ଜଲ୍‌ସା ଏବଂ ଇଜିତିମା ଅନୁଷ୍ଠିତ କରିଥାନ୍ତି । ଏପରି ଅବସରରେ ଗୁରୁତ୍ୱପୁର୍ଣ୍ଣ ବିଷୟ ଉପରେ ଦରସ ଏବଂ ତକ୍‌ରିର୍ କରାଯାଇଥାଏ, ଯଦ୍ୱାରା ଦୀନି ମାଲୁମାତ୍ (ଧର୍ମଜ୍ଞାନ)ରେ ବୃଦ୍ଧି ଘଟିଥାଏ । ଖିଲାଫତ୍‌ର ବର୍‌କାତ୍ ବିଷୟରେ ଚର୍ଚ୍ଚା କରାଯାଏ ଯଦ୍ୱାରା ଜମାତ୍‌ର ସଦସ୍ୟମାନଙ୍କ ମଧ୍ୟରେ ଖଲିଫାଏ ଓ୍ୱକ୍ତଙ୍କ ସହିତ ପ୍ରେମ ଓ ଭକ୍ତିଭାବର ଭାବନା ଆହୁରି ଅଧିକା ବଢ଼ିଥାଏ । ନିଜାମେ ଜମାତ୍‌କୁ ଉତମ ରୂପେ ବୁଝିବା ଓ ତା ସହିତ ଦୃଢ଼ ସମ୍ପର୍କ ରଖିବା ପାଇଁ ଅବସର ମିଳିଥାଏ । ବାଜମାତ୍ ନମାଜ ଏବଂ ଦୁଆ କରିବା ପାଇଁ ସୌଭାଗ୍ୟ ମିଳିଥାଏ । ଆପୋଷ ପରିଚୟରେ ବୃଦ୍ଧି ଘଟିଥାଏ । ଭାଇଚାରା ଏବଂ ସଦ୍‌ଭାବନାକୁ ପ୍ରୋତ୍ସାହନ ମିଳିଥାଏ । କର୍ମଠ ସେବାକାରୀ ମାନଙ୍କୁ ଦେଖି ଦୀନ୍‌ର ସେବା କରିବା ପାଇଁ ଇଚ୍ଛା ବଳିଥାଏ । ସୁତରାଂ ଏପରି ଆଧ୍ୟାତ୍ମିକ ପରିବେଶ ସହିତ ବିଶେଷ ବର୍‌କତ୍ ଯୋଡି ହୋଇ ରହିଛି । ଦୀନି ମଜାଲିସ୍ (ଧର୍ମସଭା)କୁ ଅଲ୍ଲାଃତାଲା ବହୁତ ପସନ୍ଦ କରନ୍ତି । ଗୋଟିଏ ହଦିସ୍‌ରେ ଆସୁଛି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ଅଲ୍ଲାଃତାଲାଙ୍କର କେତେକ ବୁଜ୍‌ରୁଗ୍ ଫରିସ୍ତା ଘୁରି ବୁଲୁଥାନ୍ତି ଓ ସେମାନେ (ଧର୍ମ) ଚର୍ଚ୍ଚା ହେଉଥିବା ମଜ୍‌ଲିସ୍‌କୁ ଖୋଜୁଥାନ୍ତି । ଯେତେବେଳେ ସେମାନେ ଏପରି କୌଣସି ମଜ୍‌ଲିସ୍ ପାଇଥାନ୍ତି ଯେଉଁଠି ଅଲ୍ଲାଃତାଲାଙ୍କର ଗୁଣଗାନ ହେଉଥିବ ସେତେବେଳେ ସେମାନେ ସେଠାରେ ବସିପଡନ୍ତି ଏବଂ (ନିଜର) ଡେଣା ଦ୍ୱାରା (ଉକ୍ତ ମଜ୍‌ଲିସ୍) କୁ ଢ଼ାଙ୍କିଦିଅନ୍ତି । (ସେଠିକାର) ସମଗ୍ର ପରିବେଶ (ତାଙ୍କ) ବର୍‌କତ୍‌ର ଛତ୍ର ଛାୟା ତଳେ ରହିଥାଏ ।

ଆପଣମାନଙ୍କର ଇଜିତିମା ମଧ୍ୟ କେବଳ ଧର୍ମ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ । ଏଥିରେ ସାମିଲ୍ ହେବାଦ୍ୱାରା ଆପଣ ମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି ହେବ । ଉତ୍ସାହ ଏବଂ ଉଦ୍ଦିପନା ସାମୟିକ ହେବା ଉଚିତ୍ ନୁହେଁ ବରଂ ଜଣେ ମୋମିନ୍‌ର କାର୍ଯ୍ୟ ହେଉଛି ଏହା କି ସେ ପୁଣ୍ୟ କାର୍ଯ୍ୟଗୁଡିକରେ ନିରନ୍ତରତା ଗ୍ରହଣ କରୁ, ପୁଣ୍ୟ କାର୍ଯ୍ୟରେ ଆଗକୁ ବଢୁ ଏବଂ କାର୍ଯ୍ୟରେ ସୁଧାର ଆଣିବା ପାଇଁ ପ୍ରତିକ୍ଷଣ ଚେଷ୍ଟା କରୁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

''ଯେଉଁ ବ୍ୟକ୍ତି ମୁସ୍‌ଲେହ୍ ହେବାକୁ ଚାହୁଁଅଛି ତା ପାଇଁ ଏହା ଆବଶ୍ୟକ କି ପ୍ରଥମେ ସେ ନିଜେ ଆଲୋକିତ ହେଉ ଏବଂ ନିଜର ଇସ୍‌ଲାହ୍ କରୁ । ଦେଖନ୍ତୁ ଏହି ସୂର୍ଯ୍ୟ ଯିଏ ହେଉଛି ଜ୍ୟୋତିର୍ମୟ ପ୍ରଥମେ ସେ ନିଜେ ଜ୍ୟୋତି ହାସଲ କରିଛି । ମୁ ନିଶ୍ଚିତ ରୂପେ ବୁଝୁଛି କି ପ୍ରତ୍ୟେକ କୌମ୍‌ର ମୁଅଲ୍ଲିମ୍ ଏହି ତାଲିମ୍ ଦେଇଛନ୍ତି କିନ୍ତୁ ବର୍ତମାନ ଅନ୍ୟ ଉପରେ ଲାଠି ମାରିବା ସହଜ ଅଟେ । କିନ୍ତୁ ନିଜର କୁର୍ବାନୀ ଦେବା କଠିନ ହୋଇପଡ଼ିଛି । ସୁତରାଂ ଯିଏ (ଏକଥା) ଚାହୁଁଛି କି (ସେ) କୌମ୍‌କୁ ସୁଧାରିବ ଏବଂ ତାର ଭଲ ଚାହିଁବ ସେ ତାକୁ ଇସ୍‌ଲାହର ପାଣି ଦ୍ୱାରା ଆରମ୍ଭ କରୁ । ପୁରୁଣା ଯୁଗରେ ଋଷି ମୁନି ଏବଂ ଅବତାରମାନେ ବଣ ଜଙ୍ଗଲରେ ଯାଇ ନିଜର ଇସ୍‌ଲାହ୍ କାହିଁକି କରୁଥିଲେ । ସେମାନେ ଆଜିକାଲିର ଲେକ୍‌ଚରାର୍‌ଙ୍କ ପରି ମୁହଁ ଖୋଲୁନଥିଲେ ଯେପର୍ଯ୍ୟନ୍ତ ନିଜେ (ତା ଉପରେ) ଅମଲ କରୁନଥିଲେ । ଏହା ହେଉଛି ଇଶ୍ୱରଙ୍କ ସାନିଧ ଏବଂ ପ୍ରେମର ମାର୍ଗ । ଯେଉଁବ୍ୟକ୍ତି ହୃଦୟ ଭିତରେ କିଛି ରଖେନାହିଁ ତାର କିଛିଟା ବର୍ଣ୍ଣନା କରିବା ଘର ନିକଟ ଦେଇ ଯାଇଥିବା ଛୋଟ ନାଳିର ପାଣି ସଦୃଶ ଅଟେ ଯାହା ଝଗଡା ସୃଷ୍ଟି କରିଥାଏ ଏବଂ (ଏହାର ବିପରୀତ) ଯିଏ ଜ୍ଞାନର ଜ୍ୟୋତି ଓ କର୍ମରେ ପରିପୁର୍ଣ୍ଣ ହୋଇ କହିଥାଏ ସେ ବର୍ଷପାଣି ସଦୃଶ ଯାହାକୁ (ଇଶ୍ୱରଙ୍କ) କରୁଣା ରୁପେ ବିବେଚନା କରାଯାଏ ।'' (ମଲ୍‌ଫୁଜାତ୍, ଚତୁର୍ଥ ଖଣ୍ଡ- ପୃଷ୍ଠା-୧୬୨)

ମନେରଖ କି ଆପଣମାନେ ହେଉଛନ୍ତି ମଜ୍‌ଲିସ୍ ଖୁଦାମୁଲ ଅହେମଦୀୟାର ସଦସ୍ୟଗଣ । ଯିଏ ଅହେମଦୀ ଯୁବ ସଂଗଠନ ଅଟେ । ଏହାର ପ୍ରତିଷ୍ଠାତା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କର ଏହି ଉପଦେଶଟିକୁ ଆପଣମାନେ ବାରମ୍ବାର ଶୁଣି ଆସୁଛନ୍ତି କି:-

''କୌମୋଁ କି ଇସ୍‌ଲାହ୍ ନୌଯୱାନୋ କି ଇସ୍‌ଲାହ୍ କେ ବଗୈର ନେହିଁ ହୋ ସକ୍‌ତି'' ।
(ଅର୍ଥାତ୍ ଜାତିର ସୁଧାର ଯୁବଗୋଷ୍ଠୀର ସୁଧାର ବିନା ହୋଇପାରେନା)

ଏହି ଉପଦେଶକୁ କାର୍ଯ୍ୟମୁଳକ ବସ୍ତ୍ର ପିନ୍ଧାଇବାର ଆବଶ୍ୟକତା ଅଛି । ପ୍ରତ୍ୟେକ ସମୟରେ ନିଜର କୁକର୍ମ ଏବଂ ଦୁର୍ବଳତାକୁ ଅନୁଧ୍ୟାନ କରିଚାଲନ୍ତୁ । ଏହାର କାରଣ ଓ ସାଧନକୁ ଜାଣନ୍ତୁ । ସେହିସବୁ ମାଧ୍ୟମ ଗୁଡିକ ବିଷୟରେ ଜ୍ଞାନ ହାସଲ କରନ୍ତୁ ଯାହା ସାହାଯ୍ୟରେ ଉକ୍ତ ଦୋଷ ଦୁର୍ବଳତାକୁ ଦୂର କରାଯାଇପାରିବ । କିଛି ବର୍ଷ ପୂର୍ବେ ଆପଣମାନେ ଅମ୍‌ଲି ଇସ୍‌ଲାହା (କାର୍ଯ୍ୟରେ ସୁଧାର ଆଣିବା) ବିଷୟରେ ମୋର କ୍ରମାନ୍ୱୟରେ ଖୁତ୍‌ବାଜୁମା ଗୁଡିକ ଶୁଣିଥିବେ । ସେ ସବୁଥିରେ ବହୁତ ଗୁଡିଏ ପୁଣ୍ୟ ଉପଦେଶ ରହିଛି । ଉଦାହରଣ ସ୍ୱରୂପ- ଏହାର ବତାଯାଇଥିଲା କି ଯୁଗର ଉଦ୍ଭାବନ ଏବଂ ସାଧନ ଗୁଡିକରୁ ଲାଭ ଉଠାଇବାକୁ ମନାକରାଯାଇନାହିଁ । ସେ ସବୁ ଜରିଆରେ ଆପଣମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାଯ୍ୟକାରୀ ହେବେ ନା କି ନିର୍ଲଜତା, ବିଧର୍ମୀ ଏବଂ ଅବିଶ୍ୱାସ ଅନ୍ତର୍ଗତ ନିଜକୁ ଶତ୍ରୁ ହାତରେ ଦେଇଦେବା । ମନେରଖନ୍ତୁ କି ଅମଲି ଇସ୍‌ଲାହା ଦ୍ୱାରା ଆପୋଷରେ ଥିବା ଝଗଡ଼ା, ଧନସମ୍ପତିର ମୋହ, ଟି.ଭି ଏବଂ ଅନ୍ୟ ମାଧମରେ ଆସୁଥିବା ଅଶ୍ଳୀଳ ପ୍ରୋଗ୍ରାମ୍ ଗୁଡିକୁ ଦେଖିବା, ଜଣେ ଅନ୍ୟଜଣକୁ କମ୍ ସମ୍ମାନ କରିବା ଇତ୍ୟାଦି ପ୍ରତ୍ୟେକ ପ୍ରକାରର ଖରାପ ଜିନିଷ ନିଃଶେଷ ହୋଇଯିବ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଇମାନ୍ ଆଣିଥିବା ଲୋକମାନଙ୍କ ମଧ୍ୟରେ ଚୋର, ଡାକୁ, ଦୂରାଚାରୀ, ଜୁଆଡ଼ି ଏବଂ ମଦ୍ୟପ ଇତ୍ୟାଦି ଖରାପ କାର୍ଯ୍ୟରେ ଲିପ୍ତ ରହିଥିବା ଲୋକମାନେ ମଧ୍ୟ ଥିଲେ । ପ୍ରକୃତ ଇମାନ୍ ସେମାନଙ୍କ ମଧ୍ୟରେ ଇଚ୍ଛାଶକ୍ତି ସୃଷ୍ଟି କରିଦେଲା । ସେମାନେ ଏ ନିଷ୍ପତି କରିନେଲେ ଯେ ବର୍ତମାନ ଅଲ୍ଲାଃତାଲାଙ୍କ ହୁକୁମ୍ ବିରୋଧରେ କୌଣସି ପଦକ୍ଷେପ ଉଠାଇବେ ନାହିଁ । ସେମାନେ ନିଜର କାର୍ଯ୍ୟ ଦୁର୍ବଳତା ଗୁଡିକୁ ଏପରି ବାହାର କରି ଫିଙ୍ଗିଦେଲେ ଯେପରି ଗୋଟିଏ କ୍ଷିପ୍ର ଗତିରେ ବହିଚାଲିଥିବା ବନ୍ୟା ଗୋଟିଏ କାଠିକୁ ବୁହାଇ ନେଇଯାଏ । ଅମଲି ଇସ୍‌ଲାହ୍ (କାର୍ଯ୍ୟରେ ସୁଧାର) ଆଣିବା ପ୍ରସଙ୍ଗରେ ଏହି ସବୁ ଖୁତ୍‌ବା ଗୁଡିକ ଗୋଟିଏ ପୁସ୍ତକ ଆକାରରେ ମଧ୍ୟ ଛପାସରିଛି । ତାକୁ ପଢ଼ନ୍ତୁ ଯଦ୍ୱାରା ସବୁକଥା ପୁନର୍ବାର ମନ ଭିତରେ ଆସିଯିବ । ଏବଂ ପୁଣି ତା ଉପରେ ସାହାବାଙ୍କ ପରି ଦୃଢ଼ ଇଚ୍ଛା ଶକ୍ତିର ସହିତ ପରିଚାଳିତ ହୁଅ ।

ସୟଦ୍‌ନା ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଶିକ୍ଷାରୁ ଜଣାପଡୁଛି କି ଏ ସଂସାରର ଧନ ସମ୍ପତି କିଛି ନୁହେଁ । ଖୁଦାତାଲାଙ୍କଠାରୁ ତାର ପ୍ରସନ୍ନତା, ତାର କରୁଣା ଏବଂ ଇମାନ୍ ଉପରେ କାଏମ୍ ରହିବା ପାଇଁ ପ୍ରାର୍ଥନା କରିଚାଲିବା ଉଚିତ୍ । ସୁତରାଂ ଆପଣ କହୁଛନ୍ତି:-

''ସେ ବ୍ୟକ୍ତି ସୌଭାଗ୍ୟବାନ୍ ନୁହେଁ ଯାହାକୁ ସଂସାରର ଧନ ଦୌଲତ ମିଳିଯାଏ ଏବଂ ସେ ସେହି ଦୌଲତ ଜରିଆରେ ହଜାର ହଜାର ବିପଦ ଓ ଆପଦର ସମ୍ମୁଖୀନ ହୋଇଯାଏ । ବରଂ ସୌଭାଗ୍ୟବାନ୍ ହେଉଛି ସେ ଯାହାକୁ ଇମାନ୍‌ର ଦୌଲତ ମିଳେ ଏବଂ ସେ ଖୁଦାଙ୍କ ଅପ୍ରସନ୍ନତା ଏବଂ କ୍ରୋଧକୁ ଡରୁଥାଏ ଏବଂ ସର୍ବଦା ନିଜକୁ ସଇତାନ୍‌ର ଆକ୍ରମଣରୁ ବଂଚାଇଥାଏ । କାରଣ ଖୁଦାତାଲାଙ୍କର ପ୍ରସନ୍ନତାକୁ ସେ ଏହିପରି ହାସଲ କରିବ କିନ୍ତୁ ମନେରଖ ଯେ ଏକଥା ଏଭଳି ହାସଲ ହୋଇପାରେନା । ତା ପାଇଁ ଜରୁରୀ ଅଟେ କି ତୁମେ ନମାଜ୍‌ରେ ଦୁଆ କର କି ଖୁଦାତାଲା ତୁମଠାରୁ ପ୍ରସନ୍ନ ହୁଅନ୍ତୁ ଏବଂ ସେ ତୁମକୁ ସୌଭାଗ୍ୟ ଏବଂ ଶକ୍ତି ପ୍ରଦାନ କରନ୍ତୁ କି ତୁମେ ପାପ ପୁର୍ଣ୍ଣ ଜୀବନରୁ ମୁକ୍ତି ପାଓ..... ଯିଏ ପାପର ଚିନ୍ତା ନକରେ ଏବଂ ଖୁଦାତାଲାଙ୍କ ଡରେନାହିଁ ସେ ପବିତ୍ର ହୋଇପାରେନା'' । (ମଲ୍‌ଫୁଜାତ୍, ଖଣ୍ଡ-୩, ପୃଷ୍ଠା-୬୦୮)

ଅଲ୍ଲାଃତାଲା ଆପଣମାନଙ୍କୁ ଏହିସବୁ କଥାଗୁଡିକ ଉପରେ ପରିଚାଳିତ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ୱସ୍ ସଲାମ୍ ଖାକ୍‌ସାର୍

مرزا مسرور احمد

خلیفة المسیح الخامس

---

*ପୃଷ୍ଠା-୯ ର ଅବଶିଷ୍ଟାଂଶ......*

ରଖୁଥିବା (ଜୀବ)ଙ୍କ ଠାରୁ ଅଧିକା ଆତ୍ମସମ୍ମାନ ତାହାର । କଣ ଏପରି ହୋଇପାରେ କି ପ୍ରଥମତଃ ତୁମେ ତାର ଆଜ୍ଞାପାଳନ କର ପୁଣି ଏପଟେ ତା ଶତ୍ରୁର ମଧ୍ୟ ଆଜ୍ଞାପାଳନ କରିବ ? ଏହାର ନାମ ତ ହେଉଛି ନଫାକ୍ (ବିଶ୍ୱାସଘାତକ) । ମଣିଷକୁ ଏହା ଆବଶ୍ୟକ ଯେ ସେ ଏପରି ସ୍ତରରେ ଜଏଦ୍ ଏବଂ ବକର୍‌ର କୌଣସି ପରବାୟ ନ କରୁ । ମରିବା ପର୍ଯ୍ୟନ୍ତ ତା ଉପରେ କାଏମ୍ ରହୁ'' । ଏହା ହେଉଛି ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବାର ପ୍ରତିଶ୍ରୁତି ।

(ପୁଣି) କହୁଛନ୍ତି - ''କୁକର୍ମ ଦୁଇ ପ୍ରକାରର । ଗୋଟିଏ ହେଉଛି ଇଶ୍ୱରଙ୍କ ସହିତ ଶରିକ୍ (କାହାକୁ ସମକକ୍ଷ କରିବା), ତା ମହାନତାକୁ ନଜାଣିବା, ତାର ଉପାସନା ଓ ତାର ଆଜ୍ଞାବହତାର ଅବହେଳା କରିବା । ଦ୍ୱିତୀୟଟି ହେଉଛି ଏହା କି ତା ଭକ୍ତଙ୍କୁ ପ୍ରେମ ନକରିବା, ସେମାନଙ୍କର ଅଧିକାରକୁ ପ୍ରଦାନ ନକରିବା । ବର୍ତମାନ ଆବଶ୍ୟକ କି ଦୁଇପ୍ରକାରର ଖରାପ କାର୍ଯ୍ୟ ନକର । ଇଶ୍ୱରଙ୍କ ଆଜ୍ଞାବହତା ସ୍ୱୀକାର କରି ସେଥିରେ କାଏମ୍ ରୁହ ଯେଉଁ ପ୍ରତିଶ୍ରୁତିକୁ ତୁମେ ବୟତ୍ କରିବା ସମୟରେ କରିଥିଲ ତା ଉପରେ କାଏମ୍ ରୁହ । ଇଶ୍ୱରଙ୍କ ସୃଷ୍ଟଜଙ୍କୁ ଦୁଃଖ ଦିଅନାହିଁ । ପବିତ୍ର କୁର୍‌ଆନ୍‌କୁ ଧ୍ୟାନ ଦେଇ ପଢ଼ (ଓ) ତା ଉପରେ ଅମଲ କର । ପ୍ରତ୍ୟେକ ପ୍ରକାରର ଥଟ୍ଟା ପରିହାସ ଓ ଖରାପ କଥା ଏବଂ ମୁସରିକାନା ମଜ୍‌ଲିସ୍‌ରୁ ବଂଚିତ ହୁଅ । ପାଂଚବେଳା ନମାଜକୁ କାଏମ୍ କର । ସୁତରାଂ ଅଲ୍ଲାଃଙ୍କର କୌଣସି ନିର୍ଦ୍ଦେଶକୁ ମଧ୍ୟ ଟାଳ ନାହିଁ । ଶରୀରକୁ ସଫା ରଖ ଏବଂ ହୃଦୟକୁ ପ୍ରତ୍ୟେକ ପ୍ରକାରର ଅନାବଶ୍ୟକ ଦ୍ୱେଷ, କଳହ ଏବଂ ଈର୍ଶାରୁ ପବିତ୍ର କର । ଏହିସବୁ କଥା ତୁମଠାରୁ ଇଶ୍ୱର ଚାହୁଁଛନ୍ତି ।'' (ମଲ୍‌ଫୁଜାତ୍, ଖଣ୍ଡ-୫, ପୃଷ୍ଠା-୭୫-୭୬, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଇଶ୍ୱର କରନ୍ତୁ କି ଆମେ ବୟତ୍‌ର ହକ୍‌କୁ ପ୍ରଦାନ କରି ନିଜ ଭିତରେ ପବିତ୍ର ପରିବର୍ତନ ସୃଷ୍ଟି କରିବାବାଲା ହେବା । ଏ ସଂସାରରେ ରହି ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବାର ପ୍ରତିଶ୍ରୁତିକୁ ପୂରଣକରିବା ବାଲା ହେବା । ଆପଣ ଆ:ସଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ଅମଳ କରିବାବାଲା ହେବା ଏବଂ ଶରାୟତେ ବୟତ୍ (ବୟତ୍‌ର ସର୍ତାବଳୀ) ମଧ୍ୟରୁ ଦଶନମ୍ବର ସର୍ତ ଇତାଅତେ ବିଲ୍ ମାରୁଫ୍ (ସଠିକ୍ କଥାର ଆଜ୍ଞାବହତା ସ୍ୱୀକାର କରିବା)ର ଆପଣ ଆ:ସଙ୍କ ଆଜ୍ଞାବହତା ସ୍ୱୀକାର କରିବାରେ ତାର ପ୍ରକୃତ ଅର୍ଥକୁ ବୁଝି ଆଜ୍ଞାବହତାର ଉକ୍ତ ସ୍ତରକୁ ପହଂଚିବାବାଲା ହେବା ଯଦ୍ୱାରା ଅଲ୍ଲାଃତାଲାଙ୍କର ଉକ୍ତ ଫଜଲ୍ (କୃପା)ର ଉତରାଧିକାରୀ ହେବା ଯାହାର ପ୍ରତିଶ୍ରୁତି ଅଲ୍ଲାଃତାଲା ହଜ୍‌ତର୍ ମସିହ୍ ମଉଦ୍ ଆ:ସକୁ ଦେଇଛନ୍ତି ।

# ଖୁତ୍‌ବା ଜୁମା

ନମାଜକୁ ପ୍ରକୃତ ରୂପେ ସ୍ଥାପନ କରିବାବାଲା ହେଉଛନ୍ତି ସେମାନେ, ଯେଉଁମାନେ ବାଜମାଅତ୍ (ସାମୁହିକ) ନମାଜକୁ ଅଭ୍ୟାସଗତ ପଢ଼ିଥାନ୍ତି ଏବଂ ନିଜର ଧ୍ୟାନକୁ କେବଳ ଅଲ୍ଲାଃତାଲାଙ୍କ ପ୍ରତି ରଖି ନିଷ୍ଠାର ସହିତ ନମାଜ ପଢ଼ିଥାନ୍ତି । ଦୁଆ, ଇସ୍‌ତେଗ୍‌ଫାର୍ ଏବଂ ମଗ୍ନ ହୋଇ ନମାଜ ପାଠ କରିଥାନ୍ତି । ଧ୍ୟାନ ଯଦି ଚ୍ୟୁତ ହୁଏ ତେବେ ପୁଣି ନିଜର ଧ୍ୟାନକୁ ଖୁଦାତାଲାଙ୍କ ଆଡକୁ ନେଇଆସ ।

କଣ ବାସ୍ତବରେ ଆମେ ସେହି ଲୋକମାନଙ୍କ ମଧ୍ୟରେ ସାମିଲ୍ ଅଛେ ଯାହାଙ୍କୁ ଅଲ୍ଲାଃତାଲା ମସ୍‌ଜିଦ୍ ନିର୍ମାଣ କରିବାବାଲା ଏବଂ ତାର ହକ୍‌କୁ ପ୍ରଦାନ କରିବାବାଲା ବୋଲି କହିଛନ୍ତି ?

ଏହି ମସ୍‌ଜିଦ୍‌ର ନିର୍ମାଣ ଏବଂ ଆବାଦୀ କରିବା ସହିତ ଆଉ ଗୋଟିଏ ବଡ ଦାୟିତ୍ୱ ମଧ୍ୟ ଏଠାରେ ରହୁଥିବା ଲୋକମାନଙ୍କ ଉପରେ ବଢ଼ିଯାଇଛି କି ଏହି ସହରରେ ଇସ୍‌ଲାମ୍‌ର ତବ୍‌ଲିଗ୍‌ର ମାଧ୍ୟମ ଏ ମସ୍‌ଜିଦ୍‌କୁ ବନାନ୍ତୁ ।

ଏହି ମସ୍‌ଜିଦ୍‌ରୁ ଇସ୍‌ଲାମ୍‌ର ସୁନ୍ଦରତା ଏବଂ ଶାନ୍ତିପୁର୍ଣ୍ଣ ଶିକ୍ଷାର ଅସଲ ସ୍ୱରୂପ ସଂସାର ସମ୍ମୁଖରେ ପରିପ୍ରକାଶ ହୋଇ ସାମନାକୁ ଆସିବ ।

## ମସ୍‌ଜିଦ୍‌ର ସୌନ୍ଦର୍ଯ୍ୟତା ନମାଜିଙ୍କ ସହିତ ରହିଛି ।

''ମନୁଷ୍ୟ ଯଦି ଖୁଦାଙ୍କୁ ମାନିବା ବାଲା ଓ ତା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିବାବାଲା ହେବ ତେବେ କଦାପି ସେ ଧ୍ୱଂସ ହେବନାହିଁ'' ।

ସଂସାରରେ ବୁଡି ରହିବା ଉନ୍ନତି ନୁହେଁ ବରଂ ଅବନତି ।

୩.୭୫ ଏକର କ୍ଷେତ୍ରଫଳ ଭିତରେ ୨୧୪୦୦ ବର୍ଗଫୁଟ୍ ଜମିରେ ୮ମିଲିୟନ୍ ଡଲାର୍‌ରୁ ଅଧିକା ଖର୍ଚ୍ଚ ହୋଇ ନିର୍ମାଣ ହୋଇଥିବା ମସ୍‌ଜିଦ୍ ''ବଇତୁଲ୍ ଆଫିୟତ୍'' ଫ୍ଲାଡଲ୍‌ଫିୟାର ଉଦ୍‌ଘାଟନ ।

ପବିତ୍ର କୋରାନ୍ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀରୁ ମସ୍‌ଜିଦ୍ ସ୍ଥାପନର ଉଦ୍ଦେଶ୍ୟ ଓ ତାହା ପୂରଣ କରିବା ପାଇଁ ଜମାତ୍‌ର ସଦସ୍ୟମାନଙ୍କୁ ଉପଦେଶ ।

### ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
### (ପ୍ରଦତ୍ତ: ୧୯ ଅକ୍ଟୋବର୍ ୨୦୧୮ ଅନୁଯାୟୀ ୧୯ ଇଖା ୧୩୯୭ ହିଜ୍‌ରି ଶମ୍‌ସି)

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

اِنَّمَا يَعْمُرُ مَسٰجِدَ اللّٰهِ مَنْ اٰمَنَ بِاللّٰهِ وَالْيَوْمِ الْاٰخِرِ وَاَقَامَ الصَّلٰوةَ وَاٰتَى الزَّكٰوةَ وَلَمْ يَخْشَ اِلَّا اللّٰهَ فَعَسٰۤى اُولٰٓئِكَ اَنْ يَّكُوْنُوْا مِنَ الْمُهْتَدِيْنَ (التوبۃ:18)

ଉକ୍ତ ଆୟତର ଅନୁବାଦ ହେଉଛି ଏପରି– ଅଲ୍ଲାଃଙ୍କ ମସ୍‌ଜିଦ୍ ଗୁଡ଼ିକର ସେ ହିଁ ରକ୍ଷଣାବେକ୍ଷଣ କରିଥାଏ ଯେ ଅଲ୍ଲାଃ ଓ ପରକାଳ ଉପରେ ବିଶ୍ୱାସ କରେ ଏବଂ ସୁଚାରୁରୂପେ ନମାଜ ପାଠ କରେ ଓ ଜକାତ୍ ଦିଏ ତଥା ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାରିକୁ ଭୟ କରେ ନାହିଁ, ସୁତରାଂ ସେହିମାନେ ହିଁ ସତ୍‌ପଥଗାମୀ ମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରନ୍ତି ।

ଅଲ୍‌ହମ୍‌ଦୋଲିଲ୍ଲାଃ ଅଲ୍ଲାଃତାଲା ଏହି ସହରରେ ଆମକୁ ପ୍ରଥମ ମସ୍‌ଜିଦ୍ ବନାଇବା ପାଇଁ ସୌଭାଗ୍ୟ ପ୍ରଦାନ କଲେ ଓ ଆଜି ଏହାର ପ୍ରଥାନୁସାରେ ଉଦ୍‌ଘାଟନ ହେଉଅଛି । ସାଂସାରିକ ଅଟ୍ଟାଳିକା ବା ଏପରି କୋଠାଭଳି ଯେଉଁଥିରୁ ସାଂସାରିକ ଲାଭ ଉଠାଇବା ପାଇଁ ତିଆରି ହୋଇଥାଏ ସେଗୁଡିକର ଉଦ୍‌ଘାଟନ ସମୟରେ ସଂସାରର ପ୍ରଥ ମୁତାବକ, ଏହି ଦେଶଗୁଡିକରେ ବିଶେଷ ରୂପେ ଓ ସମଗ୍ର ପୃଥିବୀରେ ସାଧାରଣତଃ ସାଂସାରିକ ବାହ୍ୟ ଖୁସିକୁ ପରିପ୍ରକାଶ କରାଯାଏ । ଏ ଘୋଷଣା କରାଯାଏ କି ଏ ସବୁରୁ ଆମେ ସାଂସାରିକ ଲାଭ ଉଠାଇବୁ, କିନ୍ତୁ ମସ୍‌ଜିଦ୍‌ର ଉଦ୍‌ଘାଟନ ଯେତେବେଳେ ଆମେ କରିଥାଉ, ଯେବେ ଆମେ ମସ୍‌ଜିଦ୍ ନିର୍ମାଣ କରିଥାଉ ଏ ମନୋଭାବ ରଖି ତାହା କରିଥାଉ କି ଏହାଦ୍ୱାରା ଅଲ୍ଲାଃତାଲାଙ୍କର ପ୍ରସନ୍ନତା ଓ ସାନିଧ୍ୟ ଲାଭ କରିବୁ ଓ ଇଶ୍ୱରଙ୍କର ଏହି ଘରର ନିର୍ମାଣ ଦ୍ୱାରା ଆମେ କେବଳ ଏ ଉଦ୍ଦେଶ୍ୟ ରଖି ନିର୍ମାଣ କରିବା ଉଚିତ୍ କି ଏହାଦ୍ୱାରା ଇଶ୍ୱରଙ୍କର ପ୍ରସନ୍ନତା ଓ ସାନଧ୍ୟ ହାସଲ କରିପାରିବୁ । ଅଲ୍ଲାଃତାଲାଙ୍କ ସାନିଧ୍ୟ ହାସଲ କରିବା ପାଇଁ ହେଲେ ସେ ସବୁ କାର୍ଯ୍ୟଗୁଡିକ କରିବା ଜରୁରୀ ଅଟେ ଯାହାକୁ କରିବା ପାଇଁ ଅଲ୍ଲାଃତାଲା ନିର୍ଦ୍ଦେଶ ଦେଇଛନ୍ତି ଓ ସେଥିମଧ୍ୟରୁ ସର୍ବପ୍ରଥମ ହେଉଛି ଅର୍ଥାତ୍ ପ୍ରଥମ ଉଦ୍ଦେଶ୍ୟ ଏହା ହେବା ଉଚିତ୍ କି ଅଲ୍ଲାଃତାଲାଙ୍କର ଉପାସନାର ହକ୍ ପ୍ରଦାନ କରିବା ଓ ତାହା ଏପରି ପ୍ରଦାନ କରିବା ଯେପରି ଅଲ୍ଲାଃତାଲା ଆମକୁ ବତାଇଛନ୍ତି । ଏହି ଯେଉଁ ଆୟତଟି ମୁଁ ତିଲାଓ୍ୱତ୍ କଲି ସେଥିରେ ଅଲ୍ଲାଃତାଲା ଆମକୁ ଏକଥା ବତାଇଛନ୍ତି କି ମସ୍‌ଜିଦ୍ ନିର୍ମାଣ କରିବାର ଉଦ୍ଦେଶ୍ୟ କଣ ହେବା ଉଚିତ୍ ବା କେଉଁ ଲୋକମାନେ ମସ୍‌ଜିଦ୍ ନିର୍ମାଣର ହକ୍‌କୁ ପ୍ରଦାନ କରିଥାନ୍ତି । ସେମାନେ ହେଉଛନ୍ତି ଏପରି ଲୋକେ ଯେଉଁମାନେ ମସ୍‌ଜିଦ୍‌କୁ ଭରି ରଖିବା ପାଇଁ ଚିନ୍ତା କରିଥାନ୍ତି, ଏବଂ ମସ୍‌ଜିଦ୍‌କୁ ଭଲ ଅବସ୍ଥାରେ ରଖିବା ପାଇଁ ଚିନ୍ତା କରିଥାନ୍ତି, ଯେଉଁମାନେ ଅଲ୍ଲାଃତାଲା ଏବଂ ୟୋମେ ଆଖିରତ୍ (ପରକାଳ) ଉପରେ ଇମାନ୍ ଆଣିଥାନ୍ତି । ସମସ୍ତେ ତ ଏହା କହିଥାନ୍ତି ଯେ ଆମେ ଅଲ୍ଲାଃତାଲା ଏବଂ ୟୋମେ ଆଖିରତ୍ ଉପରେ ଇମାନ୍ ଆଣୁଛୁ ବୋଲି କିନ୍ତୁ ଅଲ୍ଲାଃତାଲା କହୁଛନ୍ତି କି ତାର କାର୍ଯ୍ୟର ପରିପ୍ରକାଶ ମଧ୍ୟ ହେବା ଉଚିତ୍ ଏବଂ ତାହା ସେତେବେଳେ ହୋଇପାରିବ ଯେତେବେଳେ ଇକାମସ୍ ସଲାତା (ନମାଜ ପଢ଼ିବା)ର କାର୍ଯ୍ୟ ନମୁନା ଦେଖାଇ ଦିଆଯାଏ ।

ଇକାମସ୍ ସଲାତା କଣ ? ଓ ଏହାକୁ କାର୍ଯ୍ୟରେ ପରିପ୍ରକାଶ କିପରି କରାଯାଏ ବା କିପରି ହୋଇପାରିବ ? ଏହାର କାର୍ଯ୍ୟରେ ପରିପ୍ରକାଶ ପ୍ରଥମତଃ ନମାଜ ବାଜମାତ୍ ପାଠ କରି, ଦ୍ୱିତୀୟରେ ନମାଜରେ ଅଲ୍ଲାଃତାଲାଙ୍କ ନିକଟରେ ଧ୍ୟାନର ସହିତ ଛିଡା ହେବାକୁ ପଡ଼ିବ ଏବଂ ଏକଥା ଆମକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ ଏବଂ ତଫଶିର୍‌ରୁ ଜଣାପଡୁଛି । ସୁତରାଂ ନମାଜର ବାସ୍ତବିକ କୟାମ୍ (ପ୍ରକୃତ ନମାଜର ସ୍ଥାପନା) କରିବା ବାଲା ହେଉଛନ୍ତି ସେମାନେ ଯେଉଁମାନେ ବାଜମାତ୍ ନମାଜକୁ ନିୟମିତ ପାଠ କରିଥାନ୍ତି ଓ ନିଜର ଧ୍ୟାନକୁ କେବଳ ଅଲ୍ଲାଃତାଲାଙ୍କ ଆଡକୁ ରଖି ନମାଜ ପଢ଼ିଥାନ୍ତି, ଦୁଆ, ଇସ୍‌ତେଗ୍‌ଫାର୍ ଏବଂ ମଗ୍ନ ହୋଇ ନମାଜ ପଢ଼ିଥାନ୍ତି । ଯଦି ନିଜର ଧ୍ୟାନ ଏପଟସେପଟ ହୁଏ ତେବେ ପୁଣି ସେ ନିଜର ଧ୍ୟାନକୁ ଅଲ୍ଲାଃତାଲାଙ୍କ ଆଡକୁ ନେଇଆସନ୍ତି । ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜର ଜାଏଜା ନେଇପାରିବେ କି ଆମେ କେତେମାତ୍ରାରେ ଇକାମସ୍ ସଲାତାର ସ୍ତରକୁ ହାସଲ କରିବା ପାଇଁ ଚେଷ୍ଟା କରୁଛେ । ଏହି ଭୌତିକ ସଂସାରରେ ଅଧିକାଂଶ ଲୋକେ ପ୍ରଥମତଃ ବାଜମାତ୍ ନମାଜ ପାଠ କରିବା ପ୍ରତି ଧ୍ୟାନ ଦିଅନ୍ତିନାହିଁ । ଯଦି ମସ୍‌ଜିଦ୍‌କୁ ଆସିଯାଆନ୍ତି ତେବେ ନା ଫର୍ଜ୍ ନମାଜରେ ଓ ନା ସୁନ୍ନତ୍ ନମାଜରେ ଏପରି ଧ୍ୟାନ ରଖନ୍ତି ଯାହା ନମାଜର ହକ୍ ଅଟେ । ଯଦି ଏପରି ଅବସ୍ଥା ରହିଛି ତେବେ ଆମେ ନିଜେ ହିଁ ନିଜର ଅନୁଧ୍ୟାନ ଓ ନିଜର ଅବସ୍ଥା ବିଷୟରେ ଅନ୍ଦାଜା କରିପାରିବା କି କଣ ବାସ୍ତବରେ ଆମେ ସେହି ଲୋକମାନଙ୍କ ମଧ୍ୟରେ ଗଣା, ଯାହାକୁ ଅଲ୍ଲାଃତାଲା ମସ୍‌ଜିଦ୍ ନିର୍ମାଣ କରିବା ବାଲା ଓ ମସ୍‌ଜିଦ୍‌ର ହକ୍‌କୁ ପ୍ରଦାନ କରିବା ବାଲା ବୋଲି ଅଭିହିତ କରିଛନ୍ତି ।

ପୁଣି ଅଲ୍ଲାଃତାଲା କହୁଛନ୍ତି କି ସେମାନେ ହେଉଛନ୍ତି ଜକାତ୍ ପ୍ରଦାନ କାରୀ । ଦୀନ୍ ଖାତିର୍ ମଧ୍ୟ ମାଲି କୁର୍‌ବାନୀ କରିବା ବାଲା ଏବଂ ଅଲ୍ଲାଃତାଲାଙ୍କ ସୃଷ୍ଟିଜଙ୍କ ହିତ ନିମନ୍ତେ ମଧ୍ୟ ଓ ସେମାନଙ୍କର ହକ୍ ପ୍ରଦାନ କରିବା ପାଇଁ ମଧ୍ୟ ମାଲି କୁର୍ବାନୀ କରୁଛନ୍ତି । ପୁଣି ଅଲ୍ଲାଃତାଲା କହୁଛନ୍ତି ସେମାନଙ୍କୁ ଅଲ୍ଲାଃତାଲାଙ୍କର ଭୟଛଡା ଆଉ କୌଣସି ପ୍ରକାର ଭୟ ନଥାଏ । ସେମାନେ ଏ ଚିନ୍ତାରେ ରହିଥାନ୍ତି କି ଆମର କୌଣସି କାର୍ଯ୍ୟ ଯୋଗୁଁ ଅଲ୍ଲାଃତାଲା ଆମଠାରୁ ଅସନ୍ତୁଷ୍ଟ ନହୋଇଯାଆନ୍ତୁ ଏବଂ ଅଲ୍ଲାଃତାଲାଙ୍କ ପ୍ରେମରୁ ଆମେ ବଂଚିତ ନହୋଇଯାଉ । ସେମାନେ ନିଜର କାର୍ଯ୍ୟକୁ ସେହି ନିର୍ଦ୍ଦେଶ ମୁତାବକ କରିଥାନ୍ତି ଓ ସେହି ନିର୍ଦ୍ଦେଶ ଗୁଡିକୁ ସର୍ବଦା ନିଜ ସମ୍ମୁଖରେ ରଖିଥାନ୍ତି, ଯେଉଁ ନିର୍ଦ୍ଦେଶ ଗୁଡିକୁ ପାଳନ କରିବା ପାଇଁ ଜଣେ ପ୍ରକୃତି ମୁସଲ୍‌ମାନ୍‌କୁ ଅଲ୍ଲାଃତାଲା ହୁକୁମ୍ ଦେଇଛନ୍ତି ଓ ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା ଯାହା କିଛି ବର୍ଣ୍ଣନା କରିଛନ୍ତି । ତେଣୁ ଜଣେ ମୋମିନ୍ ଓ ଜଣେ ମୁସଲ୍‌ମାନ୍ ପାଇଁ ଏହା କୌଣସି ସାଧାରଣ ଦାୟିତ୍ୱ ନୁହେଁ ଏବଂ ଏହି ମସ୍‌ଜିଦ୍‌ଟି ତିଆରି ହେବା ପରେ ଏଠାକୁ ଆସୁଥିବା ବା ଏହି ମସ୍‌ଜିଦ୍ ସହିତ ନିଜକୁ ସମ୍ବନ୍ଧିତ କରୁଥିବା ଲୋକମାନଙ୍କର ଦାୟିତ୍ୱ ଗୁଡିକ ପୁର୍ବାପେକ୍ଷା ଅଧିକା ବଢ଼ିଯାଇଛି । ଆପଣମାନେ ନିଜର ଉପାସନାର ହକ୍‌କୁ ମଧ୍ୟ ପ୍ରଦାନ କରିବେ ଓ ଅଲ୍ଲାଃତାଲାଙ୍କ ମଖ୍‌ଲୁକ୍‌ଙ୍କ ହକ୍‌କୁ ମଧ୍ୟ ପ୍ରଦାନ କରିବେ । ତେବେ ଯାଇ ଅଲ୍ଲାଃତାଲାଙ୍କ ନିକଟରେ ତୁମେ ସତ୍‌ପଥଗାମୀ ଲୋକମାନଙ୍କ ମଧ୍ୟରେ ଗଣାଯିବ । ତେବେ ଯାଇ ସେହି ଲୋକମାନଙ୍କ ମଧ୍ୟରେ ଗଣାଯିବ, ଯେଉଁମାନଙ୍କ ଉପରେ ଅଲ୍ଲାଃତାଲାଙ୍କର ପ୍ରେମପୁର୍ଣ୍ଣ ଦୃଷ୍ଟି ରହିଥାଏ । ଏହି ଆୟତର ପୂର୍ବ ଆୟତରେ ଅଲ୍ଲାଃତାଲା ଏକଥା ବର୍ଣ୍ଣନା କରିଛନ୍ତି କି ମୁସ୍‌ରିକ୍ (ବହୁ ଇଶ୍ୱରବାଦୀ) ମାନଙ୍କୁ କୌଣସି ଅଧିକାର ପହଂଚୁନାହିଁ କି ସେମାନେ ମସ୍‌ଜିଦ୍‌ର ନିର୍ମାଣ କରନ୍ତୁ ବା ମସ୍‌ଜିଦ୍‌ର ଆବାଦୀ କରନ୍ତୁ । ସେମାନଙ୍କର ହୃଦୟ ଗଏରୁଲ୍ଲାଃ (ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ ମନଗଢ଼ା ଇଶ୍ୱରଙ୍କଠାରେ ମନ ଲଗାଇବା) ରେ ଭରିରହିଛି । ଯାହାର ହୃଦୟର ଗଏରୁଲ୍ଲାଃରେ ଭରି ରହିଛି ସେ ଅଲ୍ଲାଃତାଲାଙ୍କର ହକ୍‌କୁ ପ୍ରଦାନ କରିପାରିବ ନାହିଁ ଓ ନା ଅଲ୍ଲାଃତାଲାଙ୍କର ସୃଷ୍ଟଜଙ୍କର ହକ୍‌କୁ ପ୍ରଦାନ କରିପାରିବ ।

ଏବଂ ଶିର୍କ୍ ମଧ୍ୟ ଅନେକ ପ୍ରକାରର । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ କହୁଛନ୍ତି କି– ଶିର୍କ୍ ହେଉଛି ଅନେକ ପ୍ରକାରର । ଗୋଟିଏ ହେଉଛି ମୋଟା ଏବଂ ବଡ ଶିର୍କ୍ ଯେଉଁଥିରେ କୌଣସି ମନୁଷ୍ୟ ବା ପଥର ବା ନିର୍ଜିବ ବସ୍ତୁ ବା ଶକ୍ତି ବା ମନଗଢ଼ା ଦେବାଦେବୀଙ୍କୁ ଇଶ୍ୱର ରୂପେ ବନାଇ ଦିଆଯାଏ । କହୁଛନ୍ତି କି ଯଦିଚ ଏ ଶିର୍କ୍ ଏବେ ଏ ସଂସାରରେ ମହଜୁଦ୍ ଅଛି ଅର୍ଥାତ୍ ପ୍ରକାଶ୍ୟରେ ପ୍ରଚଳିତ ରହିଛି କିନ୍ତୁ ଆପଣ ଆ:ସ କହୁଛନ୍ତି କି ଏ ଯୁଗ ଆଲୋକ ଓ ଶିକ୍ଷାର ଏପରି ଯୁଗ କି ବୁଦ୍ଧି ଏ ପ୍ରକାରର ଶିର୍କ୍‌କୁ ଘୃଣ୍ୟ ଚକ୍ଷୁରେ ଦେଖିବାକୁ ଲାଗିଲାଣି । ଯଦିଚ ଏହା ଶିର୍କ୍ କିନ୍ତୁ ଶିକ୍ଷା ମନୁଷ୍ୟକୁ ଏପରି କରିଦେଲାଣି ଯେ ମନୁଷ୍ୟର ବୁଦ୍ଧି ଏ କଥାକୁ ଗ୍ରହଣ କରୁନାହିଁ ଯେ ଏ ପଥରର ମୁର୍ତ୍ତି ଏବଂ ପିତୁଳା ଆମର କିଛି କରିପାରିବେ କିନ୍ତୁ ଆପଣ ଆ:ସ କହୁଛନ୍ତି ଯେ ଆଉଗୋଟିଏ ପ୍ରକାରର ଶିର୍କ୍ ମଧ୍ୟ ଅଛି ଯାହା ଜହର ଭଳି ଲୁଚିକରି ପ୍ରଭାବ ପକାଉଛି ଓ ତାହା ଏ ଯୁଗରେ ବହୁତ ବଢ଼ିଚାଲିଛି । ତାହା ହେଉଛି ଇଶ୍ୱରଙ୍କ ଉପରେ ଭରଷା ବିଲ୍‌କୁଲ୍ ଆଉନାହିଁ । (ଉଦ୍ଧୃତ ମଲ୍‌ଫୁଜାତ୍,ଖଣ୍ଡ-୩, ପୃଷ୍ଠା-୭୯-୮୦, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) । ଏବଂ ଏକଥାର ସ୍ପଷ୍ଟୀକରଣ ଆପଣ ଆ:ସ କରିଛନ୍ତି କି ସାଧନ ଓ ଅନ୍ୟ ବସ୍ତୁଗୁଡିକ ଉପରେ ଲୋକମାନଙ୍କର ଭରଷା ଇଶ୍ୱରଙ୍କଠାରୁ ଅଧିକ

ରହିଛି । ନିଜ ଚାକିରୀ, କାରବାର, ନିଜର ସାଂସାରିକ ବ୍ୟସ୍ତତା ପ୍ରତି ଲୋକମାନଙ୍କର ଅଧିକ ଧ୍ୟାନ ରହିଛି । ସେଇଥିପାଇଁ ନମାଜ ପ୍ରତି ଧ୍ୟାନ ନାହିଁ ଓ ମସ୍‌ଜିଦ୍‌କୁ ଆବାଦ କରିବା ପ୍ରତି କୌଣସି ଧ୍ୟାନ ନାହିଁ ।

ତେଣୁ ଆମକୁ ଏ ଦୁଆ କରିବା ଉଚିତ୍, ଅଲ୍ଲାଃତାଲାଙ୍କ ନିକଟରେ ବିନମ୍ର ଭାବେ ଏହା ମାଗିବା ଉଚିତ୍ କି ହେ ଅଲ୍ଲାଃ ଆମକୁ ପୂର୍ଣ୍ଣ ମୋମିନ୍ ଭକ୍ତ ବନାନ୍ତୁ କାରଣ ମୋମିନ୍ ହେବା ମଧ୍ୟ ଅଲ୍ଲାଃତାଲାଙ୍କ କରୁଣା ଉପରେ ନିର୍ଭର । ତେଣୁ ତାଠାରୁ ମାଗିବା ଦ୍ୱାରା ହିଁ ଏ ପଦମର୍ଯ୍ୟାଦା ହାସଲ ହୋଇପାରିବ । ଆମେ କେବଳ ଏକଥାରେ ଖୁସି ହେବା ଉଚିତ୍ ନୁହେଁ କି ଆମେ ଗୋଟିଏ ବଡ ସୁନ୍ଦର ମସ୍‌ଜିଦ୍ ଫ୍ଲାଡେଲ୍‌ଫିଆଠାରେ ନିର୍ମାଣ କରିଦେଲୁ । ଏହି ସହରରେ ବନାଇଦେଲୁ ବରଂ ଆମେ ତାର ହକ୍ ପ୍ରଦାନ କରି ଯେବେ ଅଲ୍ଲାଃତାଲାଙ୍କ ନିକଟରେ ହାଜର୍ ହେବା ତେବେ ଆମେ ଏକଥା ଶୁଣିପାରିବା କି ଏମାନେ ହେଉଛନ୍ତି ସେହିଲୋକ ଯେଉଁମାନେ ଅଲ୍ଲାଃତାଲାଙ୍କ ଖାତିର୍ ମସ୍‌ଜିଦ୍ ନିର୍ମାଣ କରିଛନ୍ତି ଏବଂ ପୁଣି ତାର ହକ୍‌କୁ ପ୍ରଦାନ କରିବା ପାଇଁ ଚେଷ୍ଟା କରୁଛନ୍ତି । ସୁତରାଂ ଏହି ସତ୍‌ପଥଗାମୀ ଲୋକମାନଙ୍କ ମଧ୍ୟରେ ଏବଂ ଉକ୍ତ ଲୋକମାନଙ୍କ ମଧ୍ୟରେ ସେମାନଙ୍କର ଗଣନା ହୋଇଥାଏ ଯେଉଁମାନଙ୍କ ଠାରୁ ଅଲ୍ଲାଃ ପ୍ରସନ୍ନିତ ଅର୍ଥାତ୍ ଯାହାଙ୍କଠାରୁ ଈଶ୍ୱର ଖୁସି ହୋଇଥାନ୍ତି । ତେଣୁ ଏହି ଭାବନାକୁ ଆମେ ଆମ ମଧ୍ୟରେ ସୃଷ୍ଟି କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ଯେତେବେଳେ ଏ ଭାବନା ହେବ ଓ ତା ପାଇଁ ଚେଷ୍ଟା କରାଯିବ ସେତେବେଳେ ଏହି ମସ୍‌ଜିଦ୍‌ର ଲାଭ ଓ ବର୍‌କାତ୍ ଆମେ ଏ ସଂସାରରେ ମଧ୍ୟ ଅନୁଭବ କରିପାରିବା ଓ ଆମ ସନ୍ତାନମାନେ ମଧ୍ୟ ଦୀନ୍ ସହିତ ଯୋଡି ହୋଇ ରହିବେ ଓ ଆମେ ଅଲ୍ଲାଃତାଲାଙ୍କ ବାର୍ତ୍ତାକୁ ମଧ୍ୟ ଏ ଇଲାକାରେ ଓ ଏ ସହରରେ ପ୍ରଚାର ପ୍ରସାର କରିପାରିବା । ତୌହିଦ୍ (ଏକଶ୍ୱରବାଦ)କୁ ସଂସାରରେ ସ୍ଥାପନ କରିପାରିବା ଏବଂ ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ଧ୍ୱଜାକୁ ଏ ସଂସାରରେ ଉଡାଇବାବାଲା ହୋଇପାରିବା ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମସ୍‌ଜିଦ୍ ନିର୍ମାଣ କରିବାର ଆଉଗୋଟିଏ ଉଦ୍ଦେଶ୍ୟ ମଧ୍ୟ ବର୍ଣ୍ଣନା କରିଛନ୍ତି କି ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ଏବଂ ବାସ୍ତବିକ ବାର୍ତ୍ତାକୁ ଯଦି ପହଂଚାଇବାକୁ ଚାହୁଁଅଛ ତେବେ ସେଠାରେ ମସ୍‌ଜିଦ୍ ନିର୍ମାଣ କରିଦିଅ । ଆପଣ ଆ:ସ ପୁଣି କହୁଛନ୍ତି କି ''ବର୍ତ୍ତମାନ ଆମ ଜମାତ୍‌କୁ ଅନେକ ମସ୍‌ଜିଦ୍‌ର ବହୁତ ଆବଶ୍ୟକତା ଅଛି । ଏହା ଈଶ୍ୱରଙ୍କ ଘର ହୋଇଥାଏ । ଯେଉଁ କାମ ବା ସହରରେ ଆମ ଜମାତ୍‌ର ମସ୍‌ଜିଦ୍ ସ୍ଥାପନ ହୋଇଗଲା ତେବେ ଜାଣ କି ଜମାତ୍ ଉନ୍ନତି କରିବା ମୂଳଦୁଆ ପଡିଗଲା । ଯଦି ଏପରି କୌଣସି ଗ୍ରାମ ଥିବ ବା ସହର ଥିବ ଯେଉଁଠି ମୁସଲ୍‌ମାନ୍‌ମାନେ କୌମ୍ ଥିବେ ବା ନଥିବେ, ସେଠାରେ ଇସ୍‌ଲାମ୍‌ର ଉନ୍ନତି ଯଦି କରିବାକୁ ହୁଏ ତେବେ ଗୋଟିଏ ମସ୍‌ଜିଦ୍ ବନାଇଦେବା ଉଚିତ୍ । ପୁଣି ଅଲ୍ଲାଃ ସ୍ୱୟଂ ମୁସଲ୍‌ମାନ୍‌ମାନଙ୍କୁ ଭିଡି ଆଣବେ । କିନ୍ତୁ ସର୍ତ୍ତ ହେଉଛି ଏହା.....'' କେବଳ ମସ୍‌ଜିଦ୍ ବନାଇଦେଲେ ହେବନାହିଁ, କହୁଛନ୍ତି ''.....ସର୍ତ୍ତ ହେଉଛି ଏହା କି ମସ୍‌ଜିଦ୍ ସ୍ଥାପନ କରିବା ପାଇଁ ନିଃସ୍ୱାର୍ଥପର ନିୟତ ହେଉ'' । ନିଷ୍ଠାର ସହିତ ମସ୍‌ଜିଦ୍ ନିର୍ମାଣ କରାଯାଉ, ଦେଖାଣିଆ ରୂପେ ନୁହେଁ । ପୁଣି କହୁଛନ୍ତି କି ''ଅଲ୍ଲାଃତାଲାଙ୍କ ପାଇଁ ହିଁ ଏହା କରାଯାଉ'' ଅର୍ଥାତ୍ ମସ୍‌ଜିଦ୍‌ର ନିର୍ମାଣକାର୍ଯ୍ୟ ଅଲ୍ଲାଃଙ୍କ ଖାତିର୍ କେବଳ କରାଯାଉ । ''କୌଣସି ସ୍ୱାର୍ଥ ବା କୌଣସି ଦୁଷ୍ଟାମୀକୁ ସେଥିରେ କଦାପି ଦଖଲ ନଥିବ । ତେବେ ଯାଇ ଅଲ୍ଲାଃ ବର୍‌କତ୍ ଦେବେ'' । (ମଲ୍‌ଫୁଜାତ୍, ଖଣ୍ଡ-୭, ପୃଷ୍ଠା-୧୧୯, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) । ତେଣୁ ଏକଥା ଆମେ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ ହେବ କି, ମସ୍‌ଜିଦ୍ ଆମେ ନିର୍ମାଣ କରୁଛେ, ମସ୍‌ଜିଦ୍ ପାଇଁ ଆମେ ମାଲି କୁର୍‌ବାନୀ ମଧ୍ୟ ଯଦି କରୁଛେ ତେବେ ସେଥିରେ କୌଣସି ପ୍ରକାର ଦେଖାଣିଆ ଭାବ ନହେଉ ବରଂ ଏ ନିୟତ ରହୁ କି ଯେତେବେଳେ ମସ୍‌ଜିଦ୍ ନିର୍ମାଣ ହେବ ସେତେବେଳେ ଆମେ ଉପାସନାର ହକ୍‌କୁ ପ୍ରଦାନ କରିବା । ଆମର ଆସନ୍ତା ପିଢ଼ୀ ମଧ୍ୟ ସୁରକ୍ଷିତ ରହିବ ଓ ସେମାନେ ଦୀନ୍ ସହିତ ଯୋଡି ହୋଇ ରହିବେ । ତେଣୁ ଏହି ମସ୍‌ଜିଦ୍‌ର ନିର୍ମାଣ ଓ ଏହାକୁ ଆବାଦ କରିବା ସହିତ ଆଉଗୋଟିଏ ବଡ ଦାୟିତ୍ୱ ମଧ୍ୟ ଏଠାରେ ରହୁଥିବା ଲୋକମାନଙ୍କ ଉପରେ ବଢ଼ିଯାଇଛି କି ଏହି ସହରରେ ଇସ୍‌ଲାମ୍‌ର ତବ୍‌ଲିଗ୍‌ର ମାଧ୍ୟମ ଏହି ମସ୍‌ଜିଦ୍‌କୁ କରନ୍ତୁ ।

କୁହାଯାଉଛି କି ଏଠି ଏହି ସହରରେ ମୁସଲ୍‌ମାନ୍ ମାନଙ୍କର ୪୭ଟି ମସ୍‌ଜିଦ୍ ବା ସେଂଟର୍ ଅଛି । କିନ୍ତୁ ନିୟମିତ ମସ୍‌ଜିଦ୍ ରୂପେ ନିର୍ମାଣ ହୋଇଥିବା ପ୍ରଥମ ମସ୍‌ଜିଦ୍ ହେଉଛି ଆମର ଏହି ମସ୍‌ଜିଦ୍ । ତେଣୁ ଯେତେବେଳେ ମସ୍‌ଜିଦ୍ ରୂପେ ଏହି ଅଟ୍ଟାଳିକାଟି ଏହି ସହରରେ ନିର୍ମାଣ କରାଗଲା କେବଳ ଏହା ବତାଇବା ପାଇଁ ନୁହେଁ କି ମୁସଲ୍‌ମାନ୍ ମାନଙ୍କର ମସ୍‌ଜିଦ୍‌ର ପ୍ରକୃତ ରୂପ କିପରି ହୋଇଥାଏ ବୋଲି ବରଂ ଏକଥା ବତାଇବା ପାଇଁ କି ଏହି ମସ୍‌ଜିଦ୍‌ରୁ ଇସ୍‌ଲାମ୍‌ର ସୁନ୍ଦର ଓ ଶାନ୍ତିପ୍ରିୟ ଶିକ୍ଷାର ଅସଲ ଚେହେରା ସଂସାର ସମ୍ମୁଖରେ ପ୍ରସ୍ଫୁଟିତ ହେଉ । ଆମ୍ଭେମାନେ, ଯେଉଁମାନେ ଦୁଆ ଓ ଉପାସନା ସହିତ ଇସ୍‌ଲାମ୍‌ର ପ୍ରକୃତ ବାର୍ତ୍ତାକୁ ସଂସାରରେ ପ୍ରଚାର ପ୍ରସାର କରୁଅଛେ ବର୍ତ୍ତମାନ ଏଠାରେ ପୂର୍ବଠାରୁ ବଳି ଆମେ ନିଜର କାର୍ଯ୍ୟ, ନମୁନା ମାଧ୍ୟମରେ ତାକୁ ପ୍ରଚାର ପ୍ରସାର କରିବା । ଏହି ଇଲାକାରେ ଇସ୍‌ଲାମୀୟ ଶିକ୍ଷାଗୁଡିକୁ କାର୍ଯ୍ୟରେ ପରିପ୍ରକାଶ କରି ଆମେ ଅହେମଦୀ ମୁସଲ୍‌ମାନ୍‌ମାନଙ୍କ ଆବାଦୀକୁ ମଧ୍ୟ ବଢ଼ାଇବାକୁ ହେବ । କିନ୍ତୁ ମୋତେ ଏକଥା ବତାଯାଇଛି କି ଗୋଟିଏ ଦୁଇଟି ଘର ବ୍ୟତୀତ ଆମ ଅହେମଦୀ ଲୋକମାନଙ୍କର ଆବାଦୀ ମଧ୍ୟ ଏଠାରୁ ଦୂରରେ ଅଛି । ଅମୀର୍ ସାହେବ୍‌ଙ୍କ ସହିତ କଥା ହେଉଥିଲି । ସେ ବତାଇଲେ ଅର୍ଥାତ୍ ଏକଥା ପ୍ରକାଶ କଲେ କି ଏହି ମସ୍‌ଜିଦ୍‌ର ବହୁତ ବଡ କ୍ଷେତ୍ରଫଳ ଅଛି ଏବଂ ବହୁତ ବଡ ପ୍ଲଟ୍ ରହିଛି । ଯେଉଁଥିରେ ନିର୍ମାଣ କରିବାର ଅନୁମତି ମଧ୍ୟ ମିଳିପାରିବ । ଯଦି ଏଠାରେ ଫ୍ଲାଟ୍‌ସ୍ ନିର୍ମାଣ କରାଯିବ ବା ଘର ନିର୍ମାଣ କରାଯିବ ବା ଅହେମଦୀମାନଙ୍କୁ ବନାଇବା ପାଇଁ ଅନୁମତି ଦିଆଯାଏ ତେବେ ମସ୍‌ଜିଦ୍ ନିକଟରେ ଆବାଦୀ (ଜନସଂଖ୍ୟା) ଅଧିକ ହୋଇପାରିବ । ମୋ ମତରେ ଏହା ବହୁତ ଭଲ ବିଚାର । ଏହା ଉପରେ ଚିନ୍ତା କରାଯିବା ଉଚିତ୍ । ଯଦି ଏହି ବିଚାର କାର୍ଯ୍ୟଯୋଗ୍ୟ ତେବେ ନିଶ୍ଚିତ ରୂପେ ଚେଷ୍ଟା କରାଯିବା ଉଚିତ୍ ହେବ କି ଏଠାରେ ଅହେମଦୀମାନଙ୍କର ଘର ତିଆରି ହୋଇ ଆବାଦ ହେଉ ଏବଂ ଯେବେ ଅହେମଦୀୟ ଆବାଦି ହେବ ଓ ସେମାନେ ଏ ନିୟତ ସହିତ ଏଠାକୁ ଆସିବେ କି ମସ୍‌ଜିଦ୍‌କୁ ମଧ୍ୟ ଆବାଦ କରିବୁ ଓ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାର ବାର୍ତ୍ତାକୁ ମଧ୍ୟ ପହଂଚାଇବୁ ତେବେ ଅଲ୍ଲାଃତାଲା ପୁଣି ଏପରି ନିୟତରେ ମଧ୍ୟ ବର୍‌କତ୍ କରିବେ ଓ ଏହାଦ୍ୱାରା ଇନ୍‌ଶାଅଲ୍ଲାଃଓତାଲା ଅହେମଦୀ ଆବାଦି ବଢ଼ିବାର କାରଣ ହେବ ।

ଆମ ଇତିହାସ ଆମକୁ ଏହା ବତାଉଛି। କି ୧୯୨୦ ମସିହାରେ ଯେତେବେଳେ ହଜ୍‌ରତ୍ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ୍ ର:ଅ ମୁବଲିଗ୍ ରୂପେ ଆମେରିକା ଆସିଲେ ସେତେବେଳେ ଏଠାରେ ଫ୍ଲାଡେଲ୍‌ଫିୟାର ବନ୍ଦରରେ ଓହ୍ଲାଇଥିଲେ । କିନ୍ତୁ ତାଙ୍କୁ ଦେଶ ଭିତରେ ପ୍ରବେଶ କରିବା ପାଇଁ ଦିଆଗଲାନାହିଁ । ସେ ସମୟରେ ଅନୁମତି ମିଳିନଥିଲା । ଫଳତଃ ତାଙ୍କୁ ଗୋଟିଏ ଘରେ ବନ୍ଦି କରି ରଖାଗଲା । ସେଠାରେ ଆହୁରି ଅନେକ କଏଦୀ ଥିଲେ । ତାଙ୍କ ତବ୍‌ଲିଗ୍ ଦ୍ୱାରା ଦୁଇମାସ ଭିତରେ ପନ୍ଦରଜଣ କଏଦୀ ଇସ୍‌ଲାମ୍ ଗ୍ରହଣ କରିନେଲେ । (ଉଦ୍ଧୃତ ତାରିଖେ ଅହେମଦୀୟତ୍, ଖଣ୍ଡ-୪, ପୃଷ୍ଠା-୨୫୦) ତବ୍‌ଲିଗ୍ ସହିତ ତାଙ୍କର କାର୍ଯ୍ୟ ନମୁନା ମଧ୍ୟ ଥିଲା, ତାଙ୍କର ତକ୍‌ୱା ମଧ୍ୟ ଥିଲା ଏବଂ ତାଙ୍କର ଦୁଆ ମଧ୍ୟ ରହିଥିଲା । ସୁତରାଂ ତବ୍‌ଲିଗ୍ ସହିତ ଏହା ମଧ୍ୟ ଏକ ଆବଶ୍ୟକୀୟ ବସ୍ତୁ । ପୁଣି କୁହାଯାଏ କି ତାଙ୍କର ଏଠାରେ ରହଣି ସମୟରେ ପାଂଚ ଛଅ ହଜାର୍ ଅହେମଦୀ ହୋଇଯାଇଥିଲେ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ସେତେବେଳେ ଏକଥା କହିଥିଲେ ଯେ ଯଦି ବୟତର ସଂଖ୍ୟା ଏହା ଥିବ ତେବେ କିଛି ଦଶକ ମଧ୍ୟରେ ଏହା ଲକ୍ଷ ପର୍ଯ୍ୟନ୍ତ ପହଂଚିଯାଇପାରେ । (ଉଦ୍ଧୃତ ତାରିଖେ ଅହେମଦୀୟତ୍, ଖଣ୍ଡ-୧୯, ପୃଷ୍ଠା-୪୭୭) । ସେ ଯାହା ହେଉ ଉକ୍ତ ଟାର୍ଗେଟ୍‌ତ ହାସଲ ହୋଇପାରିଲା ନାହିଁ । ଯାହା ମଧ୍ୟ ପ୍ରତିବନ୍ଧକ ଥିଲା ବା ଅବସ୍ଥା ଥିଲା ବା ଆମର ଦୁର୍ବଳତା ଥିଲା କିନ୍ତୁ ବର୍ତ୍ତମାନ ମୌକା ଅଛି କି ଆମେ ଗୋଟିଏ ପ୍ରତିଶୃତିର ସହିତ ଏଥିପାଇଁ ଚେଷ୍ଟା କରିବା ବରଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯୁଗରେ ମଧ୍ୟ ଏଠାରେ ବାର୍ତ୍ତା ପହଂଚିସାରିଥିଲା ଯାହାର ଚର୍ଚ୍ଚା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ପୁସ୍ତକ ବରାହିନେ ଅହେମଦୀୟାରେ କରିଛନ୍ତି । ସୁତରାଂ ଆପଣ ଆ:ସ କହୁଛନ୍ତି କି ''....ସେହିପରି ଆହୁରି ଅନେକ ଅଂଗ୍ରେଜ୍ ସେହି ଦେଶଗୁଡିକରେ ଏହି ସିଲ୍‌ସିଲାକୁ ପ୍ରଶଂସା କରୁଛନ୍ତି ଓ ନିଜର ମନୋଭାବକୁ ବ୍ୟକ୍ତ କରୁଛନ୍ତି.....'' । ବହୁତ ପ୍ରଶଂସା କରୁଛନ୍ତି ଏବଂ ଏହା ପ୍ରକାଶ କରୁଛନ୍ତି କି ଆମେ ସଂମ୍ପୂର୍ଣ୍ଣ ରୂପେ ଏ ଶିକ୍ଷାକୁ ମାନୁଛୁ । ତେବେ ପୁଣି କହୁଛନ୍ତି ''....ସୁତରାଂ ଡାକ୍ତର ବେକର୍ ଯାହାଙ୍କ ନାମ ହେଉଛି ଏ ଜର୍ଜ୍ ବେକର୍ ନଂ-୪୦୪ ସେସ୍‌କୋଇହେନା ଏଭେନ୍ୟୁ (Susquehanna Avenue) ଫ୍ଲାଡଲ୍‌ଫିଆ ଆମେରିକା । ରିଭ୍ୟୁ ଅଫ୍ ରିଲିଜିଅନ୍‌ସ ପତ୍ରିକାରେ ମୋ ନାମ ଏବଂ ତଜ୍‌କରାକୁ ପଢ଼ି ସେ ନିଜର ଚିଠିଦ୍ୱାରା ଏକଥା ଲେଖୁଛନ୍ତି.....'' ଯିଏ ଏ ନିବନ୍ଧ ଲେଖିଥିଲେ ତାଙ୍କୁ ବେକର୍ ସାହେବ୍ ଏହା ଲେଖୁଛନ୍ତି କି ''ମୁଁ ଆପଣଙ୍କ ଇମାମ୍‌ଙ୍କ ମନୋଭାବ ସହିତ ସମ୍ପୂର୍ଣ୍ଣ ରୂପେ ଏକମତ । ସେ ଇସ୍‌ଲାମ୍‌କୁ ଠିକ୍ ସେହି ରୂପରେ ସଂସାର ସମ୍ମୁଖରେ ଉପସ୍ଥାପନ କରିଛନ୍ତି ଯେଉଁ ରୂପରେ ହଜ୍‌ରତ୍ ନବୀ ମୁହମ୍ମଦ୍ ସ:ଆ:ସ ଉପସ୍ଥାପନ କରିଥିଲେ'' ।

(ବରାହିନେ ଅହେମଦୀୟା, ପଂଚମଭାଗ, ରୁହାନି ଖଜାଏନ୍, ଖଣ୍ଡ-୨୧, ପୃଷ୍ଠା-୧୦୬)

ପୁଣି ହଜ୍‌ରତ୍ ମୁଫତି ମୁହମ୍ମଦ୍ ସାଦିକ୍ ସାହେବ୍ ମଧ୍ୟ ନିଜର ଗୋଟିଏ ରିପୋର୍ଟ୍‌ରେ ଲେଖୁଛନ୍ତି କି ଏ ଅଧମ ଲେଖକକୁ ଆମେରିକାରେ ପ୍ରବେଶ କରିବାର ଅଳ୍ପଦିନ ହିଁ ହୋଇଥିଲା କି ଇସାଇମାନଙ୍କ ତରଫରୁ ବିଭିନ୍ନ ପ୍ରକାରର କଠିନତା ଓ ପ୍ରତିବନ୍ଧକ ହେବା ସତ୍ୱେ ମଧ୍ୟ ବହୁତ ସଫଳତା ହାସଲ ହୋଇଛି । ଅଲ୍‌ହମ୍‌ଦୋଲିଲ୍ଲାଃ ଆଲାଜାଲିକା । ପୁଣି ଲେଖୁଛନ୍ତି କି ବର୍ତ୍ତମାନ ୨୯ଜଣ ନୁଆ ଭଦ୍ରଲୋକ ଏବଂ ଭଦ୍ରମହିଳା ଏ ଅଧମର ତବ୍‌ଲିଗ୍ ଦ୍ୱାରା ଏ ମଜ୍‌ବୁତ୍ ଦୀନ୍‌ରେ ଦାଖଲ ହୋଇସାରିଛନ୍ତି, ଯେଉଁମାନଙ୍କର ନାମ ଅର୍ଥାତ୍ ଇସ୍‌ଲାମୀୟ ନୁଆନାମ ଉପସ୍ଥାପନ କରାଯାଉଛି । ପୁଣି ସେ ବ୍ୟାଖ୍ୟା କଲେ । ପୁଣି ସେ ଲେଖୁଛନ୍ତି କି ନମ୍ବର୍-୧ ଏବଂ ୨ ଡାକ୍ତର୍ ଜର୍ଜ୍ ବେକର୍ ଏବଂ ମିଷ୍ଟର୍ ଅହେମଦ୍ ଏଣ୍ଡରସନ୍ ଏହି ଦୁଇଜଣ ଭଦ୍ରବ୍ୟକ୍ତି ବହୁଦିନ ହେବ ଏହି ଅଧମ ସହିତ ଚିଠିପତ୍ର ଦିଆନିଆ କରିଆସୁଥିଲେ ଏବଂ ବହୁଦିନ ହେବ ସେମାନେ ମୁସଲ୍‌ମାନ୍ ହୋଇସାରିଛନ୍ତି । ନିଷ୍ଠାବାନ୍ ମୁସଲ୍‌ମାନ୍ ଅଟନ୍ତି । ତେଣୁ ମୁଁ ଏହା ଜରୁରୀ ଭାବୁଛି କି ସେମାନଙ୍କର ନାମ ଏହି ସୂଚୀର ସର୍ବ ପ୍ରଥମେ ରଖାଯାଉ । (ଉଦ୍ଧୃତ ଅଲ୍‌ଫଜଲ୍ ୨୨ ଜୁଲାଇ ୧୯୨୦, ଖଣ୍ଡ-୮, ପୃଷ୍ଠା-୧) । ପୁଣି ଯେପରିକି ମୁଁ ଅନ୍ୟ କିଛି ଲୋକମାନଙ୍କର ଚର୍ଚ୍ଚା କରିସାରିଛି ବର୍ତ୍ତମାନ ଏହା ଶୁଣିଛି କି ଏଠି ଫ୍ଲାଡଲ୍‌ଫିଆଠାରେ ଡାକ୍ତର ବେକର୍‌ଙ୍କ କବର୍ ମଧ୍ୟ ଖୋଜା ସରିଛି । ତାଙ୍କ ଦେହାନ୍ତ ୧୯୧୮ ମସିହାରେ ହୋଇଥିଲା । ଏଠାରେ ହିଁ ତାଙ୍କର ତଦ୍‌ଫିନ୍ କରାଯାଇଛି । ତେବେ ସେ ସମୟରେ ଆଜିଠାରୁ ପାଖାପାଖି ୧୦୦ବର୍ଷ ପୂର୍ବେ ଏଠାରେ ଅହେମଦୀୟତ୍ ପହଂଚିସାରିଥିଲା । କିନ୍ତୁ ବର୍ତ୍ତମାନ ଯେପରିକି ମୁଁ କହିଲି ଅଲ୍ଲାଃତାଲା ଏହି ସହରରେ ଆମକୁ ଗୋଟିଏ ସୁନ୍ଦର ମସ୍‌ଜିଦ୍ ନିର୍ମାଣ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି ତେଣୁ ତା ମାଧ୍ୟମରେ ବର୍ତ୍ତମାନ ଗୋଟିଏ ନୁଆ ସାହସ ଓ ନୁଆ ପ୍ରତିଜ୍ଞାର ସହିତ ଏଠିକାର ଜମାତ୍ ଏବଂ ମୁବଲିଗ୍‌ଙ୍କୁ ମଧ୍ୟ ତବ୍‌ଲିଗ୍ କରିବାର ଏପରି ପ୍ରୋଗ୍ରାମ୍ ବନାଇବା ଉଚିତ୍ ଯଦ୍ୱାରା ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ଓ ସୁନ୍ଦର ବାର୍ତ୍ତା ଚାରିଆଡେ ବ୍ୟାପିଯିବ ଏବଂ ଏ ଇଲାକା ଶାନ୍ତି ଓ ସୌନ୍ଦର୍ଯ୍ୟ ଦୃଷ୍ଟିକୋଣରୁ ଏପରି ଇଲାକା ହୋଇଯାଉ କି ଯେଉଁଠି ଲୋକମାନେ ବସବାସ କରିବା ପାଇଁ ଇଚ୍ଛା କରିବେ । ଆବାଦୀ ଦୃଷ୍ଟିକୋଣରୁ ଏହି ସହର ଆମେରିକାର ହେଉଛି ଷଷ୍ଠତମ ବଡ ସହର । ଯଦି ଏହି ସହରରେ ଓ ଏହାର ଆଖପାଖ ଇଲାକାରେ ଇସ୍‌ଲାମ୍‌ର ବାର୍ତ୍ତାକୁ ସଠିକ୍ ରୂପେ ପହଂଚାଇ ଦିଆଯାଏ ତେବେ ଇନ୍‌ଶାଅଲ୍ଲାଃ ଏହି ଲୋକମାନଙ୍କ ମଧ୍ୟରୁ ଏପରି ଲୋକ ସୃଷ୍ଟି ହେବେ ଯେଉଁମାନେ ପ୍ରକୃତ ଉପାସନାକାରୀ ଓ ମସ୍‌ଜିଦ୍‌କୁ ଆବାଦ କରିବା ବାଲା ହେବେ ଓ ଅଲ୍ଲାଃତାଲାଙ୍କର ଭୟ ରଖିବାବାଲା ଏବଂ ସତ୍‌ପଥଗାମୀ ଲୋକ ହୋଇଯିବେ ।

ସୁତରାଂ ଆମେ ଯେଉଁ ସମସ୍ତ ମସ୍‌ଜିଦ୍ ନିର୍ମାଣ କରୁଛେ ସେଥିରେ ଆମପାଇଁ ବହୁତ ବଡ ଚ୍ୟାଲେଞ୍ଜ୍ ରହିଛି କି ଆମେ ନିଜର ଅବସ୍ଥାକୁ ମଧ୍ୟ ସୁଧାରିବା, ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ମଧ୍ୟ ଯୋଡିବା ଓ କାର୍ଯ୍ୟ ନମୁନାରେ ମଧ୍ୟ ନିଜର ଅବସ୍ଥାରେ ଉନ୍ନତି ଆଣିବା ଓ ତବ୍‌ଲିଗ୍ କରିବା ପାଇଁ କ୍ଷେତ୍ର ମଧ୍ୟ ଖୋଲିବା । କେବଳ ଏତିକି କଥାରେ ଖୁସି ହୋଇ ବସିଯିବା ନାହିଁ କି ଆମେ ମସ୍‌ଜିଦ୍ ବନାଇଦେଲୁ । ଆମେ ତ ଏ ଯୁଗରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେହି ସଚ୍ଚା ଗୁଲାମ୍‌କୁ ମାନିଛୁ ଯିଏ ଇସ୍‌ଲାମ୍‌କୁ ପୁନର୍ଜିବୀତ କରିବାର ଥିଲା, ନୁଆ ଜୀବନ ଆରମ୍ଭ କରିବାର ଥିଲା । ସେ ଏହି ସମସ୍ତ ଭୁଲ୍ ବୁଝାମଣାକୁ ସଂସାରର ମୁଣ୍ଡରୁ ବାହାର କରିବାର ଥିଲା ଯାହା ଇସ୍‌ଲାମ୍ ସମ୍ବନ୍ଧରେ ସୃଷ୍ଟି ହୋଇସାରିଛି । ତାହା ଅଣ ମୁସଲ୍‌ମାନ୍‌ଙ୍କ ମାଧ୍ୟମ ଦ୍ୱାରା ସୃଷ୍ଟି ହେଉ ବା ତଥାକଥିତ ଓ୍ୱଲେମାଙ୍କ ଭୁଲ୍ ତଫ୍‌ସିର୍ (ବ୍ୟାଖ୍ୟା) ଦ୍ୱାରା ସୃଷ୍ଟି ହେଉ ଏବଂ ବର୍ତ୍ତମାନ ଏ କାର୍ଯ୍ୟ ହେଉଛି ଆମର ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନିବା ବାଲାଙ୍କର କାର୍ଯ୍ୟ । ଏ ଦୃଷ୍ଟିକୋଣରୁ ଆମର ସମସ୍ତ ଚେଷ୍ଟା ଓ ସାମର୍ଥ୍ୟକୁ କାର୍ଯ୍ୟରେ ଲଗାଇବାକୁ ହେବ । ନିଜର ଅବସ୍ଥା ଓ ଉପାସନାକୁ ଉକ୍ତ ସ୍ତର ପର୍ଯ୍ୟନ୍ତ ନେଇଯାଓ ଯାହା ଅଲ୍ଲାଃତାଲାଙ୍କ ନିକଟରେ ଗ୍ରହଣୀୟ । ସେ ସମ୍ବନ୍ଧରେ ଆମକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବାରମ୍ବାର ଧ୍ୟାନ ଆକର୍ଷଣ କରାଇଛନ୍ତି ।

ଏହି ମସ୍‌ଜିଦ୍ ନିର୍ମାଣରେ ଯାହା ସବୁ ଖର୍ଚ୍ଚ ହୋଇଛି ଓ ସେ ବିଷୟରେ ଯାହା କିଛି ମୋତେ ବତାଯାଇଛି ତାହା ହେଉଛି ଏପର୍ଯ୍ୟନ୍ତ ୮.୧ମିଲିୟନ୍ ଡଲାର୍ ଖର୍ଚ୍ଚ ହୋଇସାରିଛି । ୧/୩ ଭାଗ ଜମାତ୍ ଦେଇଛି । କିଛି ନ୍ୟାସ୍‌ନାଲ୍ ହେଡ୍‌କ୍ୱାର୍ଟ୍‌ର ଦେଇଛି । ବାକି ତଫ୍‌ସିଲ୍ ମୁଁ ଆଗକୁ ମଧ୍ୟ ବତାଇବି । କିନ୍ତୁ ଏହି ୮.୧ ମିଲିୟନ୍ ଡଲାର୍ ଖର୍ଚ୍ଚର ଲାଭ ତ ତେବେ ହେବ ଯେତେବେଳେ ଏହାର ଉଦ୍ଦେଶ୍ୟକୁ ପୂରଣ କରିବେ ଏବଂ ଦୂରଦୂରାନ୍ତରେ ରହୁଥିବା ସତ୍ୱେ, ଯଦି ବର୍ତ୍ତମାନ ଲୋକମାନଙ୍କର ଆବାଦୀ ଏଠି ପାଖରେ ନାହିଁ, ଯେଉଁମାନେ ମଧ୍ୟ ଏ ସହରରେ ରହୁଛନ୍ତି, ଏ ମସ୍‌ଜିଦ୍‌ର ଆବାଦୀ ନିମନ୍ତେ ପାଂଚବେଳା ଚେଷ୍ଟା କରନ୍ତୁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ଅବସରରେ କହୁଛନ୍ତି କି ''ମସ୍‌ଜିଦ୍‌ର ଅସଲ ସୌନ୍ଦର୍ଯ୍ୟ ଅଟ୍ଟାଳିକା ସହିତ ନୁହେଁ ବରଂ ସେହି ନମାଜି ମାନଙ୍କ ସହିତ ରହିଛି ଯେଉଁମାନେ ନିଷ୍ଠାର ସହିତ ନମାଜ ପାଠ କରିଥାନ୍ତି ନଚେତ୍ ଏହିସବୁ ମସ୍‌ଜିଦ୍ ଗୁଡିକ ଖାଲି ପଡ଼ି ରହିଛି.....'' । ସେ ଯୁଗରେ ଖାଲି ପଡ଼ିରହିଥିଲା ଓ ଆଜିକାଲି ମଧ୍ୟ ଯାହାସବୁ ଆବାଦ ଅଛି ସେଠାରେ ତଥାକଥିତ

ଓ୍ୱଲେମାମାନଙ୍କର ଭୁଲ୍ ସ୍ଲୋଗାନ୍ ଓ ଭୁଲ୍ କାର୍ଯ୍ୟ ସେଗୁଡିକୁ ଶାନ୍ତିର ସ୍ଥାନ ପରିବର୍ତେ ବିଭ୍ରାଟର ସ୍ଥାନ ବନାଇଦେଇଛି । ପୁଣି ଆପଣ ଆ:ସ କହୁଛନ୍ତି କି ''...ରସୁଲେ କରିମ୍ ସ:ଆ:ସଙ୍କର ଛୋଟିଆ ମସ୍‌ଜିଦ୍‌ଟିଏ ଥିଲା । ଖଜୁରୀ ଡାଳରେ ତାର ଛାତ ତିଆରି ହୋଇଥିଲା ଓ ବର୍ଷା ସମୟରେ ଛାତରୁ ପାଣି ପଡୁଥିଲା....'' କିନ୍ତୁ କଣ ସେଠାରେ କାମ ହେଲା । କହୁଛନ୍ତି କି ''.... ମସ୍‌ଜିଦ୍‌ର ସୌନ୍ଦର୍ଯ୍ୟ ନମାଜିଙ୍କ ସହିତ ନିହିତ'' ପୁଣି କହୁଛନ୍ତି ''....ମସ୍‌ଜିଦ୍ ନିମନ୍ତେ ଏ ନିର୍ଦ୍ଦେଶ ରହିଛି କି (ତାହା) ତକ୍‌ୱା ପାଇଁ ନିର୍ମାଣ କରାଯାଉ'' । (ମଲ୍‌ଫୁଜାତ୍, ଖଣ୍ଡ-୮, ପୃଷ୍ଠା-୧୭୦, ଏଡ଼ିଶନ୍ - ୧୯୮୫, ମୁଦ୍ରଣ- ଇଂଲିସ୍ ସ୍ଥାନ) ତେଣୁ ଯଦି ନିଷ୍ଠାର ସହିତ ନମାଜ ପଢ଼ିବେ ଓ ତକ୍‌ୱା ଉପରେ ପରିଚାଳିତ ହୋଇ ଏ ମସ୍‌ଜିଦ୍‌କୁ ଆବାଦ ରଖିବେ ତେବେ ଉପାସନା ମଧ୍ୟ ଗ୍ରହଣୀୟ ହେବ ଏବଂ ଅଣମୁସ୍‌ଲିମ୍ ମାନଙ୍କ ମଧ୍ୟରେ ସଠିକ୍ ରୂପେ ଇସ୍‌ଲାମ୍‌ର ତବ୍‌ଲିଗ୍ ହୋଇପାରିବ । ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ଅବସରରେ କହିଛନ୍ତି କି ଯିଏ ଆମ ମସ୍‌ଜିଦ୍‌ରେ ଏ ନିୟତ ରଖି ପ୍ରବେଶ କରିବ କି ଭଲ କଥା ଶିଖିବ ସେ ଅଲ୍ଲାଃତାଲାଙ୍କ ମାର୍ଗରେ ଜିହାଦ୍ କରୁଥିବା ବ୍ୟକ୍ତିଙ୍କ ପରି ହେବ । (ମସନଦ୍ ଅହେମଦ୍ ହମ୍ବଲ୍, ଖଣ୍ଡ-୩, ପୃଷ୍ଠା-୩୨୨, ମସ୍‌ନଦ୍ ଅବି ହୁରେରା, ହଦିସ୍ ନଂ-୮୫୮୭, ଆଲିମୁଲ୍ କୁତୁବ୍, ବେରୁତ୍ ୧୯୯୮) । ସୁତରାଂ ଏହା ହେଉଛି ଜଣେ ବାସ୍ତବିକ ମୁସଲ୍‌ମାନ୍‌ର ଉଦ୍ଦେଶ୍ୟ ଓ ଲକ୍ଷ୍ୟ । ଆଜିକାଲି ଇସ୍‌ଲାମ୍‌କୁ ବଦନାମ୍ କରାଯାଉଛି କି ଇସ୍‌ଲାମ୍ ଜିହାଦ୍‌ର ଶିକ୍ଷା ଦେଉଛି ଓ କିଛି ମୁସଲ୍‌ମାନ୍ ମାନଙ୍କ କାର୍ଯ୍ୟ ମଧ୍ୟ ଏହି ବଦ୍‌ନାମୀରେ ସାମିଲ୍ ହେଉଛି । କିନ୍ତୁ ପ୍ରକୃତ ମୋମିନ୍‌ର କାର୍ଯ୍ୟ ହେଉଛି ଏହା କି ସେ ପୁଣ୍ୟ ଶିଖୁ, ପୁଣ୍ୟ ଉପରେ ଅମଳ କରୁ ଓ ପୁଣ୍ୟକୁ ପ୍ରସାର ପ୍ରଚାର କରୁ । ତେବେ ସେ ଏପରି ହୋଇଯିବ ଯେପରି ଜିହାଦ୍ କରୁଅଛି । ତେଣୁ ଆଜିକାଲି ଏପରି ଜିହାଦ୍ କରିବା ଆମ ଅହେମଦୀ ମାନଙ୍କର କାର୍ଯ୍ୟ ଅଟେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବାରମ୍ବାର ଆମକୁ ପୁଣ୍ୟ ଉପରେ ପରିଚାଳିତ ହେବ ଓ ତକ୍‌ୱା ଉପରେ ଚାଲିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ସୁତରାଂ ଗୋଟିଏ ସ୍ଥାନରେ ଆପଣ ଆ:ସ କହୁଛନ୍ତି କି -

''ଏ ଓ୍ୱସିୟତ୍‌କୁ ଧ୍ୟାନର ସହିତ ଶୁଣନ୍ତୁ.....'' କହୁଛନ୍ତି ''.....ଏହି ଓ୍ୱସିୟତ୍‌କୁ ଧ୍ୟାନର ସହିତ ଶୁଣନ୍ତୁ କି ଯିଏ ଏ ସିଲ୍‌ସିଲାରେ ଦାଖିଲ ହୋଇ ମୋ ସହିତ ସୁସମ୍ପର୍କ ରଖିବାର ଇଛା ରଖିଛି ଓ ମୋର ଶିଶ୍ୱତ ଗ୍ରହଣ କରିବାର ଅଭିଳାସା ରଖିଛି ତାଠାରୁ ଏ ଆଶା କରାଯାଉଛି ଯେ ସେ ପୁଣ୍ୟ ଓ ସତ୍ୟନିଷ୍ଠାର ଉଚ୍ଚତମ ସ୍ତର ପର୍ଯ୍ୟନ୍ତ ପହଂଚିଯାଉ ଓ କୌଣସି ପ୍ରକାର ବିଭ୍ରାଟ, ଦୁଷ୍ଟାମୀ ଓ ଖରାପ ଚାଲିଚଳଣ ତା ନିକଟକୁ ନଆସିପାରୁ । ସେ ପାଂଚବେଳା ନମାଜକୁ ଜମାତ୍ ସହିତ ନିୟମିତ ପାଠ କରୁ । ସେ ମିଛି ନକହୁ ଓ ସେ କୌଣସି ବ୍ୟକ୍ତିକୁ ମୁହଁ ଦ୍ୱାରା ଦୁଃଖ ନପହଂଚାଉ'', କୌଣସି କଷ୍ଟ ନପହଂଚାଉ । ''....ସେ କୌଣସି ପ୍ରକାରର କୁକାର୍ଯ୍ୟରେ ନପଡିଯାଉ ଓ କୌଣସି ଦୁଷ୍ଟାମୀ, ଅତ୍ୟାଚାର, ବିଭ୍ରାଟ ଏବଂ ଫିତ୍‌ନାର ଭାବନା ମଧ୍ୟ ତା ହୃଦୟରେ ନଆଣୁ'' । କହୁଛନ୍ତି ''ସୁତରାଂ ପ୍ରତ୍ୟେକ ପ୍ରକାରର ପାପ ଏବଂ ଅପରାଧ ଏବଂ ନାକରଦ୍‌ନି ଏବଂ ନା ଗୁଫ୍‌ତନି ଅର୍ଥାତ୍- ପ୍ରତ୍ୟେକ ପ୍ରକାରର ନକରିବା ଯୋଗ୍ୟ କାର୍ଯ୍ୟ ଏବଂ ନକହିବା ଯୋଗ୍ୟ କଥା.....'' ଅର୍ଥାତ୍ କୌଣସି ପ୍ରକାରର କୁକାର୍ଯ୍ୟ ପରିପ୍ରକାଶ ତାଙ୍କ ଦ୍ୱାରା ନହେଉ । ''......ଓ ସମସ୍ତ ପ୍ରକାରର କାମନା ଓ ବେକାର୍ କାର୍ଯ୍ୟରୁ ବଂଚିତ ରୁହ । ଖୁଦାତାଲାଙ୍କ ନିମନ୍ତେ ପବିତ୍ର ଆତ୍ମା, ଅଦୁଷ୍ଟତା ଏବଂ ଦରିଦ୍ର ପ୍ରକୃତିର ଭକ୍ତ ହୋଇଯାଅ । ତାଙ୍କ ନିକଟରେ କୌଣସି ପ୍ରକାରର ବିଷତତ୍ୱର ଅସ୍ତିତ୍ୱ ନରହୁ ।....ଏବଂ ମାନବଜାତି ସହିତ ସହାନୁଭୁତି ତାଙ୍କର ସିଦ୍ଧାନ୍ତ ହେଉ ଏବଂ ଖୁଦାତାଲାଙ୍କୁ ଡରନ୍ତୁ ଏବଂ ନିଜ ମୁହଁ ଓ ହାତ ଓ ମନର ଭାବନାକୁ ପ୍ରତ୍ୟେକ ପ୍ରକାର ଅପବିତ୍ର ଓ ବିଭ୍ରାଟମୂଳକ ଶୈଳୀ ଏବଂ ଖୟାନତ୍‌ରୁ ବଂଚାନ୍ତୁ । ପାଂଚବେଳା ନମାଜକୁ ସତର୍କତାର ସହିତ ନିୟମିତ କାଏମ୍ କରନ୍ତୁ । ଅତ୍ୟାଚାର୍, ଉଲଙ୍ଘନ, ଆତ୍ମସାତ୍, ଘୁସ୍‌ଖୋରୀ, ଅନ୍ୟର ହକ୍ ମାରିବା ଏବଂ ଅନ୍ୟାୟାସ ତରଫଦାରୀରୁ ନିବୃତ ରୁହ.....'' ଏବଂ କୌଣସି କୁସଙ୍ଗ ବସନ୍ତୁ ନାହିଁ ।'' (ମଜ୍‌ମୁଆ ଇସ୍ତେହାରାତ୍, ଖଣ୍ଡ-୩, ପୃଷ୍ଠା-୪୬-୪୭, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) । ବିଶେଷ ରୂପେ ଯୁବକମାନଙ୍କୁ ଏଥିପ୍ରତି ଧ୍ୟାନଦେବା ଉଚିତ୍ ଏବଂ ବଦ୍ ସୋହବତ୍ (କୁସଙ୍ଗ) ନିମନ୍ତେ ଆଜିକାଲି ଅନେକ ପ୍ରକାରର ନୂଆ ନୂଆ ମାଧ୍ୟମ ରହିଛି ଯାହା ସୋସିଆଲ୍ ମିଡିଆରେ ଓ ଅନ୍ୟ ମାଧ୍ୟମ ଜରିଆରେ ଭୁଲ୍ କଥା ହେଉଅଛି । ଏହା ସବୁ ହେଉଛି ବଦ୍ ସୋହବତେ (କୁସଙ୍ଗତା) ସେଥିରୁ ବଂଚିବା ପାଇଁ ଚେଷ୍ଟା କରିବା ଉଚିତ୍ ।

ବର୍ତମାନ ଏଠାକୁ ପାକିସ୍ତାନ୍‌ରୁ ଅନେକ ଲୋକ ଆଜାଇଲମ୍‌ରେ ଆସି ବସବାସ କରୁଛନ୍ତି ବା ରିଫ୍ୟୁଜି ହୋଇ ଆସିଛନ୍ତି । ସେମାନଙ୍କ ପାଇଁ ଉପରୋକ୍ତ କଥାଗୁଡିକ ପ୍ରତି ଧ୍ୟାନ ଦେବା ବହୁତ ଆବଶ୍ୟକ । ପ୍ରତ୍ୟେକ ଅହେମଦୀଙ୍କ ସମ୍ମୁଖରେ କେବଳ ଏ ସାଂସାରିକ ଖୁସି, ମଜ୍ଜା, ଭୋଗବିଳାସ ରହିବା ଉଚିତ୍ ନୁହେଁ ବରଂ ପରକାଳର ଚିନ୍ତା ରହିବା ଉଚିତ୍ । ସେଠିକାର ପୁରସ୍କାର ଓ ଲାଭଗୁଡିକ ସଦାସର୍ବଦା ରହିବ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ଯାଗାରେ କହୁଛନ୍ତି କି -

''ଖୁଦାତାଲା ମଧ୍ୟ ମଣିଷା କର୍ମର ରୋଜ୍‌ନାମ୍‌ଚା (ଦୈନିକ ହିସାବପତ୍ର) ବନାଇଥାଏ ।....'' ପ୍ରତ୍ୟେକ ଦିନ କର୍ମ ଗୁଡିକ (ର ବିବରଣୀ) ଲେଖାଯାଏ । କହୁଛନ୍ତି କି ''....ସୁତରାଂ ମନୁଷ୍ୟକୁ ମଧ୍ୟ ନିଜ ଅବସ୍ଥାର ଗୋଟିଏ ରୋଜ୍‌ନାମ୍‌ଚା ପ୍ରସ୍ତୁତ କରିବା ଉଚିତ୍.....'' । ମନୁଷ୍ୟ ନିଜେ ଏ ଚେଷ୍ଟା କରି ଦେଖିବା ଉଚିତ୍ କି ଆଜି ଦିନଯାକରେ ମୁଁ କେତେ ପୁଣ୍ୟ କରିଛି ଓ କଣ କଣ ଖରାପ କାର୍ଯ୍ୟ କରିଛି । କେଉଁ ସବୁ କଥା ଉପରେ ଓ ପୁଣ୍ୟ ଉପରେ ପରିଚାଳିତ ହୋଇଛଇ ଓ କାହା ଉପରେ ହୋଇନାହିଁ । କହୁଛନ୍ତି ''.... ଏବଂ ଏ ବିଷୟରେ ଚିନ୍ତା କରିବା ଉଚିତ୍....'' କେବଳ ପ୍ରସ୍ତୁତ କରିଦେବା ଉଚିତ୍ ନୁହେଁ ବରଂ ଚିନ୍ତା କରନ୍ତୁ । ତେବେଯାଇ ମନୁଷ୍ୟ ପୁଣ୍ୟ ଆଡକୁ ଯାଇପାରିବ । ଅଲ୍ଲାଃତାଲାଙ୍କ ନିକଟରେ ହିଦାୟତ୍ ୟାଫ୍‌ତା (ସତ୍‌ପଥଗାମୀ) ହୋଇପାରିବେ । କହୁଛନ୍ତି ''.... ଅର୍ଥାତ୍ ପୁଣ୍ୟ ମାର୍ଗରେ କେତେ ମାତ୍ରାରେ ଆଗକୁ ପାଦ ବଢ଼ାଇଛ....'' । ଏହା ଦେଖନ୍ତୁ ''....ମଣିଷର ଆଜି ଏବଂ କାଲି ସମାନ ହେବା ଉଚିତ୍ ନୁହେଁ ଯାହାର ଆଜି ଓ କାଲି ଏ ଦୃଷ୍ଟିକୋଣରୁ ସମାନ ହୋଇଗଲା ଅର୍ଥାତ୍ ପୁଣ୍ୟରେ (କିଛି) ଉନ୍ନତି କରିନାହିଁ ତେବେ ସେ କ୍ଷତିରେ ରହିଲା....'' । କହୁଛନ୍ତି ଯଦି ସମାନ ହୋଇଗଲା ତେବେ କୌଣସି ଲାଭନାହିଁ । ଏହା ତ କ୍ଷତି ଅଟେ । ''.... ମନୁଷ୍ୟ ଯଦି ଇଶ୍ୱରଙ୍କୁ ମାନିବାବାଲା ଓ ତା ଉପରେ ସମ୍ପୂର୍ଣ୍ଣ ଭରଷା ରଖିବାବାଲା ହେବ ତେବେ ତାକୁ କଦାପି ନଷ୍ଟ କରାଯିବନାହିଁ'' । (ମଲ୍‌ଫୁଜାତ୍, ଖଣ୍ଡ-୧୦, ପୃଷ୍ଠା-୧୩୭-୧୩୮, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ୍ । ତେଣୁ ଏହା ବହୁତ ଚିନ୍ତା କରିବାର ସ୍ଥାନ ଯେହେତୁ ଅଲ୍ଲାଃତାଲା ଆମ ଉପରେ କରୁଣା ଅବତୀର୍ଣ୍ଣ କରୁଛନ୍ତି । ତେଣୁ ତାର କୃତଜ୍ଞତା ଜ୍ଞାପନ କରିବା ଆମପାଇଁ ଧାର୍ଯ୍ୟ ଅଟେ । ସୁତରାଂ ଏପରି ଲୋକ ଯେଉଁମାନେ ନିଜର ସାଂସାରିକ କାରବାର ଯୋଗୁ ଇଶ୍ୱରଙ୍କ ହକକ୍‌କୁ ଓ ନିଜର ଉପାସନାକୁ ଭୁଲିଯାଇଛନ୍ତି ବା ସେଥିପ୍ରତି କୌଣସି ଧ୍ୟାନ ରଖୁନାନାହାଁନ୍ତି । ସେମାନେ ନିଜ ନିଜର ଅନୁଧ୍ୟାନ କରିନିଅନ୍ତୁ କି ଆମର ବୟତ କରିବାର ପ୍ରତିଶୃତି କଣ ଓ ଆମେ କରୁଛୁ କଣ । ଯେଉଁମାନେ ଏଠାକୁ ନୂଆ ଆସିଛନ୍ତି ସେମାନେ ମଧ୍ୟ ମନେରଖିବା ଉଚିତ୍ କି ସଂସାରରେ ବୁଡି ରହିବା ଉନ୍ନତି ନୁହେଁ ବରଂ ଅବନତି । ସେମାନଙ୍କୁ ସର୍ବଦା ଏକଥାକୁ ସମ୍ମୁଖରେ ରଖିବା ଉଚିତ୍ କି ସେମାନେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବାବାଲା ହୁଅନ୍ତୁ, ମସ୍‌ଜିଦ୍‌ର ହକ୍ ଏବଂ ଅଲ୍ଲାଃଙ୍କ ଉପାସନାର ହକ୍‌କୁ ପ୍ରଦାନ କରିବାବାଲା ହୁଅନ୍ତୁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କର ଆଉଗୋଟିଏ ଇକ୍‌ତେବାସ୍ (ପାରା) ଉପସ୍ଥାପନ କରୁଅଛି ।

''ମନେରଖ ଆମ ଜମାତ୍ ଏଇଥିପାଇଁ ହୋଇନାହିଁ ଯେପରି ସାଧାରଣ, ସାଂସାରିକ ଲୋକ ଜୀବନ ବିତାଇଥାଏ । କେବଳ ମୁହଁରୁ ଏହା କହିଦେବା କି ଆମେ ଏହି ସିଲ୍‌ସିଲାରେ ଦାଖଲ୍ ହୋଇଛୁ ଓ ଅମଳ କରିବାର ଆବଶ୍ୟକତାକୁ ନବୁଝିବେ ଯେପରି ଦୁର୍ଭାଗ୍ୟ ବଶତଃ ମୁସଲ୍‌ମାନଙ୍କର ଅବସ୍ଥା ରହିଛି କି ଯଦି ତାଙ୍କୁ ପଚରାଯାଏ ତୁମେ କଣ ମୁସଲ୍‌ମାନ୍ ? ଏଥିରେ ସେ କହିଥାନ୍ତି-ଶୁକର୍ ଅଲ୍‌ହମ୍‌ଦୋଲିଲ୍ଲାଃ । କିନ୍ତୁ ନମାଜ ପଢ଼ନ୍ତି ନାହିଁ । ଶାଏରୁଲ୍ଲାଃ (ଇଶ୍ୱରଙ୍କ ନିଦର୍ଶନ) ର ସମ୍ମାନ କରନ୍ତି ନାହିଁ । ସୁତରାଂ ମୁଁ ତୁମଠାରୁ ଏ ଆଶା କରୁନାହିଁ କି କେବଳ ମୁହଁରେ ଏକଥା କୁହ ଓ କିଛି କାର୍ଯ୍ୟରେ କରି ଦେଖାଅ ନାହିଁ । ଏହା ହେଉଛି ନିକମାଙ୍କର ଅବସ୍ଥା । ଖୁଦାତାଲା ଏହାକୁ ପସନ୍ଦ କରନ୍ତି ନାହିଁ ଓ ସଂସାର ଏ ଅବସ୍ଥାର ଆବଶ୍ୟକତାକୁ ଦେଖି ଖୁଦାତାଲା ମୋତେ ଇସ୍‌ଲାହ୍ କରିବା ପାଇଁ ଛିଡା କରାଇଛନ୍ତି । ତେଣୁ ବର୍ତମାନ ଯଦି କୈଣସି ବ୍ରକ୍ତି ମୋ ସହିତ ସମ୍ପର୍କ ରଖି ମଧ୍ୟ ନିଜ ଅବସ୍ଥାରେ ସୁଧାରା ଆଣୁନାହିଁ ଓ କାର୍ଯ୍ୟ କରିବାର ସାମର୍ଥ୍ୟରେ ଉନ୍ନତି ଆଣୁନାହିଁ ବରଂ ମୁହଁରେ କହିଦେବା ହିଁ ଯଥେଷ୍ଟ ମଣୁଛି ଏହାଦ୍ୱାରା ସେ ନିଜର କର୍ମ ଜରିଆରେ ମୋର ଅନାବଶ୍ୟକତା ଉପରେ ଜୋର୍ ଦେଉଅଛି ।....''

କାର୍ଯ୍ୟ ସାମର୍ଥ୍ୟରେ ଉନ୍ନତି ଆଣିବା ହେଉଛି ଏହା ଯେପରିକି ବର୍ଣ୍ଣନା ହୋଇସାରିଛି ଯେ ଅଲ୍ଲାଃତାଲାଙ୍କର ହକ୍‌କୁ ପ୍ରଦାନ କରିବା, ଉପାସନାର ମଧ୍ୟ ହକ୍‌କୁ ପ୍ରଦାନ କରିବା ଓ ତା ସୃଷ୍ଟଜଙ୍କ ହକ୍‌କୁ ମଧ୍ୟ ପ୍ରଦାନ କରିବା, ଅଲ୍ଲାଃତାଲାଙ୍କର ବାର୍ତାକୁ ସଂସାରରେ ପହଂଚାଇବା । କହୁଛନ୍ତି ''.... ପୁଣି ତୁମେ ଯଦି ନିଜ କାର୍ଯ୍ୟ ଦ୍ୱାରା ପ୍ରମାଣ କରିବାକୁ ଚାହୁଁଛ କି ମୋର ଆସିବା ହେଉଛି। ନିରର୍ଥକ ତେବେ ପୁଣି ମୋ ସହିତ ସମ୍ପର୍କ ରଖିବାର ଅର୍ଥ କଣ ? ଯଦି ମୋ ସହିତ ସମ୍ପର୍କ ସୃଷ୍ଟି କରୁଅଛ ତେବେ ମୋର ଉଦ୍ଦେଶ୍ୟ ଓ ଲକ୍ଷକୁ ମଧ୍ୟ ପୂରଣ କର ଏବଂ ତାହା ହେଉଛି ଏପରି କି ଇଶ୍ୱରଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିଭାବକୁ ଦେଖାଅ ଓ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ଏପରି ପରିଚାଳିତ ହୁଅ ଯେପରି ରସୁଲୁଲ୍ଲାଃ ସ:ଆ:ସ ପରିଚାଳିତ ହୋଇ (ଆଦର୍ଶ) ଦେଖାଇଛନ୍ତି ଓ ସାହାବାମାନେ କରିଛନ୍ତି । ପବିତ୍ର କୋରାନ୍‌ର ସଠିକ୍ ଅଭିପ୍ରାୟାକୁ ଜାଣ ଓ ତା ଉପରେ ଅମଳ କର । ଇଶ୍ୱରଙ୍କ ନିକଟରେ ଏତିକି କଥା ଯଥେଷ୍ଟ ହୋଇପାରେନା କି ମୁହଁରେ ମାନିନେବା ଓ କାର୍ଯ୍ୟରେ କୌଣସି ଆଲୋକ ଓ କର୍ମପ୍ରବଣତା ନମିଳିବା । ମନେରଖ କି ଇଶ୍ୱର ଯେଉଁ ଜମାତ୍‌କୁ ସ୍ଥାପନ କରିବାକୁ ଚାହୁଁଛନ୍ତି ତାହା କର୍ମବିନା ଜିବୀତ ରହିପାରିବ ନାହିଁ....'' ଜମାତ୍ ବିନା କୌଣସି କାମରେ ଜୀବିତ ରହିପାରିବ ନାହିଁ । ''.... ଏହା ଏପରି ମହାନ୍ ଜମାତ୍ ଅଟେ ଯାହାର ପ୍ରସ୍ତୁତି ହଜ୍‌ରତ୍ ଆଦମ୍‌ଙ୍କ ସମୟଠାରୁ ଆରମ୍ଭ ହୋଇଛି । କୌଣସି ନବୀ ଏ ସଂସାରକୁ ଆସିନାହାଁନ୍ତି ଯିଏ ଏହି ଦାଓ୍ୱତ୍ (ନିମନ୍ତ୍ରଣ)ର ଖବର ନଦେଇଥିବେ । ସୁତରାଂ ଏହାର ସମ୍ମାନ କର । ଏହାର ସମ୍ମାନ ହେଉଛି ଏହା କି ନିଜ କାର୍ଯ୍ୟଦ୍ୱାରା ପ୍ରମାଣ କରି ଦେଖାଓ କି ଅହ୍‌ଲେ ହକ୍ (ସତ୍ୟପ୍ରଦାନକାରୀ)ଙ୍କ ଗୋଷ୍ଠୀ ତୁମେ ହିଁ ହୁଅ ।'' (ମଲ୍‌ଫୁଜାତ୍, ଖଣ୍ଡ-୩, ପୃଷ୍ଠା-୩୭୦-୩୭୧, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ସୁତରାଂ ଏହା କୌଣସି ସହଜ କାର୍ଯ୍ୟ ନୁହେଁ । ବହୁତ ଚିନ୍ତାର ସହିତା ଏଥିପ୍ରତି ଧ୍ୟାନଦେବାର ଆବଶ୍ୟକତା ରହିଛି । ସର୍ବଦା ମନେରଖିବା ଉଚିତ୍ କି ଏ ସଂସାର ଓ ସଂସାରର ଧନଦୌଲତ ଆମର ଓ ଆମର ଆସନ୍ତା ପିଢ଼ୀର ଉନ୍ନତିର ଜମାନତ୍ ନୁହେଁ । ବରଂ ଏ ଦୁଇଲୋକରେ ଅଲ୍ଲାଃତାଲାଙ୍କ କୃପା ଏବଂ କରୁଣାକୁ ହାସଲ କରିବା ପାଇଁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବା ହେଉଛି ଉନ୍ନତି କରିବାର ଜମାନତ୍ । ତା ନିର୍ଦ୍ଦେଶ ଗୁଡିକ ଉପରେ ପରିଚାଳିତ ହେବା ହେଉଛି ଉନ୍ନତିର ଜମାନତ୍ । ଅଲ୍ଲାଃତାଲା ପ୍ରତ୍ୟେକକୁ ତାହା ମୁତାବକ ଜୀବନ ବିତାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଯେପରିକି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ସମୟରେ ସାଧାରଣତଃ ମୁଁ ମସ୍‌ଜିଦ୍‌ର କିଛିମାତ୍ରାରେ ତଫ୍‌ସିଲ୍ ମଧ୍ୟ ବର୍ଣ୍ଣନା କରିଥାଏ । ତେଣୁ ଏ ମସ୍‌ଜିଦ୍ ସମ୍ବନ୍ଧରେ ମଧ୍ୟ କିଛି ବର୍ଣ୍ଣନା କରିବି । ଏହି ମସ୍‌ଜିଦ୍‌ର ଅଟ୍ଟାଳିକା ନିମନ୍ତେ ୨୦୦୭ ମସିହାରେ ଜମି କିଣାଯାଇଥିଲା । ପୁଣି ପାଖାପାଖି ଛଅବର୍ଷ ପରେ ୨୦୧୩ ମସିହାରେ ଏଠାରେ କାମ ଆରମ୍ଭ ହେଲା । ପୁଣି ମଝିରେ ମଝିରେ କିଛିଟା ଉଚିତ୍ ଓ ଅନୁଚିତ୍ ପ୍ରତିବନ୍ଧକ ଆସିଚାଲିଲା ଯେଉଁଥିପାଇଁ ଏବେଯାଇ ଏ ମସ୍‌ଜିଦ୍‌ଟି ଏବର୍ଷ ସମ୍ପୂର୍ଣ୍ଣ ହେଲା ଓ ଯେପରିକି ମୁଁ ବତାଇସାରିଛି ଯେ ୮.୧ ମିଲିୟନ୍ ଡଲାର୍ ଖର୍ଚ୍ଚ ହୋଇଥିଲା । ସେଥିମଧ୍ୟରୁ ଫ୍ଲାଡଲ୍‌ଫିୟାର ସ୍ଥାନୀୟ ଜମାତ୍ ୨ମିଲିୟନ୍ ୪ଲକ୍ଷ ୩୫ହଜାର୍‌ରୁ ଅଧିକା କିଛି ଡଲାର ପ୍ରଦାନ କରିଛନ୍ତି । ଏକ ମିଲିୟନ୍ ଦୁଇଲକ୍ଷ ତେୟାଳିଶି ହଜାର୍‌ରୁ ଅଧିକା ଆମେରିକାର ବାକି ଜମାତ୍ ଗୁଡିକ ଏଥିପାଇଁ ପ୍ରଦାନ କରିଛନ୍ତି ଏବଂ ଚାରି ମିଲିୟନ୍ ଚାରି ଲକ୍ଷ୍ୟ ଅଠସ୍ତରୀ ହଜାର୍‌ରୁ କିଛି ଅଧିକା ନ୍ୟାସ୍‌ନାଲ୍ ହେଡ୍ କ୍ୱାର୍ଟର୍ ପ୍ରଦାନ କରିଛି । ପାଖାପାଖି ଅଧାରୁ ଅଧିକା ନ୍ୟାସ୍‌ନାଲ୍ ହେଡ୍ କ୍ୱାର୍ଟର୍‌ର ଅର୍ଥ । ପ୍ରଥମେ କେବଳ ଦୁଇ ଏକର ଜମି ନିଆଯାଇଥିଲା । ପୁଣି ପରେ ଆଉଗୋଟିଏ ଏକର ଜମି କିଣାଗଲା । ପୁଣି ୨୦୧୫ରେ କୌଣସି ଜଣେ ଗଏର୍ ମୁସ୍‌ଲିମ୍ ବୋଧହୁଏ ଇସାଇ, ସେ ଜମି ସହିତ ସଂଲଗ୍ନ ନିଜର ୩/୪ ଏକର ପ୍ଲଟ୍ ଜମାତ୍‌କୁ ଦାନ କରିଦେଲେ, ଯାହା ବି ତାଙ୍କର ସାଂସାରିକ ଉଦ୍ଦେଶ୍ୟ ଥିଲା । କିନ୍ତୁ ସେ ଯାହାହେଉ ଜମାତ୍‌କୁ ସେ ଚ୍ୟାରିଟିରେ ପ୍ରଦାନ କରିଦେଲେ । ବର୍ତମାନ ଏହାର ମୋଟ କ୍ଷେତ୍ରଫଳ ହେଉଛି ୪ଏକର ଯେପରିକି ମୁଁ ପୂର୍ବରୁ କହିଥିଲି କି ଏଠାରେ ହାଉସିଂ ସ୍କିମ୍ ବା ଫ୍ଲାଟ୍ ଇତ୍ୟାଦି ନିର୍ମାଣ କରାଯାଇ ପାରିବ । ଏହି ଅଟ୍ଟାଳିକାଟିର Covered Area ହେଉଛି ୨୧୪୦୦ ବର୍ଗଫୁଟ୍ । ତିନିମହଲା ବିଶିଷ୍ଟ ଅଟ୍ଟାଳିକା, ବେସ୍‌ମେଂଟ୍‌ରେ ଗୋଟିଏ କମର୍‌ସିଆଲ୍ କିଚେନ୍ ରହିଛି, ମଧ୍ୟମ ମହଲାରେ ମୁବଲିଗ୍‌ଙ୍କ ରହିବା ନିମନ୍ତେ ଗୋଟିଏ ଆପାର୍ଟ୍‌ମେଂଟ୍ ନିର୍ମାଣ କରାଯାଇଛି । ଉପର ମହଲାରେ କାର୍ଯ୍ୟାଳୟ ଓ ଲାଇବ୍ରେରି ବନାଯାଇଛି । ଗୋଟିଏ ମସ୍‌ଜିଦ୍ ପାଇଁ ଓ ଦ୍ୱିତୀୟ ଭାଗଟି ମଧ୍ୟ ଦୁଇମହଲା ବିଶିଷ୍ଟ ରହିଛି । ପୁରୁଷ ଓ ମହିଳାମାନଙ୍କ ପାଇଁ ଗୋଟିଏ ବଡ ହଲ୍ ରହିଛି ଯାହା ପାଂଚହଜାର୍ ବର୍ଗଫୁଟ ବିଶିଷ୍ଟ ଅଟେ । ଏହାକୁ ମଧ୍ୟ ପାର୍ଟିସନ୍ କରି ଦୁଇଟି ଭାଗରେ ବିଭକ୍ତ କରାଯାଇଛି । ୩୫୦ ପାଖାପାଖି ପୁରୁଷ ଏବଂ ୩୫୦ ପାଖାପାଖି ମହିଳାଙ୍କ ନିମନ୍ତେ ନମାଜ ପଢ଼ିବା ପାଇଁ ଏଥିରେ ସ୍ଥାନ ଅଛି । ଅଟ୍ଟାଳିକାଟିର ଏହି ଭାଗରେ ପୁରୁଷ ଓ ମହିଳାମାନଙ୍କ ନିମନ୍ତେ ଅଲଗା ଅଲଗା ଓ୍ୱାସ୍‌ରୁମ୍ ନିର୍ମାଣ କରାଯାଇଛି । ବାକି ଆବଶ୍ୟକତା ପାଇଁ ମଧ୍ୟ ରହିଛି । ଛଅହଜାର ବର୍ଗଫୁଟ୍‌ର Multi purpose hall ମଧ୍ୟ ଅଛି ଯେଉଁଠି ୭୦୦ ଲୋକ ବସିପାରିବେ ଏବଂ ଖେଳମଧ୍ୟ କରାଯାଇପାରିବ । ଜମାତି ଦଫତର୍ ମଧ୍ୟ ରହିଛି । ୪୦ଟି ଗାଡି ରହିବା ପାଇଁ ପକ୍କା ଚଟାଣ ବିଶିଷ୍ଟ ପାର୍କିଂ ନିର୍ମାଣ କରାଯାଇଛି । ମୋଟ ୮୬ଟି ଗାଡି ଅଧିକା ମଧ୍ୟ ଏଠାରେ ରହିପାରିବ ।

ଅଲ୍ଲାଃତାଲା କରନ୍ତୁ କି, ଯେପରିକି ଅଲ୍ଲାଃତାଲା ମସ୍‌ଜିଦ୍ ନିର୍ମାଣର ଉଦ୍ଦେଶ୍ୟ ବର୍ଣ୍ଣନା କରିଛନ୍ତି, ଯାହା ମୁ ବର୍ତମାନ ବର୍ଣ୍ଣନା କଲି, ପ୍ରତ୍ୟେକ ଅହେମଦୀ ଏହି ଉଦ୍ଦେଶ୍ୟକୁ ପୁରଣ କରିବା ବାଲା ହୁଅନ୍ତୁ ଏବଂ ଏହି ମସ୍‌ଜିଦ୍‌ଟି ଏ ଇଲାକାରେ ଇସ୍‌ଲାମ୍‌ର ପ୍ରକୃତ ବାର୍ତା ପହଂଚାଇବାର ମାଇଲ୍ ଖୁଂଟ ସାବ୍ୟସ୍ତ ହେଉ ।

# ଖୁତ୍‌ବା ଜୁମା

●ଯଦି ବଦ୍‌ଜନି (କୁଧାରଣା) ଦୂର ହୋଇଯିବ ତେବେ ଆମ ସମାଜର ଅଧା ବିଭ୍ରାଟ, ଝଗଡ଼ା ଓ ବିଦ୍ୱେଶ ଭାବ ଦୂର ହୋଇଯିବ, ଏକତା ସୃଷ୍ଟି ହୋଇଯିବ ●ଉପାସନା ଏବଂ ଦୁଆ ଗ୍ରହଣୀୟ ହେବାର ମୂଳ ଜିନିଷ ହେଉଛି ଏହା କି ମନୁଷ୍ୟ ଖରାପ କାର୍ଯ୍ୟରୁ ନିବୃତ ରହିବ ଓ ପୁଣ୍ୟ କାର୍ଯ୍ୟକୁ ଆପଣେଇବ, ଏହା ହେଉଛି ତକ୍‌ୱା●କେବଳ ବିଶ୍ୱାସ କାମରେ ଆସିବନାହିଁ । ଅସଲ ଜିନିଷ ହେଉଛି ଅମଲ୍ । ତା ପାଇଁ ଆମକୁ ଚେଷ୍ଟା କରିବାକୁ ହେବ । ସୁତରାଂ ଇସ୍‌ଲାମ୍ ଆଣିବା ଯଥେଷ୍ଟ ନୁହେଁ, ଅହେମଦୀ ହେବା ଯଥେଷ୍ଟ ନୁହେଁ । ନିଜକୁ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ମୁତାବକ ପରିଚାଳିତ କରାଇବା ଜରୁରୀ ଅଟେ●ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି କି ମୋ ସାହାବାମାନେ ହେଉଛନ୍ତି ନକ୍ଷତ୍ର ସଦୃଶ (ସେମାନଙ୍କ ମଧ୍ୟରୁ) ଯାହାଙ୍କ ପଛରେ ମଧ ତୁମେ ଅନୁସରଣ କରିବ ସେ ତୁମକୁ ପ୍ରକୃତ ରାସ୍ତା ଆଡକୁ ନେଇଆସିବେ ।

''ମନେରଖ ବର୍ତମାନ ଯାହାର ସିଦ୍ଧାନ୍ତ ସଂସାର ପ୍ରାପ୍ତ କରିବା (ତେବେ) ପୁଣି ସେ ଏ ଜମାତ୍‌ରେ ସାମିଲ୍ ରହିଛି (କିନ୍ତୁ ପ୍ରକୃତରେ) ଇଶ୍ୱରଙ୍କ ନିକଟରେ ସେ ଏ ଜମାତ୍‌ରେ ନାହିଁ । ଅଲ୍ଲାଃତାଲାଙ୍କ ନିକଟରେ ସେ ଏ ଜମାତ୍‌ରେ ସାମିଲ୍ ଅଛି ଯିଏ ସଂସାରର (ମାୟାମୋହ) ଠାରୁ ଅଲଗା ହୋଇଯାଇଛି''

''ଯିଏ କେବଳ ଖୁଦାତାଲାଙ୍କର ହୋଇଯାଏ (ଖୁଦାତାଲା) କଦାପି ତାକୁ ନଷ୍ଟ କରେନାହିଁ ବରଂ ସେ ସ୍ୱୟଂ ତାର ଦାୟିତ୍ୱ ବହନ କରିଥାଏ''

''ଏ ବୟତ ସେତେବେଳେ କାମରେ ଆସିପାରିବ ଯେତେବେଳେ ଦୀନ୍‌କୁ ଅଗ୍ରାଧିକାର ଦିଆଯିବ ଓ ସେଥିରେ ଉନ୍ନତି ଆଣିବା ପାଇଁ ଚେଷ୍ଟା ହେବ''

ଏ ବିପଦ କୌଣସି ମାମୁଲି ବିପଦ ନୁହେଁ । ଶହେବର୍ଷ ପୂର୍ବେ ଏ ସମ୍ବନ୍ଧରେ ଭବିଷ୍ୟବାଣୀ ହୋଇସାରିଛି ଓ ସେଥିରୁ ବଂଚିବା ପାଇଁ ଗୋଟିଏ ଉପାୟ ରହିଛି କି ମଣିଷ ଅଲ୍ଲାଃତାଲାଙ୍କ ଆଡକୁ ଚାଲିଆସୁ ।

*ଆଗ୍ ହୈ ପର୍ ଆଗ୍ ସେ ୱହ୍ ସବ୍ ବଚାଏ ଜାଏଁଗେ* *ଜୋ କେ ରଖ୍‌ତେ ହୈ ଖୁଦାଏ ଜୁଲ୍ ଅଜାଇବ୍ ସେ ପ୍ୟାର୍*

''ଖୁଦାତାଲାଙ୍କର କିଛି କଥାକୁ ନମାନିବା ହେଉଛି (ଏପରି) ଯେପରି ତାର ସବୁ କଥାକୁ ହିଁ ପରିତ୍ୟାଗ କରିଦେବା''

ଅଲ୍ଲାଃତାଲା କରନ୍ତୁ କି ଆମେ ବୟତ୍‌ର ହକ୍‌କୁ ପ୍ରଦାନ କରି ନିଜ ଭିତରେ ପବିତ୍ର ପରିବର୍ତନ ସୃଷ୍ଟି କରିବା

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ

## (ପ୍ରଦତ୍ତ: ୨୬ ଅକ୍ଟୋବର୍ ୨୦୧୮ ଅନୁଯାୟୀ ୨୬ ଇଖା ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ଅଲ୍ଲାଃତାଲାଙ୍କର ଆମ ଉପରେ ବହୁତ ବଡ ଅନୁଗ୍ରହ କି ସେ ଆମକୁ ତା ଦୟାରୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନିବା ପାଇଁ ସୌଭାଗ୍ୟ ପ୍ରଦାନ କରିଛି । ଆଁ ହଜ୍‌ରତ୍ ସ:ଆ:ସଙ୍କ ସେହି ସଚ୍ଚା ଦାସଙ୍କୁ ମାନିବା ପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି ଯାହାକୁ ଆଁ ହଜ୍‌ରତ୍ ସ:ଆ:ସ ''ଆମ ମେହ୍‌ଦୀ'' ଶବ୍ଦ ବ୍ୟବହାର କରି ସମ୍ବୋଧନ କରିଛନ୍ତି ବା ମନେପକାଇଛନ୍ତି । (ସୁନନେ ଦାରେ କୁତୁନି, ପ୍ରଥମ ଖଣ୍ଡ, ପୃଷ୍ଠା-୫୧, ହଦିସ୍-୧୭୭୭, କିତାବୁଲ୍ ଇଦୈନ୍.....ବେରୁତ ୨୦୦୩) । ଏହା ହେଉଛି ପ୍ରେମ ଓ ସନ୍ନିକଟତା ପରିପ୍ରକାଶର ଉଚ୍ଚତମ ସ୍ତର ଯାହାଙ୍କ ବିଷୟରେ ଆଁ ହଜ୍‌ରତ୍ ସ:ଆ:ସ 'ଆମର' କହି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ମେହ୍‌ଦୀ ମାହୁଦ୍ ଆ:ସଙ୍କୁ ପ୍ରଦାନ କରିଛନ୍ତି । ଯେଉଁଠି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ଲିଟେରେଚର୍‌ରେ ଇସ୍‌ଲାମ୍‌କୁ ଉଚ୍ଚତମ ଧର୍ମ ହେବା ବିଷୟରେ ବର୍ଣ୍ଣନା କରିଛନ୍ତି ଏବଂ ଆରୋପ ଲଗାଉଥିବା ଲୋକମାନଙ୍କ ଉପରକୁ ସେହି ଆରୋପ ଗୁଡିକ ଓଲଟାଇ ଦେଇ ଏହା ପ୍ରମାଣ କରିଛନ୍ତି ଯେ ବର୍ତମାନ ବାସ୍ତବିକ ଏବଂ ଅଲ୍ଲାଃତାଲାଙ୍କର ସନ୍ନିକଟ କରାଇବା ବାଲା ଓ ପାପରୁ ମୋକ୍ଷ ପ୍ରଦାନ କରିବାବାଲା ଯଦି କୌଣସି ଧର୍ମ ଅଛି, ଏବଂ ନିଶ୍ଚିତ ରୂପେ ଅଛି, ତେବେ ତାହା ହେଉଛି କେବଳ ଇସ୍‌ଲାମ୍, ସେଠାରେ ନିଜ ଅନୁଗାମୀ ମାନଙ୍କ ତର୍‌ବିୟତ୍ କରିବା ପାଇଁ ମଧ ଅଗଣତି ଭାଷଣ, ଲେଖା ଏବଂ ମଜ୍‌ଲିସ୍ ଗୁଡିକରେ ଅଗଣତି ଉପଦେଶ ପ୍ରଦାନ କରିଛନ୍ତି ଯାହା ଆମପାଇଁ ପାଦେପାଦେ ମାର୍ଗ ଦର୍ଶନ ଓ ହିଦାୟତ୍ ପ୍ରଦାନ କରୁଅଛି ।

ଆପଣ ଆ:ସ ନିଜର ଅନୁଗାମୀ ମାନଙ୍କୁ ବହୁତ ପୀଡାର ସହିତ ବୟତ (ଦୀକ୍ଷା)ର ହକ୍‌କୁ ପ୍ରଦାନ କରିବା ଓ ପ୍ରକୃତ ମୋମିନ୍ ହେବା ପାଇଁ ମାର୍ଗ ଦର୍ଶନ କରିଛନ୍ତି । ଏହା ହେଉଛି ଏପରି ଉପଦେଶ ଯାହାକୁ ଆମେ ନିୟମିତ ରୂପେ ନିଜ ସମ୍ମୁଖରେ ରଖିବା ଉଚିତ୍ ଏବଂ ଏହା ଆମ ଆଧାତ୍ମିକ ତର୍‌ବିୟତ୍‌ର ମାଧ୍ୟମ ଅଟେ । ଏହା ମାଧ୍ୟମରେ ଆମେ ଦୀନ୍‌ର ଜ୍ଞାନ ହାସଲ କରିପାରିବା । ଏବଂ ଏହାଦ୍ୱାରା ଆମେ ଖୁଦାତାଲାଙ୍କ ସନ୍ନିକଟ ହେବାର ରାସ୍ତା ମଧ ଖୋଜିପାରିବା । ଏହି ମାଧ୍ୟମ ଦ୍ୱାରା ଆମେ ପବିତ୍ର କୋରାନ୍‌ର ରହସ୍ୟ ଓ ତତ୍ତ୍ୱଜ୍ଞାନ ପର୍ଯ୍ୟନ୍ତ ପହଂଚିପାରିବା ଏବଂ ଏହା ମାଧ୍ୟମରେ ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦମର୍ଯ୍ୟାଦାକୁ ଚିହ୍ନିପାରିବା । ଏହା ମାଧ୍ୟମରେ ଆମେ ନିଜ ବିଶ୍ୱାସର ସ୍ତରକୁ ସଜାଡିପାରିବା ଏବଂ ଏହା ମାଧ୍ୟମରେ ଆମେ ନିଜର କର୍ମ ଅବସ୍ଥାରେ ଉନ୍ନତି ଆଣିପାରିବା । ଏହା ବଡ ଦୁର୍ଭାଗ୍ୟ ହେବ ଯଦି ଆମେ ଏପରି ସମ୍ପତି ହେବା ସତ୍ୱେ ମଧ ସେଥିରୁ ଲାଭ ନ ଉଠାଇବା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ନିଜ ଶବ୍ଦରେ ଯେଉଁ ପବିତ୍ର ଶକ୍ତି ନିହିତ ଅଛି ତାର ପ୍ରଭାବ ଅନ୍ୟ କୌଣସି ଲୋକଙ୍କ ଶବ୍ଦରେ ହୋଇନପାରେ । ଏବଂ କାହିଁକି ନହେବ ! ସେ ତ ହେଉଛନ୍ତି ସେ ଇମାମ୍ ଯାହାଙ୍କୁ ଅଲ୍ଲାଃତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାସତ୍ୱରେ ଇସ୍‌ଲାମ୍‌ର ଦ୍ୱିତୀୟ ଯୁଗରେ ଅଲ୍ଲାଃତାଲାଙ୍କ ସାନିଧ ହାସଲ କରିବା ପାଇଁ ଏ ଯୁଗରେ ପ୍ରେରଣ କରିଛନ୍ତି । ତେଣୁ ଆମେ, ଯେଉଁମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତରେ ଦୀକ୍ଷିତ ହେବାର ଦାବୀ କରୁଛନ୍ତି, (ସେମାନଙ୍କ ପାଇଁ) ଏହା ଧାର୍ଯ୍ୟ ଅଟେ କି ସେମାନେ ଆପଣ ଆ:ସଙ୍କ ବାଣୀକୁ ପଢ଼ନ୍ତୁ, ଶୁଣନ୍ତୁ ଏବଂ ତା ଉପରେ ଅମଳ କରିବା ପାଇଁ ଚେଷ୍ଟା କରନ୍ତୁ । ନିଜର ଅବସ୍ଥାକୁ ଏପରି ସ୍ତର ପର୍ଯ୍ୟନ୍ତ ପହଂଚାନ୍ତୁ ଯେଉଁଠି ପହଂଚିବା ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମଠାରୁ ଆଶା କରିଛନ୍ତି ।

ବର୍ତମାନ ମୁଁ ଆପଣ ଆ:ସଙ୍କ କିଛି ନିତୀବାଣୀକୁ ଉପସ୍ଥାପନ କରିବି ଯାହା ଆମ ଜୀବନର ପାଠ୍ୟସାରଣୀ ଅଟେ ଅର୍ଥାତ୍ ଗୋଟିଏ ଉଦ୍ଦେଶ୍ୟ ଯାହାକୁ ଆପଣ ଆ:ସ ଆମ ସମ୍ମୁଖରେ ରଖି ବର୍ଣ୍ଣନା କରିଛନ୍ତି କି ଜଣେ ଅହେମଦୀର କଣ ସ୍ତର ହେବା ଉଚିତ୍, ତାକୁ କିପରି ହେବା ଉଚିତ୍ । ଆଜିକାଲିର ଭୌତିକ ସଂସାରରେ ଏହି କଥାର ଗୁରୁତ୍ୱ ବହୁତ ବଢ଼ିଯାଏ ଯେବେକି ଆମ ମଧ୍ୟରୁ କିଛି ଲୋକଙ୍କର ଗତି ମଧ ସଂସାର ଆଡକୁ ଅଧିକ ହୋଇଯାଇଛି ଓ ଦୀନ୍‌କୁ ଏତେ ମାତ୍ରାରେ ଗୁରୁତ୍ୱ ଦିଆଯାଉନାହିଁ । ବିଶ୍ୱାସ ଦୃଷ୍ଟିକୋଣରୁ ଆମେ ନିଜକୁ ଅହେମଦୀ ମୁସଲ୍‌ମାନ୍ ରୂପେ ବୋଲାଉଛେ । କିନ୍ତୁ ଆମଠାରେ ବହୁମାତ୍ରାରେ କାର୍ଯ୍ୟ ଦୁର୍ବଳତା ପରିଲକ୍ଷିତ ହେଉଅଛି । ଉକ୍ତ ନିତୀବାଣୀ ଆଲୋକରେ ପ୍ରତ୍ୟେକ ନିଜ ନିଜର ଜାଏଜା ନେଇପାରିବ କି ଆମେ କେଉଁଠାରେ ଛିଡା ହୋଇଛେ ଓ ଆମକୁ କେଉଁଠି ରହିବା ଉଚିତ୍ ।

ତକ୍‌ୱା କଣ ? ତକ୍‌ୱାର ସ୍ତର କଣ ହେବା ଉଚିତ୍ ? ପୁଣ୍ୟ କଣ ? ପୁଣ୍ୟର ସ୍ତର କଣ ହେବା ଉଚିତ୍ ? ଆମର ଦାୟିତ୍ୱ କଣ ? ଏ ସବୁ ସମ୍ବନ୍ଧରେ ଗୋଟିଏ ସ୍ଥାନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି-

ସଚ୍ଚା ତକ୍‌ୱା ଯାହାଦ୍ୱାରା ଇଶ୍ୱର ପ୍ରସନ୍ନିତ ହେବେ ତାହାକୁ ହାସଲ କରିବା ପାଇଁ ଅଲ୍ଲାଃତାଲା ବାରମ୍ବାର କହୁଛନ୍ତି କି *ୟା ଅୟୁହଲ୍ ଲଜିନା ଆମନୁତ୍ ତକୁଲ୍ଲାହା* ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ଅଲ୍ଲାଃଙ୍କର ତକ୍‌ୱା (ଭୟ) ଗ୍ରହଣ କର ଏବଂ ପୁଣି ଏହା ମଧ କହୁଛନ୍ତି କି *ଇନ୍ନଲାହା ମାଅଲ୍ଲଜିନତ୍ ତକଓ୍ୱ ୱ୍ଲ ଲଜିନା ହୁମ୍ ମୁହ୍‌ସିନୁନ୍* (ନହଲ୍:୧୨୯) ଅର୍ଥାତ୍ ଅଲ୍ଲାଃତାଲା ସେମାନଙ୍କୁ ସାହାଯ୍ୟ ସହଯୋଗ କରିଥାନ୍ତି ଯେଉଁମାନେ ତକ୍‌ୱା ଗ୍ରହଣ କରିଥାନ୍ତି ।

କହୁଛନ୍ତି କି ''କୁକାର୍ଯ୍ୟରୁ ଦୂରେଇ ରହିବାକୁ ତକ୍‌ୱା କୁହାଯାଏ ଏବଂ *ମୁହ୍‌ସେନୁନ୍* ହେଉଛନ୍ତି ସେମାନେ ଯେଉଁମାନେ କେବଳ ଏତିକି ନୁହେଁ ଯେ କୁକର୍ମରୁ ଦୂରେଇ ରୁହନ୍ତି ବରଂ ପୁଣ୍ୟ ମଧ କରନ୍ତି ଏବଂ ପୁଣି ଏହା ମଧ କହୁଛନ୍ତି *ଲିଲ୍ଲଜିନା ଅହସନୁଲ୍ ହୁସ୍‌ନା* (ୟୁନୁନ୍:୨୭) ଅର୍ଥାତ୍ ସେହି ପୁଣ୍ୟଗୁଡିକୁ ମଧ ଗୋଟିଗୋଟି କରି କରିଚାଲ'' ।

କହୁଛନ୍ତି କି ''ମୋତେ ଏ ସ୍ୱର୍ଗବାଣୀ ବାରମ୍ବାର ହୋଇଛି *ଇନ୍ନଲାହା ମାଆଲ୍ଲଜିନତ୍ ତକଓ୍ୱ ୱ୍ଲ ଲଜିନା ହୁମ୍ ମୁହ୍‌ସିନୁନ୍* (ନହଲ୍:୧୨୯) ଓ ଏହା ଏତେଥର ହୋଇଛି କି ମୁଁ ଗଣିପାରିବି ନାହିଁ'' ଆପଣ କହୁଛନ୍ତି ''.....ଇଶ୍ୱର ଜାଣିଥିବେ ଏହା ଦୁଇହଜାର୍ ଥର ହୋଇଥିବ । ଏହାର ଉଦ୍ଦେଶ୍ୟ ହେଉଛି ଏହା କି ଯଦ୍ୱାରା ଜମାତ୍ ଜାଣିଯାଉ ଯେ କେବଳ ଏକଥାରେ ହିଁ ଖୁସି ହେବା ଉଚିତ୍ ନୁହେଁ କି ଆମେ ଜମାତ୍‌ରେ ସାମିଲ୍ ହୋଇଯାଇଛେ ବା କେବଳ ଶୁଖିଲା ଇମାନ୍ ଦ୍ୱାରା ଖୁସି ହୋଇଯାଅ । ଅଲ୍ଲାଃତାଲାଙ୍କର ସଙ୍ଗତ ଏବଂ ସାହାଯ୍ୟ ସେତେବେଳେ ମିଳିବ ଯେବେ ସଚ୍ଚା ତକ୍‌ୱା ହେବ ଓ ପୁଣି ତତ୍‌ସହିତ ପୁଣ୍ୟ ମଧ କରିବ'' ।

(ପୁଣି) କହୁଛନ୍ତି- ''ଏହା ଗର୍ବର କଥା ନୁହେଁ କି ମଣିଷ ଏତିକି କଥାରେ ଖୁସି ହୋଇଯାଉ ଯେ (ଉଦାହରଣ ସ୍ୱରୂପ) ସେ ଜନା (ବ୍ୟଭିଚାର) କରୁନାହିଁ ବା ସେ ହତ୍ୟା କରିନାହିଁ ବା ଚୋରି କରୁନାହିଁ'' । (ପୁଣି) କହୁଛନ୍ତି- ''ଏହା କୌଣସି ଶ୍ରେଷ୍ଠତା ନୁହେଁ କି ଖରାପ କାର୍ଯ୍ୟରୁ ବଂଚିବାର ଗର୍ବ କରାଯିବ ?'' ଏହା କୌଣସି କଥା ନୁହେଁ, ଏହାର କୌଣସି ଗୁରୁତ୍ୱ ନାହିଁ କି ଆମେ ଖରାପ କାର୍ଯ୍ୟରୁ ବଂଚି ରହିଛେ । (ପୁଣି) କହୁଛନ୍ତି କି ''ବାସ୍ତବରେ ସେ ଜାଣିଛି'' । କରିବାବାଲା ଯଦି ଏକାର୍ଯ୍ୟ କରୁନାହିଁ ''....ସେ ଜାଣିଛି ଯେ ଚୋରି କରିବ ତ....କାନୁନ୍ ହିସାବରେ ଜେଲ୍ ଭିତରକୁ ଯିବ'' ଅର୍ଥାତ୍ ବନ୍ଦୀ ହେବ, ଧରାପଡ଼ିଯିବ, ଦଣ୍ଡ ମିଳିବ । (ପୁଣି) କହୁଛନ୍ତି କି ''ଅଲ୍ଲାଃତାଲାଙ୍କ ନିକଟରେ ଇସ୍‌ଲାମ୍ ଏପରି ବସ୍ତୁର ନାମ ନୁହେଁ କି (କେବଳ) ଖରାପ କାର୍ଯ୍ୟରୁ ହିଁ ନିବୃତ ରହିବ । (ଏତିକି ଇସ୍‌ଲାମ୍ ନୁହେଁ) ବରଂ ଯେପର୍ଯ୍ୟନ୍ତ କୁକାର୍ଯ୍ୟକୁ ପରିତ୍ୟାଗ କରି ପୁଣ୍ୟକୁ ଗ୍ରହଣ ନକରିଛି ସେ ଏହି ଆଧାତ୍ମିକ ଜୀବନରେ ଜୀବନ୍ତ ରହିପାରିବନାହିଁ । ପୁଣ୍ୟ ଖାଦ୍ୟ ସଦୃଶ ଅଟେ । ଯେପରି ଜଣେ ବ୍ୟକ୍ତି ବିନା ଖାଦ୍ୟରେ ଜିବୀତ ରହିପାରିବ ନାହିଁ ସେହିପରି ଯେପର୍ଯ୍ୟନ୍ତ ପୁଣ୍ୟ ଗ୍ରହଣ ନକରିଛି ତେବେ କିଛିନାହିଁ'' । କୁକାର୍ଯ୍ୟକୁ ପରିତ୍ୟାଗ କର ଏବଂ ପୁଣ୍ୟକୁ ଗ୍ରହଣ କର । ତେବେ ଯାଇ ଆଧାତ୍ମିକ ଜୀବନ ପ୍ରାପ୍ତ ହୋଇଥାଏ ।

କିଛି ଗୁଡିଏ ଖରାପକାର୍ଯ୍ୟ ମଣିଷ ଜୀବନ ଉପରେ ପ୍ରଭାବ ପକାଇଥାଏ ଯାହାକୁ ମଣିଷ ଅନୁଭବ ମଧ କରିନଥାଏ । କିନ୍ତୁ ଗୋଟିଏ ସମୟ ଏପରି ଆସେ ମଣିଷ ସେଥିପାଇଁ ଅଲ୍ଲାଃତାଲାଙ୍କ ହାତରେ ଦଣ୍ଡିତ ହୋଇଥାଏ । ଏ ସମ୍ବନ୍ଧରେ ବର୍ଣ୍ଣନା କରି ଆପଣ ଆ:ସ କହୁଛନ୍ତି କି କିଛି ପାପ ବଡବଡ ହୋଇଥାଏ । ଉଦାହରଣ ସ୍ୱରୂପ ମିଛ କହିବା, ଜନା କରିବା, ଖୟାନତ୍ କରିବା, ମିଥ୍ୟା ସାକ୍ଷୀଦେବା ଏବଂ ଇତ୍‌ଲାଫେ

ହୁକୁକ୍ (ଲୋକମାନଙ୍କର ହକ୍‌କୁ ମାରିବା) ଏବଂ ଶିର୍କ୍ (ଅଲ୍ଲାଃଙ୍କ ସମତୁଲ୍ୟ ଆଉ କାହାକୁ କରିବା) ଇତ୍ୟାଦି । କିନ୍ତୁ କିଛି ପାପ ଏପରି ସୂକ୍ଷ୍ମ ହୋଇଥାଏ କି ମନୁଷ୍ୟ ସେଥିରେ ଲିପ୍ତ ରହିଥାଏ ଓ ଯୌବନ ଅବସ୍ଥାରୁ ବୁଢ଼ା ହୋଇଯାଇଥିଲେ ମଧ୍ୟ ସେ ଏହାକୁ ଜାଣିପାରେନାହିଁ କି ସେ ପାପ କରୁଅଛି'' । ପାପ କରି କରି କରି ବୟସ ବିତିଯାଇଥାଏ କିନ୍ତୁ ସେ ତାହାକୁ ଛୋଟଛୋଟ ପାପ ବୋଲି ମଣିଥାଏ । ସେ ଜାଣିପାରିନଥାଏ । ଉଦାହରଣ ସ୍ୱରୂପ ଆପଣ ଆ:ସ ଉଦାହରଣ ଦେଇଛନ୍ତି କି ଚୁଗୁଲି କରିବାର ଅଭ୍ୟାସ ଥାଏ । ନିନ୍ଦା କରିବା, ଛୋଟଛୋଟ କଥାରେ ଦୁଃଖ ପ୍ରକାଶ କରିବା, ଏଣୁତେଣୁ କଥା କହିବା, ସେ ଏମିତି କଲା ବା ଏପରି କହିଦେଲା । (ପୁଣି) କହୁଛନ୍ତି ''ଏପରି ଲୋକେ ଉକ୍ତ କଥାଗୁଡିକୁ ସମ୍ପୂର୍ଣ୍ଣ ରୂପେ ମାମୁଲି ଓ ଛୋଟ କଥା ବୋଲି ଭାବିଥାନ୍ତି । ଯେବେ କି ପବିତ୍ର କୋରାନ୍ ସେଗୁଡିକୁ ବହୁତ ବଡ ରୂପେ ଅଭିହିତ କରିଛି'' । ଏପରି ଛୋଟଛୋଟ କଥା, ଯେଉଁ ଅଭିଯୋଗ ଅଛି, ନିନ୍ଦା ଅଛି ପରିଶେଷରେ ତାହା ଚୁଗୁଲି ହୋଇଯାଏ । ତେଣୁ ପବିତ୍ର କୋରାନ୍ ତାକୁ ବହୁତ ବଡ ରୂପେ ଅଭିହିତ କରିଛି । ''ସୁତରାଂ ବର୍ଣ୍ଣନା କରୁଛି *ଆ ୟୁହିବ୍‌ବୁ ଅହ୍‌ଦୁକୁମ୍ ଅଙ୍ଁ ୟାକୁଲା ଲହ୍‌ମା ଅଖିହି ମୈତନ୍* (ହୁଜୁରାତ୍: ୧୩) ଖୁଦାତାଲା ତାଠାରୁ ନାରାଜ୍ ହୋଇଯାଇଥାଏ କି ମନୁଷ୍ୟ ଏପରି ଶବ୍ଦ ମୁହଁରେ ଆଣୁ ଯଦ୍ୱାରା ତାର ଭାଇର ଅସମ୍ମାନ ହେବ'' । ଅଲ୍ଲାଃତାଲା କହୁଛନ୍ତି କଣ ତୁମେ ଏକଥାକୁ ପସନ୍ଦ କରୁଛ କି ତୁମେ ନିଜ ମୃତ ଭାଇର ମାଂସକୁ ଖାଇବ । ଆପଣ ଆ:ସ କହୁଛନ୍ତି କି ଖୁଦାତାଲା ତାଠାରୁ ନାରାଜ ହୋଇଯାଇଥାଏ ଯିଏ ଏପରି କଥା ମୁହଁରୁ ବାହାର କରେ ତାହାଦ୍ୱାରା ତାର ଭାଇର ଅସମ୍ମାନ ହେବ'' । ଏହାଦ୍ୱାରା ଅଲ୍ଲାଃତାଲା ନାରାଜ ହୋଇଯାଏ । ''ଏବଂ ଏପରି କାମ କରୁ ଯଦ୍ୱାରା ତାକୁ କଷ୍ଟ ପହଂଚୁ'' ଅର୍ଥାତ୍ କେବଳ କଥା ନୁହେଁ କାରଣ କଥା ପୁଣି ଅନ୍ୟକୁ କଷ୍ଟ ପହଂଚାଇଥାଏ । ଆପତି ଅଭିଯୋଗ ଓ ନିନ୍ଦା ଆରମ୍ଭ ହୋଇଯାଏ । ଜଣେ ଅନ୍ୟଜଣକ ଉପରେ କୁଧାରଣା ରଖିବା ଆରମ୍ଭ କରିଦିଏ, ଚୁଗୁଲି କରିବା ଆରମ୍ଭ କରିଦିଏ ଏବଂ ପୁଣି ମନୁଷ୍ୟ ଏପରି ଅବସ୍ଥାକୁ ପହଂଚିଯାଏ କି ସେ ଚେଷ୍ଟା କରିଥାଏ କିପରି ଅନ୍ୟମାନଙ୍କୁ କ୍ଷତି ପହଂଚାଉ ।

ଆପଣ ଆ:ସ କହୁଛନ୍ତି- ''ଜଣେ ଭାଇଙ୍କ ପାଇଁ ଏପରି କଥା କହିବା ଯଦ୍ୱାରା ତାର ମୁର୍ଖତା ଓ ଅଜ୍ଞାନତା ପ୍ରମାଣିତ ହେଉଥିବ ବା ତାର ଅଭ୍ୟାସ ସମ୍ବନ୍ଧରେ ଗୁପ୍ତରେ ଶତୃତା ସୃଷ୍ଟି ହେଉଥିବ, ଏହା ସବୁ ହେଉଛି ଖରାପ କାର୍ଯ୍ୟ । (ପୁଣି) କହୁଛନ୍ତି – ସେହିପରି କୁର୍ପଣତା, କ୍ରୋଧ ଏହାସବୁ ଖରାପ କାର୍ଯ୍ୟ ଅଟେ । ''ସୁତରାଂ ଅଲ୍ଲାଃତାଲାଙ୍କ ଏହି ବାଣୀ ମୁତାବକ ପ୍ରଥମ ପଦକ୍ଷେପ ଏହା ହେବା ଉଚିତ୍ କି ମନୁଷ୍ୟ ସେ ସବୁଥିରୁ ନିବୃତ ରହୁ ଓ ପ୍ରତ୍ୟେକ ପ୍ରକାର ପାପରୁ, ତାହା ଆଖିଦ୍ୱାରା ହେଉ, କାନଦ୍ୱାରା ହେଉ, ହାତ ବା ଗୋଡ ଦ୍ୱାରା ହେଉ, ସେ ସବୁରୁ ନିବୃତ ରହୁ'' । ଅର୍ଥାତ୍ କୌଣସି ପ୍ରକାରର ଭୁଲ୍ ହେଉ । କୌଣସି ଅଙ୍ଗରୁ ପାପ ହେଉଥିଲେ ସେଥିରୁ ବଂଚି ରହୁ । କାରଣ (ଅଲ୍ଲାଃତାଲା) କହୁଛନ୍ତି- *ୱ୍ଲା ତକ୍‌ଫୁ ମା ଲୈସଲକା ବିହି ଇଲ୍‌ମୁନ୍ ଇନ୍ନସ୍ ସମ୍‌ଆ ୱ୍ଲବସର ୱ୍ଲଫୁଆଦା କୁଲ୍ଲୁ ଉଲାଇକା କାନା ଅନ୍‌ହୁ ମସ୍‌ଉଲା* (ବନି ଇସ୍‌ରାଇଲ୍:୩୭) ଅର୍ଥାତ୍ ଯେଉଁ କଥାରେ ଆମକୁ ଜ୍ଞାନ ନାହିଁ ଅକାରଣରେ ତାର ଅନୁସରଣ କରନାହିଁ । କାରଣ କାନ, ଆଖି, ହୃଦୟ ଏବଂ ପ୍ରତ୍ୟେକ ଅଙ୍ଗଠାରୁ (ହିସାବ ନିଆଯାଇ) ପଚରାଯିବ'' । ମରିବା ପରେ ମନୁଷ୍ୟ ଅଲ୍ଲାଃତାଲାଙ୍କ ନିକଟକୁ ଯିବ, ସେତେବେଳେ ତାର ସେ ଅଙ୍ଗକୁ ପଚରାଯିବ । ଆପଣ ଆ:ସ କହୁଛନ୍ତି କି ''ବହୁତ ଗୁଡିଏ କୁକର୍ମ କେବଳ ବଦ୍‌ଜନି (କୁଧାରଣା)ରୁ ହିଁ ସୃଷ୍ଟି ହୋଇଥାଏ । କାହା ବିଷୟରେ ଗୋଟିଏ କଥା ଶୁଣି ଚଟାପଟ୍ ବିଶ୍ୱାସ କରିନେବା'' । ବିନା କୌଣସି ଅନୁସନ୍ଧାନ କରି, (ପୁଣି) କହୁଛନ୍ତି ''ଏହା ବହୁତ ଖରାପ କଥା ଅଟେ । ଯେଉଁ କଥା ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ଓ ବିଶ୍ୱାସ ନଥିବ ସେକଥାକୁ ମନ ଭିତରେ ସ୍ଥାନ ଦିଅନାହିଁ । ଏହା ଅସଲ୍ ବଦ୍‌ଜନିକୁ ଦୂର କରିବା ପାଇଁ ରହିଛି କି ଯେପର୍ଯ୍ୟନ୍ତ ସାକ୍ଷ ଓ ନିଷ୍ପତି ସଠିକ୍ ନିର୍ଦ୍ଧାରିତ ନ ହୋଇଛି (ତାକୁ) ହୃଦୟ ଭିତରେ ସ୍ଥାନ ନଦେବା ଓ ନା ଏପରି କଥା ମୁହଁରେ ଆଣିବା'' । (ପୁଣି) କହୁଛନ୍ତି- ''ଏହା କେଡେ ଦୃଢ଼ ଓ ମଜ୍‌ବୁତ୍ କଥା । ଅନେକ ଲୋକ ଏପରି ଅଛନ୍ତି ଯେଉଁମାନେ ତାଙ୍କ ମୁହଁଦ୍ୱାରା ଧରାପଡ଼ିବେ । ତେଣୁ ଯଦି ବଦ୍‌ଜନି ଦୂର ହୋଇଯିବ ତେବେ ଆମ ସମାଜରେ ଅଧା ବିଭ୍ରାଟ ଓ ଝଗଡା ଏବଂ ମନୋମାଳିନ୍ୟତା ଦୂରେଇଯିବ । ଏକତା ସୃଷ୍ଟି ହୋଇଯାଉ । ଆପଣ ପୁଣି କହୁଛନ୍ତି- ''ଦେଖାଯାଉଛି ଏ ସଂସାରରେ ଅନେକ ଲୋକ କେବଳ ମୁହଁ ଯୋଗୁ ଧରାପଡୁଛନ୍ତି ଏବଂ ଏହାଦ୍ୱାରା ତାଙ୍କୁ ବହୁତ କ୍ଷତି ଓ ଲଜ୍ଜା ଉଠାଇବାକୁ ପଡୁଛି'' । କୌଣସି ଗୋଟିଏ କଥା କହିଲେ ଏବଂ ଧରାପଡ଼ିଗଲେ । ଯଦି ତାହା ସତ ନହେଲା ସେଥିଯୋଗୁ ଲଜ୍ଜିତ ହେଲେ । ତେଣୁ ବଦ୍‌ଜନି ନକରିବାଟା ହିଁ ଭଲ । ଅନ୍ୟଙ୍କ ପାଇଁ ଭଲ ଧାରଣା ରଖ । ଯଦି କୌଣସି କଥା ଶୁଣ ତେବେ ସେ ବିଷୟରେ ଅନୁସନ୍ଧାନ କରିନିଅ । ମନୁଷ୍ୟ ହେଉଛି ଦୁର୍ବଳ । ମନରେ କିଛି ଧାରଣା ଆସିଯାଏ । କିନ୍ତୁ ଯଦି ତା ଉପରେ ସେ ଅମଳ କରେନାହିଁ ତେବେ ଅଲ୍ଲାଃତାଲା କ୍ଷମା କରିଦିଏ । ଅଲ୍ଲାଃତାଲା କେବଳ ଭାବନା ଆସିବା ଯୋଗୁ ଦଣ୍ଡ ଦିଏନାହିଁ ବରଂ ତା ଉପରେ କାର୍ଯ୍ୟ କରିବା ଯୋଗୁ ହିଁ ଦଣ୍ଡ ଦେଇଥାଏ । ଏ କଥାକୁ ବର୍ଣ୍ଣନା କରି ଅର୍ଥାତ୍ ଅଲ୍ଲାଃତାଲା କିପରି ଦଣ୍ଡ ଦିଏ ଆପଣ ଆ:ସ କହୁଛନ୍ତି କି ''ମନ ଭିତରେ ଯେଉଁ ବିପଦପୁର୍ଣ୍ଣ (କଥା) ଏବଂ ଉପର ଠାଉରିଆ ଭାବନା ସୃଷ୍ଟି ହୁଏ ସେଥିପାଇଁ କୌଣସି ଧରାପଗଡ ନାହିଁ । ଉଦାହରଣ ସ୍ୱରୂପ ଯଦି କାହା ମନ ଭିତରେ ଏକଥା ଉଠେ କି ଅମୁକ ବ୍ୟକ୍ତିର ଧନ ମୋତେ ଯଦି ମିଳିଯିବ ତାହାହେଲେ ବଢ଼ିଆ ହୁଅନ୍ତା । ଏହା ଏକ ପ୍ରକାର ଲୋଭ କିନ୍ତୁ କେବଳ ଏତିକି ଭାବିନେବା ବା ମନ ଭିତରେ ସେକଥା ଆସିଯିବା ଦ୍ୱାରା କୌଣସି ଦଣ୍ଡ ମିଳିନଥାଏ । କିନ୍ତୁ ଯେତେବେଳେ ଏକଥାକୁ ମନରେ ଧରି ପୁଣି ଏ ଦୃଢ଼ ନିଷ୍ପତି କରିନିଏ କି କୌଣସି ନା କୌଣସି ଉପାୟରେ ଉକ୍ତ ଧନକୁ ନିଶ୍ଚିତ ରୂପେ ନେଇନେବା ଉଚିତ୍.....'',ଭୁଲ୍ ଉପାୟରେ ଧନ କମାଇବା, ଏ ଭାବନା ଆସେ କି ଯଦି ମୋର୍ ଟାକ୍‌ସ୍ ଏତିକି ହେଉଛି ସେଥିରେ କିଛି କମ୍ କରିଦେବି ତ ଏହାଦ୍ୱାରା ମୋର ଏତେଟଙ୍କା ବଂଚିଯିବ । ଏପରି ଭାବନା ଆସିବାରେ ତ କିଛି କଥାନାହିଁ । ଅର୍ଥାତ୍ ଅଲ୍ଲାଃତାଲା ଧରେନାହିଁ । କିନ୍ତୁ ଯଦି ତା ଉପରେ ଅମଳ କରାଯାଏ, ଟାକ୍‌ସ ଚୋରି କରାଯାଏ, ସରକାରକୁ କ୍ଷତି ପହଂଚାଯାଏ ବା ସତକଥା କୁହାନଯାଏ, ନିଜ ଚାନ୍ଦାରେ ନିଜର ଆମଦାନୀକୁ କମ୍ ଲେଖାଇଦିଆଯାଏ ତେବେ ପୁଣି ଅଲ୍ଲାଃତାଲା ଧରିଥାଏ । ଏହିପରି ବହୁତ ଗୁଡିକ ଅନୁଭବ ଅଛି, ବହୁତ ଲୋକଙ୍କର ଦୃଷ୍ଟାନ୍ତ ରହିଛି, ଯେଉଁମାନଙ୍କର ପୁଣି ଆମଦାନୀ ଧିରେଧିରେ କମ୍ ହୋଇଯାଇଛି ଓ ସେହି ସ୍ତରକୁ ଆସିଯାଇଛି, ଯେଉଁ ସ୍ତରରେ ସେ ନିଜର ଆମଦାନୀକୁ ପ୍ରକାଶ କରିଥିଲେ । ଅଲ୍ଲାଃତାଲାଙ୍କ ନିକଟରେ କୁର୍ବାନୀ କରିବାରେ ମଧ୍ୟ ଓ ସରକାରଙ୍କ ଅଧିକାରକୁ ପ୍ରଦାନ କରିବାରେ ମଧ୍ୟ । (ପୁଣି) କହୁଛନ୍ତି – ''ତେବେ ପୁଣି ଏହି ପାପ ଦଣ୍ଡନୀୟ । ସୁତରାଂ ଯେତେବେଳେ ମନ ଭିତରେ ଦୃଢ଼ ସଂକଳ୍ପ ହୋଇଯାଏ ସେତେବେଳେ ଦୁଷ୍ଟାମୀ ଓ ଧୋକା କରିଥାଏ'' । ସାଂସାରିକ କ୍ଷେତ୍ରରେ, ସାଂସାରିକ ଲୋଭରେ ମଧ୍ୟ, କାରବାରି ଲୋକେ ବା ଅନ୍ୟ ଲୋକମାନେ କୌଣସି ଜିନିଷକୁ ହାସଲ କରିବା ପାଇଁ ଭୁଲ୍ ଉପାୟରେ ଯେବେ ମନ ଭିତରେ ଧାରଣା ଆସିଥାଏ (ସେମାନେ) ତା ଉପରେ ଅମଳ କରିବା ଆରମ୍ଭ କରିଦିଅନ୍ତି । ପ୍ରୋଗ୍ରାମ୍ ବନାଇବା ଆରମ୍ଭ କରିଦିଅନ୍ତି । ପୁଣି କହୁଛନ୍ତି କି ''ଏ ପାପ ଦଣ୍ଡନୀୟ ବୋଲି ଲେଖାହୋଇଯାଏ । ସୁତରାଂ ଏହା ହେଉଛି ଏପରି ପାପ ଯାହାକୁ ବହୁତ ହିଁ କମ୍ ଧ୍ୟାନ ଦିଆଯାଇଥାଏ । ଏବଂ ଏହା ମନୁଷ୍ୟର ଧ୍ୱଂସର କାରଣ ହୋଇଥାଏ । ବଡବଡ ପାପରୁ ତ ଅଧିକାଂଶ ଲୋକେ ନିବୃତ ରହିଥାନ୍ତି'' । ଆପଣ ଆ:ସ କହୁଛନ୍ତି କି ଅନେକ ଲୋକ ଏପରି ଥିଲେ । ଯେଉଁମାନେ କଦାପି ହତ୍ୟା କରିନଥିବେ, ଡକାୟତି କରିନଥିବେ, ଚୋରି କରିନଥିବେ ବା ଏହି ପ୍ରକାରର ବଡବଡ ପାପ କରିନଥିବେ । କିନ୍ତୁ ପ୍ରଶ୍ନ ହେଉଛି ଏହା କି ଏପରି ଲୋକେ କେତେଜଣ ଅଛନ୍ତି ଯେଉଁମାନେ କାହାର ନିନ୍ଦା କରିନଥିବେ, କାହା ପଛରେ କଥା କହିନଥିବେ, ବଦ୍‌ଜନି କରିନଥିବେ, ଏମାନେ କେତେଜଣ ? ବା ନିଜର କୌଣସି ଭାଇକୁ ଅସମ୍ମାନ କରି ତାକୁ ଦୁଃଖ ନପହଂଚାଇଥିବେ, କାହାର ମନୋଭାବକୁ ଆଘାତ ପହଂଚାଇନଥିବେ, ଏପରି ଲୋକେ କେତେଜଣ ଅଛନ୍ତି ବା ମିଥ୍ୟା କଥା କହି ଦୋଷୀ ହୋଇନଥିବେ । ଏବେ ମିଥ୍ୟାର ବି ଅନେକ କିସମ ଅଛି । ଅଲ୍ଲାଃତାଲା ମୁସଲ୍‌ମାନ ମାନଙ୍କୁ ତ ଏହା ନିର୍ଦ୍ଦେଶ ଦେଇଛି ଅର୍ଥାତ୍ ମୋମିନ୍‌କୁ ଏହା କହିଛି କି ଛୋଟିଆ ମିଛ ମଧ୍ୟ କହିବନାହିଁ । ତୁମର ପ୍ରତ୍ୟେକ କଥାରେ ସତ୍ୟତା ରହିବା ଉଚିତ୍ ବା ଅତି କମ୍‌ରେ ମନ ଭିତରେ ଯେଉଁ କଥା ସୃଷ୍ଟି ହେଉଛି ସେଥିରେ କାଏମ୍ ରହିବନାହିଁ । କେତେଲୋକ ଏପରି ଅଛନ୍ତି ? ଆପଣ ଆ:ସ କହୁଛନ୍ତି କି ମୁଁ ନିଶ୍ଚିତ ରୂପେ ଏହା କରିପାରିବି କି ଏପରି ଲୋକେ ବହୁତ କମ୍ ଥିବେ, ଯେଉଁମାନେ ଏକଥା ପ୍ରତି ଧ୍ୟାନ ରଖୁଥିବେ । (ଅର୍ଥାତ୍) ଯେଉଁମାନେ କାହାକୁ ଦୁଃଖ ପହଂଚାଉନଥିବେ, କାହାର ନିନ୍ଦା କରୁନଥିବେ, ବଦ୍‌ଜନି କରୁନଥିବେ, ମିଥ୍ୟା କହୁନଥିବେ, ମନ ଭିତରେ କୁଧାରଣା ଆଣୁନଥିବେ । (ପୁଣି) କହୁଛନ୍ତି- ଏପରି ବହୁତ କମ୍ ଲୋକ ଥିବେ ଯେଉଁମାନେ ଏପରି କଥାକୁ ଧ୍ୟାନ ଦେଇ ଇଶ୍ୱରଙ୍କୁ ଭୟ କରୁଥିବେ । ଯଦି ଏପରି କାର୍ଯ୍ୟ କରୁନାହାଁନ୍ତି ତେବେ ତାହା ଏଇଥିପାଇଁ ନୁହଁ କି ଇଶ୍ୱର ଭୟ ତାଙ୍କଠାରେ ଅଛି । ଆପଣ ଆ:ସ କହୁଛନ୍ତି କି ନଚେତ୍ ଅଧିକାଂଶ ଏପରି ଲୋକ ମିଳିବେ ଯେଉଁମାନେ ସାଧାରଣତଃ ମିଛ କହିଥାନ୍ତି ଏବଂ ସବୁବେଳେ ସେମାନଙ୍କ ମଜ୍‌ଲିସ୍‌ରେ ଅନ୍ୟମାନଙ୍କର ଆପତି, ଅଭିଯୋଗ ଓ ନିନ୍ଦା କରିଥାନ୍ତି ଏବଂ ପ୍ରକାର ପ୍ରକାରର ନିଜ ଦୁର୍ବଳ ଭାଇମାନଙ୍କୁ ଦୁଃଖ ଦେଇଥାନ୍ତି । ଆପଣ ନିଜ ମଜ୍‌ଲିସ୍‌ର ଜାଏଜା ନିଅନ୍ତୁ । ପ୍ରତ୍ୟେକ ବ୍ୟକ୍ତି ଯେତେବେଳେ ଦେଖିବେ ତେବେ ତାକୁ ଦେଖାଯିବ କି (ମଜ୍‌ଲିସ୍)ରେ ବସି ଖରାପ କଥା କୁହାଯାଉଛି, ଥଟ୍ଟା ପରିହାସ କରାଯାଉଛି, ଛୋଟ ଛୋଟ କଥାକୁ ବଡ କରାଯାଉଛି, ତା ଉପରେ ଥଟ୍ଟା ମଜା ହେଉଛି ଓ ପୁଣି ସେଥିପାଇଁ ଶତୃତା ସୃଷ୍ଟି ହୋଇଥାଏ । ସୁତରାଂ ଏହା ହେଉଛି ପୁଣ୍ୟ କରିବାର ସ୍ତର କି ସେ ସବୁ ଜିନିଷରୁ ବଂଚିବାକୁ ହେବ, ଯେଉଁଥିରୁ ବଂଚିବା ପାଇଁ ଜଣେ ମୋମିନ୍‌ଙ୍କ ଠାରୁ ଆଶା କରାଯାଉଛି ।

ପୁଣି ଆପଣ ଆ:ସ କହୁଛନ୍ତି-''ଖୁଦାତାଲା କହୁଛନ୍ତି କି ପ୍ରଥମ ପଦକ୍ଷେପ ହେଉଛି ଏହା ଯେ ମନୁଷ୍ୟ ତକ୍‌ୱା ଗ୍ରହଣ କରୁ'' । (ପୁଣି) କହୁଛନ୍ତି- ''ମୁଁ ବର୍ତମାନ ଖରାପ କାର୍ଯ୍ୟଗୁଡିକର ସବିଶେଷ ବର୍ଣ୍ଣନା କରିପାରିବି ନାହିଁ । ପବିତ୍ର କୋରାନ୍‌ର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅମର୍ ୱ୍ ନୱ୍ୱାହି (କରିବାର ଓ ନକରିବାର ଆଦେଶ) ଏବଂ ଇଶ୍ୱରଙ୍କ ନିର୍ଦ୍ଦେଶାବଳୀ ଗୁଡିକର ବ୍ୟାଖ୍ୟା ମହଜୁଦ୍ ରହିଛି'' । କଣ କାମ କରିବା ଓ କଣ ନକରିବା ଏହାର ବ୍ୟାଖ୍ୟା ପବିତ୍ର କୋରାନ୍‌ରେ ବିଦ୍ୟମାନ ଓ ଜଣେ ମୋମିନ୍‌କୁ ପବିତ୍ର କୋରାନ୍ ପଢ଼ିବା ଉଚିତ୍ ଓ ବୁଝିବା ମଧ୍ୟ ଆବଶ୍ୟକ । (ପୁଣି) କହୁଛନ୍ତି କି ''ଏବଂ ଶହଶହ ଅନେକ ଶାଖା ଭିନ୍ନ ଭିନ୍ନ ପ୍ରକାରର ନିର୍ଦ୍ଦେଶାବଳୀର ବର୍ଣ୍ଣନା ରହିଛି । ସଂକ୍ଷେପରେ ଏହା କହିବାପାଇଁ ଚାହୁଁଛି କି ଖୁଦାତାଲାଙ୍କୁ ଏକଥା କଦାପି ସ୍ୱୀକାର୍ଯ୍ୟ ନୁହେଁ କି ଏ ଭୁପୃଷ୍ଠରେ ବିଭ୍ରାଟ ସୃଷ୍ଟି କର । ଅଲ୍ଲାଃତାଲା ଏ ସଂସାରରେ ଏକତା ପ୍ରସାର କରିବା ପାଇଁ ଚାହେଁ । କିନ୍ତୁ ଯେଉଁ ବ୍ୟକ୍ତି ନିଜ ଭାଇକୁ ଦୁଃଖ ପହଂଚାଉଛି ଜୁଲୁମ୍ ଓ ଖୟାନତ୍ କରୁଛି ସେ ହେଉଛି ଏକତାର ଶତ୍ରୁ'' । ତାଠାରୁ ଏକତା ସୃଷ୍ଟି ହୋଇପାରିବ ନାହିଁ, ପ୍ରେମ ସୃଷ୍ଟି ହୋଇପାରିବ ନାହିଁ, ଭାଇଚାରା ସୃଷ୍ଟି ହୋଇପାରିବ ନାହିଁ । (ପୁଣି) କହୁଛନ୍ତି କି ''ସେ ହେଉଛି ଏକତାର ଶତ୍ରୁ । ଯେପର୍ଯ୍ୟନ୍ତ ଏପରି କୁଭାବନା ମନଭିତରୁ ଦୂରେଇ ନଯାଇଛି, ସଚ୍ଚା ଏକତା ପ୍ରସାର ହେବା କେବେ ସମ୍ଭବ ହେବନାହିଁ । ସେଇଥିପାଇଁ ଏ ସ୍ତରକୁ ସର୍ବପ୍ରଥମେ ରଖିଛି'' । ଗୋଟିଏ ଜମାତ୍ ହେବାରେ ଏ ବର୍‌କତ୍ ରହିଛି କି ସେଥିରେ ଏକତା କାଏମ୍ ହେଉ ଏବଂ ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ଆସିବାର ଉଦ୍ଦେଶ୍ୟ ହେଉଛି ଏହା ଏବଂ ଏହି ଉଦ୍ଦେଶ୍ୟ ଥିଲା ମେହ୍‌ଦୀ ମାହୁଦ୍‌ଙ୍କ ଆସିବାର କି ମୁସଲ୍‌ମାନ୍ ମାନଙ୍କୁ ଗୋଟିଏ ହାତରେ ଏକତ୍ରିତ କରିବ (ଅର୍ଥାତ୍) ଗୋଟିଏ ଉମ୍ମତ୍ ବନାଇବ ।

ପୁଣି ଆପଣ ଆ:ସ କହୁଛନ୍ତି କି ''ସାଧାରଣତଃ ଏହା ମଧ୍ୟ ଦୃଷ୍ଟିଗୋଚର ହୁଏ କି ଅଧିକାଂଶ ଲୋକ ଗୋଟିଏ ମଜ୍‌ଲିସ୍‌ରେ ବସି ଯେତେବେଳେ ଏହି ପ୍ରକାରର କଥାକୁ ଶୁଣିଥାନ୍ତି ଏହାଦ୍ୱାରା ତାଙ୍କର ହୃଦୟ ପ୍ରଭାବିତ ହୋଇଥାଏ ଓ ସେମାନେ ଭଲ ମଧ୍ୟ ଭାବିଥାନ୍ତି'' । ଅର୍ଥାତ୍ ପୁଣ୍ୟ ବିଷୟରେ ଯେଉଁ କଥା କୁହାଯାଏ ତାହା ଶୁଣିଥାନ୍ତି । ବର୍ତମାନ ଖୁତ୍‌ବା ଦିଆଯାଉଛି । ଲୋକମାନେ ବସି ଶୁଣୁଛନ୍ତି । କିଛିଲୋକଙ୍କର ମନ ପ୍ରଭାବିତ ହେଉଛି ଓ ଅଧିକାଂଶଙ୍କର ହୋଇଥାଏ । ଲୋକମାନେ ମୋତେ ମଧ୍ୟ ଏ ବିଷୟରେ ଲେଖୁଛନ୍ତି । କିନ୍ତୁ କହୁଛନ୍ତି ''..... କିନ୍ତୁ ଯେତେବେଳେ ଏହି ମଜ୍‌ଲିସ୍‌ରୁ ଅଲଗା ହୋଇଯାଆନ୍ତି ଓ ନିଜ ସାଙ୍ଗସାଥିଙ୍କ ଗହଣରେ ଯାଇ ମିଶିଥାଆନ୍ତି ସେତେବଳେ ସେହି ପୁରୁଣା ଅଭ୍ୟାସ ତାଙ୍କ ଭିତରେ ଆସିଯାଏ ଏବଂ ସେହି ଶୁଣାଯାଇଥିବା କଥାକୁ ଭୁଲିଯାଇଥାନ୍ତି'' । ଯେଉଁ ସବୁ ପୁଣ୍ୟ କଥାଗୁଡିକ ଶୁଣିଥାନ୍ତି ସେଗୁଡିକୁ ଭୁଲିଯାଇଥାଆନ୍ତି । ତେଣୁ ମୁଁ ବାରମ୍ବାର କହୁଛି କି ଏକଥାକୁ ପୁନରାବୃତି କରିବା ଉଚିତ୍ ଓ ସମ୍ମୁଖରେ ରଖିବା ଉଚିତ୍ ଯଦ୍ୱାରା ଭୁଲିବା ପୂର୍ବରୁ ମନେପଡ଼ିଯିବ ଏବଂ (ପୁଣି) କହୁଛନ୍ତି କି ''.... ସେହି ପୂର୍ବ କାର୍ଯ୍ୟଶୈଳୀକୁ ଆପଣାଇଥାଆନ୍ତି । ସେଥିରୁ ବଂଚିବା ଉଚିତ୍ । ଯେଉଁ ସଂଗତ ଓ ଯେଉଁ ମଜ୍‌ଲିସ୍‌ରେ ଏପରି କଥା ସୃଷ୍ଟି ହେଉଥିବ ସେଥିରୁ ଅଲଗା ହୋଇଯିବା ଜରୁରୀ । ତତ୍‌ସହିତ ଏକଥା ମଧ୍ୟ ମନେରଖିବା ଉଚିତ୍ କି ସେହି ସବୁ ଖରାପ କଥାଗୁଡିକ ଟିକିନିଖି ବିଷୟରେ ଜ୍ଞାନ ରହିବା ଉଚିତ୍ କାରଣ କୌଣସି ଜିନିଷ ତଲବ ହେଲେ ସେ ବିଷୟରେ ଜ୍ଞାନ ହାସଲ କରିବା ହେଉଛି ସର୍ବପ୍ରଥମେ ଆବଶ୍ୟକ'' ଅର୍ଥାତ୍ ଯଦି କୌଣସି ବ୍ୟକ୍ତିକୁ କୌଣସି ଜିନିଷର ଇଚ୍ଛା ହେଉଛି ତେବେ ତା ପାଇଁ ଏହା ଜରୁରୀ କି ସେ ବିଷୟରେ ତାର ଜ୍ଞାନ ରହିବା ଦରକାର କି ତାହା କଣ ? ତାହା ଠିକ୍ ବା ଖରାପ୍ । ଭଲ କଥାର ଜ୍ଞାନ ରହିବା ଉଚିତ୍ ଓ ଖରାପ କଥାର ବି ଜ୍ଞାନ ରହିବା ଉଚିତ୍ ଯଦ୍ୱାରା ଯଦି ତାହା ଖରାପ ତେବେ ତାହାକୁ ପରିତ୍ୟାଗ କରିଦେଉ ଏବଂ ଯଦି ତାହା ଠିକ୍ ତେବେ ତାକୁ ଆପଣେଇ ନେଉ ।

(ପୁଣି) କହୁଛନ୍ତି- ''ଯେପର୍ଯ୍ୟନ୍ତ କୌଣସି ବସ୍ତୁର ଜ୍ଞାନ ଆହରଣ ନହେବ ତାକୁ କିପରି ହାସଲ କରାଯାଇପାରିବ । ପବିତ୍ର କୋରାନ୍‌ରେ ବାରମ୍ବାର ବ୍ୟାଖ୍ୟା କରାଯାଇଛି । ତେଣୁ ପବିତ୍ର କୋରାନ୍‌କୁ ବାରମ୍ବାର ପଢ଼ ଓ ଏହା ଜରୁରୀ ଅଟେ କି ତୁମେ ଖରାପ କାର୍ଯ୍ୟଗୁଡିକର ତଫସିଲ୍‌କୁ ଲେଖିରଖ ଓ ପୁଣି ଇଶ୍ୱରଙ୍କର କୃପା ଓ ସାହାଯ୍ୟ ଦ୍ୱାରା ଚେଷ୍ଟା କରି କିପରି ସେହିସବୁ ଖରାପ କାର୍ଯ୍ୟରୁ ନିବୃତ ରହିବ । ଏହା ହେଉଛି ତକ୍‌ୱା ଗ୍ରହଣ କରିବାର ପ୍ରଥମ ପଦକ୍ଷେପ (ଅର୍ଥାତ୍ ଖରାପ କାର୍ଯ୍ୟରୁ ବଂଚିବା) । ଯେତେବେଳେ ତୁମେ ଏ ଚେଷ୍ଟା କରିବ ସେତେବେଳେ ଅଲ୍ଲାଃତାଲା ତୁମକୁ (ବଂଚିବା ପାଇଁ) ଶକ୍ତି ପ୍ରଦାନ କରିବେ ଏବଂ ଉକ୍ତ କର୍ପୁରର ସର୍ବତ ତୁମକୁ ମିଳିବ, ଯାହାଦ୍ୱାରା ତୁମର ପାପର ମନୋଭାବ ସମ୍ପୂର୍ଣ୍ଣ ରୂପେ ଥଣ୍ଡା ହୋଇଯିବ'' । କର୍ପୁର ସମ୍ବନ୍ଧରେ ବୈଦ୍ୟମାନେ କହୁଛନ୍ତି କି ଏହା ଜଜ୍‌ବାତ୍ (ଉଦ୍ଦୀପନା ର ମନୋଭାବ)କୁ ଥଣ୍ଡା କରିବା ପାଇଁ ବ୍ୟବହାର ହୋଇଥାଏ । ଲୋକମାନେ ଏହାକୁ ଔଷଧ ରୂପେ ମଧ୍ୟ ବ୍ୟବହାର କରିଥାନ୍ତି । ଏଠାରେ ଆଧ୍ୟାତ୍ମିକ ରୋଗ ନିମନ୍ତେ ମଧ୍ୟ ଆପଣ ଏହାର ଦୃଷ୍ଟାନ୍ତ ଦେଇଛନ୍ତି କି ଯେତେବେଳେ ଖରାପ କାର୍ଯ୍ୟରୁ ବଂଚିବ ସେତେବେଳେ ଏହା ତୁମପାଇଁ କର୍ପୁରର ସର୍ବତ୍ ହୋଇଯିବ ଯଦ୍ୱାରା ଧିରେଧିରେ ତୁମର ପାପଗୁଡିକ

ଶିଥିଳ ପଡିଯିବ ଅର୍ଥାତ୍ ଶେଷ ହୋଇଯିବ । ''ଏହାପରେ ପୁଣ୍ୟ ହିଁ ପୁଣ୍ୟ ହେବ, ଯେପର୍ଯ୍ୟନ୍ତ ମନୁଷ୍ୟ ମୁତକି ହୋଇନାହିଁ ଏ ପାନୀୟ ତାକୁ ଦିଆଯାଏନାହିଁ ଏବଂ ନା ତାର ଉପାସନା ଓ ପ୍ରାର୍ଥନାରେ କୁବୁଲିୟତ୍ (ଗ୍ରହଣୀୟ ହେବା)ର ସ୍ୱରୂପ ସୃଷ୍ଟି ହୋଇଥାଏ'' । ଉପାସନା ଏବଂ ଦୁଆକୁ (ଯଦି) ଗ୍ରହଣୀୟ କରିବାକୁ ଚାହୁଁଛ ତେବେ ତାପାଇଁ ମୂଳ ଜିନିଷ ହେଉଛି ଏହା କି ମନୁଷ୍ୟ ଖରାପ କାର୍ଯ୍ୟରୁ ନିବୃତ ରହୁ ଓ ପୁଣ୍ୟ କାର୍ଯ୍ୟକୁ ଆପଣାଉ । ଏହା ହେଉଛି ତକ୍‌ୱା । ଦୁଆ ଗ୍ରହଣୀୟ ହେବାପାଇଁ ମଧ୍ୟ ଏହା ହେଉଛି ଜରୁରୀ ସର୍ତ୍ତ । ''କାରଣ ଅଲ୍ଲାଃତାଲା କହୁଛନ୍ତି- *ଇନ୍ନମା ୟତକବ୍‌ବଲୁଲ୍ଲାହୁ ମିନଲ୍ ମୁତ୍‌ତକିନ୍* (ମାଇଦାଃ:୨୮) ଅର୍ଥାତ୍ ଅର୍ଥାତ୍ ଅଲ୍ଲାଃତାଲା ମୁତ୍‌ତକି ମାନଙ୍କର ଉପାସନାକୁ ନିଶ୍ଚିତ ରୂପେ ଗ୍ରହଣ କରିଥାଏ । ଏହା ସମ୍ପୂର୍ଣ୍ଣ ରୂପେ ସତ୍ୟକଥା କି ନମାଜ ଏବଂ ରୋଜା ମଧ୍ୟ ମୁତ୍‌ତକି ମାନଙ୍କର ହିଁ ଗ୍ରହଣୀୟ ହୋଇଥାଏ । ତାଙ୍କ ଉପାସନା ଗ୍ରହଣୀୟ ହେବାର ଅର୍ଥ କଣ ?'' ଏହାର ସ୍ପଷ୍ଟୀକରଣ କରି ଆପଣ ଆ:ସ କହୁଛନ୍ତି କି ନମାଜ ଗ୍ରହଣୀୟ ହେବାର ଅର୍ଥ ହେଉଛି ଏହା କି ନମାଜର ପ୍ରଭାବ ଓ ତାର୍ ବର୍‌କାତ୍ ନମାଜ ପଢ଼ିବା ବାଲାଙ୍କ ଭିତରେ ସୃଷ୍ଟି ହୋଇଯାଏ ଓ ଯେପର୍ଯ୍ୟନ୍ତ ସେହି ବର୍‌କାତ୍ ଏବଂ ପ୍ରଭାବ ସୃଷ୍ଟି ନହୁଏ ସେତେବେଳେ ତାହା କେବଳ ମଥା ପିଟିବା ଅଟେ । (ପୁଣି) କହୁଛନ୍ତି କି ''ଏପରି ନମାଜ ଓ ରୋଜାରେ କଣ ଲାଭ, ଯେବେକି ଏହି ମସ୍‌ଜିଦ୍‌ରେ ନମାଜ ପଢ଼ିଲେ ଏବଂ ସେହିଠାରେ ହିଁ ଆଉକାହାର ନିନ୍ଦା ଓ ଚୁଗୁଲି କଲେ । ଲୋକମାନେ ପଚାରୁଛନ୍ତି କି ଆମକୁ କିପରି ଜଣାପଡ଼ିବ ଯେ ଅଲ୍ଲାଃତାଲା ନମାଜ ବା ଉପାସନାକୁ ଗ୍ରହଣ କରିଛନ୍ତି ବା ନାହିଁ । ତେବେ ଏହାର ଲକ୍ଷ୍ୟଣ ହେଉଛି ଏହା କି ନମାଜ ଓ ଉପାସନା କରିବା ପରେ ଏହା ଦେଖିବା ଉଚିତ୍ କି ବଡବଡ ଓ ଛୋଟଛୋଟ ଖରାପ କାର୍ଯ୍ୟଗୁଡିକ ଆମଠାରୁ ଦୂରେଇଯାଉଛି, ସେ ସବୁ ଖରାପ କାର୍ଯ୍ୟ ବିଷୟରେ ଘୃଣାଭାବ ସୃଷ୍ଟି ହେଉଛି, ଆମ ଭିତରେ ପୁଣ୍ୟ କରିବା ପ୍ରତି ଧ୍ୟାନ ଜାଗ୍ରତ ହେଉଛି, ସତ୍ୟତା ଅବଲମ୍ବନ କରିବା ପ୍ରତି ଆମର ପାଦ ଆଗକୁ ବଢୁଅଛି । ଯଦି ଏପରି ହେଉନାହିଁ କହୁଛନ୍ତି କି ଏହାର ଅର୍ଥ ହେଉଛି କେବଳ ମଥାପିଟିବା । (ପୁଣି) କହୁଛନ୍ତି ଯେ ମସ୍‌ଜିଦ୍‌ରେ ନମାଜ ପଢ଼ି ଅନ୍ୟର ନିନ୍ଦା ଓ ଚୁଗୁଲି ଆରମ୍ଭ କରିଦେବା, କୁଧାରଣା ଆରମ୍ଭ କରିଦେବା, କଥା ଆରମ୍ଭ କରିଦେବା, ଅମାନତ୍‌ରେ ଖୟାନତ୍ କରିଦେବା, ମଜ୍‌ଲିସ୍‌ର ମଧ୍ୟ ଏକ ଅମାନତ୍ ଥାଏ ଏବଂ ଓ୍ୱହ୍‌ଦାଦାର୍‌ମାନଙ୍କୁ ଏକଥା ପ୍ରତି ବିଶେଷ ଧ୍ୟାନ ରହିବା ଉଚିତ୍ କି ନିଜ ଜମାତି ମଜ୍‌ଲିସ୍‌ର କଥାକୁ ନା ତ ନିଜ ଘରେ ନା ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ମୁଖରେ କରିବା ଆବଶ୍ୟକ । ଏଥିପ୍ରତି ପାବନ୍ଦି ରହିବା ଉଚିତ୍ । ବହୁତ ଗୁଡିଏ କଥା ଏହାଦ୍ୱାରା ସୃଷ୍ଟି ହୋଇଯାଏ । ବିଭ୍ରାଟ ଏଇଥିପାଇଁ ସୃଷ୍ଟି ହୋଇଥାଏ କି ନିଜ ଅମାନତର କଥାଗୁଡିକୁ ବାହାର କରି ଦିଆଯାଏ । କୌଣସି ସ୍ଥାନରେ ଲୋକେ ଇର୍ଷା କରିବାକୁ ଲାଗିଯାଆନ୍ତି । କାହାର ସମ୍ମାନ ଉପରେ ଆକ୍ରମଣ କରିଦିଅନ୍ତି । ଆପଣ ଆ:ସ କହୁଛନ୍ତି ଯଦି ଏପରି ଦୋଷ ଦୁର୍ବଳତା ଓ କୁକାର୍ଯ୍ୟରେ ଲିପ୍ତ ରହିବ ତେବେ ପୁଣି ନମାଜ ତାକୁ କଣ ଲାଭଦେଲା ?

ମୁଁ ନିଜେ ଏକଥା ଜାଣିଛି କି ବହୁତ କିଛି ଯୁବକ ଏପରି ଅଛନ୍ତି ଯେଉଁମାନେ ମୋତେ ଲେଖୁଛନ୍ତି ଓ୍ୱହ୍‌ଦାଦାର୍ ଓ ବଡମାନଙ୍କଠାରୁ ଉପରୋକ୍ତ କଥାକୁ ଦେଖି ବହୁତ ଯୁବକ ଜମାତ୍‌ରୁ ଧିରେଧିରେ ଦୂରେଇଗଲେ ଓ ପୁଣି ମସ୍‌ଜିଦ୍‌ରୁ ଦୂରେଇ ଗଲେ, ପୁଣି ଉପାସନାରୁ ଦୂରେଇଗଲେ, ପୁଣି ଅଲ୍ଲାଃତାଲାଙ୍କ ଠାରୁ ମଧ୍ୟ ଦୂରେଇ ଯାଉଛନ୍ତି । ତେବେ ଏପରି ନମାଜ ନା ତ କେବଳ ନମାଜ ପଢ଼ିବାବାଲାକୁ କୌଣସି ଫାଇଦା ପହଂଚାଇଥାଏ ବରଂ ସେମାନଙ୍କଠାରୁ କିଛି ଲୋକଙ୍କୁ କ୍ଷତି ମଧ୍ୟ ପହଂଚିଥାଏ । ସୁତରାଂ ଯଦି ଆସନ୍ତା ପିଢ଼ୀକୁ ସମ୍ଭାଳିବାକୁ ଚାହୁଁଛ ତେବେ ସର୍ବପ୍ରଥମେ ବଡ ମାନଙ୍କୁ ଓ ଓ୍ୱହ୍‌ଦାଦାର୍‌ମାନଙ୍କୁ ନିଜ ଭିତରେ ତକ୍‌ୱା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଆପଣ ଆ:ସ କହୁଛନ୍ତି କି ପ୍ରଥମ ପାହାଚ ଓ କଷ୍ଟ ମଣିଷ ପାଇଁ ଏହା (ଅର୍ଥାତ୍) ଯିଏ ମୋମିନ୍ ହେବାକୁ ଚାହୁଁଛି, ଏହା କି ଖରାପ କାର୍ଯ୍ୟରୁ ପର୍‌ହେଜ୍ (ଦୂରେଇ) ରହୁ ଏବଂ ଏହା ହେଉଛି ତକ୍‌ୱା ।

ପୁଣି ଆପଣ କହୁଛନ୍ତି କି ବଡବଡ କୁକାର୍ଯ୍ୟରୁ ବଂଚିରହିବାର ନାମ ତକ୍‌ୱା ନୁହେଁ ବରଂ ସୂକ୍ଷ୍ମରୁ ସୂକ୍ଷ୍ମତର କୁକାର୍ଯ୍ୟରୁ ମଧ୍ୟ ବଂଚି ରହିବାକୁ ହେବ । ଉଦାହରଣ ସ୍ୱରୂପ ଥଟ୍ଟା ପରିହାସର ମଜ୍‌ଲିସ୍‌ରେ ବସିବା ଯେଉଁଠି ଅନ୍ୟମାନଙ୍କର ଥଟ୍ଟା ପରିହାସ କରାଯାଉଥିବ ବା ଏପରି ମଜ୍‌ଲିସ୍‌ରେ ବସିବା ଯେଉଁଠି ଅଲ୍ଲାଃତାଲା ଏବଂ ତାଙ୍କ ରସୁଲ୍‌ଙ୍କର ଅପମାନ କରାଯାଉଥିବ ବା ତାଙ୍କର କୌଣସି ଭାଇର ଇଜ୍ଜତ୍‌ର ହାନି ହେଉଥିବ । ଯଦିଚ ସେମାନଙ୍କ ହଁରେ ହଁ ମଧ୍ୟ ନ ମିଳାଓ କିନ୍ତୁ ଏହା ଅଲ୍ଲାଃତାଲାଙ୍କ ନିକଟରେ ମଧ୍ୟ ଖରାପ କଥା ଅଟେ । ଏପରି ମଜ୍‌ଲିସ୍‌ରେ ବସି ଏଭଳି ଲୋକମାନଙ୍କର କଥା ଶୁଣିବା ମଧ୍ୟ ହେଉଛି ଅଲ୍ଲାଃତାଲାଙ୍କ ନିକଟରେ ଖରାପ । ସେ କଥାରେ ସାମିଲ୍ ନହୋଇଥିଲେ ମଧ୍ୟ (ସେମାନଙ୍କ ମଧ୍ୟରେ ଗଣାଯିବ) । ଏପରି କଥା କାହିଁକି ଶୁଣିବା ? ଏହା ହେଉଛି ସେମାନଙ୍କର କାମ ଯେଉଁମାନଙ୍କ ହୃଦୟରେ ରୋଗ ଅଛି । କାରଣ ଯଦି ତାଙ୍କର ହୃଦୟରେ ଖରାପ କାର୍ଯ୍ୟ ବିଷୟରେ କୌଣସି ଜ୍ଞାନ ଥାଆନ୍ତା ତେବେ ସେମାନେ କାହିଁକି ଏପରି କରିଥାଆନ୍ତେ ଓ କାହିଁକି ଏପରି ମଜ୍‌ଲିସ୍‌ରେ ଯାଇ ଏପରି କଥା ଶୁଣନ୍ତେ । ପୁଣି ଆପଣ ଆ:ସ କହୁଛନ୍ତି ଏହା ବି ମନେରଖ କି ଏପରି କଥା ଶୁଣିବା ବାଲା ମଧ୍ୟ କରିବା ବାଲା ସଦୃଶ ହୋଇଥାଏ । ଯେଉଁ ଲୋକମାନେ ମୁହଁରୁ ଏପରି କଥା କହିଥାନ୍ତି ସେମାନେ ତ ସମ୍ପୂର୍ଣ୍ଣ ରୂପେ ଦଣ୍ଡନୀୟ ହେବେ କାରଣ ସେମାନେ ପାପ କରିଛନ୍ତି । କିନ୍ତୁ ଯେଉଁମାନେ ଚୁପ୍ ହୋଇ ବସି ରହୁଥିଲେ ସେମାନେ ମଧ୍ୟ ଉକ୍ତ ପାପର ଫଳ ଭୋଗିବେ । ସେମାନେ ମଧ୍ୟ ପାପୀ ହେବେ । ଏ ଅଂଶକୁ ବହୁତ ଧ୍ୟାନର ସହିତ ମନେରଖ, ଆପଣ ଆ:ସ କହୁଛନ୍ତି କି ଏ ଅଂଶକୁ ବହୁତ ଧ୍ୟାନର ସହିତ ମନେରଖ ଏବଂ ପବିତ୍ର କୋରାନ୍‌କୁ ବାରମ୍ବାର ପଢ଼ି ଚିନ୍ତା କର କାରଣ ଅଲ୍ଲାଃତାଲାଙ୍କର ଏହା ନିର୍ଦ୍ଦେଶ । ସେଇଥିପାଇଁ ବହୁତ ମନେରଖିବାର ବସ୍ତୁ ଅଟେ ।

ସୁତରାଂ ଭୁଲ୍ କଥାକୁ ଶୁଣି ଚୁପ୍ ରହିବାବାଲା, ସେଠାରେ ବସି କେବଳ କଥା ଶୁଣିବାବାଲା ଅର୍ଥାତ୍ ମଜା ଉଠାଇବା ପାଇଁ କଥା ଶୁଣୁଛନ୍ତି ସେମାନେ ମଧ୍ୟ ଅଲ୍ଲାଃତାଲାଙ୍କ ନିକଟରେ ଉତର ଦେବେ । ପୁଣି ଏହାକୁ ଆହୁରି ଅଧିକା ସ୍ପଷ୍ଟ କରି କହୁଛନ୍ତି କି ଜଣେ ମୋମିନ୍ କେବଳ ଏତିକି କଥାରେ ଖୁସି ନହୋଇଯାଉକି ସେ କୌଣସି ଖରାପ କାର୍ଯ୍ୟ କରିନାହିଁ । ପୂର୍ବରୁ ମଧ୍ୟ ଏ ବିଷୟରେ ଚର୍ଚ୍ଚା ହୋଇସାରିଛି । ଅନ୍ୟଧର୍ମ ଓ ଜାତିର ଯେଉଁ ଭଦ୍ରବ୍ୟକ୍ତିମାନେ ଅଛନ୍ତି, ବରଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ଏପରି ଅଛନ୍ତି ଯେଉଁମାନେ କୌଣସି ଖରାପ କାର୍ଯ୍ୟ କରିନଥାନ୍ତି । ସୁତରାଂ ଆପଣ ଆ:ସ କହୁଛନ୍ତି କି କିଛି ଲୋକ ହିନ୍ଦୁ, ଇସାଇ ଏବଂ ଅନ୍ୟ ଧର୍ମ ଜାତି ମଧ୍ୟରୁ କିଛି ଲୋକ ଏପରି ଥାଆନ୍ତି ଯେଉଁମାନେ କିଛି ପାପ କରନ୍ତିନାହିଁ । ଉଦାହରଣ ସ୍ୱରୂପ କିଛି ଲୋକ ମିଛ କହନ୍ତି ନାହିଁ, କାହାର ଧନ ସମ୍ପତିକୁ ଅକାରଣେ ଖାଆନ୍ତି ନାହିଁ, କରଜକୁ ବୁଡାନ୍ତି ନାହିଁ ବରଂ ଫେରାଇ ଦିଅନ୍ତି । ସାମାଜିକ ବ୍ୟବହାରରେ ମଧ୍ୟ ସଦ୍‌ବ୍ୟବହାର କରିଥାନ୍ତି କିନ୍ତୁ ଖୁଦାତାଲା କହୁଛନ୍ତି ଯେ ଏତିକି କଥାରେ ସେ ପ୍ରସନ୍ନ ହୋଇନଥାଏ । ଖରାପ କାର୍ଯ୍ୟରୁ ବଂଚିବା ଉଚିତ୍ ଓ ତା ମୁକାବିଲାରେ ପୁଣ୍ୟ କରିବା ଉଚିତ୍ । ତା ବିନା ବିଶ୍ୱାସର ପାତ୍ର ହୋଇପାରିବ ନାହିଁ । ଯିଏ ଏ କଥାରେ ଗର୍ବ କରୁଛି ଯେ ସେ ଖରାପ କାମ କରୁନାହିଁ ବୋଲି ସେ ହେଉଛି ଅବୋଧ । ଇସ୍‌ଲାମ୍ ମନୁଷ୍ୟକୁ ଏତିକିରେ ଛାଡିଦିଏ ନାହିଁ ବରଂ ସେ ଦୁଇଟି ଜିନିଷକୁ ପୂରଣ କରିବାକୁ ଚାହେଁ ଅର୍ଥାତ୍ ଖରାପ କାର୍ଯ୍ୟ ଗୁଡିକୁ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କର ଓ ପୁଣ୍ୟକୁ ନିଷ୍ଠାର ସହିତ ଗ୍ରହଣ କର । ଯେପର୍ଯ୍ୟନ୍ତ ଏହି ଦୁଇଟି କଥା ନହୋଇଛି ସେପର୍ଯ୍ୟନ୍ତ ମୋକ୍ଷ ପ୍ରାପ୍ତ ହୋଇପାରିବ ନାହିଁ । (ମଲ୍‌ଫୁଜାତ୍, ଖଣ୍ଡ-୮, ପୃଷ୍ଠା-୩୭୧-୩୭୮, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଆପଣ ଆ:ସ (ପୁଣି) କହୁଛନ୍ତି- ''ମୁଁ ପୁଣି ଜମାତ୍‌କୁ ତାଗିଦ୍ କରୁଛି କି ତୁମେ ତକ୍‌ୱା ଏବଂ ପବିତ୍ରତାରେ ଉନ୍ନତି କର । ଫଳତଃ ଅଲ୍ଲାଃତାଲା ତୁମର ହୋଇଯିବେ । *ଇନ୍ନଲ୍ଲାହା ମାଅଲ୍ଲଜିନତ୍ ତକଓ୍ୱ ଓ୍ୱଲ୍‌ଲଜିନାହୁମ୍ ମୁହ୍‌ସିନୁନ୍* (ନହଲ:୧୨୯)'' । (ନିଶ୍ଚିତ ରୂପେ ଅଲ୍ଲାଃ ସେମାନଙ୍କ ସହିତ ଅଛନ୍ତି, ଯେଉଁମାନେ ତକ୍‌ୱାର ମାର୍ଗକୁ ଗ୍ରହଣ କରିଛନ୍ତି ଓ ଯେଉଁମାନେ ପୁଣ୍ୟ କରୁଛନ୍ତି ଓ ଅନୁଗ୍ରହ କରୁଛନ୍ତି) । (ପୁଣି) କହୁଛନ୍ତି ''ଖୁବ୍ ମନେରଖ କି ଯଦି ତକ୍‌ୱା ଗ୍ରହଣ ନ କରିବ ଓ ଇଶ୍ୱର ଯେଉଁ ପୁଣ୍ୟ ଚାହୁଁଛନ୍ତି ସେଥିରୁ ଅଧିକା ଭାଗ ନନେବ ସର୍ବପ୍ରଥମେ ଅଲ୍ଲାଃତାଲା ତୁମକୁ ହିଁ ନିଃଶେଷ କରିବ । କାରଣ ତୁମେ ଗୋଟିଏ ସଚ୍ଚାଇକୁ ମାନିଛ ଏବଂ ପୁଣି ତାହା କର୍ମରେ ଲଗାଇବାରେ ଅସ୍ୱୀକାର କରୁଅଛ'' । ଅର୍ଥାତ୍ ଏ ଯୁଗର ଇମାମ୍‌କୁ ମାନିଛ, ଏ ଦାବୀ କରିଛ କି ଆମେ ବାକି ମୁସଲ୍‌ମାନଙ୍କ ଠାରୁ ଭଲ ଏବଂ ପୁଣ୍ୟ ମାର୍ଗରେ ପରିଚାଳିତ ହେବାବାଲା ଅଟୁ କିନ୍ତୁ କାର୍ଯ୍ୟରେ ଯଦି ତକ୍‌ୱା ନାହିଁ ତେବେ ଏହା ହେଉଛି ତାର ଅସ୍ୱୀକାର । ''ଏକଥା ଉପରେ କଦାପି ଭରଷା ରଖନାହିଁ ଓ ଅହଂକାର ଦେଖାଅନାହିଁ କି ଆମେ ବୟତ କରିସାରିଛୁ ବୋଲି । ଯେପର୍ଯ୍ୟନ୍ତ ତକ୍‌ୱାକୁ ଗ୍ରହଣ ନ କରିଛି ସେପର୍ଯ୍ୟନ୍ତ କଦାପି ବଂଚିପାରିବ ନାହିଁ । ଖୁଦାତାଲାଙ୍କର କେହି ବନ୍ଧୁ ନୁହଁନ୍ତି, ସେ କାହାକୁ (ହିସାବରେ) ଛାଡିବ ନାହିଁ । ଆମର ଯେଉଁ ବିରୋଧି ଅଛନ୍ତି ସେମାନେ ମଧ୍ୟ ତାର ସୃଷ୍ଟଜ ଓ ତୁମେମାନେ ମଧ୍ୟ ତାର ମଖ୍‌ଲୁକ୍ (ସୃଷ୍ଟଜ) । '' କେବଳ ବିଶ୍ୱାସ ନେଇଆସିବାଟା କୌଣସି କାମରେ ଆସିବନାହିଁ ଯେପର୍ଯ୍ୟନ୍ତ ତୁମର କଥା ଓ କାର୍ଯ୍ୟ ଏକ ନହୋଇଛି'' । ଅନ୍ୟ ମୁସଲ୍‌ମାନ୍‌ମାନେ ମଧ୍ୟ ଏକଥାରେ ବିଶ୍ୱାସ ଆଣିଛନ୍ତି କି ଇଶ୍ୱର ହେଉଛନ୍ତି ଏକ, ଆଁ ହଜ୍‌ରତ୍ ସ:ଆ:ସ ହେଉଛନ୍ତି ଖାତମୁନ୍ ନବୀଇନ୍, ପବିତ୍ର କୋରାନ୍ ହେଉଛି ଶେଷ ଶରଇ (ବିଧାନମୂଳକ) ପୁସ୍ତକ । ଏ ବିଶ୍ୱାସ ତ ଆମର ମଧ୍ୟ ରହିଛି ଓ ସେମାନଙ୍କର ମଧ୍ୟ ରହିଛି । କିନ୍ତୁ ଯଦି କହିବା ଓ କରିବାରେ ଓଲଟା ହେବ ତେବେ  କେବଳ ବିଶ୍ୱାସ ଆଣିବାଟା କାମ ଦେବନାହିଁ । ଅସଲ କଥା ହେଉଛି ଅମଲ୍ (କାର୍ଯ୍ୟ କରିବା) ଯାହାପାଇଁ ଆମେ ଚେଷ୍ଟା କରିବା ଉଚିତ୍ । ସୁତରାଂ ଇସ୍‌ଲାମ୍ ଆଣିବା ଯଥେଷ୍ଟ ନୁହେଁ, ଅହେମଦୀ ହେବା ଯଥେଷ୍ଟ ନୁହେଁ (ବରଂ) ନିଜକୁ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ମୁତାବକ ପରିଚାଳିତ କରିବା ଜରୁରୀ ଅଟେ ଏବଂ ପ୍ରକୃତ ମୋମିନ୍ ହେବା ଯାହା ଅଲ୍ଲାଃତାଲା ଆମଠାରୁ ଆଶା ରଖିଛି ।

ପୁଣି ଆପଣ ଆ:ସ କହୁଛନ୍ତି ''ଖୁଦାତାଲା ନାହୁଁଛନ୍ତି କି (ତୁମେ) ସତ୍‌କର୍ମକୁ କରି ଦେଖାଅ (ଅର୍ଥାତ୍ କାର୍ଯ୍ୟରେ ସତ୍ୟତା ପରିପ୍ରକାଶ ହେଉ) ଫଳତଃ ସେ ତୁମ ସହିତ ରହିବେ । କରୁଣା, ଚରିତ୍ର, ଅନୁଗ୍ରହ, ସତ୍‌କାର୍ଯ୍ୟ, ସହାନୁଭୁତି ଏବଂ ବିନମ୍ରତା ଗ୍ରହଣ କରିବାରେ ଯଦି କମ୍ କରୁଛନ୍ତି ତେବେ ମୁଁ ଜାଣିଛି ଏବଂ ବାରମ୍ବାର ଏକଥା ବତାଉଛି ଯେ ସର୍ବପ୍ରଥମେ ଏପରି ଜମାତ୍ ଧ୍ୱଂସ ପାଇବ'' । (ପୁଣି) କହୁଛନ୍ତି କି ''ମୁସା ଆ:ସଙ୍କ ସମୟରେ  ଯେତେବେଳେ ତାଙ୍କର ଉମ୍ମତ୍ ଖୁଦାତାଲାଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଲେନାହିଁ ମୁସା ତାଙ୍କ ମଧ୍ୟରେ ରହିଥିବା ସତ୍ତ୍ୱେ ମଧ୍ୟ ସେମାନେ ବିଜୁଳି ଦ୍ୱାରା ନିଃଶେଷ ହୋଇଗଲେ'' । (ମଲ୍‌ଫୁଜାତ୍, ଖଣ୍ଡ-୭, ପୃଷ୍ଠା-୧୪୪-୧୪୫, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) । ତେବେ ପୁଣି ଆପଣ ଆ:ସ କହୁଛନ୍ତି କି ତୁମର (ଏପ୍ରତି) କଣ ଭାବନା ରହିଛି କି ତୁମେ କେବଳ ମୋ ବୟତ କରି ବଂଚିଯିବ !

ପୁଣି ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବା ବିଷୟରେ ଉପଦେଶ ଦେଇ ଆପଣ ଆ:ସ ସାହାବାଙ୍କ ଦୃଷ୍ଟାନ୍ତ ପ୍ରଦାନ କରି କହୁଛନ୍ତି କି ''ଏପରି ଅବସ୍ଥା ମଣିଷ ଭିତରେ ସୃଷ୍ଟି ହୋଇଯିବା ସହଜ କଥା ନୁହେଁ....'' ଅର୍ଥାତ୍ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବା ଓ ତକ୍‌ୱା ସୃଷ୍ଟି କରିବା, ଆପଣ ଆ:ସ କହୁଛନ୍ତି କି ସାହାବା ର:ଅ ଯେଉଁ ନମୁନା ଦେଖାଇଥିଲେ ତାହା କଣ ଥିଲା । ଇଶ୍ୱରଙ୍କ ମାର୍ଗରେ ଜୀବନଦେବା ପାଇଁ ପ୍ରସ୍ତୁତ ହୋଇଗଲେ । ସୁତରାଂ ''ଏପରି ଅବସ୍ଥା ମନୁଷ୍ୟ ଭିତରେ ସୃଷ୍ଟି ହୋଇଯିବା ସହଜ କଥା ନୁହେଁ କି ସେ ଇଶ୍ୱରଙ୍କ ମାର୍ଗରେ ଜୀବନ ଦେବାପାଇଁ ପ୍ରସ୍ତୁତ ହୋଇଯିବ କିନ୍ତୁ ସାହାବାଙ୍କର ଅବସ୍ଥା ଏକଥା ବତାଉଛି କି ସେମାନେ ଏକାର୍ଯ୍ୟକୁ ସମ୍ପାଦନ କଲେ । ଯେତେବେଳେ ତାଙ୍କୁ ନିର୍ଦ୍ଦେଶ ଦିଆଗଲା କି ଏ ମାର୍ଗରେ ଜୀବନ ଦେଇଦିଅ ସେତେବେଳେ ସେମାନେ ପୁଣି ସଂସାର ଆଡକୁ ଢ଼ଳିଲେ ନାହିଁ । ସୁତରାଂ ଏହା ହେଉଛି ଜରୁରୀ କଥା କି ତୁମେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦିଅ'' (ମଲ୍‌ଫୁଜାତ୍, ଖଣ୍ଡ-୮, ପୃଷ୍ଠା-୨୯୭, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) । ଆଜିକାଲି ମୁଁ ଖୁତ୍‌ବାରେ ସାହାବା ର:ଅଙ୍କ ଜୀବନ ଚରିତ ବର୍ଣ୍ଣ କରୁଅଛି । ବହୁତ ଗୁଡିଏ ଅଜବ ଅଜବ ଘଟଣାବଳୀ ସାମନାକୁ ଆସୁଛି କି ସେମାନେ କି ପ୍ରକାରର କୁର୍ବାନୀ (ବଳିଦାନ) ଦେବାବାଲା ଥିଲେ । କିଭଳି ନିଜ ଭିତରେ ପୁଣ୍ୟ ସୃଷ୍ଟି କରିଥିଲେ, କିଭଳି ତକ୍‌ୱା ଗ୍ରହଣ କରି ଆଗକୁ ବଢ଼ିଥିଲେ, ଉପାସନାର ସ୍ତର କଣ ଥିଲା । ସେଇଥିପାଇଁ କି ଆମ ସାମ୍‌ନାରେ ସେହି ସବୁ ଦୃଷ୍ଟାନ୍ତ ଗୁଡିକ ଆସିଯାଉ ଯାହାଙ୍କ ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ କି ମୋ ସାହାବାମାନେ ହେଉଛନ୍ତି ନକ୍ଷତ୍ର ସଦୃଶ । ସେମାନଙ୍କ ମଧ୍ୟରୁ ତୁମେ ଯାହାଙ୍କ ପଛରେ ଅନୁସରଣ କରିବ ତୁମକୁ ତାହା ସଠିକ୍ ମାର୍ଗ ଆଡକୁ ନେଇଯିବ । (ମିର୍‌କାତୁଲ୍ ନଫାତିହି ଶରହ୍ ମିଶ୍‌କାତୁଲ୍ ମସାବିହି, ଖଣ୍ଡ-୧୧, ପୃଷ୍ଠା-୧୬୨, ହଦିସ୍-୬୦୧୮..... ବେରୁତ୍ ୨୦୦୧) । ସୁତରାଂ ଏହା ହେଉଛି ଆମପାଇଁ ଆଦର୍ଶ ।

ଆପଣ ଆ:ସ କହୁଛନ୍ତି କି ''ମନେରଖ ଯିଏ ସଂସାର ପାଇବା ପାଇଁ ଚାହୁଁଛି ପୁଣି ଜମାତ୍‌ରେ ସାମିଲ୍ ହୋଇଛି (ତେବେ) ଖୁଦାତାଲାଙ୍କ ନିକଟରେ ସେ ଏ ଜମାତ୍‌ରେ ଗଣାଯିବନାହିଁ । ଅଲ୍ଲାଃତାଲାଙ୍କ ନିକଟରେ ସେ ଏ ଜମାତ୍‌ରେ ସାମିଲ୍ ଅଛି ଯିଏ ସଂସାରରୁ ମୁକ୍ତ ରହିଛି'' । ଏହାର ସ୍ପଷ୍ଟୀକରଣ ମଧ୍ୟ ଆଗକୁ କରିଛନ୍ତି । କହୁଛନ୍ତି କି ଏପରି କେହି ନ ଭାବୁ ଯେ ମୁଁ ଏପରି ଭାବନା ଦ୍ୱାରା ନିଃଶେଷ ହୋଇଯିବି । ଏହା ଇଶ୍ୱରଙ୍କୁ ଚିହ୍ନିବାର ମାର୍ଗଠାରୁ ଦୂରକୁ ନେଇଯିବାବାଲା ଭାବନା ଅଟେ ।'' ଅର୍ଥାତ୍ ଯଦି ମୁଁ ସଂସାର ଆଡକୁ ଯିବି ତେବେ ନିଃଶେଷ ହୋଇଯିବି । (ପୁଣି) କହୁଛନ୍ତି- ''ଖୁଦାତାଲା କଦାପି ସେ ବ୍ୟକ୍ତିକୁ ନଷ୍ଟ କରେନାହିଁ ଯିଏ କେବଳ ତାର ହୋଇଯାଇଥାଏ ବରଂ ସେ ସ୍ୱୟଂ ତାର ଉତରଦାୟୀ ହୋଇଯାଇଥାଏ । ଅଲ୍ଲାଃତାଲା ହେଉଛନ୍ତି ଦୟାଳୁ । ଯେଉଁବ୍ୟକ୍ତି ତା ମାର୍ଗରେ କିଛି ହଜାଏ ସେ ହିଁ କିଛିଟା ପାଇଥାଏ । ମୁଁ ସତ୍ୟ କହୁଅଛି କି ଅଲ୍ଲାଃତାଲା ସେମାନଙ୍କୁ ପ୍ରେମ କରିଥାନ୍ତି ଓ ସେମାନଙ୍କର ସନ୍ତାନ ବୈଭବଶାଳୀ ହୋଇଥାନ୍ତି ଯେଉଁମାନେ ଖୁଦାତାଲାଙ୍କର ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପରିଚାଳିତ ହୋଇଥାଆନ୍ତି ଓ ଏପରି କେବେ ହୋଇନାହିଁ ନା କେବେ ହେବ କି ଖୁଦାତାଲାଙ୍କ ସଚ୍ଚା ଆଜ୍ଞାକାରୀ ହୋଇଥିବ ଓ ତାର ସନ୍ତାନ ବର୍‌ବାଦ୍ ହୋଇଯାଇଥିବେ । ସେ ଲୋକମାନଙ୍କର ସଂସାର ଉଜୁଡି ଯାଇଥାଏ ଯେଉଁମାନେ ଇଶ୍ୱରଙ୍କୁ ଛାଡିଦେଇଥାଆନ୍ତି ଓ ସଂସାର ଆଡକୁ ଢ଼ଳିଥାନ୍ତି । କଣ ଏହା ସତ୍ୟ ନୁହେଁ କି ପ୍ରତ୍ୟେକ ବସ୍ତୁର ତନାବ୍ (ଯାଗା ମାପିବା ପାଇଁ ବ୍ୟବହୃତ ହେଉଥିବା ଜଞ୍ଜିର କଡି) ଅଲ୍ଲାଃତାଲାଙ୍କ ହାତରେ ହିଁ ରହିଥାଏ । ତା ବିନା କୌଣସି ମୋକଦ୍ଦମାରେ ବିଜୟ ଲାଭ ହୋଇପାରେନା । କୌଣସି ସଫଳତା ପ୍ରାପ୍ତ ହୋଇପାରେନା ଓ କୌଣସି ପ୍ରକାରର ସୁବିଧା ଓ ଆରାମ ମିଳିପାରେନା'' । (ପୁଣି) କହୁଛନ୍ତି କି ''ଧନ ସମ୍ପତି ହୋଇପାରେ'', ଟଙ୍କା ପଇସା କାହା ପାଖକୁ

ଆସିପାରେ ‘‘କିନ୍ତୁ କିଏ ଏହା କହିପାରିବ ଯେ’’ ଏହି ଯୋଉ ଟଙ୍କା ପଇସା ‘‘ମରିବା ପରେ ଏହା ସ୍ତ୍ରୀ ପିଲାଙ୍କର ନିଶ୍ଚିତ ରୂପେ କାମରେ ଆସିବ’’ । ଏହିପରି ଅନେକ ଦୃଷ୍ଟାନ୍ତ ଆମ ସମ୍ମୁଖରେ ରହିଛି ଯେ ମରିବା ପରେ ତାଙ୍କର ଧନ ସମ୍ପତି ଉଜୁଡି ଯାଇଥାଏ । (ପୁଣି) କହୁଛନ୍ତି- ଏହିସବୁ କଥା ଉପରେ ଚିନ୍ତା କର ଓ ନିଜ ଭିତରେ ଏକ ନୂତନ ପରିବେଶ ସୃଷ୍ଟିକର’’

ପୁଣି ଆପଣ କହୁଛନ୍ତି କି ‘‘.... ବର୍ତମାନ ଯେଉଁ ପ୍ରଶଂସା କରାଯାଉଛି’’ ଜମାତ୍‌ର ବା ଅହେମଦୀ ମାନଙ୍କର ‘‘ତାହା ଇଶ୍ୱରଙ୍କର ସତ୍‌ତାରି (ଦୋଷ ଦୁର୍ବଳତା ଘୋଡାଇ ଦେବାର ଗୁଣ) ଦ୍ୱାରା ହେଉଅଛି’’, ଅଲ୍ଲାଃତାଲା ପର୍ଦାପୋଷି କରୁଅଛି । ‘‘କିନ୍ତୁ ଯେତେବେଳେ କୌଣସି ବିପଦ ଆପଦ ଓ ପରୀକ୍ଷା ଆସିଥାଏ ସେତେବେଳେ ସେ ମଣିଷକୁ ଲଙ୍ଗଳା କରି ଦେଖାଇଦିଏ । ସେ ସମୟରେ ମନ ଭିତରେ ଯେଉଁ ରୋଗଥାଏ ତାହା ନିଜର ସମ୍ପୂର୍ଣ୍ଣ ପ୍ରଭାବ ପକାଇ ମନୁଷ୍ୟକୁ ନିଃଶେଷ କରିଦିଏ’’ । (ମଲ୍‌ଫୁଜାତ୍, ଖଣ୍ଡ-୮, ପୃଷ୍ଠା-୨୯୭-୨୯୮, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ଯେଉଁ ସମୟର କଥା ଆପଣ କହୁଛନ୍ତି ସେ ସମୟରେ ତକ୍‌ୱା ଏବଂ ପୁଣ୍ୟର ସ୍ତର ଆଜିର ତୁଳନାରେ ବହୁତ ଉଚ୍ଚକୋଟୀର ଥିଲା କିନ୍ତୁ ସେ ସମୟରେ ମଧ୍ୟ ଆପଣ ଆ:ସଙ୍କ ହୃଦୟରେ ଏକ ପୀଡା ଥିଲା । ବର୍ତମାନ ଆମେ ନିଜର ଅବସ୍ଥାକୁ ଦେଖି ନିଜେ ହିଁ ଅନୁଶୀଳନ କରିବା କି ଆମର କଣ ଅବସ୍ଥା ଅଛି । ଆମର ଦାବୀ କଣ ଓ ଆମର ପୁଣ୍ୟର ସ୍ତର କଣ ରହିଛି ।

ପୁଣି ଏହାକୁ ଆହୁରି ଅଧିକ ସ୍ପଷ୍ଟ କରି ଅର୍ଥାତ୍ ସଚ୍ଚା ମୋମିନ୍ କିଏ, ଏ ବିଷୟରେ ଆପଣ ଆ:ସ କହୁଛନ୍ତି- ‘‘ନିଶ୍ଚିତ ରୂପେ ମନେରଖ ଯେ ଇଶ୍ୱରଙ୍କ ନିକଟରେ ସେ ବ୍ୟକ୍ତି ମୋମିନ୍ ଓ ବୟତ୍‌ରେ ଦାଖିଲ୍ ହୋଇଥାଏ ଯିଏ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେଇଥାଏ ଯେପରିକି ସେ ବୟତ କରିବା ସମୟରେ କହିଥାଏ । ଯଦି ସାଂସାରିକ ଉଦ୍ଦେଶ୍ୟକୁ ଅଗ୍ରାଧିକାର ଦିଏ ତେବେ ସେ ଉକ୍ତ ଚୁକ୍ତିକୁ ଭଙ୍ଗ କରୁଅଛି ଓ ଇଶ୍ୱରଙ୍କ ନିକଟରେ ସେ ଅପରାଧି ହୋଇଥାଏ’’ ।..... କହୁଛନ୍ତି ‘‘ନିଶ୍ଚିତ ରୂପେ ମନେରଖ କି ଯେପର୍ଯ୍ୟନ୍ତ ମନୁଷ୍ୟର ଅମଲି ହାଲତ୍ (କାର୍ଯ୍ୟ କରିବାର ସ୍ଥିତି) ଠିକ୍ ନହେବ ଜିହ୍ୱା କିଛି ବସ୍ତୁ ନୁହେଁ । ଏହା କେବଳ ପ୍ରଗଲ୍ଭତା ।.... ସଚ୍ଚା ଇମାନ୍ ହେଉଛି ତାହା ଯାହା ହୃଦୟରେ ଦାଖଲ ହୋଇ ତାର କର୍ମକୁ ନିଜର ପ୍ରଭାବରେ ରଙ୍ଗୀନ୍ କରୁଥିବ । ସଚ୍ଚା ଇମାନ୍ ଅବୁ ବକର୍ ର:ଅ ଏବଂ ଅନ୍ୟ ସାହାବା ର:ଅ ମାନଙ୍କର ଥିଲା କାରଣ ଯେଉଁମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ଧନ ତ ଧନ ଜୀବନ ମଧ୍ୟ ଦେଇଦେଲେ ଓ ଏହାର କୌଣସି ପରବାୟ ମଧ୍ୟ କଲେନାହିଁ....’’ ।

(ପୁଣି) କହୁଛନ୍ତି ‘‘ମୋତେ ଏ ଭାବନା ସବୁବେଳେ ଆସୁଛି ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ମହାନତା ହୃଦୟ ଭିତରେ ସୃଷ୍ଟି ହେଉଛି କି କେଡେ ବାବର୍‌କତ୍ ସେ ଜାତି ଥିଲା ଓ ଆପଣ ସ:ଆ:ସଙ୍କ ପବିତ୍ର ଶକ୍ତିର କେଡେ ଶକ୍ତିଶାଳୀ ପ୍ରଭାବ ଥିଲା ଯେ ଉକ୍ତ ଜାତିକୁ ଏପରି ସ୍ତର ପର୍ଯ୍ୟନ୍ତ ପହଂଚାଇଦେଲା । ଧ୍ୟାନର ସହିତ ଦେଖନ୍ତୁ କି ଆପଣ ସ:ଆ:ସ ସେମାନଙ୍କୁ କେଉଁ ସ୍ଥାନରୁ କେଉଁ ସ୍ଥାନକୁ ପହଂଚାଇଦେଲା । ଗୋଟିଏ ସମୟରେ ତାଙ୍କର ଏପରି ଅବସ୍ଥା ଥିଲା ଯେ ସବୁ ପ୍ରକାରର ଅବୈଧ (କାର୍ଯ୍ୟକଳାପ) ସେମାନଙ୍କ ପାଇଁ ମା’ର କ୍ଷୀର ସଦୃଶ ଥିଲା’’, ଅର୍ଥାତ୍ ମା’ର କ୍ଷୀର ସଦୃଶ ସବୁ ପ୍ରକାରର କୁକାର୍ଯ୍ୟ କରୁଥିଲେ । ‘‘ଚୋରି, ମଦ୍ୟପାନ, ଜନା (ବ୍ୟଭିଚାର), ଦୁଷ୍କର୍ମ ସବୁକିଛି ଥିଲା । ସୁତରାଂ ଏପରି କୌଣସି ପାପ ନଥିଲା ଯାହା ତାଙ୍କଠାରେ ମିଳୁନଥିଲା । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସୁସଙ୍ଗତ ଓ ତର୍‌ବିୟତ୍ ଦ୍ୱାରା ତାଙ୍କ ଉପରେ ଏପରି ପ୍ରଭାବ ପଡ଼ିଲା ଓ ସେମାନଙ୍କର ଅବସ୍ଥାରେ ଏପରି ପରିବର୍ତନ ସୃଷ୍ଟି ହେଲା ଯେ ସ୍ୱୟଂ ଆଁ ହଜ୍‌ରତ୍ ସ:ଆ:ସ ଏହାର ସାକ୍ଷୀ ଦେଇ କହିଲେ - *ଅଲ୍ଲାହୁ ଅଲ୍ଲାହୁ ଫି ଅସ୍‌ହାବି* / ଯେପରି (ସେମାନେ) ମାନବର ବସ୍ତ୍ରକୁ ବାହାର କରିଦେଇ ଅଲ୍ଲାଃତାଲାଙ୍କର ପ୍ରତିରୂପ ହୋଇଯାଇଥିଲେ ଓ ସେମାନଙ୍କର ଅବସ୍ଥା ଫରିସ୍ତାଙ୍କ ଭଳି ହୋଇଯାଇଥିଲା ଯେଉଁମାନେ *ଯଫ୍ ଅଲୁନା ମାୟୁମରୁନ୍* (ନହଲ୍:୫୧)’’ଅର୍ଥାତ୍ -ଯାହା କୁହାଯାଏ ତାହା ହିଁ କରୁଥିଲେ । ସେହିପରି ହୋଇଗଲେ । ଠିକ୍ ସେହିପରି ଅବସ୍ଥା ସାହାବା ମାନଙ୍କର ହୋଇଯାଇଥିଲା । ସେମାନଙ୍କର କାମନା ଏବଂ ମନୋଭାବ ସମ୍ପୂର୍ଣ୍ଣ ରୂପେ ଦୂର ହୋଇଯାଇଥିଲା । (ମଲ୍‌ଫୁଜାତ୍, ଖଣ୍ଡ-୮, ପୃଷ୍ଠା-୨୯୬-୨୯୭, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ପୁଣି ଆପଣ ଆ:ସ କହୁଛନ୍ତି କି ବୟତ କରିବା ପରେ ଜଣେ ଅହେମଦୀ କିପରି ହେବା ଉଚିତ୍ ଓ କିପରି ଜମାତ୍ ସହିତ ତାର ମଜ୍‌ବୁତ୍ ସମ୍ପର୍କ ରହିବା ଉଚିତ୍ ଓ ଆପଣ ଆ:ସଙ୍କ ଯୁଗରେ ଆପଣ ଆ:ସଙ୍କ ସହିତ ଓ ପୁଣି ଆପଣ ଆ:ସ କହୁଛନ୍ତି କି ମୋ ପରେ ଖିଲାଫତ୍‌ର ଯେଉଁ ସିଲ୍‌ସିଲା ଆରମ୍ଭ ହେବ ତା ସହିତ ଯୋଡି ହୋଇ ରହିବା ଅର୍ଥାତ୍ ସେହି ସ୍ଥାୟୀ ସିଲ୍‌ସିଲା ତୁମ ସହିତ ଚାଲିବ ।

ଆପଣ ଆ:ସ କହୁଛନ୍ତି କି ଯେଉଁ ଡାଳର ସମ୍ପର୍କ ଗଛ ସହିତ ରହେନାହିଁ ତାହା ପରିଶେଷରେ ଶୁଖି ତଳେ ପଡ଼ିଯାଏ । ଯେଉଁ ବ୍ୟକ୍ତି ଜୀବନ୍ତ ଇମାମ୍ ରଖିଛି ସେ ସଂସାରର ପରବାୟ କରେନାହିଁ । ସଂସାର ଚାରିଆଡୁ ମିଳିଯାଏ । ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବାବାଲା ହିଁ ହେଉଛି ମୁବାରକ୍ କିନ୍ତୁ ଯିଏ ଦୁନିଆକୁ ଦୀନ୍ ଉପରେ ଅଗ୍ରାଧିକାର ଦେଇଥାଏ ସେ ହେଉଛି ମୁର୍ଦାର ସଦୃଶ ଯିଏ କଦାପି ସଚ୍ଚା ସାହାଯ୍ୟ ସହଯୋଗର ଚେହେରା ଦେଖେନାହିଁ । ଏହି ବୟତ ସେତେବେଳେ କାମ ଆସିପାରେ ଯେତେବେଳେ ଦୀନ୍‌କୁ ଅଗ୍ରାଧିକାର ଦିଆଯିବ ଓ ସେଥିରେ ଉନ୍ନତି କରିବା ପାଇଁ ଚେଷ୍ଟା କରାଯିବ । ବୟତ ହେଉଛି ଗୋଟିଏ ମଞ୍ଜି ଯାହା ଆଜି ବୁଣାଗଲା । ଏବେ ଯଦି କୌଣସି ଚାଷୀ କେବଳ ଜମିରେ ଚାରା ରୋପଣ କରିବାକୁ ଯଥେଷ୍ଟ ମଣିବ’’ ମଞ୍ଜି ଲଗାଇ ଏହା କହିଦବ କି ସବୁକିଛି ଠିକ୍ ହୋଇ୍‌ଗଲା ‘‘ଏବଂ ଫଳପ୍ରାପ୍ତ କରିବା ପାଇଁ ଯାହା ସବୁ କାର୍ଯ୍ୟ ଦାୟିତ୍ୱ ରହିଛି ସେଗୁଡିକୁ ନକରିବ ନା ଜମିକୁ ଠିକ୍ କରିବ, ନା ପାଣି ବୁହାଇବ ଏବଂ ନା ସମୟାନୁସାରେ ଉଚିତ୍ ସାର ଜମିରେ ପକାଇବ ନା ଯଥେଷ୍ଟ ସୁରକ୍ଷା କରିବ । ତେବେ କଣ ଉକ୍ତ ଚାଷୀ ଜଣକ ଫଳ ପାଇବା ପାଇଁ ଆଶା ବାନ୍ଧି ପାରିବ ?’’ ଏ ଇଲାକା ମଧ୍ୟ ଚାଷୋପଯୋଗ ଅଟେ । ନୁଆ ଆସିଥିବା ବହୁତ ଲୋକେ ରିଫ୍ୟୁଜି ଷ୍ଟାଟସ୍ (Refugee Status)ବା ଆଜାଇଲମ୍ ନେଇ ସେମାନେ ଗାଁରୁ ମଧ୍ୟ ଆସିଛନ୍ତି, ସେମାନେ ମଧ୍ୟ ଜାଣିଛନ୍ତି ଯେ ମଞ୍ଜି ବୁଣିବ ପରେ ଯଦି ଫସଲକୁ ଠିକ୍ ରୂପେ ଦେଖାଶୁଣା କରାଯାଏ ତେବେ ସେଥିରେ ଠିକ୍ ଫଳ ଲାଗେନାହିଁ । ସୁତରାଂ ଏଠାକୁ ନୁଆ ନୁଆ ଆସିଥିବା ଲୋକମାନଙ୍କୁ ମଧ୍ୟ ମୁଁ ଏହା କହିବାକୁ ଚାହୁଁଛି କି ଅଲ୍ଲାଃତାଲା ଏଠାରେ ଆପଣମାନଙ୍କର ଅବସ୍ଥାକୁ ସୁଧାରି ଦେଇଛନ୍ତି । ଏଠରେ ଧର୍ମୀୟ ସ୍ୱାଧୀନତା ପ୍ରଦାନ କରିଛନ୍ତି । ଏଠାରେ ଉପାସନାର ହକ୍‌କୁ ପ୍ରଦାନ କରିପାରିବେ ଓ ସ୍ୱାଧୀନତାର ସହିତ ନିଜର ଧର୍ମର ପରିପ୍ରକାଶ କରିପାରିବେ । ସେଇଥିପାଇଁ ପ୍ରତ୍ୟେକ ଅହେମଦୀଙ୍କ ନିମନ୍ତେ ଏହା ମଧ୍ୟ ଜରୁରୀ ଅଟେ ଏବଂ ବିଶେଷ ରୂପେ ଯେଉଁମାନେ ପାକିସ୍ତାନ୍‌ରୁ ଏଠାକୁ ଆସିଛନ୍ତି ସେମାନେ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବାପାଇଁ ସମ୍ପୂର୍ଣ୍ଣ ରୂପେ ଚେଷ୍ଟା କରିବା ଉଚିତ୍ ଓ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପରିଚାଳିତ ହେବାପାଇଁ ନିଜର ସମସ୍ତ ଶକ୍ତିକୁ ବ୍ୟବହାର କରନ୍ତୁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ଯିଏ ନିଜର ବଗିଚା ବା ଫସଲକୁ ଠିକ୍ ରୂପେ ଦେଖାଶୁଣା କରିବ ନାହିଁ ‘‘.... ତା ଫସଲ ନିଶ୍ଚିତ ରୂପେ ଉଜୁଡି ଯିବ । ଫସଲ ତାର ହିଁ ରହିବ ଯିଏ ସମ୍ପୂର୍ଣ୍ଣ ରୂପେ ଜମିଦାର୍ ବନିବ । ତେଣୁ ଆପଣମାନେ ମଧ୍ୟ ଆଜି ଗୋଟିଏ ପ୍ରକାରର ମଞ୍ଜି ଲଗାଇଛନ୍ତି’’ ସେମାନଙ୍କୁ ବୁଝାଉଛନ୍ତି ଯେଉଁମାନେ ଆପଣ ଆ:ସଙ୍କ ସମ୍ମୁଖରେ ଉପସ୍ଥିତ ଥିଲେ ଏବଂ ଆଜି ଆମେ ଏହାର ସମ୍ବୋଧନ ହେଉଅଛୁ କି ଆମେ ମଧ୍ୟ ମଞ୍ଜି ଲଗାଇଛୁ, ଅହେମଦୀୟତ୍‌କୁ ଗ୍ରହଣ କରିଛୁ । ‘‘ଇଶ୍ୱର ଜାଣିଛନ୍ତି କି କାହା ଭାଗ୍ୟରେ କଣ ଅଛି । କିନ୍ତୁ ଭାଗ୍ୟବାନ୍ ହେଉଛି ସେ ଯିଏ ସେହି ମଞ୍ଜିଟିକୁ ସୁରକ୍ଷିତ ରଖିବ ଓ ଉନ୍ନତି କରିବା ପାଇଁ ନିଜ ତରଫରୁ ଦୁଆ କରିଚାଲିବ । ଉଦାହରଣ ସ୍ୱରୂପ ନମାଜରେ ଗୋଟିଏ ପ୍ରକାରର ପରିବର୍ତନ ହେବା ଉଚିତ୍’’ । (ମଲ୍‌ଫୁଜାତ୍, ଖଣ୍ଡ-୭, ପୃଷ୍ଠା-୩୭-୩୮, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) । ନମାଜ ପ୍ରତି ଧ୍ୟାନ ରହିବା ଉଚିତ୍ । କେବଳ ଏତିକି ନୁହେଁ କି ଆମେ ମସ୍‌ଜିଦ୍ ନିର୍ମାଣ କରିଦେଲୁ । ଏହାଦ୍ୱାରା ତାର ହକ୍‌କୁ ମଧ୍ୟ ପ୍ରଦାନ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ।

ପୁଣି ଆଉଏକ ବଡ ଜରୁରୀ ଉପଦେଶ ଆପଣ ଆ:ସ ଜମାତ୍‌କୁ କରିଛନ୍ତି ଯାହାକୁ ମୁଁ ଏଠାରେ ଉପସ୍ଥାପନ କରୁଅଛି । ଆପଣ ଆ:ସ କହୁଛନ୍ତି- ‘‘ଆଜିକାଲି ଯୁଗ ବହୁତ ଖରାପ ହେଉଅଛି । ଭଳି ଭଳିକା ଶିର୍କ୍, ବିଦ୍‌ଅତ୍ ଓ ଅନେକ ପ୍ରକାରର ଖରାପ କାର୍ଯ୍ୟ ବାହାରି ପଡିଲାଣି । ବୟତ କରିବା ସମୟରେ ଯେଉଁ ପ୍ରତିଶୃତି କରାଯାଇଥାଏ ଅର୍ଥାତ୍ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବି ତାହା ଇଶ୍ୱରଙ୍କ ନିକଟରେ କରାଯାଇଥିବା ପ୍ରତିଶୃତି । ବର୍ତମାନ ସେହି (ପ୍ରତିଶୃତି) ଉପରେ ମରିବା ପର୍ଯ୍ୟନ୍ତ ଖୁବ୍ କାଏମ୍ ରୁହନ୍ତୁ ନଚେତ୍ ଏହା ଜାଣି ନିଅ କି ବୟତ୍ ହୋଇନାହିଁ । ଯଦି (ତା ଉପରେ) କାଏମ୍ ରହିବ ତେବେ ଅଲ୍ଲାଃତାଲା ଦୀନ୍ ଏବଂ ଦୁନିଆ (ଧର୍ମ ଓ ସଂସାର)ରେ ବର୍‌କତ୍ ଦେବେ ।’’ ଦୀନ୍‌ରେ ମଧ୍ୟ ବର୍‌କତ୍ ଦେବେ ଓ ଦୁନିଆରେ ମଧ୍ୟ ବର୍‌କତ୍ ଦେବେ । ‘‘ନିଜ ଅଲ୍ଲାଃଙ୍କ ଇଚ୍ଛା ମୁତାବକ ସମ୍ପୂର୍ଣ୍ଣ ରୂପେ ତକ୍‌ୱା ଗ୍ରହଣ କର । ଏ ଯୁଗ ବହୁତ ସୂକ୍ଷ୍ମ । ଇଶ୍ୱରଙ୍କର ପ୍ରକୋପ ପରିପ୍ରକାଶ ହେଉଅଛି, ଯିଏ ଅଲ୍ଲାଃତାଲାଙ୍କ ମର୍ଜି ମୁତାବକ ନିଜକୁ ତିଆରି କରିନେବ ସେ ନିଜର ଜୀବନ ଏବଂ ନିଜର ସନ୍ତାନ ସନ୍ତତିଙ୍କ ଉପରେ ଦୟା କରିବ’’ । (ପୁଣି) କହୁଛନ୍ତି- ‘‘ଦେଖନ୍ତୁ ମଣିଷ ରୋଟି ଖାଉଛି । ଯେପର୍ଯ୍ୟନ୍ତ ପେଟପୁରା ନଖାଇଛି ତାର ଭୋକ ମରୁନାହିଁ’’ । (ମଲ୍‌ଫୁଜାତ୍, ଖଣ୍ଡ-୫, ପୃଷ୍ଠା-୭୫, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଇଶ୍ୱରଙ୍କ ପ୍ରକୋପ ସମ୍ବନ୍ଧରେ ମଧ୍ୟ ଆପଣମାନେ ଦେଖିନିଅନ୍ତୁ (କି) ଆପଣ ଆ:ସ କହୁଛନ୍ତି କି ଇଶ୍ୱରଙ୍କ ପ୍ରକୋପ ଅବତୀର୍ଣ୍ଣ ହେଉଅଛି । ଏବେ ଆମେ ଦେଖୁଛେ ଓ ନିୟମିତ ଭାବେ ଗଣନା ମଧ୍ୟ ହୋଇଛି କି ଏ ପୃଥିବୀରେ ଯେତେମାତ୍ରାରେ ଭୂକମ୍ପ, ବାତ୍ୟା ଏବଂ ବିପତି ବିଗତ ଶହେ ବର୍ଷ ମଧ୍ୟରେ ଆସିଛି ତାହା ପୂର୍ବରୁ କେବେ ଆସିନାହିଁ । ଏଠାରେ ବାତ୍ୟା ଆସୁଛି, ବର୍ଷା ମଧ୍ୟ ହେଉଛି ଓ ବହୁଳ ମାତ୍ରାରେ ହେଉଅଛି ଏବଂ ପ୍ରତ୍ୟେକ ଥର ଏହା କୁହାଯାଉଛି କି ଏହା ହେଉଛି ପାଂଚଶହ ବର୍ଷର ଦୃଷ୍ଟାନ୍ତ, ଏତେ ଶହ ବର୍ଷର ଦୃଷ୍ଟାନ୍ତ ବା ଏତେ ଦଶକର ଉଦାହରଣ, ଏହା କଣ ? ବୁଝିବାର ଆବଶ୍ୟକ ରହିଛି । ଏ ଲୋକମାନେ ତ ବୁଝୁନାହାଁନ୍ତି, ଯେଉଁମାନେ ହେଉଛନ୍ତି ସାଂସାରିକ କିନ୍ତୁ ଆମେ ବୁଝିବା ଉଚିତ୍ କି ଏହା ହେଉଛି ଅଲ୍ଲାଃତାଲାଙ୍କ ଅପ୍ରସନ୍ନତାର ପରିପ୍ରକାଶ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସ୍ପଷ୍ଟ ରୂପେ ଏକଥା ଗୁଡିକ ପ୍ରତି ସତର୍କ କରାଇଛନ୍ତି, ସେଇଥିପାଇଁ ଆମକୁ ନିଜର ଇସ୍‌ଲାହ୍ କରିବା ପ୍ରତି ମଧ୍ୟ ଧ୍ୟାନ ରହିବା ଉଚିତ୍ ଓ ଏ ପୃଥିବୀବାସୀକୁ ମଧ୍ୟ ବତାଇବା ଉଚିତ୍ କି ଉପରୋକ୍ତ ଆପଦ ବିପଦ କୌଣସି ମାମୁଲି ବିପଦ ନୁହେଁ । ଶହେ ବର୍ଷ ପୂର୍ବେ ଏ ସମ୍ବନ୍ଧରେ ଭବିଷ୍ୟବାଣୀ ହୋଇସାରିଛି ଓ ସେ ସବୁରୁ ବଂଚିବା ପାଇଁ ଗୋଟିଏ ହିଁ ମାର୍ଗ ଅଛି ଅର୍ଥାତ୍ ମନୁଷ୍ୟ ଇଶ୍ୱରଙ୍କ ଆଡକୁ ଆସୁ । ଏବେଯାଏ ଯଦି ହୋସ୍ ନ ଆସିଛି ତେବେ ପୁଣି ବଂଚିବା କଷ୍ଟକର । ଏହିପରି ମନୁଷ୍ୟ ନିଜେ ହିଁ ନିଜ ପାଇଁ ଅସୁବିଧା ସୃଷ୍ଟି କରିଛି । ଯୁଦ୍ଧ କରାଯାଉଛି, ଜଣେ ଅନ୍ୟଜଣକ ଉପରେ ଅତ୍ୟାଚାର କରୁଅଛି (ତେଣୁ) ପରିଶେଷରେ ତାର ଫଳ ମଧ୍ୟ ବାହାରିଥାଏ ଅର୍ଥାତ୍ ଯେତେବେଳେ ଅଲ୍ଲାଃତାଲାଙ୍କ ନିକଟରେ ଅତ୍ୟାଚାର ଶେଷ ସୀମାରେ ପହଂଚିଯିବ, ଆମକୁ ତ ଦେଖାଯାଉନାହିଁ କି ଏହା ଶେଷ ସୀମାରେ ରହିଛି ବୋଲି କିନ୍ତୁ ଅଲ୍ଲାଃତାଲା ବହୁତ ଢ଼ିଲା ଦେଇଥାଏ । ଯେତେବେଳେ ସେହି ଅତ୍ୟାଚାର ଅଲ୍ଲାଃତାଲାଙ୍କ ନିକଟରେ ଶେଷସୀମାକୁ ପହଂଚିଯାଏ ସେତେବେଳେ ସେହି ଅତ୍ୟାଚାରୀ ଜାତି ଧ୍ୱଂସ ହୋଇଥାଏ । କେବଳ ସେହିମାନେ ହିଁ ବଂଚିପାରିବେ ଯାହାଙ୍କ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ପଦରେ କହୁଛନ୍ତି କି-

*ଆଗ୍ ହୈ ପର୍ ଆଗ୍ ସେ ୱହ୍ ସବ୍ ବଚାଏ ଜାଏଁଗେ*

*ଜୋ କେ ରଖ୍‌ତେ ହୈ ଖୁଦାଏ ଜୁଲ୍ ଅଜାଇବ୍ ସେ ପ୍ୟାର୍*

(ଦୁର୍‌ରେ ସମିନ୍ ଉର୍ଦ୍ଦୁ, ପୃଷ୍ଠା-୧୫୪)

ସୁତରାଂ ଏଥିପ୍ରତି ବହୁତ ଧ୍ୟାନଦେବାର ଆବଶ୍ୟକତା ରହିଛି । ନିଜକୁ ବଂଚାଇବା ପାଇଁ ଓ ସଂସାରକୁ ବଂଚାଇବା ପାଇଁ ମଧ୍ୟ ଆମକୁ ଚେଷ୍ଟା କରିବାର ଆବଶ୍ୟକ ରହିଛି ଓ ସେଥିପାଇଁ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବ୍ୟବହାର କରିବାକୁ ହେବ କି ଅଲ୍ଲାଃତାଲାକୁ ଆମେ କିପରି ହାସଲ କରିବା ।

ଆପଣ ଆ:ସ କହୁଛନ୍ତି କି ‘‘ମଣିଷ ରୋଟି ଖାଉଛି, ଯେପର୍ଯ୍ୟନ୍ତ ମନବୋଧ କରି ନଖାଇଛି.....’’ ପେଟ ନ ପୁରିଛି ‘‘ତାର ଭୋକ ଶେଷ ହୁଏନାହିଁ । ଯଦି ସେ ଗୋଟିଏ ଭୁରା ରୋଟି ଖାଇନିଏ’’, ଗୋଟିଏ ଛୋଟ ଖଣ୍ଡ ଖାଏ, ଅଳ୍ପମାତ୍ରାରେ ଖାଏ ‘‘ତେବେ କଣ ସେ ଭୋକରୁ ମୁକ୍ତି ପାଇପାରିବ ? କଦାପି ନୁହେଁ । ଯଦି ସେ ଗୋଟିଏ ବିନ୍ଦୁ ପାଣି ନିଜ ତଂଟିରେ ପକାଏ ସେହି ବିନ୍ଦୁ ତାକୁ କଦାପି ବଂଚାଇପାରିବ ନାହିଁ ବରଂ ସେହି ଗୋଟିଏ ବିନ୍ଦୁ ସତ୍ୱେ ମଧ୍ୟ ସେ ମରିଯିବ’’ । (ପୁଣି) କହୁଛନ୍ତି କି- ‘‘ଜୀବନ ବଂଚାଇବା ପାଇଁ ଯେତେମାତ୍ରାରେ ଖାଦ୍ୟ ଆବଶ୍ୟକ ଯେପର୍ଯ୍ୟନ୍ତ ସେ ନଖାଇଛି ବା ନପିଇଛି ସେ ବଂଚିପାରିବ ନାହିଁ’’ । ‘‘ମନୁଷ୍ୟର ଦୀନ୍‌ଦାରିର ଅବସ୍ଥା ଏହିପରି ହୋଇଥାଏ, ଯେପର୍ଯ୍ୟନ୍ତ ତାର ଦୀନ୍‌ଦାରି ତାହାର ସୀମାକୁ ନପହଂଚିଛି ଯଦ୍ୱାରା ମନବୋଧ ହୋଇଯାଏ ସେ ବଂଚିପାରିବ ନାହିଁ । ଦୀନ୍‌ଦାରି, ତକ୍‌ୱା, ଇଶ୍ୱରଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଇତାଅତ୍ (ଆଜ୍ଞାବହତା)କୁ ଏପରି ସୀମା ପର୍ଯ୍ୟନ୍ତ କରିବା ଉଚିତ୍ ଯେପରି ରୋଟି ଓ ପାଣିକୁ ସେପର୍ଯ୍ୟନ୍ତ ଖିଆଯାଏ ଓ ପିଆଯାଏ ଯଦ୍ୱାରା ଭୋକ ଓ ଶୋଷ ଶେଷ ହୋଇଥାଏ ।’’

(ପୁଣି) କହୁଛନ୍ତି - ‘‘ଖୁବ୍ ମନେରଖିବା ଉଚିତ୍ କି ଖୁଦାତାଲାଙ୍କର କିଛି କଥାକୁ ନମାନିବା (ଏପରି ହୋଇଥାଏ ଯେପରି) ତାର ସବୁକଥାକୁ ହିଁ ପରିତ୍ୟାଗ କରିବା । ଯଦି ଗୋଟିଏ ଭାଗ ସୈତାନ୍‌ର ଓ ଆଉଗୋଟିଏ ଭାଗ ଅଲ୍ଲାଃର ତେବେ ଅଲ୍ଲାଃତାଲା ଭାଗବଂଟାକୁ ପସନ୍ଦ କରେନାହିଁ । ଏହି ସିଲ୍‌ସିଲା ଏଇଥିପାଇଁ ରହିଛି କି ମନୁଷ୍ୟ ଇଶ୍ୱରଙ୍କ ଆଡକୁ ଆସୁ । ଯଦିଚ ଇଶ୍ୱରଙ୍କ ଆଡକୁ ଆସିବା ବହୁତ କଠିନ ଓ ଗୋଟିଏ ପ୍ରକାର ମୃତ୍ୟୁ କିନ୍ତୁ ଶେଷରେ ଜୀବନ ମଧ୍ୟ ତା ଭିତରେ ନିହିତ ଅଛି । ଯିଏ ନିଜ ଭିତରୁ ସୈତାନ୍‌ର ଭାଗକୁ ବାହରକୁ ଫିଙ୍ଗିଦିଏ ସେ ମୁବାରକ୍ ମନୁଷ୍ୟ ହୋଇଥାଏ ଓ ତାର ଘର, ଶରୀର ଏବଂ ସହର ସବୁସ୍ଥାନରେ ବର୍‌କତ୍ ପହଂଚିଥାଏ କିନ୍ତୁ ଯଦି ତା ଭାଗରେ କମ୍ ଆସିଲା ତେବେ ସେହି ବର୍‌କତ୍ ମିଳିବନାହିଁ । ଯେପର୍ଯ୍ୟନ୍ତ ବୟତ୍‌ର ପ୍ରତିଶୃତି କାର୍ଯ୍ୟରେ ନହୋଇଛି (ତେବେ) ବୟତ କିଛି ନୁହେଁ । ଯେଉଁଭଳି ଜଣେ ବ୍ୟକ୍ତିଙ୍କ ଆଗରେ ତୁମେ ବହୁତ ଗୁଡିଏ କଥା ଜିହ୍ୱା ଦ୍ୱାରା କୁହ କିନ୍ତୁ କାର୍ଯ୍ୟରେ କିଛି ମଧ୍ୟ କରନାହିଁ (ସେତେବେଳେ) ସେ ଖୁସି ହେବନାହିଁ । ସେହିପରି ଇଶ୍ୱରଙ୍କର ମାମଲା ରହିଛି । ସମସ୍ତ ଆତ୍ମସମ୍ମାନ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ...*

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

କହିଲେ ତାହା ବିଲ୍‌କୁଲ୍ ଠିକ୍ ଥିଲା ଓ ମୋତେ ବହୁତ ଭଲ ଲାଗିଲା । ଏହି ଅଭିଭାଷଣକୁ ଶୁଣିବା ପାଇଁ ସେ ପୁରୁଷମାନଙ୍କ ଜଲ୍‌ସାଗାଃକୁ ମଧ୍ୟ ଆସିଥିଲେ । ଏତଦ୍‌ବ୍ୟତୀତ ତାଙ୍କର ସବୁ ସମୟ ଲଜ୍‌ନାଙ୍କ ନିମନ୍ତେ ପ୍ରସ୍ତୁତ ହୋଇଥିବା ଟେଂଟ୍‌ରେ ହିଁ ବିତିଛି । ସେ ପୁଣି କହୁଛନ୍ତି କି ପୁରୁଷମାନଙ୍କ ମଝିରେ ବସି ମୋତେ ବହୁତ ଲଜ୍ଜା ଅନୁଭବ ହେଉଥିଲା ଓ ମୋ ମୁଣ୍ଡରେ ଓଢ଼ଣୀ ନଥିବାରୁ ମୋତେ ଅଜବ ପ୍ରକାରର ଲଜ୍ଜା ଲାଗୁଥିଲା ।

ଲଟୁୟାରୁ ଆସିଥିବା ସବିନେ ସାହିବା ମଧ୍ୟ କୌଣସି ଇସ୍‌ଲାମୀୟ ପ୍ରୋଗ୍ରାମ୍‌ରେ ପ୍ରଥମଥର ପାଇଁ ସାମିଲ୍ ହୋଇଛନ୍ତି । ସେ କହୁଛନ୍ତି କି ଏହିେ ପ୍ରେଗ୍ରାମ୍ ବହୁତ ଭଲଥିଲା । ମୁଁ ସମସ୍ତ ପ୍ରୋଗ୍ରାମ୍‌ରୁ ବହତୁ କିଛି ଶିଖିଲି । ଇସ୍‌ଲାମୀୟ ସଂସ୍କୃତି ଧର୍ମରେ ବହୁତ ବିଶେଷତା ଅଛି ଓ ଏହା ଲୋକାମନଙ୍କ ପାଇଁ ବିଶେଷ ରୂପେ ଆସିଛି । ମୋତେ ଏଠିକାର ଖାଦ୍ୟ ବହୁତ ଭଲ ଲାଗିଲା । ରହିବା ପାଇଁ ହୋଟେଲ୍‌ରେ ଯେଉଁ ବ୍ୟବସ୍ଥା କରାଯାଇଥିଲା ତାହା ଅତ୍ୟନ୍ତ ସୁନ୍ଦର ଓ ପସନ୍ଦଯୋଗ୍ୟ ଥିଲା । ସମସ୍ତେ ଶେସନ୍‌ରେ କାର୍ଯ୍ୟରତ କର୍ମୀମାନେ ଅତ୍ୟନ୍ତ ସାହାଯ୍ୟକାରୀ ଓ ସମସ୍ତଙ୍କର ଧାନ ରଖୁଥିଲେ । ମୋର ସବୁଠାରୁ ପସନ୍ଦଯୋଗ୍ୟ ଦିନ ଫ୍ରାଙ୍କ୍‌ଫୋର୍ଟ ସହରରେ ହିଁ ବିତିଲା ।

### ଇସ୍‌ଟୋନିଆ ପ୍ରତିନିଧି ମଣ୍ଡଳର ମନୋଭାବବ୍ୟକ୍ତ

ଇସ୍‌ଟୋନିଆରୁ ଆସିଥିବା ଜଣେ ଅତିଥି Rainer ସାହେବ୍ ଏ ଜଲ୍‌ସାରେ ଯୋଗଦେଇଥିଲେ । ସେ ନିଜର ମନୋଭାବ ବ୍ୟକ୍ତ କରି କହିଲେ- ଜଲ୍‌ସାସାଲାନାରେ ମୁଁ ଚତୁର୍ଥ ଥର ପାଇଁ ଯୋଗ ଦେଇଛି । ପ୍ରତ୍ୟେକ ଥର ଜଲ୍‌ସାରେ ସାମିଲ୍ ହୋଇ ଅଲଗା ଅଲଗା ଅନୁଭୁତି ମିଳିଛି ଓ ନୁଆ ନୁଆ ଅନୁଭୁତି ସାଉଁଟିଛି ଓ ତତ୍‌ସହିତ ଅନେକ ନୁଆକଥା ଶିଖିବା ପାଇଁ ଅବସର ମିଳିଛି । ପ୍ରତ୍ୟେକ ଥର ଏଠାକୁ ଆସି ପାକିସ୍ତାନୀ ଏବଂ ଅନ୍ୟାନ୍ୟ ଦେଶରୁ ଆସିଥିବା ଅହେମଦୀମାନଙ୍କ ସହିତ ସାକ୍ଷାତ୍ କରିବା ଓ ତାଙ୍କ ବିଷୟରେ ଜାଣିବା ଏକ ନୁଆ ଅନୁଭୁତି ମିଳିଥାଏ । ମୁଁ ଏପରି କୌଣସି ଜାତିକୁ ଦେଖିନାହିଁ ଯେଉଁମାନେ ଏତେ ସଂଖ୍ୟାରେ ଗୋଟିଏ ସ୍ଥାନରେ ଏକତ୍ରିତ ହେଉଥିବେ । ନିଜର କଥା ମୁତାବକ ପରିଧାନ ଗ୍ରହଣ କରୁଥିବେ ଏବଂ ଉତମ ବ୍ୟବହାର ଦେଖାଉଥିବେ । ଆଜିପର୍ଯ୍ୟନ୍ତ ମୋ ଆଖି ଜଲ୍‌ସାସାଲାନାରେ ସାମିଲ୍ ହୋଇଥିବା ଲୋକମାନଙ୍କ ଠାରୁ କୌଣସି ଭୁଲ୍ ବା ଖରାପ କଥା ଦେଖିନାହିଁ । ଆଉଗୋଟିଏ କଥା ଯାହା ମୋତେ ବହୁତ ପ୍ରଭାବିତ କରିଛି ତାହା ହେଉଛି ନମାଜ ପଢ଼ିବାର ଶୈଳୀ । ସବୁ ଲୋକମାନେ ଜଣେ ଅନ୍ୟଜଣକ ସହିତ ମିଶି ଛିଡା ହେଉଛନ୍ତି ଓ କେହି ମଧ୍ୟ ସେଠାରେ ଅଲଗା ହୋଇ ନିଜର ନମାଜକୁ ପଢ଼ିବାକୁ ଚାହୁଁନାହିଁ । ଏକତାର ବହୁତ ବଡ ଉଦାହରଣ । ଏକଥା ଏପରି ଥିଲା ଯାହା ମୋ ଉପରେ ଗଭୀର ପ୍ରଭାବ ପକାଇଲା । ସେଇଥିପାଇଁ ମୁଁ ଜମାତ୍ ଅହେମଦୀୟାରେ ସାମିଲ୍ ହେବାପାଇଁ ନିଷ୍ପତି କଲି । (ହଜୁର୍ କହୁଛନ୍ତି) ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ସେ ଜର୍ମାନୀର ଜଲ୍‌ସାସାଲାନା ସମୟରେ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ କରିଛନ୍ତି । ସେ ହେଉଛନ୍ତି ଇସ୍‌ଟୋନିଆନ୍ କୌମ୍ ମଧ୍ୟରୁ ଜମାତ୍ ଅହେମଦୀୟାରେ ସାମିଲ୍ ହୋଇଥିବା ପ୍ରଥମ ବ୍ୟକ୍ତି ।

Imam Jambul Abduladze ସାହେବ୍ ବର୍ଣ୍ଣନା କରୁଛନ୍ତି କି ମୋତେ ବହୁତ ଖୁସି ଲାଗୁଛି ଓ ଆତ୍ମ ସନ୍ତୋଷ ମିଳୁଛି କି ମୁଁ ଏ ଜଲ୍‌ସାସାଲାନାରେ ଆସି ଯୋଗ ଦେଇଛି । ମୁଁ ଜଲ୍‌ସାରେ ଭାଇଚାରା ଓ ବାସ୍ତବିକ୍ ଇସ୍‌ଲାମୀୟ ଶିକ୍ଷାକୁ ଦେଖିବାକୁ ପାଇଲି ।

Roland Shavadze ସାହିବା ବର୍ଣ୍ଣନା କରୁଛନ୍ତି କି ମୁଁ ପ୍ରଥମଥର ପାଇଁ ଜର୍ମାନୀ ଆସିଛି ଓ ଏ ଜଲ୍‌ସା ମୋତେ ବହୁତ ଭଲ ଲାଗିଲା । ଏଠିକାର ଲୋକମାନେ ପ୍ରତିକ୍ଷେତ୍ରରେ ଆମର ଧ୍ୟାନ ରଖିଛନ୍ତି ଓ ସେବା କରିଛନ୍ତି । ଆମର ବହୁତ ଉତମ ଆତିଥ୍ୟତା କରାଯାଇଛି ଏପରିକି ଲୋକମାନେ ମୋ ନା ମଧ୍ୟ ଜାଣିନଥିଲେ କିନ୍ତୁ ବାରମ୍ବାର ମୋତେ ସାହାଯ୍ୟ କରିବା ପାଇଁ ଉପସ୍ଥିତ ହେଉଥିଲେ ।

ଇସ୍‌ଟୋନିଆନ୍ ପ୍ରତିନିଧି ମଣ୍ଡଳରେ ସାମିଲ୍ ଥିବା ଜଣେ ଅତିଥି Giga Gegianidze ସାହେବ୍ ବର୍ଣ୍ଣନା କରୁଛନ୍ତି କି ଏହି ପ୍ରୋଗ୍ରାମ୍ ବହୁତ ଶିକ୍ଷଣୀୟ ଓ ଜ୍ଞାନବର୍ଦ୍ଧକ ଥିଲା ଓ ଏଠିକାର ଲୋକମାନେ ବହୁତ ପୁଣ୍ୟବାନ ଓ ଅତିଥିପରାୟଣ ସମ୍ପନ୍ନ ଥିଲେ ।

ଆଉଜଣେ ଅତିଥି Giorgi Kopaeleshvili ସାହେବ୍ ବର୍ଣ୍ଣନା କରୁଛନ୍ତି କି IAAEA ଯେଉଁ ପ୍ରୋଜେକ୍ଟସ୍ ଉପସ୍ଥାପନ କରିଛନ୍ତି ତାହା ମୋତେ ବହୁତ ପସନ୍ଦ ଲାଗିଲା । ମୁଁ ନିଜେ ମଧ୍ୟ ଜଣେ ଇଞ୍ଜିନିୟର୍ । ମୋର ଆନ୍ତରିକ ଇଛା କି ମୁଁ ଏହି ସଂଗଠନରେ ମିଶି ମାନବ ସେବା କରିବି ।

ସେହିପରି ଇସ୍‌ଟୋନିଆ ଓ୍ୱଫଦ୍‌ର ଜଣେ ମେମ୍ବର୍ Giga Gegianidze ସାହେବ୍ ବର୍ଣ୍ଣନା କରୁଛନ୍ତି କି ଯେତେବେଳେ ମୁଁ IAAEA ର ପ୍ରୋଜେକ୍ଟସ୍‌କୁ ଦେଖିଲି ତ ମୋତେ ଏ କଥା ଅନୁଭବ ହେଲା କି କାହାକୁ ପାଣିଦେବା ଆମପାଇଁ କେଡେ ସହଜ । ତେଣୁ ମୁଁ ନିଶ୍ଚିତ ରୂପେ ସେହି ଗରିବ ଲୋକମାନଙ୍କୁ ସାହାଯ୍ୟ କରିବାରେ ସାମିଲ୍ ହେବି ଓ ଏହି ସଂଗଠନରେ ସାମିଲ୍ ହେବି ।

### ସ୍ଲୋଭାନିଆ ଓ୍ୱଫଦ୍‌ର ମନୋଭାବ

ସିରିଆ ଦେଶ ସହିତ ସମ୍ପର୍କ ରଖିଥିବା ଶିରାଜ୍ ଅହେମଦ୍ ସାହେବ ତିନିବର୍ଷ ହେବ ସ୍ଲୋଭାନିଆରେ ରହୁଛନ୍ତି । ସେ ସ୍ଲୋଭାନିଆରୁ ଏ ଜଲ୍‌ସାରେ ସାମିଲ୍ ହେବାପାଇଁ ଆସିଥିଲେ । ସେ ଜଲ୍‌ସାର ସମସ୍ତ ପ୍ରୋଗ୍ରାମ୍‌ରେ ଆଗ୍ରହର ସହିତ ସାମିଲ୍ ହୁଅନ୍ତି । ଜମାତ୍ ସମ୍ବନ୍ଧରେ ବହୁତ ପ୍ରଶ୍ନ ପଚାରନ୍ତି । ଆରବୀ ପୁସ୍ତକ ଗୁଡିକ ନେଇ ତାକୁ ଅଧ୍ୟୟନ ମଧ୍ୟ କରିଛନ୍ତି ଓ ସେଥିରୁ ବହୁତ ପ୍ରଭାବିତ ହୋଇଛନ୍ତି । କିନ୍ତୁ ହଜୁର୍‌ଙ୍କ ପଛରେ ନମାଜ ପଢ଼ିବା ପାଇଁ ତାଙ୍କ ମନରେ ଟିକେ ସଂକୋଚ ଭାବ ଥିଲା । ଯେ ଯାହାହେଉ ସେ ଜଲ୍‌ସାର ଶେଷ ହଜୁର୍‌ଙ୍କ ପଛରେ ନମାଜ ଜୋହର୍ ଏବଂ ସର ପଢ଼ିଲେ । ଜଲ୍‌ସାପରେ ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ କି ଜଲ୍‌ସାର ତିନିଦିନ ଭିତରୁ ମୋ ପାଇଁ ଶେଷ ଦିନ (ଯେଉଁ ଦିନ ହଜୁର୍‌ଙ୍କ ପଛରେ ନମାଜ ପଢ଼ିଥିଲେ)ଟି ସବୁଠାରୁ ଭଲ ଓ ଉତମ ଦିନ ଥିଲା । ଯେତେବେଳେ ତାଙ୍କୁ ଏହାର କାରଣ ପଚରାଗଲା ଏଥିରେ ସେ କହିଲେ- ଆଜି ସବୁଠାରୁ ଭଲ ଦିନ ଏଇଥିପାଇଁ ଥିଲା କି ଆଜି ମୁଁ ହଜୁର୍‌ଙ୍କ ପଛରେ ନମାଜ ପଢ଼ିଛି । ଜଲ୍‌ସା ପରେ ସୋମବାର ଦିନ ସ୍ଲୋଭାନିଆ ଓ୍ୱଫଦ୍‌ର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର ରଖାଯାଇଥିଲା । ପ୍ରୋଗ୍ରାମ୍ ମୁତାବକ ସାକ୍ଷାତ୍‌କାର୍ କରିବାର ପରେପରେ ଭ୍ରମଣ କରିବାର ପ୍ରୋଗ୍ରାମ୍ ଥିଲା କିନ୍ତୁ ସେ ଇଛା ପ୍ରକାଶ କଲେ କି ହଜୁର୍‌ଙ୍କ ପଛରେ ଆଉଥରେ ନମାଜ ପଢ଼ିବା ପାଇଁ ଚାହୁଁଛନ୍ତି । ସୁତରାଂ ସେ ନମାଜ ପଢ଼ିବାପାଇଁ ଆଉ ଦୁଇଘଂଟା ଅପେକ୍ଷା କଲେ ଓ ନମାଜ ପଢିବା ପରେ ଭ୍ରମଣ ପାଇଁ ବାହାରିଲେ ।

ସ୍ଲୋଭାନିଆରୁ ଆସିଥିବା ଜଣେ କ୍ୟାଥୋଲିକ୍ ମହିଳା ବାର୍‌ବରା ନଓ୍ୱାକ୍ ସାହିବା ମଧ୍ୟ ଜଲ୍‌ସାରେ ସାମିଲ୍ ହୋଇଥିଲେ । ତାଙ୍କର ଗୋଟିଏ ମାନବିକ ଅଧିକାର ସଂଗଠନ ରହିଛି । ତାଙ୍କର ଜଣେ ପାକିସ୍ତାନୀ ଅଣଅହେମଦୀ ବନ୍ଧୁ ମଧ୍ୟ ଅଛନ୍ତି, ଯିଏ ତାଙ୍କୁ ଜଲ୍‌ସାରେ ସାମିଲ୍ ହେବା ପାଇଁ ମନା କରିଥିଲି ଓ ଜମାତ୍ ବିରୋଧରେ ମଧ୍ୟ କହିଥିଲେ । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସେ ଜଲ୍‌ସାରେ ସାମିଲ୍ ହେଲେ ଏବଂ କହୁଛନ୍ତି କି ଯେବେ ମୁଁ ମଧ୍ୟ ଇସ୍‌ଲାମ୍ ସମ୍ବନ୍ଧରେ କଥା ହୁଏ ତେବେ ମୁଁ ସବୁବେଳେ ଜମାତ୍ ଅହେମଦୀୟ ବିଷୟରେ କହିଥାଏ କାରଣ ମୋତେ କେବଳ ଅହେମର୍ଦୀତ୍ ଭିତରେ ଜୀବନ୍ତ ଇସ୍‌ଲାମ୍ ଦୃଷ୍ଟିଗୋଚର ହେଉଅଛି ।

Pfarrer Darius ସାହେବ୍ ବର୍ଣ୍ଣନା କରୁଛନ୍ତି- ଖଲିଫାଙ୍କର ଭାଷଣ ବହୁତ ଭଲ ଥିଲା ଓ ପ୍ରଭାବଶାଳୀ ମଧ୍ୟ ଥିଲା । ମୋତେ ଏଠାରେ ଆସି ବହୁତ ଭଲ ଲାଗିଲା । ମୁଁ ଏବଂ ମୋ ସ୍ତ୍ରୀ ଏଠାକୁ ଆସିବା ପାଇଁ ନିମନ୍ତ୍ରଣ ଦେଇଥିବାରୁ ଆପଣମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ମୋତେ ଏକଥା ମଧ୍ୟ ବହୁତ ଭଲ ଲାଗିଲା କି ବର୍ତମାନ ସମୟରେ ଯେଉଁ କଥାଗୁଡିକ ଅତି ଗୁରୁତ୍ୱପୁର୍ଣ୍ଣ ସେ ବିଷୟର ଖଲିଫା ଚର୍ଚ୍ଚା କଲେ ଓ ସେ ସମ୍ବନ୍ଧୀୟ ସମସ୍ୟା ଗୁଡିକର ସମାଧାନର ରାସ୍ତା ମଧ୍ୟ ବାହାର କଲେ ।

ଜଣେ ପାଦ୍ରୀ Dariuz ସାହେବ୍ ନିଜର ଭାବନାକୁ ପ୍ରକାଶ କରି କହୁଛନ୍ତି ଆପଣଙ୍କ ଖଲିଫାଙ୍କ ଭାଷଣ ବହୁତ ପ୍ରଭାବଶାଳୀ ଥିଲା । ମୋତେ ଏ ଜଲ୍‌ସାରେ ସାମିଲ୍ ହୋଇ ବହୁତ ଭଲ ଲାଗିଲା । ମୁଁ ଓ ମୋ ସ୍ତ୍ରୀ ଆପଣଙ୍କୁ ଧନ୍ୟବାଦ ଜଣାଉଛୁ କି ଆପଣ ଏହି ଜଲ୍‌ସାରେ ସାମିଲ୍ ହେବାପାଇଁ ଆମକୁ ନିମନ୍ତ୍ରଣ କରିଛନ୍ତି । ଆପଣଙ୍କ ଖଲିଫା ବର୍ତମାନ ଯୁଗରେ ଯେଉଁ ସବୁ ସମସ୍ୟା ଅଛି ସେଗୁଡିକର ସମାଧାନ କିପରି ହୋଇପାରିବ ସେ ବିଷୟରେ ଚର୍ଚ୍ଚା କଲେ । ଏକଥା ମୋତେ ବହୁତ ଭଲ ଲାଗିଲା ।

Ayvaz Mardanov ବର୍ଣ୍ଣନା କରୁଛନ୍ତି କି ଏ ଜଲ୍‌ସା ବହୁତ ସୁନ୍ଦର ଜଲ୍‌ସା ଥିଲା । ମୁଁ ସମସ୍ତଙ୍କୁ ସଲାମ୍ କହିବାକୁ ଚାହୁଁଛି । ଖଲିଫାଙ୍କ ସହିତ ସାକ୍ଷାତ୍‌କାର୍ ମୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଥିଲା । ମୁଁ ସେହି ଗୁରୁତ୍ୱକୁ ଠିକ୍ ବୁଝିଛି । ଖଲିଫା ତାଙ୍କ ଭାଷଣରେ ଶାନ୍ତିର ଯେଉଁ ବାର୍ତା ଆମକୁ ଦେଇଛନ୍ତି ସେହି ବାର୍ତା ହେଉଛି ସମୟର ଆବଶ୍ୟକତା ଓ ତା ଉପରେ ପରିଚାଳିତ ହେବା ବହୁତ ଜରୁରୀ ଅଟେ ।

Zaza Mikeladze ସାହେବ୍ ସାକ୍ଷାତ୍ କରିବା ପରେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତ ଏହା ବହୁତ ହିଁ ଭାବନାତ୍ମକ ମିଟିଂ ଥିଲା । କାରଣ ଖଲିଫା ଆମ ସହିତ ବହୁତ ସ୍ପଷ୍ଟ ହୋଇ କଥା ହେଲେ ଓ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ଖୋଲାଖୋଲି ଜଣାଇଲେ । ଏକଥା ମୋ ପାଇଁ ବହୁତ ରୋମାଂଚକର ଥିଲା । ମୁଁ ଆପଣ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

### କଜାକିସ୍ତାନ୍ ଓ୍ୱଫଦ୍‌ର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର୍

କଜାକିସ୍ତାନ୍‌ରୁ ଆସିଥିବା ଜଣେ ମହିଳା ଅତିଥି ରଶିଦା ସାହିବା ବର୍ଣ୍ଣନା କରୁଛନ୍ତି ମୁଁ ଏ ଜଲ୍‌ସାରୁ ବହୁତ ପ୍ରଭାବିତ । ଏଠାରେ ମୋର ସାକ୍ଷାତ୍‌କାର୍ ବହୁତ ଭଲ ଲୋକଙ୍କ ସହିତ ହେଲା । ସବୁଲୋକମାନେ ସଲାମ୍ କହୁଛନ୍ତି ଓ ହସହସ ଚେହେରାରେ ମିଳୁଛନ୍ତି । ଏପରି ଲାଗୁଛି କି ଯେପରି ଶହଶହ ବର୍ଷରୁ ଚିହ୍ନା ପରିଚିତ, ଯେବେ କି ଆମେ ପ୍ରଥମଥର ହିଁ ମିଳୁଅଛୁ । ସବୁ ଲୋକ ଏପରି ଦେଖାଯାଉଥିଲେ ଯେପରିକି ସେମାନେ ବହୁତ ସୌଭାଗ୍ୟଶାଳୀ ଓ ନିଜ ଜୀବନରେ ବହୁତ ଆନନ୍ଦିତ ଅଛନ୍ତି । ଏ ଅବସ୍ଥା ସେ ସମୟରେ ପ୍ରକାଶ ହୋଇଥାଏ ଯେବେ ମନୁଷ୍ୟକୁ ଜଣାପଡେ କି ସେ ବୈକୁଣ୍ଠରେ ପ୍ରବେଶ କରିବ । ଯେତେବେଳେ ଜଲ୍‌ସା ଶେଷ ହେଲା ତୁମ ମନ ଉଦାସ ହୋଇଗଲା ।

ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ସମୟରେ ଯେଉଁକଥା ମୋତେ ସବୁଠାରୁ ଭଲ ଲାଗିଲା ତାହା ଏହା ଥିଲା କି ହଜୁର୍ ଲୋକମାନଙ୍କ ସହିତ ବହୁତ ପ୍ରେମ ଓ ସ୍ନେହର ସହିତ ବ୍ୟବହାର କରୁଛନ୍ତି ଓ ଯେଉଁମାନେ ଧର୍ମ ସମ୍ବନ୍ଧରେ ଜାଣିବାକୁ ଚାହୁଁଛନ୍ତି ସେମାନଙ୍କୁ ହଜୁର୍ ବହୁତ ବ୍ୟାଖ୍ୟା କରି ଉତର ଦେଉଛନ୍ତି ଓ ଲୋକମାନଙ୍କର ସମସ୍ୟା ଗୁଡିକୁ ବହୁତ ଧ୍ୟାନର ସହିତ ଶୁଣୁଛନ୍ତି । ଏକଥାରୁ ସ୍ପଷ୍ଟ ହେଉଛି ଯେ ହଜୁର୍ ଲୋକମାନଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେବା ପାଇଁ ସଦାସର୍ବଦା ପ୍ରସ୍ତୁତ ଅଛନ୍ତି ଓ ନିଶ୍ଚିତ ରୂପେ ଏହା କେବଳ ଅଲ୍ଲାଃଙ୍କ ଦ୍ୱାରା ଚୟନ ହୋଇଥିବା ବ୍ୟକ୍ତି ହିଁ କରିପାରେ ଓ ଏହା ତା ସାମର୍ଥ୍ୟରେ ରହିଛି ।

କଜାକିସ୍ତାନ୍ ସହିତ ସମ୍ପର୍କ ରଖିଥିବା ଜଣେ ଅହେମଦୀ ବନ୍ଧୁ ଫାନିର୍ ଗୁଲାମୁଫ୍ ସାହେବ୍ ବର୍ଣ୍ଣନା କରୁଛନ୍ତି କି ମୁଁ ମୋ ସ୍ତ୍ରୀ ସହିତ ଜଲ୍‌ସାରେ ସାମିଲ୍ ହୋଇଥିଲି, ଆମେ ଦୁଇଜଣଯାକ ହଜୁର୍‌ଙ୍କ ସହିତ ସାକ୍ଷାତ୍ କରି ବହୁତ ଖୁସିଅଛୁ ଓ ନିଜକୁ ବହୁତ ସୌଭାଗ୍ୟଶାଳୀ ମନେ କରୁଛୁ । ଜମାତ୍ ଅହେମଦୀୟା ମୁସ୍‌ଲିମାରେ ସାମିଲ୍ ହେବା ପୂର୍ବରୁ ଅଲ୍ଲାଃତାଲା ଏବଂ ତାର ପ୍ରିୟଭକ୍ତ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ଇମାନ୍ ରଖୁଥିଲୁ କିନ୍ତୁ ମନ ଭିତରେ କିଛି ବ୍ୟତିବ୍ୟସ୍ତ ଅନୁଭବ ହେଉଥିଲା ଓ ମୁଁ ଏ ଚିନ୍ତା କରୁଥିଲି କି ମୋ ଦେହାନ୍ତ ପରେ ମୋ ଫ୍ୟାମିଲିର କଣ ହେବ କିନ୍ତୁ ଅହେମଦୀୟତ୍ ଅର୍ଥାତ୍ ପ୍ରକୃତ ଇସ୍‌ଲାମ୍‌ରେ ଦାଖିଲ୍ ହେବା ପରେ ମୋ ଆତ୍ମାକୁ ଏକ ପ୍ରକାର ଶାନ୍ତି ମିଳିଗଲା ଓ ମୁଁ ଏ ବିଶ୍ୱାସ ଉପରେ କାଏମ୍ ହୋଇଗଲି କି ଏବେ ମୋ ପିଲାମାନଙ୍କ ପାଇଁ ମା'ବାପା ଅଛନ୍ତି ଓ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବା ପରେ ମୋର ଏ ବିଶ୍ୱାସ ଆହୁରି ସୁଦୃଢ଼ ହୋଇଗଲା । ମୁଁ ଏବଂ ମୋ ଫ୍ୟାମିଲି ଅଲ୍ଲାଃତାଲାଙ୍କର ବହୁତ କୃତଜ୍ଞତା ଜ୍ଞାପନ କରୁଅଛୁ କି ସେ ଆମକୁ ଏ ଯୁଗର ଇମାମ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନିବା ପାଇଁ ଏବଂ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବା ପାଇଁ ସୌଭାଗ୍ୟ ପ୍ରଦାନ କଲେ ।

କଜାକିସ୍ତାନ୍ ସହିତ ସମ୍ପର୍କ ରଖିଥିବା ଜଣେ ଅତିଥି ଦାଓରନ୍ ୟଶାନୁଫ୍ ସାହେବ୍ ବର୍ଣ୍ଣନା କରିଛନ୍ତି କି ମୋତେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଦ୍ୱିତୀୟଥର ଅବସର ମିଳିଛି । ମୁଁ ବହୁତ ଦିନ ପର୍ଯ୍ୟନ୍ତ ଏ ସାକ୍ଷାତ୍‌କାର୍

କରିବା ପାଇଁ ଅପେକ୍ଷା କରିଥିଲି ଓ ପଛବର୍ଷ ପରେ ଏହି ସୁନ୍ଦର ମୁହୂର୍ତ୍ତକୁ ଅପେକ୍ଷା କରିବା ଆରମ୍ଭ କରିଦେଇଥିଲି । ଜଲ୍‌ସାସାଲାନାରେ ବହୁତ ଅତିଥି ଆସିଥିଲେ । ମୋତେ ଏ ଜଲ୍‌ସାରୁ ବହୁତ ଆଧାତ୍ମିକ ଲାଭ ଉଠାଇବା ପାଇଁ ଅବସର ମିଳିଛି । ଯେତେବେଳେ ହଜୁର୍ ଅନୁଓ୍ୱର୍ ମୋ ନିକଟ ଦେଇ ଗଲେ ଓ ବହୁତ ସ୍ନେହର ସହିତ ହସିଦେଲେ ସେହିକ୍ଷଣି ମୁଁ ଖୁସିରେ ଆତ୍ମହରା ହୋଇଗଲା । ମୁଁ ମୋ ଜୀବନରେ କେବେ ଏଭଳି ପ୍ରେମପୂର୍ଣ୍ଣ ହସ ଦେଖିନାହିଁ । ମୁଁ ନିଜକୁ ଏ ଦୃଷ୍ଟିକୋଣରୁ ଅତ୍ୟନ୍ତ ସୌଭାଗ୍ୟଶାଳୀ ବୋଲି ବିବେଚନା କରୁଛି କି ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏ ଅଧମକୁ ଜଲ୍‌ସାରେ ସାମିଲ୍ ହେବାପାଇଁ ଅବସର ପ୍ରଦାନ କରିଛନ୍ତି ।

କଜାକିସ୍ତାନ୍‌ରୁ ଆସିଥିବା ଆଉଜଣେ ମହିଳା ଅତିଥି ମୋକରମା ଜାହିଦା ସାହିବା ବର୍ଣ୍ଣନା କରୁଛନ୍ତି କି ଆମ ପରିବାର ୨୦ ବର୍ଷ ହେବ ଅହେମଦୀ ହୋଇଛନ୍ତି । ଅଲ୍ଲାଃତାଲା ଏ ବର୍ଷ ପ୍ରଥମଥର ପାଇଁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରଦାନ କରିଛନ୍ତି । ଯେତେବେଳେ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ଦେଖିଲି ସେତେବେଳେ ମୋ ହୃଦୟ ଏତେ ଜୋରରେ ହର୍‌କତ୍ କରୁଥିଲା କି ଯେପରି ଏବେ ଏବେ କିଛି ହୋଇଯିବ । ଯେବେ କି ଏହା କେବଳ ଗୋଟିଏ ଘାବରାପଣ ଥିଲା । ମୁଁ ବହୁତ ଆନନ୍ଦିତ ଓ ସୌଭାଗ୍ୟଶାଳୀ କି ଆମର ସ୍ୱପ୍ନ ପୂରଣ ହୋଇଗଲା । ମୁଁ ସେ ସମୟରେ ଏତେ ଖୁସିଥିଲି କି ହଜୁର୍ ଅନୁଓ୍ୱର୍‌ଙ୍କୁ ଦୁଆ କରିବା ପାଇଁ ନିବେଦନ କରିବା ଭୁଲିଗଲା । ଅର୍ଥାତ୍ ସେ ଆମ ମୁବଲିଗ୍ ମାନଙ୍କ ପାଇଁ ଦୁଆ କରନ୍ତୁ ଯେ ଅଲ୍ଲାଃତାଲା ସେମାନଙ୍କୁ ଖିଦ୍‌ମତ୍ ପ୍ରଦାନ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରିଚାଲନ୍ତୁ ଏବଂ ସର୍ବଦା ଆମ ପାଖରେ ରୁହନ୍ତୁ ।

ଏହି ସାକ୍ଷାତ୍‌କାର ୧୨:୩୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଏହି ପାଂଚୋଟି ଓ୍ୱଫଦ୍‌ର ସମସ୍ତ ସଦସ୍ୟଗଣ ଜଣ ଜଣ ହୋଇ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**କୋସୋଭୋ ଦେଶରୁ ଆସିଥିବା ଓ୍ୱଫଦ୍‌ଙ୍କ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ପ୍ରୋଗ୍ରାମ୍ ମୁତାବକ କୋସୋଭୋ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । କେସୋଭୋରୁ ୪୨ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଜଲ୍‌ସାସାଲାନାରେ ସାମିଲ୍ ହୋଇଥିଲେ । ଓ୍ୱଫଦ୍‌ର ସଦସ୍ୟଗଣ ହଜୁର୍ ଅନୁଓ୍ୱର୍‌ଙ୍କ ନିକଟରେ କହିଲେ କି ଆମକୁ ଏ ଜଲ୍‌ସା ବହୁତ ଭଲ ଲାଗିଲା । ଆମେ ଜଲ୍‌ସାର ସବୁ ବ୍ୟବସ୍ଥା ଦ୍ୱାରା ବହୁତ ପ୍ରଭାବିତ ହୋଇଛୁ ଓ ଆମର ଆତିଥ୍ୟତା ବହୁତ ଭଲରେ କରାଗଲା । ଆଉଜଣେ ବନ୍ଧୁ କହିଲେ କି ଆପଣ ଆମକୁ ଜଲ୍‌ସାରେ ଆସିବା ପାଇଁ ନିମନ୍ତ୍ରଣ ଦେଇଛନ୍ତି । ତେଣୁ ମୁଁ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ମୋର ଏ ଆଶା ନଥିଲା ଏବଂ ମୁଁ ଏକଥା ଭାବିନଥିଲି କି ଏତେ ଜବରଦସ୍ତ ଓ ସୁନ୍ଦର ବ୍ୟବସ୍ଥା ହେବ ବୋଲି ।

ଜଣେ ମହିଳା କହିଲେ କି ମୁଁ ଏଠାକୁ ପ୍ରଥମଥର ପାଇଁ ଆସିଛି । ଆମର ଏଠାରେ ବହୁତ ଭଲ ରୂପେ ଧ୍ୟାନ ରଖାଗଲା । ସବୁ ବ୍ୟବସ୍ଥା ଠିକ୍‌ଠାକ୍ ଓ ବହୁତ ଭଲ ଥିଲା ।

ଆଉଜଣେ ବନ୍ଧୁ କହିଲେ କି କୌଣସି କଷ୍ଟଯୋଗୁ ସେ ଚାଲିପାରୁନଥିଲେ । ଯେତେବେଳେ ସେ ହଜୁର୍ ଅନୁଓ୍ୱର୍‌ଙ୍କ ନିକଟକୁ ଦୁଆ କରିବା ପାଇଁ ଚିଠି ଲେଖିଲେ ଏବଂ ତା ପରେ ଅଲ୍ଲାଃତାଲା ବହୁତ ଫଜଲ୍ (ଦୟା) କଲେ । ଫଳତଃ ସେ ଚାଲିବା ଆରମ୍ଭ କଲେ ଓ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଘଟିଲା ଓ ଏବେ ସେ ଏଠି ଜଲ୍‌ସାରେ ଆସି ପହଂଚିଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ମୁବଲିଗ୍ ସାହେବ୍‌ଙ୍କୁ କହିଲେ କି ତାଙ୍କର ଅବସ୍ଥା ଲେଖି ମୋ ପାଖକୁ ପଠାଓ । ତାଙ୍କୁ ହୋମିଓପାଥିକ୍ ଔଷଧ ଦେବି ।

କୋସୋଭୋ ପ୍ରତିନିଧି ମଣ୍ଡଳରେ ଗଣିତର ଜଣେ ପ୍ରଫେସର୍ ଅଜିଜ୍ ନଜିରି ସାହେବ୍ ମଧ୍ୟ ସାମିଲ୍ ହୋଇଥିଲେ ଯିଏ ଏହିବର୍ଷ ବୟତ କରି ଅହେମଦୀୟତ୍‌ରେ ସାମିଲ୍ ହୋଇଛନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ- ଜଲ୍‌ସାସାଲାନା ବହୁତ ଭଲ ଥିଲା । ସମସ୍ତ ବ୍ୟବସ୍ଥା ଗୁଡିକ ପ୍ରଶଂସନୀୟ ଥିଲେ ଓ ଆମର ବହୁତ ଭଲ ରୂପେ ଧ୍ୟାନ ରଖାଗଲା ।

କୋସୋଭୋରୁ ଜଣେ ଓକିଲ Ardian Zeiquiraz ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି ଏହି ଜଲ୍‌ସାର ବ୍ୟବସ୍ଥାକୁ ଦେଖି ଏପରି ଲାଗୁଛି କି ଯେପରି ପ୍ରତ୍ୟେକ ବ୍ୟକ୍ତି ଖିଲାଫତ୍‌ର ଇତାଅତ୍ (ଆଜ୍ଞାବହତା) ସ୍ୱୀକାର କରି ନିଜର କାର୍ଯ୍ୟକୁ ସମ୍ପାଦନ କରୁଅଛି । ଏହି ସମସ୍ତ ଇତାଅତ୍ ଉକ୍ତ ଅସ୍ତିତ୍ୱଙ୍କ ପ୍ରେମ ଥିଲା ଯିଏ ଖଲିଫାଙ୍କ ରୂପରେ ଜମାତ୍ ଅହେମଦୀୟାକୁ ମିଳିଛନ୍ତି । ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ମିଳିଲା ଏବଂ ଯେଉଁ ନୁର୍ (ଜ୍ୟୋତି) ହଜୁର୍‌ଙ୍କ ଚେହେରାରେ ଝଟକୁ ଥିଲା ତାହା ହେଉଛି ସେହି ନୁର୍ ଯାହା ଯୋଗୁଁ ଜମାତ୍‌ର ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ସୂତା ଭିତରେ ଗୁନ୍ଥି ହୋଇ ରହିଛନ୍ତି । କୋସୋଭୋରେ ମଧ୍ୟ ଏହିପରି ଇଜିତିମା ଇତ୍ୟାଦି ଅନୁଷ୍ଠିତ ହେଉଛି । କିନ୍ତୁ ଏ ଜଲ୍‌ସାରେ ସାମିଲ୍ ହୋଇ ଗୋଟିଏ ଅଲଗା ପ୍ରକାରର ଅବସ୍ଥା ମନୁଷ୍ୟ ଉପରେ ଜାରି ହୋଇଯାଉଛି କି ପ୍ରତ୍ୟେକ ବର୍ଣ୍ଣ ଓ ଜାତିର ଲୋକେ ଏ ଜଲ୍‌ସାରେ ସାମିଲ୍ ହେଉଛନ୍ତି ଓ ପ୍ରତ୍ୟେକଙ୍କ ଆବଶ୍ୟକ ଅନୁସାରେ ତାଙ୍କର ଧ୍ୟାନ ରଖାଯାଉଛି ।

କୋସୋଭୋର ପ୍ରତିନିଧି ମଣ୍ଡଳରେ ସାମିଲ୍ ହୋଇଥିବା ଜଣେ ବ୍ୟାଙ୍କ୍ ଚିଫ୍ ମୁସ୍ତଫା ଓ୍ୱାଲ୍‌ଡୁନ୍ ସାହେବ୍ ପାଂଚବର୍ଷ ପରେ ଜଲ୍‌ସାରେ ସାମିଲ୍ ହୋଇଛନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି- ପ୍ରତ୍ୟେକ ଜାତିର ଲୋକେ ଏ ଜଲ୍‌ସାରେ ସାମିଲ୍ ଅଛନ୍ତି । ଜଲ୍‌ସା ହେଉଥିବା ସ୍ଥାନଟି ଛୋଟ ହୋଇଗଲା ଏବଂ ଏହା ଖୁସିର କଥା କି ଏବେ ଜର୍ମାନୀ ଜମାତ୍ ଏତେ ଶିଘ୍ର ଉନ୍ନତି କରିପାରିଛି । ମୁଁ ପାଂଚବର୍ଷ ପରେ ସାମିଲ୍ ହୋଇଛି । ତେଣୁ ବୟତ ଉତ୍ସବରେ ଯେଉଁ ଆଧାତ୍ମିକ ପରିବେଶ ପରିଲକ୍ଷିତ ହେଉଥିଲା ତାହା ମୋ ପାଇଁ ବହୁତ ଆବଶ୍ୟକ ଥିଲା । ଫଳତଃ ଆଧାତ୍ମିକତାରେ ଉନ୍ନତି କରିପାରିବି ।

କୋସୋଭୋର Besmir Yvejsia ସାହେବ୍ ଯିଏ ହେଉଛନ୍ତି ଜଣେ ଇସ୍‌ଲାମୀୟ ବିଜ୍ଞାନର ପ୍ରବୀଣ ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଜଲ୍‌ସାରେ ଯେଉଁ ଭାଷଣ ଗୁଡିକ ହେଲା ତାର ବିଷୟ ବସ୍ତୁ ବର୍ତ୍ତମାନ ସମୟର ମୁତାବକ ଥିଲା ଓ ସମସ୍ତ ପ୍ରଶ୍ନର ଉତର ସେଥିରେ ମହଜୁଦ୍ ଥିଲା । ଭାଷଣ ଗୁଡିକ ବହୁତ ସୁନ୍ଦର ଶୈଳୀରେ ବରିବେଶଷ କରାଗଲା ଓ ଆମ ଭାଷାରେ ଉକ୍ତ ଭାଷଣ ଗୁଡିକର ଅନୁବାଦର ସ୍ତର ବହୁତ ଉଚ୍ଚକୋଟୀର ଥିଲା । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ମିଶି ବହୁତ ଭଲ ଲାଗିଲା । ହଜୁର୍‌ଙ୍କର କଥା ଏବଂ କଥନ ହଜୁର୍‌ଙ୍କ ପବିତ୍ର ଅସ୍ତିତ୍ୱକୁ ପ୍ରତିପାଦନ କରୁଥିଲା । ବର୍ତମାନ ଯୁଗରେ ଏପରି ଅସ୍ତିତ୍ୱ ମିଳିବା ଅସମ୍ଭବ, ଯାହାଙ୍କ କଥନ ଓ କର୍ମରେ ବିରୋଧାଭାବ ନଥିବ ।

କୋସୋଭୋର ପ୍ରତିନିଧି ମଣ୍ଡଳରେ ଜଣେ ଫିଜିକ୍‌ସ୍‌ର ପ୍ରଫେସର୍ ଆର୍‌ବର୍ ଜକିରାଜ୍ ସାହେବ୍ ମଧ୍ୟ ସାମିଲ୍ ଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଏକଥା ମୋ ପାଇଁ ଅବିଶ୍ୱସନୀୟ ଥିଲା କି ଏତେ ସଂଖ୍ୟକ ଲୋକେ ଗୋଟିଏ ସ୍ଥାନରେ ଏକତ୍ରିତ ହେବା ଓ ସେମାନଙ୍କ ଆବଶ୍ୟକତାକୁ ପୂରଣ କରାଯିବା ସମ୍ଭବ ହୋଇପାରେ । ଜଲ୍‌ସାରେ ସାମିଲ୍ ହୋଇ ସମସ୍ତ ବ୍ୟବସ୍ଥାକୁ ଧ୍ୟାନର ସହିତ ଦେଖିଲି କି କିପରି ସବୁ ଜିନିଷ ଗୋଟିଏ ନିଜାମ୍ ସହିତ ପରିଚାଳିତ ହେଉଅଛି ଓ ପ୍ରତ୍ୟେକ ପ୍ରକାରର ଆବଶ୍ୟକତାକୁ ଧ୍ୟାନ ରଖାଯାଉଛି । ପ୍ରତ୍ୟେକ କାର୍ଯ୍ୟ ପାଇଁ ଜଣେ ଖାଦିମ୍ (ସେବକ) ନିୟୋଜିତ ଥିଲା । ଲଙ୍ଗର୍ ଦେଖିବାକୁ ଅବସର ମିଳିଲା ଓ ସେଠାରେ ଜଣେ ଲୋକଙ୍କ ସହିତ ସାକ୍ଷାତ୍ ହେଲା । ସେ ବିଗତ ୨୨ବର୍ଷ ହେବ ପିଆଜ ଛଡାଇବାର କାମ କରୁଛନ୍ତି ଓ ବିଗତ ୨୨ବର୍ଷ ହେବ ତାଙ୍କ ନିକଟରେ ଗୋଟିଏ ଛୁରୀ ଅଛି ଯେଉଁଥିରେ ସେ ପିଆଜକୁ କାଟୁଛନ୍ତି । ଗୋଟିଏ ଛୁରୀର ବ୍ୟବହାର କରିବା ସମ୍ବନ୍ଧରେ ଉକ୍ତ ବ୍ୟକ୍ତିଜଣ କହିଲେ କି ଏହି ଛୁରୀକୁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ ଧରିଥିଲେ । ସେଇଥିପାଇଁ ମୁଁ ଏ ଛୁରୀକୁ ବ୍ୟବହାର କରୁଛି ।

ଆଉଜଣେ ବନ୍ଧୁ ଆର୍‌ବର୍ ଜକିରାଜ୍ କହୁଛନ୍ତି କି ଜଲ୍‌ସାର ସମ୍ପୂର୍ଣ୍ଣ ବ୍ୟବସ୍ଥା କେବଳ ହିଁ କେବଳ ଖିଲାଫତ୍ ସହିତ ପ୍ରେମ ଯୋଗୁ ହିଁ ସମ୍ଭବ ହୋଇଛି । ପ୍ରତ୍ୟେକ କାର୍ଯ୍ୟରେ ଏକାଗ୍ରତା ଓ ଏକନିଷ୍ଠତା ପ୍ରତିପାଦନ ହେଉଥିଲା ।

ଆଉଜଣେ ବନ୍ଧୁ କହିଲେ କି ମୁଁ ଏ ଜଲ୍‌ସା ଅବସରରେ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ କରିଛି । ମୋର ପରିବାରରେ କିଛି ସମସ୍ୟା ଅଛି । ମୋର ଦୁଇଜଣ Cousin (ଜ୍ଞାତି ଭାଇ/ଭଉଣୀ) କୋସୋଭୋର ଦୁଇଟି ବଡ ମସ୍‌ଜିଦ୍‌ରେ ମୁଲ୍ଲା ଅଛନ୍ତି ଓ ସେମାନଙ୍କ ତରଫରୁ ଭୀଷଣ ମୁଖାଲିଫତ୍ (ବିରୋଧ) ସାମ୍ନା କରିବାକୁ ପଡୁଛି । ଯଦି ହଜୁର୍ ଅନୁଓ୍ୱର୍ ମୋତେ କିଛି ଉପାୟ ବତାଇଦେବେ ଯଦ୍ୱାରା ମୋତେ ଲାଭ ହେବ ଓ ମୁଁ ସେମାନଙ୍କୁ ବୁଝାଇପାରିବି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏଥିପାଇଁ ତ ଏହା ଅଛି କି ସେମାନଙ୍କ ପାଇଁ ଦୁଆ କରନ୍ତୁ ଓ ସେମାନଙ୍କ ସହିତ ପ୍ରେମପୂର୍ଣ୍ଣ ବ୍ୟବହାର କରନ୍ତୁ ଓ ସେମାନଙ୍କ ସହିତ ଇସ୍‌ଲାମୀୟ ଶିକ୍ଷା ମୁତାବକ ବ୍ୟବହାର କରନ୍ତୁ । ଯଦି ସେମାନେ କଠୋର ଆଚରଣ କରୁଛନ୍ତି ତେବେ ଆପଣ ସେମାନଙ୍କୁ ପ୍ରେମର ସହିତ ଉତର ଦିଅନ୍ତୁ । ଏହା ବ୍ୟତୀତ ଆଉ କୌଣସି ଉପାୟ ନାହିଁ । ଯଦି କୌଣସି ଉପାୟ ଥାଆନ୍ତା ତେବେ ଆମେ ତାକୁ ପାକିସ୍ତାନ୍‌ରେ ବ୍ୟବହାର କରିନିଅନ୍ତୁ । ଦ୍ୱିତୀୟ କଥା ହେଉଛି କି କାଲି ମୁଁ କିଛି ଘଟଣାବଳୀ ଶୁଣାଇଛି ଓ ପୂର୍ବରୁ ମଧ୍ୟ ଅନେକ ଥର ଶୁଣାଇସାରିଛି ଯେ ଅହେମଦୀୟତ୍ ଗ୍ରହଣ କରିବା ପରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏହା ତ ଈଶ୍ୱର କହିସାରିଛନ୍ତି ଯେ ସେ ଏହା ଦେଖିବେ କି ତୁମେ ଇମାନ୍‌ରେ କେତେ ମଜ୍‌ବୁତ୍ ଅଛ । ତେଣୁ ତୁମର ପରୀକ୍ଷା ନିଆଯାଉଛି । ଏହା ତ ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା ଲେଖିଦେଇଛନ୍ତି କି ବିନା ପରୀକ୍ଷାରେ ତୁମ ଇମାନ୍‌ର ଦୃଢ଼ତା ବିଷୟରେ ଜଣାପଡ଼ିବନାହିଁ । ତେଣୁ ବ୍ୟତିବ୍ୟସ୍ତ ହେବାର କିଛି ଆବଶ୍ୟକତା ନାହିଁ । ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରିଚାଲ । ସେମାନଙ୍କ ସହିତ ପୁଣ୍ୟ ବ୍ୟବହାର କର । ଫଳତଃ ଏପରି ଏକ ସମୟ ଆସିବ ଯେ ଉତମ ପରିସ୍ଥିତି ସୃଷ୍ଟି ହୋଇଯିବ । ମୁଁ କାଲି ଗୋଟିଏ ଘଟଣା ବିଷୟରେ ଶୁଣାଇଥିଲି କି ଜଣକର ସ୍ତ୍ରୀ ପାଂଚବର୍ଷ ପର୍ଯ୍ୟନ୍ତ ତାଙ୍କ ସ୍ୱାମୀଙ୍କର ମୁଖାଲିଫତ୍ (ବିରୋଧ) କରିଚାଲିଥିଲେ । ସେହି ବ୍ୟକ୍ତି ଜଣକ ପାଂଚବର୍ଷ ଜଣକ ନିଜ ସ୍ତ୍ରୀ ପାଇଁ ପ୍ରାର୍ଥନା କରୁଥିଲେ । ପାଂଚବର୍ଷ ପରେ ତାଙ୍କ ପ୍ରାର୍ଥନା ଗ୍ରହଣୀୟ ହେଲା । ଆଁ ହଜ୍‌ରତ୍ ସ:ଆ:ସଙ୍କ ଯୁଗରେ ବର୍ଷବର୍ଷ ଧରି ଅତ୍ୟାଚାର ହେଉଥିଲା ଓ ଲୋକମାନେ ହଇରାଣ ହରକତ କରୁଥିଲେ । ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରାର୍ଥନା କରିବା ସତ୍ତ୍ୱେ ମଧ୍ୟ କିଛି ଲୋକଙ୍କ ମଧ୍ୟରେ ସୁଧାର ଆସିପାରିଲା ନାହିଁ । କିନ୍ତୁ ଯେଉଁମାନଙ୍କର ସୁଧାର ହେବାର ଥିଲା ସେମାନଙ୍କ ଉପରେ ଉକ୍ତ ପ୍ରାର୍ଥନା ଯଥାଶିଘ୍ର ପ୍ରଭାବ ପକାଇଲା । ଯାହାଙ୍କ ସୁଧାର ଅଲ୍ଲାଃତାଲା କରିବାକୁ ଚାହୁଁଥିଲେ ସେମାନଙ୍କ ସପକ୍ଷରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରାର୍ଥନା ଯଥାଶିଘ୍ର ଗ୍ରହଣୀୟ ମଧ୍ୟ ହୋଇଗଲା ଓ ସେମାନେ ସୁଧୁରି ମଧ୍ୟ ଗଲେ । ତେଣୁ ଆପଣ ଦୁଆ କରିଚାଲନ୍ତୁ ଏବଂ ତତ୍‌ସହିତ ପୁଣ୍ୟ ବ୍ୟବହାର କରିଚାଲନ୍ତୁ ଏବଂ ବାକି ସବୁ ଈଶ୍ୱରଙ୍କ ଉପରେ ଛାଡି ଦିଅନ୍ତୁ ।

କୋସୋଭୋ ପ୍ରତିନିଧି ମଣ୍ଡଳର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଏହି ସାକ୍ଷାତ୍‌କାର୍ ୧୨:୩୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସମସ୍ତ ସଦସ୍ୟ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ମରିସସ୍‌ରୁ ଆସିଥିବା ଓ୍ୱଫଦ୍‌ର ହଜୁର୍‌ଙ୍କ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ଜମାତ୍ ଅହେମଦୀୟା ମରିସସ୍‌ର ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ମରିସସ୍‌ରୁ ଏବର୍ଷ ୩୦ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା । ହଜୁର୍ ଅନୁଓ୍ୱର୍‌ଙ୍କ ପଚାରିବାରେ ଓ୍ୱଫଦ୍‌ର ସଦସ୍ୟମାନେ ବତାଇଲେ କି ଜଲ୍‌ସାର ସମସ୍ତ ବ୍ୟବସ୍ଥା ବହୁତ ସୁସଂଗଠିତ ଶୈଳୀରେ ହୋଇଥିଲା ଓ ଆମେ ସମସ୍ତ ଏ ଜଲ୍‌ସାରୁ ଭରପୁର ଲାଭ ଉଠାଇଲୁ । ରହିବା ସ୍ଥଳୀ ପ୍ରସଙ୍ଗରେ ସଦସ୍ୟମାନେ ବତାଇଲେକି ଆମ ଆବାସସ୍ଥଳୀ ଜଲ୍‌ସାଗାଃରେ ହିଁ ଥିଲା । ସେଥିଯୋଗୁ ଆମେ ପାଂଚବେଳେ ନମାଜ ହଜୁର୍ ଅନୁଓ୍ୱର୍‌ଙ୍କ ନେତୃତ୍ୱରେ ପାଠ କଲୁ ଓ ଆଧାତ୍ମିକ ଦୃଷ୍ଟିକୋଣରୁ ବହୁତ ଲାଭ ଉଠାଇଲୁ । ଜଣେ ଯୁବକ କହିଲେ କି ମୁଁ ଏଠିକାର କୋବଲଞ୍ଜ୍ ୟୁନିଭରସିଟି, ଜର୍ମାନୀରେ ଶିକ୍ଷା ହାସଲ କରୁଅଛି । ସିଭିଲ୍ ଇଞ୍ଜିନିୟରିଂ କରୁଅଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଅଲ୍ଲାଃତାଲା ଫଜଲ୍ ଫର୍‌ମାଏ ।

ମରିସସ୍‌ର ଏହି ପ୍ରତିନିଧି ମଣ୍ଡଳଙ୍କ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଥିବା ସାକ୍ଷାତ୍‌କାର ୧୨:୪୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସମସ୍ତ ସଦସ୍ୟ ଜଣଜଣ ହୋଇ ଫ୍ୟାମିଲି ଓ୍ୱାଇଜ୍

ନିଜ ପିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

**ନାଇଜେରିଆ, ବୁର୍କିନାଫାସୋ ଏବଂ ଗିନି କନାକରିରୁ ଆସିଥିବା ପ୍ରତିନିଧି ମଣ୍ଡଳଙ୍କ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ପ୍ରୋଗ୍ରାମ୍ ମୁତାବକ ନାଇଜେରିଆ, ବୁର୍କିନାଫାସୋ ଏବଂ ଗିନି କନାକରିରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସାକ୍ଷାତ୍‌କାର୍ ଦାଇ ଲଲଲ୍ଲାଃ କୋଠରୀରେ ଅନୁଷ୍ଠିତ ହେଲା । ନାଇଜେରିଆରୁ ଦଶଜଣ, ବୁର୍କିନାଫାସୋରୁ ଆଠଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା । ଯେବେ କି ଗିନି କନାକରିରୁ ତିନିଜଣ ବିଶିଷ୍ଟ ଓ୍ୱଫଦ୍ ସାମିଲ୍ ହୋଇଥିଲା ।

ନାଇଜେରିଆରୁ ଆସିଥିବା ଜଣେ ଅହେମଦୀ ଇମାମ୍ Idi Kamaye ସାହେବ୍ କହିଲେ କି ଜଲ୍‌ସାସାଲାନାର ସମସ୍ତ ବ୍ୟବସ୍ଥା ବହୁତ ଭଲ ଥିଲା । କୌଣସି ସ୍ଥାନରେ କିଛି ତୃଟି ପରିଲକ୍ଷିତ ହେଲାନାହିଁ । ଏହା ମୋର ପ୍ରଥମ ଜଲ୍‌ସାସାଲାନା ଓ ମୁଁ ମୋ ଜୀବନରେ ପ୍ରଥମଥର ପାଇଁ ହଜୁର୍ ଅନୁଓ୍ୱର୍‌ଙ୍କୁ ନିଜ ସମ୍ମୁଖରେ ଏତେ ନିକଟରେ ଦେଖିବାକୁ ପାଇଛି । ଏଠିକାର ଇନ୍ତେଜାମିଆ (ବ୍ୟବସ୍ଥାପିକା) ଆମର ବହୁତ ଉତମ ଧ୍ୟାନ ରଖିଛନ୍ତି ।

ଜଣେ ସ୍ଥାନୀୟ ମିଶିନାରୀ Lawali Chaibou Oumar ସାହେବ୍ କହିଲେ ଜଲ୍‌ସାସାଲାନା ବହୁତ ଭଲରେ ବିତିଲା । ଆମପାଇଁ ଦୁଆ କରନ୍ତୁ କି ନାଇଜେରିଆ ଦେଶରେ ମଧ୍ୟ ଅଲ୍ଲାଃତାଲା ଆମକୁ ସଫଳତା ପ୍ରଦାନ କରନ୍ତୁ । ବହୁତ ବିରୋଧି ଇମାମ୍ ଏପରି ଅଛନ୍ତି ଯେଉଁମାନେ ଅହରହ ଆମର ବିରୋଧ କରୁଛନ୍ତି ଓ ଆମକୁ ହଇରାଣ ହରକତ କରୁଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁମାନେ ହେଉଛନ୍ତି ବିରୋଧି ଇମାମ୍ ସେମାନେ ତ ବିରୋଧ କରିବେ । ପାକିସ୍ତାନ୍‌ରେ ମୁଲାମାନେ ଯେଉଁଭଳି ହଇରାଣ କରୁଛନ୍ତି ସେତେ ମାତ୍ରାରେ ଏମାନେ ତ ହଇରାଣ କରୁନାହାଁନ୍ତି । ସେଠିକାର ସରକାର ଏହି ମୁଲାମାନଙ୍କ ସହିତ ହାତ ମିଳାଇଛି । ଆଫ୍ରିକାର ଇମାମ୍ ମାନଙ୍କ ମଧ୍ୟରେ ସାଧୁତା ଅଛି । ସେମାନଙ୍କୁ ଯେତେବେଳେ ବୁଝାଯାଏ ସେମାନେ ବୁଝିଯାଆନ୍ତି । ସେମାନଙ୍କ ପାଇଁ ଦୁଆ କରି ଚାଲନ୍ତୁ ଓ ବୁଦ୍ଧିମତାର ସହିତ ତବ୍‌ଲିଗ୍ କରି ଚାଲନ୍ତୁ ।

ଜଣେ ସ୍ଥାନୀୟ ମୁଅଲ୍ଲିମ୍ କହିଲେ କି ଦେଶର ଆର୍ଥିକ ଅବସ୍ଥା ବହୁତ ଖରାପ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେବେ କୌଣସି କୌମ୍ ନିଜକୁ ଉନ୍ନତ କରିବାପାଇଁ ଅଭିଳାଶା କରେ ତେବେ ହିଁ ଜାତି ଉନ୍ନତି କରିଥାଏ ଓ ସେମାନଙ୍କର ଅବସ୍ଥାରେ ପରିବର୍ତନ ହୋଇଥାଏ । ଜମାତ୍ ଅହେମଦୀୟା ଏଥିପାଇଁ ମଧ୍ୟ ଚେଷ୍ଟାରତ ।

ନାଇଜେରିଆରୁ ଆସିଥିବା ସଦର୍ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ Loue Seydou ସାହେବ୍ କହିଲେ କି ମୁଁ ଅସଲରେ ହେଉଛି ଆଇଭରିକୋଷ୍ଟ୍‌ର । ବିଗତ ୧୦ବର୍ଷ ହେବ ନାଇଜେରିଆରେ ବସବାସ କରୁଛି । ଏହା ପୂର୍ବରୁ ବୁର୍କିନାଫାଶୋ ଏବଂ ନାଇଜେରିଆରେ ମଧ୍ୟ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିସାରିଛି । ଜଲ୍‌ସାସାଲାନା ଜର୍ମାନୀର ସବୁ ପ୍ରୋଗ୍ରାମ୍ ବହୁତ ଭଲ ଥିଲା । ଗୋଟିଏ ନେତା ଓ ଗୋଟିଏ ସମ୍ପ୍ରଦାୟର ଦୃଶ୍ୟକୁ ଆମେ ଏଠାରୁ ଦେଖିଲୁ । ସେ ପୁଣି କହିଲେ କି ନାଇଜେରିଆରେ ୯୭ ପ୍ରତିଶତ ହେଉଛନ୍ତି ମୁସଲ୍‌ମାନ୍ ଓ ଆରବ ଦେଶଗୁଡିକ ଏଠାରେ ବହୁତ ଅର୍ଥ ବିନିଯୋଗ କରିଛି । ଆମ ଦେଶରେ ଅହେମଦୀୟତ୍ ଆସି ସଚ୍ଚାଇ (ସତ୍‌ପଥ) ଦେଖାଇଛି । ନାଇଜେରିଆ ଜମାତ୍ ପାଇଁ ଦୁଆ କରିବାକୁ ନିବେଦନ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଅଲ୍ଲାଃତାଲା ଫଜଲ୍ ଫର୍‌ମାଏ । ହଜୁର୍ ଅନୁଓ୍ୱର୍ ନାଇଜେରିଆରୁ ଆସିଥିବା ମୁବଲିଗ୍ ସିଲ୍‌ସିଲାକୁ ନିର୍ଦ୍ଦେଶ ଦେଲେ କି ନିଜର ସମସ୍ତ ଜମାତ୍ ଗୁଡିକରେ ଏମ୍.ଟି.ଏ ଲଗାଇବା ପାଇଁ ଚେଷ୍ଟା କରନ୍ତୁ । ଏଥିରେ ମୁବଲିଗ୍ ସାହେବ୍ କହିଲେ ମର୍କଜ୍‌ରୁ ଆର୍କିଟେକ୍ଟ୍ ଆଣ୍ଡ୍ ଇଞ୍ଜିନିୟର୍‌ସ୍ ଆସୋସିଏସନ୍ ସୋଲାର୍ ସିଷ୍ଟମ୍ ଏବଂ ଏମ୍.ଟି.ଏ ଲଗାଇବା ପାଇଁ ଚେଷ୍ଟା କରୁଅଛି ।

ଗିନି କନାକରି ଦେଶରୁ ଆସିଥିବା ଅତିଥି ଡାକ୍ତର୍ ମୁହମ୍ମଦ୍ ଆଓ୍ୱାଡା ସାହେବ୍ କହିଲେ କି ସେ ଗିନି କନାକରିର ଗୋଟିଏ ବଡ ଡାକ୍ତରଖାନାରେ ନ୍ୟାସ୍‌ନାଲ୍ ଡିରେକ୍ଟର୍ ରୂପେ କାର୍ଯ୍ୟରତ ଓ ଅସଲରେ ସେ ଲେବ୍‌ନାନ୍‌ର ଲୋକ । କିନ୍ତୁ ବହୁତ ଦିନରୁ ସେ ଗିନି କନାକରିରେ ରହୁଛନ୍ତି । ସେ କହିଲେ କି ହଜୁର୍ ଅନୁଓ୍ୱର୍‌ଙ୍କର ସାଧାପଣିଆ, ବିନମ୍ରତା ଓ ନେତୃତ୍ୱ ସେ ବହୁତ ସମ୍ମାନ କରୁଛନ୍ତି । ଅଲ୍ଲାଃତାଲା ମୋତେ ମଧ୍ୟ ବିନମ୍ର, ଇଶ୍ୱରଙ୍କ ପ୍ରଶଂସାକାରୀ ଏବଂ ଧୈର୍ଯ୍ୟବାନ୍ ଭକ୍ତ ବନାନ୍ତୁ । ମୁଁ ଆପଣଙ୍କ ପାଇଁ, ଆପଣଙ୍କ ଫ୍ୟାମିଲି ପାଇଁ ଏବଂ ଜମାତ୍ ପାଇଁ ଦୁଆ କରୁଛି । ଆପଣ ବହୁତ ପ୍ରେମ କରୁଥିବା ବ୍ୟକ୍ତି । ଏଠାରେ ଆସି ମୋତେ ଅବସର ମିଳିଛି ଓ ମୁଁ ଏଠାରେ ଗୋଟିଏ ନୂଆ ଦୁନିଆ ପାଇଛି । ଆପଣମାନେ ହିଁ ପ୍ରକୃତ ଇସ୍‌ଲାମ୍ ଉପରେ ପରିଚାଳିତ ହେଉଛନ୍ତି ।

ଗିନି କନାକରିରୁ ଆସିଥିବା ଜଣେ ଅହେମଦୀ ବନ୍ଧୁ ମୁହମ୍ମଦ୍ ଆକୁବ୍ ଆଲାସାନି ସାହେବ୍ କହିଲେ- ମୋର ଅସଲ ଦେଶ ହେଉଛି ବେନିନ୍ ଓ ମୁଁ ବିଗତ ୩୦ବର୍ଷ ହେବ ଗିନି କନାକରିରେ ରହୁଛି । ୧୯୮୭ ମସିହାରୁ ଅହେମଦୀ ହୋଇଛି । ଏ ଜଲ୍‌ସାକୁ ଦେଖି ବହୁତ ଖୁସି ଲାଗିଲା । ପ୍ରତ୍ୟେକ ପ୍ରୋଗ୍ରାମ୍ ଓ ପ୍ରତ୍ୟେକ ବ୍ୟବସ୍ଥା ବହୁତ ଭଲ ଥିଲା । କେଉଁଠାରେ ବି କୌଣସି ପ୍ରକାରର ଝଗଡା ନଥିଲା । ବହୁତ ସୁସଂଗଠିତ ଶୈଳୀରେ କାମ ହେଉଥିଲା । ମୋ ଫ୍ୟାମିଲି ଓ ମୋ ପିଲାମାନେ ସମସ୍ତେ ହେଉଛନ୍ତି ଅହେମଦୀ ।

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ଦିନ ୧:୧୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସମସ୍ତ ସଦସ୍ୟମାନେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**କଂଗୋ ବ୍ରାଜାଓ୍ୱିଲ୍ ଓ୍ୱଫଦ୍‌ଙ୍କର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫତର୍‌ରେ ପହଂଚିଲେ, ଯେଉଁଠି କଂଗୋ ବ୍ରାଜାଓ୍ୱିଲ୍ ଦେଶରୁ ଆସିଥିବା ଓ୍ୱଫଦ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । କଂଗୋ ବ୍ରାଜାଓ୍ୱିଲ୍‌ରୁ ୩ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଜଲ୍‌ସାରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି କଂଗୋ ଟି.ଭିର ଜର୍ନାଲିଷ୍ଟ୍ Diakoundila Edechevry ସାହେବ୍ । ହଜୁର୍ ଅନୁଓ୍ୱର୍‌ଙ୍କ ପଚାରିବାରେ ଜର୍ନାଲିଷ୍ଟ୍ ଜଣକ ବତାଇଲେ କି ସେ ଜଲ୍‌ସାର ପ୍ରୋଗ୍ରାମ୍ ଗୁଡିକର ଭିଡିଓ ବନାଇଛନ୍ତି ଓ ଗୋଟିଏ ଡକ୍ୟୁମେଂଟାରୀ ପ୍ରସ୍ତୁତ କରିଛନ୍ତି । ଶୁକ୍ରବାର ଦିନ ସଂଧ୍ୟାବେଳର ଖବରରେ ଜର୍ମାନୀ ଜଲ୍‌ସା ପ୍ରସଙ୍ଗରେ ଖବର ପ୍ରସାରଣ ହେଲା ଏବଂ ପୁଣି ରବିବାର ଦିନ ମଧ୍ୟ ସେ ପ୍ରୋଗ୍ରାମ୍ ପ୍ରସାରଣ ହେଲା । ଏହିପରି ସେ ଫେରିଯାଇ ମଧ୍ୟ ପ୍ରୋଗ୍ରାମ୍ ପ୍ରସାରଣ କରିବେ । ଜର୍ନାଲିଷ୍ଟ୍ ଜଣକ କହିଲେ କି ସେଠାରେ ଲୋକମାନଙ୍କ ତରଫରୁ ଜମାତ୍‌ର ପ୍ରୋଗ୍ରାମ୍ ଗୁଡିକ ବିଷୟରେ ଭଲ ଚିନ୍ତାଧାରା ଅଛି । କେବଳ ସେଠିକାର ମୁଲ୍ଲାମାନଙ୍କ ତରଫରୁ ମୁଖାଲିଫତ୍ ହେଉଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କଣ ତୁମେ ମୁଲ୍ଲାମାନଙ୍କ ମୁଖାଲିଫତ୍ ଯୋଗୁ ନିଜ ଚ୍ୟାନେଲ୍‌କୁ ବନ୍ଦ୍ କରିଦେବ । ଜର୍ନାଲିଷ୍ଟ୍ ଜଣକ କହିଲେ କି ମୁଁ ବିଗତ ଦୁଇବର୍ଷ ହେବ ଜମାତ୍‌ର ପ୍ରୋଗ୍ରାମ୍ ଗୁଡିକ ପ୍ରସାରଣ କରିଆସୁଛି । ମୁଲ୍ଲାମାନଙ୍କ ମୁଖାଲିଫତ୍ ହେବାପରେ ପ୍ରୋଗ୍ରାମ୍ ପ୍ରସାରଣ କରୁଛି ଓ ମୁଁ ସତ୍ୟ ସହିତ ରହିଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଇଶ୍ୱର ଆପଣଙ୍କୁ ପୁଣ୍ୟ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଜର୍ନାଲିଷ୍ଟ୍ ଜଣକ ପୁଣି କହିଲେ କି ଏଠି ଜର୍ମାନୀ ଜଲ୍‌ସାରେ ଆସି ମୁଁ ନିଜ ଆଖିରେ ଗୋଟିଏ ବହୁତ ବଡ ସୁସଂଗଠିତ ସମ୍ପ୍ରଦାୟକୁ ଦେଖିଲି । ବିରୋଧି ମୁଲ୍ଲାମାନେ କହୁଥିଲେ କି ଏମାନେ ତ ଏଠି କଂଗୋରେ ଗୋଟିଏ ଛୋଟିଆ ଜମାତ୍ ବାହାରେ କେଉଁଠାରେ ମଧ୍ୟ ନାହିଁ । ହଜୁର୍ ଅନୁଓ୍ୱର୍ କହିଲେ- ବର୍ତମାନ ଆପଣ ନିଜ ଆଖିରେ ଏକଥା ଦେଖିଲେ । ବର୍ତମାନ ସେହି ମୁଲ୍ଲାମାନଙ୍କୁ ଛାଡିଦିଅ । ଇଶ୍ୱର ଆପଣଙ୍କୁ ଇମାନ୍‌ଦାରୀ ରୂପେ କାର୍ଯ୍ୟ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ ଓ ସଚ୍ଚାଇ ଉପରେ କାଏମ୍ ରଖନ୍ତୁ ।

କଂଗୋ ବ୍ରାଜାଓ୍ୱିଲ୍ ଓ୍ୱଫଦ୍‌ର ଏହି ସାକ୍ଷାତ୍‌କାର୍ ୧:୪୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଓ୍ୱଫଦ୍‌ର ସଦସ୍ୟମାନେ ଜଣଜଣ ହୋଇ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କିଛି ସମୟ ପାଇଁ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଠିକ୍ ୨:୦୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ରେ ପହଂଚି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ ।

**ନିକାହ୍ ଏଲାନ୍ (ଘୋଷଣା)**

ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିମ୍ନଲିଖିତ ୩୬ଟି ନିକାହ୍‌ର ଏଲାନ୍ କରାଇଲେ ।

•ଅଜିଜା ତୁବା ଅହେମଦ୍ ସୁପୁତ୍ରୀ ମୋକରମ୍ ଶମ୍‌ଶାଦ୍ ଅହେମଦ୍ କମର୍ ସାହେବ୍ (ପ୍ରିନ୍‌ସିପାଲ୍ ଜାମିୟା ଅହେମଦୀୟା ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ନଓ୍ୱିଲ୍ ଅହେମଦ୍ ଶାଆଦ୍ (ଜାମିୟା ଅହେମଦୀୟା ଜର୍ମାନୀର ଛାତ୍ର) ସୁପୁତ୍ର ମୋକରମ୍ ମୁହମ୍ମଦ୍ ଦାଉଦ୍ ଶାଆଦ୍ ସାହେବ୍‌ଙ୍କ ସହିତ ନିର୍ଦ୍ଧାରିତ ହେଲା । •ଅଜିଜା ଆଇଶା ସିଦିକା ସୁପୁତ୍ରୀ ମୋକରମ୍ ମୁବଶିର୍ ଅହେମଦ୍ ସାହେବ୍ (ଅହେମଦାବାଦ୍ ସାଙ୍ଗ୍‌ରାଃ ପାକିସ୍ତାନ୍)ଙ୍କ ନିକାହ୍ ଅଜିଜମ୍ ମୁଜଫର୍ ଅହେମଦ୍ ଜଫର୍ (ମୁରବୀ ସିଲ୍‌ସିଲା ରବ୍‌ଓ୍ୱା ପାକିସ୍ତାନ୍) ସୁପୁତ୍ର ମୋକରମ୍ ମନଓ୍ୱର୍ ଅହେମଦ୍ ସାହେବ୍‌ଙ୍କ ସହିତ ଧାର୍ଯ୍ୟ ହେଲା । •ଅଜିଜା ଶମାଇଲା ସଦଫ୍ ସୁପୁତ୍ରୀ ମୋକରମ୍ ଅବ୍‌ଦୁଲ୍ ଖାଲିକ ତବସ୍‌ସୁମ୍ ସାହେବ୍ (ବଦେନ୍, ସିନ୍ଧ୍ ପାକିସ୍ତାନ୍)ଙ୍କ ନିକାହ୍ ଅଜିଜମ୍ ହସିବ୍ ଅହେମଦ୍ ତାହେର୍ ସାହେବ୍ (ମୁରବୀ ସିଲ୍‌ସିଲା ରବ୍‌ଓ୍ୱା) ସୁପୁତ୍ର ମୋକରମ୍ ଅବ୍‌ଦୁଲ୍ ଅଜିଜ୍ ସାହେବ୍‌ଙ୍କ ସହିତ ନିର୍ଦ୍ଧାରିତ ହେଲା । •ଅଜିଜା ରୁବାବ୍ ନାଜିମ୍ ସୁପୁତ୍ରୀ ମୋକରମ୍ ନାଜିମ୍ ଅଲୀ ସାହେବ୍ (ଘଟଆଲିୟାଁ, ଜିଲ୍ଲା-ସିଆଲ୍‌କୋଟ୍, ପାକିସ୍ତାନ୍)ଙ୍କ ନିକାହ ଅଜିଜମ୍ ଏହ୍‌ତେଶାମ୍ ଫରଖ୍ (ମୁରବୀ ସିଲ୍‌ସିଲା ଗରମୋଲା ଓ୍ୱିର୍‌କାଁ, ଗୁଜ୍‌ରାଁଓ୍ୱାଲା, ପାକିସ୍ତାନ୍) ସୁପୁତ୍ର ମୋକରମ୍ ତାରିକ୍ ଜାଓ୍ୱେଦ୍ ସାହେବ୍‌ଙ୍କ ସହିତ ନିର୍ଦ୍ଧାରିତ ହେଲା । •ଅଜିଜା ଅମତୁଲ୍ ନୁର୍ (ଓ୍ୱାକିଫେନୌ) ସୁପୁତ୍ରୀ ମୋକରମ୍ ଅବ୍‌ଦୁଲ୍ କୟୁମ୍ ସାହେବ (ରବ୍‌ଓ୍ୱା)ଙ୍କ ନିକାହ୍ ଅଜିଜମ୍ ଶୁଜାଅତ୍ ଅହେମଦ୍ ଫରାଜ୍ (ଜାମିଆ ଅହେମଦୀୟା ରବ୍‌ଓ୍ୱାର ଛାତ୍ର) ସୁପୁତ୍ର ମୋକରମ୍ ମୁବାରକ୍ ଅହେମଦ୍ ସାହେବ୍‌ଙ୍କ ସହିତ ଧାର୍ଯ୍ୟ ହେଲା । •ଅଜିଜା ମାହା ସମିଇ ସୁପୁତ୍ରୀ ମୋକରମ୍ ଅବ୍‌ଦୁସ୍ ସମିଇ ସାହେବ୍ (ଇଂଟାରିୟୁ, କାନାଡା)ଙ୍କ ନିକାହ୍ ଅଜିଜମ୍ ଇନ୍ତେସାର୍ ଅହେମଦ୍ (ଜାମିଆ ଅହେମଦୀୟା ଜର୍ମାନୀର ଛାତ୍ର) ସୁପୁତ୍ର ମୋକରମ୍ ଆଫାକ୍ ଅହେମଦ୍ ସାହେବ୍‌ଙ୍କ ସହିତ ନିର୍ଦ୍ଧାରିତ ହେଲା । •ଅଜିଜା ଫର୍‌ଜାନା ଇରମ୍ ସୁପୁତ୍ରୀ ମୋକରମ୍ ଓ୍ୱସିମ୍ ଅହେମଦ୍ ସାହେବ୍ (ରବ୍‌ଓ୍ୱା)ଙ୍କ ନିକାହ୍ ଅଜିଜମ୍ ମୁହମ୍ମଦ୍ କାଶିଫ୍ ଅହେମଦ୍ (ଜାମିଆ ଅହେମଦୀୟା ରବ୍‌ଓ୍ୱାର ଶିକ୍ଷାର୍ଥୀ) ସୁପୁତ୍ର ମୋକରମ୍ ଗୁଲାମ୍ ମୁସ୍ତଫା ସାହେବ୍‌ଙ୍କ ସହିତ ନିର୍ଦ୍ଧାରଣ କରାଗଲା । •ଅଜିଜା ଆସ୍‌ମା ଓ୍ୱସିମ୍ ଅହେମଦ୍ (ଓ୍ୱାକ୍‌ଫା ନୌ) ସୁପୁତ୍ରୀ ମୋକରମ୍ ଓ୍ୱସିମ୍ ଅହେମଦ୍ ସାହେବ୍ (ରାଟ୍‌ସେ ବୁର୍ଗ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ରାହିଲ୍ ଉମର ନଓ୍ୱାଜ୍ (ଓ୍ୱାକିଫେ ନୌ) ସୁପୁତ୍ର ମୋକରମ୍ ରାଶିଦ୍ ନଓ୍ୱାଜ୍ ସାହେବ୍ (ହେମ୍‌ବର୍ଗ ଜର୍ମାନୀ)ଙ୍କ ସହିତ ନିର୍ଦ୍ଧାରିତ ହେଲା । •ଅଜିଜା ମାଏରାଃ ବାଜ୍‌ଓ୍ୱା (ଓ୍ୱାକ୍‌ଫା ନୌ) ସୁପୁତ୍ରୀ ମୋକରମ୍ ତନ୍‌ଓ୍ୱିର ଅହେମଦ୍ ବାଜ୍‌ଓ୍ୱା ସାହେବ୍ (ରାଓନ୍ ହାଏମ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ତଓସିଫ୍ ଅହେମଦ୍ (ଓ୍ୱାକିଫେ ନୌ) ସୁପୁତ୍ରୀ ମୋକରମ୍ ଚୌଧୁରୀ ଇସ୍‌ଲାମ୍ ଅହେମଦ୍ ସାହେବ୍‌ଙ୍କ ସହିତ ଧାର୍ଯ୍ୟ ହେଲା । •ଅଜିଜା ଫରିଦାଃ ଅହେମଦ୍ (ଓ୍ୱାକ୍‌ଫା ନୌ) ସୁପୁତ୍ରୀ ମୋକରମ୍ ଫହିମ୍ ରାଣା ସାହେବ୍ (ଟାଉନ୍‌ସ ଶାଟାଇନ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ତୌହିଦ୍ ଅହେମଦ୍ (ଓ୍ୱକ୍‌ଫେ ନୌ) ସୁପୁତ୍ର ମୋକରମ୍ ମୁସ୍‌ତାକ ଅହେମଦ୍ ସାହେବ୍ (ମାଇନିଜ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ କରାଗଲା । •ଅଜିଜା ନଓଶିନ୍ ଅଲୀ (ଓ୍ୱାକ୍‌ଫା ନୌ) ସୁପୁତ୍ରୀ ମୋକରମ୍ ଲିଆକତ୍ ଅଲୀ ସାହେବ୍ (ବର୍‌ଲିନ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ମୁସଓ୍ୱିର୍ ଅହେମଦ୍ ଫାରୁକି (ଓ୍ୱାକିଫେ ନୌ) ସୁପୁତ୍ର ମୋକରମ୍ ମୁବଶିର୍ ଅହେମଦ୍ ଫାରୁକି ସାହେବ (ବାଦ୍‌ଫ୍ଲବିଲ୍, ଜର୍ମାନୀ)ଙ୍କ ସହିତ ନିର୍ଦ୍ଧାରିତ ହେଲା । •ଅଜିଜା ରିଜ୍‌ଓ୍ୱାନା ୟାକୁବ୍ (ଓ୍ୱାକ୍‌ଫା ନୌ)ସୁପୁତ୍ରୀ ମୋକରମ୍ ମୁହମ୍ମଦ୍ ୟୁାକୁବ୍ ସାହେବ୍ (ଆଫନ୍‌ବାଖ, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ସୟଦ୍ ଫରାଜ୍ ଅହେମଦ୍ ସୁପୁତ୍ର ମୋକରମ୍ ସୟଦ୍ ଇଫ୍‌ତେଖାର୍ ଅହେମଦ୍ ଗରଦେଜି ସାହେବ୍ (ଫୋର୍ସ୍ ହାଏମ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା । •ଅଜିଜା ତୁବା ଅହେମଦ୍ (ଓ୍ୱାକ୍‌ଫା ନୌ) ସୁପୁତ୍ରୀ ମୋକରମ୍ ଜହୁର୍ ଅହେମଦ୍ ସାହେବ୍ (ଆଫନ୍‌ବାଖ, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଆତିଫ୍ ବଶିର୍ ଚିମା ସୁପୁତ୍ର ମୋକରମ୍ ବଶିର୍ ଅହେମଦ୍ ଚିମା ସାହେବ୍ (ରୋନେନ୍‌ବର୍ଗ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ କରାଗଲା । •ଅଜିଜା ତାହେରା ଅହେମଦ୍ ସପୁତ୍ରୀ ମୋକରମ୍ ମୁନିର୍ ଅହେମଦ୍ ସାହେବ୍ (ଫ୍ରାଙ୍କ୍‌ଫର୍ଟ, ଜର୍ମାନୀ)ଙ୍କ

ନିକାହ୍ ଅଜିଜମ୍ ଆମିର୍ ସଇଦ୍ ଖାନ୍ ସୁପୁତ୍ର ମୋକରମ୍ ମାହ୍‌ଫୁଜ୍ ଅହେମଦ୍ ଖାନ୍ ସାହେବ୍ (କୋଲୋନ୍ ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ କରାଗଲା । •ଅଜିଜାସ ସବାହତ୍ ଜହିର୍ ତାହିର୍ (ୱାକିଫା ନୌ) ସୁପୁତ୍ରୀ ମୋକରମ୍ ଜହିର୍ ଅହେମଦ୍ ତାହେର୍ ସାହେବ୍‌ଙ୍କ ନିକାହ୍ ଅଜିଜମ୍ ଗୁଲ୍‌ରେଜ୍ ସଲିମ୍ ସୁପୁତ୍ର ମୋକରମ୍ ଦାଉଦ୍ ଗନି ସାହେବ୍ (ନୱ୍ୱେ ହୈାଫ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା । •ଅଜିଜା ନବିଲା ଅଫ୍‌ଜଲ୍ ମେହ୍‌ମୁଦ (ୱାକିଫା ନୌ) ସୁପୁତ୍ରୀ ମୋକରମ୍ ରାଜା ମୁହମ୍ମଦ୍ ଅଫ୍‌ଜଲ୍ ସାହେବ୍ (ଲାଟ୍‌ସନ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ହାରୁନ୍ ମେହ୍‌ମୁଦ୍ ସୁପୁତ୍ର ମୋକରମ୍ ହୁସେନ୍ ମେହ୍‌ମୁଦ୍ ସାହେବ୍ (ଫ୍ରାଙ୍କ୍‌ଫର୍ଟ୍, ଜର୍ମାନୀ)ଙ୍କ ସହିତ ନିର୍ଦ୍ଧାରଣ ହେଲା । •ଅଜିଜା ସିଦ୍‌ରା ମେହ୍‌ମୁଦ୍ ସୁପୁତ୍ରୀ ମୋକରମ୍ ନାସିର୍ ମେହ୍‌ମୁଦ୍ ସାହେବ୍ (ଫ୍ରାଙ୍କ୍‌ଫର୍ଟ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ମୁହମ୍ମଦ୍ ୟୁସୁଫ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ୟୁନୁସ୍ ଅହେମଦ୍ ସାହେବ୍ (ଫ୍ରାଙ୍କ୍‌ଫର୍ଟ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ କରାଗଲା । •ଅଜିଜା ଅମ୍ମାରାଃ ଅହେମଦ ସୁପୁତ୍ରୀ ମୋକରମ୍ ତନ୍‌ୱିର୍ ଅହେମଦ୍ ସାହେବ୍ (କାସିଲ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ନୱିଦ୍ ଅହେମଦ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ମୁହମ୍ମଦ୍ ଜାହିଦ୍ ଅନୱର୍ ଜାୱେଦ୍ ସାହେବ୍ ଅଫ୍ ୟୁ.କେ ଙ୍କ ସହିତ ନିର୍ଦ୍ଧାରିତ ହେଲା । •ଅଜିଜା ଅମ୍ବର୍ ପରୱିନ୍ ସୁପୁତ୍ର ମୋକରମ୍ ମୋଦସିର୍ ଅହେମଦ୍ ଖାନ୍ ସାହେବ୍ ଅଫ୍ ୟୁ.କେଙ୍କ ନିକାହ୍ ଅଜିଜମ୍ ନଦିମ ଅହେମଦ୍ ଅସ୍‌ଲମ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ କଲିମ୍ ଅହେମଦ୍ ଅସ୍‌ଲମ୍ ସାହେବ୍ (ଶୱାଲ୍ ବାଖ୍, ଜର୍ମାନୀ)ଙ୍କ ସହିତ ନିର୍ଦ୍ଧାରଣ କରାଗଲା । •ଅଜିଜା ସାଇରା ସଇଦ୍ ସୁପୁତ୍ରୀ ମୋକରମ୍ ସଇଦ୍ ତବସୁନ୍ ସାହେବ୍ (ରୁସୁଲୁଜ୍ ହାଏମ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ତାହେର୍ ଗୁଡଟ୍ (ୱାକିଫେ ନୌ)ସୁପୁତ୍ର ମୋକରମ୍ ରାଶିଦ୍ ଅହେମଦ୍ ଗୁଡଟ୍ ସାହେବ୍ (ଫ୍ରାଙ୍କ୍‌ଫର୍ଟ୍, ଜର୍ମାନୀ)ଙ୍କ ସହିତ ନିର୍ଦ୍ଧାରଣ କରାଗଲା । •ଅଜିଜା ମୁନିଜାଃ ମେହ୍‌ମୁଦ୍ ସୁପୁତ୍ରୀ ମୋକରମ୍ ସାକିବ୍ ନୱାଜ୍ ସାହେବ୍ ମରହୁମ୍ (ହୋରବ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଆତିଫ୍ ମେହ୍‌ମୁଦ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ମୋଜଫର୍ ଅହେମଦ୍ ମେହ୍‌ମୁଦ୍ ସାହେବ୍ (ପୂର୍ବତନ ମୁବଲିଗ ସ୍ୱେନ୍ ଅଫ୍ ରେଡ୍‌ଷ୍ଟିଡ୍, ଜର୍ମାନୀ)ଙ୍କ ସହିତ ନିର୍ଦ୍ଧାରିତ ହେଲା । •ଅଜିଜା ଉଜ୍‌ମା କୱୁଁଲ୍ ତୁର୍ ସୁପୁତ୍ରୀ ମୋକରମ୍ ରହେମତୁଲ୍ଲାଃ ଶମସ୍ ସାହେବ୍ (ୱେଟ୍ ସେଲର୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଅଲିମାନ୍ ନଇମ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ମୁହମ୍ମଦ୍ ନଇମ୍ ଖାଲିଦ୍ ସାହେବ୍ (ରୋଡ୍‌ଗାଓ, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା । •ଅଜିଜା ରାଣା ଫାଖରାଃ ଅହେମଦ୍ ସୁପୁତ୍ରୀ ମୋକରମ୍ ରାଣା ନାସିର୍ ଅହେମଦ୍ ସାହେବ୍ (ରୋଡ୍‌ଗାଓ, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଅହେମଦ୍ ନୱାଜ୍ ନାସିର୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ୱସିମ୍ ନାସିର୍ ସାହେବ୍ (ଏଶ୍ ବୋରନ୍, ଜର୍ମାନୀ)ଙ୍କ ସହିତ ନିର୍ଦ୍ଧାରଣ ହେଲା । •ଅଜିଜା ଫାର୍‌ଆ କୱୁଁଲ୍ ମୁହିଉଦ୍ଦିନ୍ ସୁପୁତ୍ରୀ ମୋକରମ୍ ଗୁଲାମ୍ ମୁହିଉଦ୍ଦିନ୍ ସାହେବ୍ (ହାଡାମାର୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ସଫିର୍ ଅହେମଦ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ନଜିର୍ ଅହେମଦ୍ ସାହେବ୍ (ଜଓଇଷ୍ଟ, ଜର୍ମାନୀ)ଙ୍କ ସହିତ ନିର୍ଦ୍ଧାରିତ ହେଲା । •ଅଜିଜା ମଲିହା ଅସ୍‌ଲମ୍ କୁଲ୍ଲା ସୁପୁତ୍ରୀ ମୋକରମ୍ ଚୌଧୁରୀ ମୁହମ୍ମଦ୍ ଅର୍‌ଶଦ୍ କୁଲ୍ଲା ସାହେବ୍ (ଗୋଲ୍‌ଡନ୍ ଷ୍ଟିଡ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଜହିର୍ ଅହେମଦ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ନଜିର୍ ଅହେମଦ୍ ସାହେବ୍ (ବଗଶ୍ ଗଲ୍‌ଡ୍ ବାଖ, ଜର୍ମାନୀ) ଙ୍କ ସହିତ ନିର୍ଦ୍ଧାରିତ ହେଲା । •ଅଜିଜା ଫାତ୍‌ମା ଅହେମଦ୍ ସୁପୁତ୍ରୀ ମୋକରମ୍ ମୁହମ୍ମଦ୍ ଜଫ୍‌ରୁଲ୍ଲାଃ ଖାନ୍ ସାହେବ୍ (ନଓଟ୍‌ଲନ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ନବିଲ୍ ଅହେମଦ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ମୁବଶିର୍ ଅହେମଦ୍ ସଲାମ୍ ସାହେବ୍ (ହୁନୋଫର୍ ଜର୍ମାନୀ)ଙ୍କ ସହିତ ନିର୍ଦ୍ଧାରିତ ହେଲା । •ଅଜିଜା ଜୈାନାରଲ୍ଲାଃ ସୁପୁତ୍ରୀ ମୋକରମ୍ ଗଜନ୍‌ଫରୁଲ୍ଲାଃ ସାହେବ୍ (ଉବର୍ ଉର୍‌ଜଲ୍, ଜର୍ମାନୀ) ଙ୍କ ନିକାହ୍ ଅଜିଜମ୍ ଜିଶାନ୍ ମେହ୍‌ମୁଦ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ଖାଲିଦ୍ ମେହ୍‌ମୁଦ୍ ସାହେବ୍ (ଲିୱର୍ କୋଜନ୍, ଜର୍ମାନୀ)ଙ୍କ ସହିତ ନିର୍ଦ୍ଧାରଣ କରାଗଲା । •ଅଜିଜା ନାଏଲା ଅହେମଦ୍ ସୁପୁତ୍ରୀ ମୋକରମ୍ ମସ୍‌ଉଦ୍ ଅହେମଦ୍ ଗୁଲ୍ ସାହେବ୍ (ରୱେଟ୍‌ଲିଂଗନ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଚୌଧୁରୀ ଖୁର୍‌ରମ୍ ଅହେମଦ୍ ମୁବଶିର୍ ସୁପୁତ୍ର ମୁକରମ୍ ମୁବଶିର୍ ଅହେମଦ୍ ସାହେବ୍ (ରୱେଟ୍‌ଟ୍‌ଲିଂଗନ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ କରାଗଲା । •ଅଜିଜା ଇରମ୍ ସିଦ୍ଧୁ ସୁପୁତ୍ରୀ ମୁକରମ୍ ମୁହମ୍ମଦ୍ ଶେହ୍‌ଜାଦ୍ ସିଦ୍ଧୁ ସାହେବ୍ (ରୱେଟ୍‌ଟ୍‌ଲିଂଗନ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ନୱିଦ୍ ଅହେମଦ୍ ଭଟି ସୁପୁତ୍ର ମୋକରମ୍ ମୁନୱର୍ ଅହେମଦ୍ ଭଟି ସାହେବ୍ (ଫ୍ରାନ୍‌ସ୍ ହାଏମ୍, ଜର୍ମାନୀ)ଙ୍କ ସହିତ ନିର୍ଦ୍ଧାରିତ ହେଲା । •ଅଜିଜା ମାହିମ୍ ମେହ୍‌ମୁଦ୍ ସୁପୁତ୍ରୀ ମୋକରମ୍ ଖାଲିଦ୍ ମେହ୍‌ମୁଦ୍ ସାହେବ୍ (ୱେଜ୍‌ବାଦନ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ସମିଉଲ୍ଲାଃ ସୁପୁତ୍ର ମୋକରମ୍ ଗଜନଫ୍‌ରୁଲ୍ଲାଃ ସାହେବ୍ (ଉବର୍ ଉର୍‌ଜଲ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ କରାଗଲା । •ଅଜିଜା ମାହିମ୍ ମେହ୍‌ମୁଦ୍ ସୁପୁତ୍ରୀ ମୋକରମ୍ ଖାଲିଦ୍ ମେହ୍‌ମୁଦ୍ ସାହେବ୍ (ୱେଜ୍‌ବାଦନ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ସମିଉଲ୍ଲାଃ ସୁପୁତ୍ର ମୋକରମ୍ ଗଜନଫ୍‌ରୁଲ୍ଲାଃ ସାହେବ୍ (ଉବର୍ ଉର୍‌ଜଲ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ କରାଗଲା । •ଅଜିଜା ଜୁହା ବାଜ୍‌ୱା ସୁପୁତ୍ରୀ ମୋକରମ୍ ମୁହମ୍ମଦ୍ ସ୍ୱାଲେହ୍ ବାଜ୍‌ୱା ସାହେବ୍ (ଇଗଲ୍‌ଜ୍ ବାଖ, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ନଦିମ୍ ଅହେମଦ୍ ସୁପୁତ୍ର ମୋକରମ୍ ୱସିମ୍ ଅହେମଦ୍ ସାହେବ୍ (ଫ୍ଲୋରସ୍ ହାଏମ୍, ଜର୍ମାନୀ)ଙ୍କ ସହିତ ନିର୍ଦ୍ଧାରିତ ହେଲା । •ଅଜିଜା ମାରିଆ ହୁସେନ୍ ସୁପୁତ୍ରୀ ମୋକରମ୍ ମୁନୱର୍ ହୁସେନ୍ ସାହେବ୍ (ହେମ୍‌ବର୍ଗ, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଜୋହେବ୍ ଅର୍‌ଶଦ୍ ସୁପୁତ୍ର ମୋକରମ୍ ଅର୍‌ଶଦ୍ ମେହ୍‌ମୁଦ୍ ସାହେବ୍ (କୋଲନ୍, ଜର୍ମାନୀ)ଙ୍କ ସହିତ ନିର୍ଦ୍ଧାରଣ କରାଗଲା । •ଅଜିଜା ସିଦ୍‌ରା ନିସାର୍ ସୁପୁତ୍ରୀ ମୋକରମ୍ ନିସାର୍ ଅହେମଦ୍ ସାହେବ୍ (ଉରସ୍‌ବୁର୍ଗ, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଅୟାଜ୍ ଅହେମଦ୍ ସୁପୁତ୍ର ମୋକରମ୍ ମୁବଶିର୍ ଅହେମଦ୍ ସାହେବ୍ (ଟ୍ରିବୁୱର୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ପାଇଲା । •ଅଜିଜା ରେଶମ୍ ବେଗ୍ ସୁପୁତ୍ରୀ ମୋକରମ୍ ମିର୍ଜା ଶମିମ୍ ବେଗ୍ ସାହେବ୍ (ଜାୱର୍ ଗ୍ରେଞ୍ଜହାଉଜନ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ତଲ୍‌ହାଉଲ୍ଲାଃ ସୁପୁତ୍ର ମୋକରମ୍ ଚୌଧୁରୀ ମଜିଦୁଲ୍ଲାଃ ସାହେବ୍ (ରାଟିଂଗନ୍ ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ପାଇଲା । •ଅଜିଜା ନିୟା ଅହେମଦ୍ ସୁପୁତ୍ରୀ ମୋକରମ୍ ମିର୍ଜା ମସ୍‌ଉଦ୍ ଅହେମଦ୍ ସାହେବ୍ (ଫ୍ରାଙ୍କ୍‌ଫର୍ଟ, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ତେହ୍‌ରିମ୍ ମାଜିଦ୍ ସୁପୁତ୍ର ମୋକରମ୍ ମାଜିଦ୍ ମସ୍‌ଉଦ୍ ସାହେବ୍ (ଗ୍ରୋନାଓ, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ କରାଗଲା । •ଅଜିଜା ଅରୁବ୍ ଖାନ୍ ସୁପୁତ୍ରୀ ମୋକରମ୍ ଅହେମଦ୍ ସଇଦ୍ ଖାନ୍ ସାହେବ୍ (ଐଶନ୍ ବୋରନ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଶମାଇଲ୍ ଅହେମଦ୍ ମିନ୍‌ହାସ୍ ସୁପୁତ୍ର ମୋକରମ୍ ମୁହମ୍ମଦ୍ ଫାରୁକ୍ ମିନ୍‌ହାସ୍ ସାହେବ୍ (ଫରିଦ୍‌ବର୍ଗ, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଏହି ନିକାହ୍ ଗୁଡିକର ଏଲାନ୍ କରିବା ପରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ‘‘ଅଲ୍ଲାଃତାଲା ଏହି ନିକାହ୍ ଗୁଡିକ ଯାହା ଆଜି ମୁଁ ଏଠାରେ ପଢ଼ାଇଲି, ସେ ସବୁକୁ ପ୍ରତିକ୍ଷେତ୍ରରେ ବାବର୍‌କତ୍ କରନ୍ତୁ ଏବଂ ସ୍ୱାମୀ ସ୍ତ୍ରୀ ଦୁଇଜଣ ମଧ୍ୟ ଓ ଦୁଇପରିବାର ମଧ୍ୟ ଆପୋଷରେ ପ୍ରେମ ଓ ସ୍ନେହର ସହିତ ରୁହନ୍ତୁ ଓ ସେମାନଙ୍କ ଘରର ଶାନ୍ତି ସଦାସର୍ବଦା କାଏମ୍ ରହୁ । ସେମାନଙ୍କଠାରୁ ସର୍ବଦା ପୁଣ୍ୟବନ୍ତ ସନ୍ତାନ ସୃଷ୍ଟି ହୋଇଚାଲନ୍ତୁ’’ ।

### ବୁଲ୍‌ଗେରିଆ ଦେଶରୁ ଆସିଥିବା ୱଫଦ୍‌ର ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍

ଏହାପରେ ହଜୁର ଅନୁୱର୍ ଅ:ବ:ଅ ଦୁଆ କରାଇଲେ । ଦୁଆ ପରେ ହଜୁର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ । ପ୍ରୋଗ୍ରାମ୍ ମୁତାବକ ୫:୩୦ ସମୟରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍‌ରେ ଥିବା ପୁରୁଷଙ୍କ ହଲ୍‌ରେ ପଦାର୍ପଣ କଲେ । ଯେଉଁଠି ବୁଲ୍‌ଗେରିଆ ଦେଶରୁ ଆସିଥିବା ୱଫଦ୍ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର କରିବାର ସୈାଭାଗ୍ୟ ପ୍ରାପ୍ତ କଲେ । ବୁଲ୍‌ଗେରିଆରୁ ଏବର୍ଷ ୫୬ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଜଲ୍‌ସାସାଲାନାରେ ସାମିଲ୍ ହୋଇଥିଲେ । ସେଥିରେ ୩୧ଜଣ ଅଣ ଜମାତୀୟ ଅତିଥି ସାମିଲ୍ ହୋଇଥିଲେ ।

ଜଣେ ମହିଳା କହିଲେ କି ମୁଁ ପ୍ରଥମଥର ପାଇଁ ଏ ଜଲ୍‌ସାରେ ସାମିଲ୍ ହୋଇଛି ଓ ଜଲ୍‌ସାର ସମସ୍ତ ବ୍ୟବସ୍ଥା ଦ୍ୱାରା ମୁଁ ପ୍ରଭାବିତ ହୋଇଛି । ନିଜପାଇଁ ଓ ମୋର ସମସ୍ତ ନିକଟ ସମ୍ପର୍କୀୟଙ୍କ ପାଇଁ ଦୁଆ କରିବାକୁ ନିବେଦନ କରୁଅଛି ।

ଆଉଜଣେ ମହିଳା କହିଲେ କି ମୁଁ ବହୁତ ସୈାଭାଗ୍ୟବତୀ କି ଏ ଜଲ୍‌ସାରେ ସାମିଲ୍ ହୋଇଛି । ମୁଁ ଏପରି କନ୍‌ଫରେନ୍‌ସ ପୂର୍ବରୁ କେବେ ଦେଖିନାହିଁ । ମୁଁ ଏହି ଦିନଗୁଡିକୁ ନିଜ ଜୀବନର ଉତମ ଦିନ ରୂପେ ବିବେଚନା କରୁଛି । ମୁଁ ପ୍ରତିକ୍ଷେତ୍ରରୁ ଆପଣଙ୍କୁ ସାହାଯ୍ୟ ଓ ସେବା କରିବା ପାଇଁ ପ୍ରସ୍ତୁତ ଅଛି ।

ଆଉଜଣେ ମହିଳା ଅତିଥି କହିଲେ କି ମୁଁ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି । ଏଠାରେ ଆମର ବହୁତ ଭଲଭାବେ ଧ୍ୟାନ ରଖାଗଲା । ପ୍ରତ୍ୟେକ ବ୍ୟକ୍ତି ଆମକୁ ଆରାମ ପହଂଚାଇବେ । ଆମକୁ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ମୌକା ମିଳିଲା । ହଜୁର୍ ଅନୁୱର୍‌ଙ୍କ ଅଭିଭାଷଣ ବହୁତ ପ୍ରଭାବଶାଳୀ ଥିଲା । ହଜୁର୍ ଆମପାଇଁ ଦୁଆ କରନ୍ତୁ କି ଆମକୁ କିପରି ଖରାପ କର୍ମରୁ ମୋକ୍ଷ ମିଳିଯାଉ ଓ ନିଜ ହୃଦୟରେ ପରିବର୍ତନ ସୃଷ୍ଟି ହେଉ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆପଣ ମଧ୍ୟ ଦୁଆ କରନ୍ତୁ । ଆମେ ମଧ୍ୟ ଆପଣମାନଙ୍କ ପାଇଁ ଦୁଆ କରିବୁ ।

ଆଉଜଣେ ଅତିଥି କହିଲେ କି ହଜୁର୍ ଅନୁୱର୍‌ଙ୍କ ସହିତ ମୋର ହେଉଛି ଏହା ଦ୍ୱିତୀୟ ସାକ୍ଷାତ୍‌କାର୍ । ଜଲ୍‌ସାସାଲାନାର ବ୍ୟବସ୍ଥା ବହୁତ ଭଲ ଥିଲା । ମୁଁ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ମୋର କିଛି ପ୍ରଶ୍ନ ଥିଲା, ଯାହାର ଉତର ମୋତେ ହଜୁର୍ ଅନୁୱର୍‌ଙ୍କ ତରଫରୁ ମିଳିସାରିଛି ଓ ମୋତେ ଆତ୍ମସନ୍ତୋଷ ଲାଭ ହୋଇଛି । ମୁଁ ବୁଲ୍‌ଗେରିଆରେ ହ୍ୟୁମାନିଟି ଫାର୍ଷ୍ଟର ମେମ୍ବର୍ ଅଛି । ଆମେ ହ୍ୟୁମାନିଟି ଫାର୍ଷ୍ଟର ଚେୟାର୍‌ମ୍ୟାନ୍‌ଙ୍କ ସହିତ ଯୋଗାଯୋଗ ରଖିଛୁ । ଯଦ୍ୱାରା ବୁଲ୍‌ଗେରିଆରେ ମଧ୍ୟ ବିଭିନ୍ନ ପ୍ରକାର ପ୍ରୋଜେକ୍ଟ ଆରମ୍ଭ କରାଯାଇପାରିବ । ଏଥିରେ ହଜୁର୍ ଅନୁୱର୍ କହିଲେ- ଠିକ୍ ଅଛି ଆପଣ ଯୋଗାଯୋଗ କରନ୍ତୁ । ଆମେ କାମ କରିଚାଲିବା ।

ଆଉଜଣେ ବନ୍ଧୁ ପ୍ରଶ୍ନ ପଚାରିଲେ କି ବୁଲ୍‌ଗେରିଆରେ ଜମାତ୍‌ର ରେଜିଷ୍ଟ୍ରେସନ୍ ହେବାକୁ ଅଛି । କଣ ରେଜିଷ୍ଟ୍ରେସନ୍ ହେବା ପରେ କେବଳ ଅହେମଦୀମାନେ ହିଁ ସେଥିରେ ସାମିଲ୍ ହେବେ ଅଥବା ଅନ୍ୟଲୋକମାନେ ମଧ୍ୟ ସାମିଲ୍ ହୋଇପାରିବେ ? ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଯଦି ସେ ଅହେମଦୀ ନୁହଁନ୍ତି ଏବଂ ଆମେ ରେଜିଷ୍ଟ୍ରେସନ୍‌ରେ ଏକଥା ପ୍ରକାଶ କରିବୁ କି ସେ ହେଉଛନ୍ତି ଅହେମଦୀ ତେବେ ତ ଏହା ଭୁଲ୍ କାମ ହେବ, ଧୋକାଦେବାର କଥା ହେବ । ତେଣୁ ଯଦି ଧାର୍ମିକ ଅର୍ଗାନାଇଜେସନ୍ ରୂପେ ଜମାତ୍ ରେଜିଷ୍ଟ୍ରେସନ୍ ହେଉଅଛି ତେବେ ପୁଣି ସାମିଲ୍ ହୋଇପାରିବେ ନାହିଁ । କିନ୍ତୁ ଯଦି କୌଣସି ଚ୍ୟାରିଟି ଅର୍ଗାନାଇଜେସନ୍ ରୂପେ ରେଜିଷ୍ଟ୍ରେସନ୍ ହେଉଅଛି ତେବେ କିଛି ଭଦ୍ରଲୋକଙ୍କୁ ସାମିଲ୍ କରାଯାଇପାରେ ।

ଏହି ୱଫଦ୍‌ରେ ସାମିଲ୍ ହୋଇଥିବା ଜଣେ ମହିଳା ଅତିଥି କିରିଲ୍‌କା ସାହିବା ନିଜର ମନୋଭାବ ବ୍ୟକ୍ତ କରି କହିଲେ- ମୁଁ ଅନେକ ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଛି । କିନ୍ତୁ ଜମାତ୍ ଅହେମଦୀୟାର ଏହି ଜଲ୍‌ସାସାଲାନାରେ ଏକପ୍ରକାର ଆଧ୍ୟାତ୍ମିକ ପରିବେଶ ଥିଲା । ବହୁତ ଶାନ୍ତିପୁର୍ଣ୍ଣ ପରିବେଶ ଥିଲା ଯାହା ଏବେ ମୋ୍ ଶେଷ ଜୀବନ ପର୍ଯ୍ୟନ୍ତ ଆତ୍ମ ସନ୍ତୋଷର ସାମାନ୍ ହୋଇରହିବ । ଲୋକମାନଙ୍କ ମନରେ ଆମପାଇଁ ସମ୍ମାନ ଓ ପ୍ରେମ ଭରି ରହିଥିଲା । ସେମାନଙ୍କ ଆଖିରୁ ସେମାନଙ୍କ ଇମାନ୍‌ର ଅନ୍ଦାଜା ହେଉଥିଲା କି କେତେ ପୁଣ୍ୟବାନ୍ ଲୋକଥିଲେ । ହଜୁର୍‌ଙ୍କ ଅଭିଭାଷଣ ମୋ ହୃଦୟରେ ବହୁତ ଗଭୀର ପ୍ରଭାବ ପକାଇଛି । ମୁଁ ହଜୁର୍‌ଙ୍କ ତକ୍‌ରିର୍ ସମୟରେ କାନ୍ଦୁଥିଲି ଓ ମୋତେ ଏପରି ଲାଗୁଥିଲା କି ଯେପରି ମୋର ନୂଆ ଜୀବନ ଆରମ୍ଭ ହେଉଅଛି । ମୁଁ ଚେଷ୍ଟା କରିବି କି ବାକିତକ ଜୀବନ ଆପଣଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ବିତାଇବି । ମୁଁ ଆପଣଙ୍କର ବହୁତ କୃତଜ୍ଞ କି ଆପଣ ମୋତେ ଏହି ଆଧ୍ୟାତ୍ମିକ ମାହୋଲ୍‌ରୁ ଲାଭ ଉଠାଇବା ପାଇଁ ଅବସର ପ୍ରଦାନ କଲେ ।

ଜଣେ ଇସାଇ ଡାକ୍ତର Manikatov ସାହେବ୍ ନିଜ ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ମୁଁ ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ ଅର୍ପଣ କରୁଛି କି ଆପଣ ଆମକୁ ଏପରି ଆଧ୍ୟାତ୍ମିକ ପରିବେଶରେ ଯୋଗ ଦେବାପାଇଁ ନିମନ୍ତ୍ରଣ କଲେ । ଅତିଥିମାନଙ୍କ ବହୁତ ସମ୍ମାନ ହେଉଥିଲା । ପୁଣ୍ୟକୁ ପ୍ରଚାର ପ୍ରସାର କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ଭିତରେ ସଉକ ଭରି ରହିଥିଲା । ମୁଁ ହଜୁର୍‌ଙ୍କ ଗୋଚରେ କିଛି ପ୍ରଶ୍ନ ପଠାଇଥିଲି । ମୋତେ ଏକଥା ବହୁତ ଭଲ ଲାଗିଲା କି ହଜୁର୍ ନିଜର କାର୍ଯ୍ୟବ୍ୟସ୍ତତାରୁ ସମୟ ବାହାର କରି ମୋ ପ୍ରଶ୍ନଗୁଡିକର ଉତର ମୋ ପାଖକୁ ପଠାଇଲେ ।

ଆଉଜଣେ ଇସାଇ ମହିଳା Kracimira ସାହିବା କହୁଛନ୍ତି କି ମୁଁ ମୋ ସ୍ୱାମୀ ଓ ପିଲାମାନଙ୍କ ସହିତ ଏ ଜଲ୍‌ସାରେ ସାମିଲ୍ ହୋଇଛି । ମୁଁ ଏପରି ସୁସଂଗଠିତ ଅତିଥି ପରାୟଣତା ପୂର୍ବରୁ କେବେ ଦେଖିନାହିଁ । ବାପା ମାଆଙ୍କ ପାଇଁ ଥିବା ସମ୍ମାନ, ପିଲାମାନଙ୍କର ତରବିୟତ୍ କରିବା ବିଷୟରେ ବହୁତ କିଛି ଶିଖିବାକୁ ପାଇଲି । ସେ ସବୁକୁ ଏବେ ଜୀବନର ଅଂଶବିଶେଷ ବନାଇଲି । ପୁରୁଷମାନେ ଯେଉଁଭଳି ମହିଳାମାନଙ୍କର ସମ୍ମାନ କରୁଥିଲେ ଏହା ଦେଖି ବହୁତ ଆଶ୍ଚର୍ଯ୍ୟ ଲାଗୁଥିଲା । ଇସାଇମାନଙ୍କ ମଧ୍ୟରେ ମହିଳାମାନଙ୍କ ପାଇଁ ଏତେ ମାତ୍ରାରେ ସମ୍ମାନ ମୁଁ କେବେ ଦେଖିନାହିଁ । ଧନ୍ୟବାଦ ଅର୍ପଣ କରି ମୁଁ ଆପଣଙ୍କ ପାଇଁ ପ୍ରାର୍ଥନା କରୁଅଛି ।

ଆଉଜଣେ ଇସାଇ ମହିଳା Walentina ସାହିବା କହୁଛନ୍ତି କି ମୁଁ ପ୍ରଥମଥର ଏ ଜଲ୍‌ସାରେ ସାମିଲ୍ ହୋଇଛି । ଏତେ ସଂଖ୍ୟକ ଲୋକମାନଙ୍କୁ ଏକତ୍ରିତ ହେବାର ଦେଖି ଓ ଜଣେ ଅନ୍ୟଜଣକୁ ସମ୍ମାନ କରିବାର ଦେଖି ମୁଁ ବହୁତ ଆନନ୍ଦିତ । ବିଶେଷ ରୂପେ ଆପଣ ଅତ୍ୟାଚାର ବିରୋଧରେ ଥିବା ଶିକ୍ଷାର ଯେଉଁ ଚର୍ଚ୍ଚା କରିଛନ୍ତି ତାହା ମୋତେ ବହୁତ ପ୍ରଭାବିତ କରିଛି ଓ ଇସ୍‌ଲାମ୍ ସମ୍ବନ୍ଧରେ ଯେଉଁ ସବୁ ଭୁଲ୍ ତଥ୍ୟ ପ୍ରଚାର ପ୍ରସାର କରାଯାଉଛି ସେ ସବୁର ବାସ୍ତବିକତା ସ୍ପଷ୍ଟ ହୋଇଯାଇଛି । ବର୍ତ୍ତମାନ ଇସ୍‌ଲାମ୍ ସମ୍ବନ୍ଧରେ ମୋ ହୃଦ୍‌ବୋଧ ହୋଇଅଛି ।

ଆଉଜଣେ ବନ୍ଧୁ ମୁହମ୍ମଦ୍ ୟୁସୁଫ୍ ସାହେବ୍ ମଧ୍ୟ ଏହି ୱ୍ଫଦ୍‌ରେ ସାମିଲ୍ ଥିଲେ । ସେ କହୁଛନ୍ତି ମୁଁ ଏ ଜଲ୍‌ସାରେ ପ୍ରଥମଥର ପାଇଁ ସାମିଲ୍ ହୋଇଛି । ଯେଉଁସବୁ କଥା ଜମାତ୍ ବିରୋଧରେ ମୁଁ ଶୁଣିଥିଲି ବର୍ତ୍ତମାନ ଜଲ୍‌ସାର ମାହୋଲ୍‌କୁ ଦେଖି ମୋ ହୃଦୟ ପ୍ରତିକ୍ଷେତ୍ରରୁ ସଫା ହୋଇଗଲା । ସବୁଆଡେ ଉତମତା, ପବିତ୍ର କୋରାନ୍ ଏବଂ ହଦିସ୍‌ର ଶିକ୍ଷା ଦୃଷ୍ଟିଗୋଚର ହେଉଥିଲା । ଆପଣମାନଙ୍କର ମୋଟୋ ''ମହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ'' ଏକଥା ମୋତେ ବହୁତ ପ୍ରଭାବିତ କରିଛି । ଚାରିଆଡେ ଶାନ୍ତି ହିଁ ଶାନ୍ତି ଥିଲା ବିଶେଷ ରୂପେ ହଜୁର୍‌ଙ୍କର ଆସିବାରେ ବହୁତ ଶାନ୍ତି ମିଳୁଥିଲା । ଜଲ୍‌ସା ସମୟରେ ହିଁ ମୁଁ ଏ ନିଷ୍ପତି କଲି କି ଏବେ ମୁଁ ମଧ୍ୟ ଅହେମଦୀୟତ୍‌ରେ ସାମିଲ୍ ହେଉଛି । ମୋର ଅନେକ ନିଜସ୍ୱ ଅସୁବିଧା ଥିଲା । କିନ୍ତୁ ଯେବେ ମୁଁ ଜଲ୍‌ସାରେ ସାମିଲ୍ ହେଲି ଫଳତଃ ମୋର ସମସ୍ତ ଅସୁବିଧା ସ୍ୱତଃପ୍ରୃତ ଦୂର ହେବା ଆରମ୍ଭ ହେଲା । ଏବେ ମୁଁ ଜମାତ୍‌ର ବାର୍ତ୍ତାକୁ ଆଗକୁ ପ୍ରଚାର ପ୍ରସାର କରିବି ।

ଆଉଜଣେ ମହିଳା Anna ସାହିବା କହୁଛନ୍ତି ମୁଁ ପ୍ରଥମଥର ଏଠାକୁ ଆସିଛି । ମୋତେ ଏଠାରେ ସବୁକିଛି ଭଲ ଲାଗିଲା । ନିଃସ୍ୱାର୍ଥପର ସେବା କରିବାର ମନୋଭାବକୁ ଦେଖି ବହୁତ ଭଲ ଲାଗିଲା । ସେହିପରି ପିଲାମାନଙ୍କର ପାଣି ପିଆଇବା ବହୁତ ଭଲ ଥିଲା । ଏଠାରେ ଜ୍ଞାନରେ ବହୁତ କିଛି ବୃଦ୍ଧି ଘଟିଲା ।

ଆଉଜଣେ ଇସାଇ ମହିଳା Lilyana ସାହିବା କହୁଛନ୍ତି କି ହଜୁର୍‌ଙ୍କ ଅଭିଭାଷଣ ଦ୍ୱାରା ଗଭୀର ପ୍ରଭାବ ପଡ଼ିଛି । ଆମେ ବହୁତ ସୌଭାଗ୍ୟଶାଳୀ କି ଆପଣଙ୍କ ନିକଟକୁ ଆସିଛୁ । ଜଣେ ଅନ୍ୟଜଣକ ପାଇଁ ଥିବା ସହାନୁଭୁତି, ସରକାରଙ୍କୁ ବୁଝାଇବା ଏବଂ ଆପଣଙ୍କ ବାକ୍ୟଗୁଡିକ ଏପରି ଥିଲା କି ଯଦି ସଂସାର ତା ଉପରେ ଅମଳ କରେ ତେବେ ଏ ସଂସାର ବହୁତ ଭଲ ହୋଇଯିବ ଓ ଗୋଟିଏ ଶାନ୍ତିପୁର୍ଣ୍ଣ ପୃଥିବୀରେ ପରିଣତ ହୋଇଯିବ । ହଜୁର୍ ଆମ ଫ୍ୟାମିଲିଙ୍କ ପାଇଁ ଦୁଆ କରନ୍ତୁ ।

ବୁଲ୍‌ଗେରିଆରୁ ଆସିଥିବା ପ୍ରତିନିଧି ମଣ୍ଡଳର ହଜୁର୍ ଅନୁୱ୍ୱର୍ ଅ:ବ:ଅଙ୍କ ସହିତ ଏହି ସାକ୍ଷାତ୍‌କାର୍ ୬ଟା ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ୱ୍ଫଦ୍‌ରେ ଥିବା ସଦସ୍ୟମାନେ ହଜୁର୍ ଅନୁୱ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ବୋସ୍‌ନିଆ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳର ହଜୁର୍ ଅନୁୱ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ବୋସ୍‌ନିଆ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁୱ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ବୋସ୍‌ନିଆରୁ ଏବର୍ଷ ୫୯ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଜର୍ମାନୀ ଜଲ୍‌ସାସାଲାନାରେ ସାମିଲ୍ ହୋଇଥିଲେ ।

ଜଣେ ଅତିଥି କହିଲେ କି ମୁଁ ବିଗତ ବର୍ଷ ମଧ୍ୟ ଜଲ୍‌ସାସାଲାନାରେ ଯୋଗ ଦେଇଥିଲି । ଏବର୍ଷ ମଧ୍ୟ ଆସିଛି । ଜଲ୍‌ସାରେ ଦୁଆ କରିବାର ଅବସର ମିଳିଲା । ବିଗତ ବର୍ଷ ମୁଁ ହଜୁର୍ ଅନୁୱ୍ୱର୍‌ଙ୍କ ଗୋଚରରେ ଦୁଆ କରିବା ପାଇଁ ଦରଖାସ୍ତ କରିଥିଲି କି ମୋ ପାଖେ ରୋଜଗାର ନିମନ୍ତେ କୌଣସି କାମ ନାହିଁ । ଯେବେ ମୁଁ ଜଲ୍‌ସାରୁ ଫେରିଲି ତତ୍‌କ୍ଷଣାତ୍ ମୋତେ କାମ ମିଳିଗଲା । ଏହାସବୁ ହଜୁର୍ ଅନୁୱ୍ୱର୍‌ଙ୍କ ଦୁଆର ବର୍‌କତ୍ ଯୋଗୁ ହେଲା ।

ଆଉଜଣେ ବନ୍ଧୁ କହିଲେ କି ମୋର ଡାହାଣ ହାତରେ କ୍ଷତ ଥିଲା । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପାଇଲି । ଯେତେବେଳେ ମୁଁ ଘରେ ପହଂଚିଲି ସେତେବେଳେ ମୁଁ ଦେଖିଲି ଯେ କ୍ଷତଟି ସମ୍ପୂର୍ଣ୍ଣ ରୂପେ ଠିକ୍ ହୋଇସାରିଥିଲା । ଏହା ସବୁକିଛି ହାତ ମିଳାଇବାର ବର୍‌କତ୍ ଯୋଗୁ ହୋଇଛି । ଆଉଜଣେ ଅତିଥି କହିଲେ କି ଇଶ୍ୱର ମୋତେ ଓ ମୋ କୁଟୁମ୍ବର ସମସ୍ତ ଲୋକମାନଙ୍କୁ ସ୍ୱାସ୍ଥ୍ୟ ପ୍ରଦାନ କରନ୍ତୁ ଓ ଅସୁବିଧାରୁ ବଂଚାନ୍ତୁ ଓ ମୋତେ ପୁନର୍ବାର ସୌଭାଗ୍ୟ ମିଳୁ କି ମୁଁ ପୁଣି ହଜୁର୍ ଅନୁୱ୍ୱର୍‌ଙ୍କ ସହିତ ମିଶିପାରିବି । ଏଥିରେ ହଜୁର୍ ଅନୁୱ୍ୱର୍ କହିଲେ- ଅଲ୍ଲାଃତାଲା ଫଜଲ୍ ଫର୍‌ମାଏ (ଅଲ୍ଲାଃତାଲା ଦୟା କରନ୍ତୁ)

ଆଉଜଣେ ବୟସ୍କ ବ୍ୟକ୍ତି କହିଲେ କି ମୁଁ ଇଶ୍ୱରଙ୍କୁ ଧନ୍ୟବାଦ ଅର୍ପଣ କରୁଛି କି ସେ ମୋତେ ଏ ବୟସରେ ଖଲିଫାଙ୍କ ଦର୍ଶନ ପାଇଁ ଶକ୍ତି ପ୍ରଦାନ କରିଛନ୍ତି ।

ଆଉଜଣେ ମହିଳା ନିଜର ସମସ୍ତ ଅସୁବିଧାରୁ ମୁକ୍ତି ପାଇବା ପାଇଁ ଦୁଆ କରିବାର ନିବେଦନ କଲେ । ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ- ଅଲ୍ଲାଃତାଲା ଫଜଲ୍ ଫର୍‌ମାଏ (ଅଲ୍ଲାଃତାଲା ଦୟା କରନ୍ତୁ) ।

ଆଉଜଣେ ମହିଳା କହିଲେ କି ସେ ସରକାରୀ ୟତିମ୍ ଖାନା (ଅନାଥ ଆଶ୍ରମ)ର ଡିରେକ୍ଟର୍ ଅଛନ୍ତି । ଜମାତ୍ ତାଙ୍କ ସହିତ ଅନେକ ପ୍ରୋଜେକ୍ଟ କରିଛି । ସେ ମଧ୍ୟ ଦରଖାସ୍ତ କରେ କି ଇଶ୍ୱର ସମସ୍ତଙ୍କୁ ବୁଦ୍ଧି ପ୍ରଦାନ କରନ୍ତୁ । ଫଳତଃ ସମସ୍ତେ ମିଶି ସେବା କରିବା । ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ- ଏହା କରିବା ପାଇଁ ଏକଥା ଜରୁରୀ ଅଟେ କି ମନୁଷ୍ୟ ନିଃସ୍ୱାର୍ଥପର ହୋଇ କାମ କରୁ ।

ଆଉଜଣେ ଅତିଥି କହିଲେ କି ମିଡିଆରେ ଇସ୍‌ଲାମ୍‌ର ଅଣ ଇସ୍‌ଲାମୀୟ ଛବିକୁ ପ୍ରଦର୍ଶିତ କରାଯାଉଛି ଓ ଇସ୍‌ଲାମ୍‌କୁ ଭୁଲ୍ ଢ଼ଙ୍ଗରେ ଉପସ୍ଥାପନ କରାଯାଉଛି । ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ- ଆପଣଙ୍କ ସୋସାଇଟିରେ ଗୋଟିଏ ଷ୍ଟାଟସ୍ ଅଛି । ତେଣୁ ଆପଣମାନେ ମିଳିମିଶି କାମ କରନ୍ତୁ ଓ ଏହି ପ୍ରପଗଣ୍ଡା ବିରୋଧରେ ସ୍ୱର ଉତଳନ କରନ୍ତୁ ।

ଆଉଜଣେ ଅତିଥି ହଜୁର୍ ଅନୁୱ୍ୱର୍‌ଙ୍କ ଗୋଚରରେ ସଲାମ୍ କରି ବତାଇଲେ କି ମୁଁ ଦୁଇବର୍ଷ ହେବ ଜମାତ୍ ସହିତ ପ୍ରୋଜେକ୍ଟ କରୁଅଛି ଓ ଜମାତ୍ ସେମାନଙ୍କ ସହିତ ମିଶି ସେମାନଙ୍କୁ ସାହାଯ୍ୟ କରୁଛି । ପଚ୍ଛବର୍ଷ ମଧ୍ୟ ଜଲ୍‌ସାରେ ସାମିଲ୍ ହୋଇଥିଲି । ଏ ବର୍ଷ ମଧ୍ୟ ସାମିଲ୍ ହେବାପାଇଁ ମୌକା ମିଳିଲା ।

ବୋସ୍‌ନିଆରୁ ଆସିଥିବା ଜଣେ ବନ୍ଧୁ ଅର୍‌ମାନ୍ ସାହେବ୍ ଜଲ୍‌ସା ଶୁଣିବାକୁ ଆସିଛନ୍ତି । ସେ ବୋସ୍‌ନିଆ ଦେଶର ଜିନ୍‌କା ସହରର ମେୟର୍‌ଙ୍କ ପ୍ରତିନିଧି ରୂପେ ଏଠାରେ ସାମିଲ୍ ହୋଇଛନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତି କରି କହୁଛନ୍ତି କି ଜଲ୍‌ସାର ସମସ୍ତ ବ୍ୟବସ୍ଥା ବହୁତ ଉଚ୍ଚକୋଟୀର ଥିଲା ଏବଂ ଆଶ୍ଚର୍ଯ୍ୟ ଲାଗୁଥିଲା କି ଏ ଲୋକମାନେ କିଭଳି ଏତେ କାମ କରୁଛନ୍ତି । ଜଲ୍‌ସାଗାଃରେ ପ୍ରବେଶ ହେବା ସମୟରେ ଏକ ଆଧ୍ୟାତ୍ମିକ ଅବସ୍ଥା ସୃଷ୍ଟି ହେଉଥିଲା ଓ ଚାରିଆଡୁ ଶାନ୍ତି ଓ ପ୍ରେମର ଦୃଶ୍ୟ ଦୃଷ୍ଟିଗୋଚର ହେଉଥିଲା । କିନ୍ତୁ ଏହିସବୁ କଥାଠାରୁ ଅଧିକା ମୋତେ ଯେଉଁ କଥା ଅଧିକ ପ୍ରଭାବିତ କରିଛି ତାହା ହେଉଛି ଇମାମ୍ ଜମାତ୍ ଅହେମଦୀୟାଙ୍କ ସହିତ ନିଜସ୍ୱ ସାକ୍ଷାତ୍‌କାର୍‌ର ଅନୁଭବ । ସେହି କିଛି କ୍ଷଣ ମୋ ଜୀବନର ସବୁଠାରୁ ସୁନ୍ଦର କ୍ଷଣ ଥିଲା । ଇମାମ୍ ଜମାତ୍‌ଙ୍କ ସହିତ ବାର୍ତ୍ତାଳାପ୍‌ର ଅନୁଭବ ଏବଂ ଏତେ ନିକଟରେ ତାଙ୍କୁ ଦେଖିବା ମୋ ପାଇଁ ଏକ ଆଧ୍ୟାତ୍ମିକ ତଜୁର୍ବା ଥିଲା । ମୁଁ ଇମାମ୍ ଜମାତ୍‌କୁ ନିକଟରେ ଦେଖୁଥିଲି ଯେ ତାଙ୍କର ବ୍ୟକ୍ତିତ୍ୱରେ କିଭଳି ଆକର୍ଷଣ ଭରି ରହିଛି ଓ ତାଙ୍କ ଚେହେରା କିଭଳି ଶାନ୍ତିପୁର୍ଣ୍ଣ ଥିଲା । ମୁଁ ଅଧିକା ବଢ଼ାଇ ଚଢ଼ାଇ କହୁନାହିଁ କିନ୍ତୁ ଉଚିତ୍ କଥା କହୁଛି କି ତାଙ୍କ ଅସ୍ତିତ୍ୱ ସମ୍ପୂର୍ଣ୍ଣ ଶାନ୍ତିମୟ ଅସ୍ତିତ୍ୱ ଏବଂ ମୁଁ ସାକ୍ଷାତ୍ କରିବା ପରେ ମଧ୍ୟ ସେହି ସୁନ୍ଦର ସ୍ମୃତିରୁ ଲାଭ ଉଠାଇ ଚାଲିଛି ଓ ଫେରିଯିବା ପରେ ମଧ୍ୟ ଖଲିଫାଙ୍କ ସହିତ ସାକ୍ଷାତ୍‌କାର୍ ସମୟରେ ଲାଭ ହୋଇଥିବା ସୁନ୍ଦର ସ୍ମୃତି ମୋ ଭିତରେ ଆଧ୍ୟାତ୍ମିକର ଅନୁଭବକୁ ଉଜାଗର କରିଚାଲିବ । ସେ ନିଜର ସହରର ଇନ୍ତୋଜାମିଆ ତରଫରୁ ହଜୁର୍ ଅନୁୱ୍ୱର୍‌ଙ୍କ ଖିଦ୍‌ମତ୍‌ରେ ଗୋଟିଏ ସମ୍ମାନୀୟ ଶିଲ୍‌ଡ୍ ଉପହାର ସଦୃଶ ଉପସ୍ଥାପନ କଲେ ଏବଂ ବତାଇଲେ କି ଏହି ଶିଲ୍‌ଡ୍‌ରେ ୧୧୯୮ ମସିହାର ଗୋଟିଏ ଡକ୍ୟୁମେଂଟ୍ ରହିଛି । ତା ମୁତାବକ ସେ ସମୟର ବୋସ୍‌ନିଆ ସମ୍ରାଟ କ୍ରୋରୋସିଆର ଲୋକମାନଙ୍କୁ ଏ ଅଧିକାର ଦେଇଥିଲେ କି ସେମାନେ ବୋସ୍‌ନିଆ ଆସି ଏଠାରେ କାମ କର୍‌ନ୍ତୁ । ତେବେ ଏହା ହେଉଛି ସେହି ପ୍ରଥମ ଏପରି ପୁରୁଣା ଡକ୍ୟୁମେଂଟ୍ ଯେଉଁଥିରେ ବୋସ୍‌ନିଆର ଐତିହାସିକ କଥା ମିଳିଥାଏ ।

ବୋସ୍‌ନିଆରୁ ଜଣେ ଗଏର୍ ଅହେମଦୀ ହାରିସ୍ ସାହେବ୍, ଯିଏ ଗୋଟିଏ ମସ୍‌ଜିଦ୍‌ର ଇମାମ୍ ଅଛନ୍ତି ସେ ମଧ୍ୟ ଏ ଜଲ୍‌ସାରେ ସାମିଲ୍ ହୋଇଥିଲେ । ଜଲ୍‌ସା ପୂର୍ବରୁ ଗୋଟିଏ ତବ୍‌ଲିଗ୍ ବୈଠକରେ ସେ କହିଲେ କି ମୁଁ ନିଜେ ଜମାତ୍ ସମ୍ବନ୍ଧରେ ଗବେଷଣା କରିବାକୁ ଚାହୁଁଛି । ଯଦ୍ୱାରା ନିଜସ୍ୱ ଜ୍ଞାନ ଆଧାରରେ ଜମାତ୍ ସମ୍ପର୍କରେ ସଠିକ୍ ରାୟ ଉପସ୍ଥାପନ କରିପାରିବି । ଏହି ଆଧାରରେ ସେ ଜଲ୍‌ସାରେ ନିମନ୍ତ୍ରଣ ଗ୍ରହଣ କରି ସାମିଲ୍ ହୋଇଛନ୍ତି । ଜଲ୍‌ସାଗାଃରେ କିଛି ସମୟ ବିତାଇବା ପରେ ସେ କହିଲେ ଅହେମଦୀମାନଙ୍କ ଗହଣରେ କିଛି ସମୟ ବିତାଇବା ପରେ ମୁଁ ଏ ଲକ୍ଷ୍ୟସ୍ଥଳରେ ପହଂଚିଛି କି ତୁମେମାନେ ହିଁ ହେଉଛ ସେହି ଲୋକ ଯେଉଁମାନେ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାର ତବ୍‌ଲିଗ୍ ସଠିକ୍ ରୂପେ କରୁଛନ୍ତି । ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମକୁ ସେ ଧ୍ୟାନର ସହିତ ଓ ମଗ୍ନ ହୋଇ ଦେଖୁଥିଲେ । ଜଲ୍‌ସା ପରେ ତାଙ୍କୁ ୱ୍ଫଦ୍‌ର ବାକି ସଦସ୍ୟମାନଙ୍କ ସହିତ ଜାମିଆ ଅହେମଦୀୟା ଜର୍ମାନୀ ମଧ୍ୟ ପରିଦର୍ଶନ କରାଗଲା ।

ଜାମିଆ ପରିଦର୍ଶନ କରିବା ପରେ ସେ କହିଲେ ଦୁଃଖର କଥା କି ମୁସଲ୍‌ମାନ୍ ଦେଶଗୁଡିକ ଦୀନ୍ ଏବଂ ଦୁନିଆର ଶିକ୍ଷାରେ ବହୁତ ପଛରେ ଅଛନ୍ତି । କିନ୍ତୁ ଗୋଟିଏ ପଟେ ଯେଉଁଠି ଜଲ୍‌ସା ସମୟରେ ମୁଁ ଦେଖିବାକୁ ପାଇଲି କି ଜମାତ୍ ଅହେମଦୀୟାର ଇମାମ୍ ସାଂସାରିକ ଶିକ୍ଷା କ୍ଷେତ୍ରରେ ଉଚ୍ଚ ସଫଳତା ଲଭିଥିବା ଛାତ୍ରା ଓ ଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରୁଥିଲେ ଏବଂ ଜମାତ୍‌ର ସଦସ୍ୟମାନଙ୍କୁ ସାଂସାରିକ ଜ୍ଞାନ ଆହରଣ କରି ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହନ ଦେଉଥିଲେ, ସେଠାରେ ଅନ୍ୟପଟେ ଜାମିଆ ପରିଦର୍ଶନ କରିବା ପରେ ଏ କଥା ମଧ୍ୟ ଜାଣିବାକୁ ପାଇଲି କି ଜମାତ୍ ଅହେମଦୀୟା ଖିଲାଫତ୍‌ର ନେତୃତ୍ୱରେ କିପରି ଧର୍ମଜ୍ଞାନକୁ ପ୍ରଚାର ପ୍ରସାର କରିବା ପାଇଁ ସୁସଂଗଠିତ ଶୈଳୀରେ ଚେଷ୍ଟା କରୁଅଛି ଓ କିପରି ସୁନ୍ଦର ଶୈଳୀରେ ସମାନତାର ସହିତ ଏ କ୍ଷେତ୍ରରେ ଆଗକୁ ବଢ଼ିଚାଲିଛି ଓ ମୁସଲ୍‌ମାନ୍ ମାନଙ୍କର ହଜି ଯାଇଥିବା ଶାଖାକୁ ଫେରାଇ ଆଣିବ ପାଇଁ ଚେଷ୍ଟାରେ ଲାଗିପଡ଼ିଛି ।

ସେ ପୁଣି ହଜୁର୍ ଅନୁୱ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ପରେ କହୁଛନ୍ତି କି ଜମାତ୍ ଅହେମଦୀୟାର ଇମାମ୍ ସହିତ ପ୍ରତ୍ୟେକ୍ଷ ରୂପେ ସାକ୍ଷାତ୍‌କାର୍ ଓ ବାର୍ତ୍ତାଳାପ କରିବାର ସୌଭାଗ୍ୟ ମିଳିଲା । ମୋ ପାଇଁ ଏହା ବହୁତ ସୌଭାଗ୍ୟର କଥା । ସାକ୍ଷାତ୍‌କାର ସମୟରେ ସେ ହଜୁର୍ ଅନୁୱ୍ୱର୍‌ଙ୍କ ଗୋଚରରେ ଜଣାଇଲେ କି ମୁଁ ଜମାତ୍ ଅହେମଦୀୟାର ପ୍ରତିଷ୍ଠାତାଙ୍କ ଲିଖିତ 'ବରାହିନେ ଅହେମଦୀୟା' ଏବଂ 'ତଜ୍‌କରାଃ' ଅଧ୍ୟୟନ କରିବାକୁ ଚାହୁଁଛି । ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ତାଙ୍କର ମାର୍ଗଦର୍ଶନ କରାଇ କହିଲେ କି ଆପଣ ପ୍ରଥମେ ''ଇସ୍‌ଲାମୀ ଉସୁଲ୍ କି ଫିଲାସଫି'' ଏବଂ Invitation to Ahmadiyyat ଅଧ୍ୟୟନ କରନ୍ତୁ । ଏହାଦ୍ୱାରା ବାକି ସମସ୍ତ କଥା ଠିକ୍ ରୂପେ ବୁଝିବା ପାଇଁ ସହଜ ହୋଇଯିବ । ତତ୍ ସହିତ ବରାହିନେ ଅହେମଦୀୟା ଏବଂ ତଜ୍‌କରାଃର ଅଧ୍ୟୟନ ମଧ୍ୟ କରିପାରିବେ ।

ବୋସ୍‌ନିଆର ପ୍ରତିନିଧି ମଣ୍ଡଳରେ ଜଣେ ୭୫ ବର୍ଷ ବୟସ୍କ ବୁଜ୍‌ରୁଗ୍ ଉସ୍‌ମାନ୍ ସାହେବ୍ ମଧ୍ୟ ସାମିଲ୍ ହୋଇଥିଲେ । ସେ ଏକାଧିକଥର ହଜେ ବଇତୁଲ୍ଲାଃର ମଧ୍ୟ ସୌଭାଗ୍ୟ ପାଇସାରିଛନ୍ତି । ସେ କହିଲେ କି ଯେତେବେଳେ ମୋତେ ଏ ଜଲ୍‌ସାରେ ସାମିଲ୍

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ହେବା ପାଇଁ ନିମନ୍ତ୍ରଣ ମିଳିଲା ଓ କୁହାଗଲା କି ଏ ଜଲ୍‌ସାରେ ଖଲିଫା ଯୋଗଦେବେ ବୋଲି ସେତେବେଳେ ଏ ଜଲ୍‌ସାରେ ସାମିଲ୍ ହେବା ପାଇଁ ଖଲିଫାର ଶବ୍ଦଟି ମୋ ଭିତରେ ଗୋଟିଏ ଆଶ୍ଚର୍ଯ୍ୟ ଚକିତ ଆକର୍ଷଣ ସୃଷ୍ଟି କରିଦେଲା। ଏ ବୟସରେ ଏତେ ଲମ୍ବା ଯାତ୍ରା ଅତିକ୍ରମ କରିବା ମୋ ପାଇଁ ବହୁତ କଠିନ କାର୍ଯ୍ୟ ଥିଲା। କିନ୍ତୁ ମୋର ଏ ନିୟତ ଥିଲା କି ଖୁଦାଙ୍କ ଖଲିଫାଙ୍କ ଗୋଚରେ ହାଜିର୍ ହୋଇ ସେହି ଜ୍ୟୋତିର୍ମୟ ଚେହେରାକୁ ପରିଦର୍ଶନ କରିବାର ସୌଭାଗ୍ୟ ହାସଲ କରିବି ଏବଂ ଈଶ୍ୱରଙ୍କର ସେହି ଭାଗ୍ୟବାନ୍ ପୁରୁଷଙ୍କୁ ଏହା କହିବି କି ଜୀବନରେ କୌଣସି ଭରଷା ନାହିଁ। ତେଣୁ ପ୍ରାର୍ଥନା କରନ୍ତୁ କି ଈଶ୍ୱର ମୋ ପାପଗୁଡିକୁ କ୍ଷମା କରିଦିଅନ୍ତୁ ଓ ବାକି ଜୀବନ ଈଶ୍ୱରଙ୍କ ପ୍ରସନ୍ନତା ଲଭିବାରେ ବିତିଯାଉ। ତତ୍‌ସହିତ ମୋତେ ଓ ମୋ ପରିବାର ବର୍ଗଙ୍କୁ ଈଶ୍ୱର ସଂସାରର ବିପତିରୁ ରକ୍ଷା କରନ୍ତୁ। ଯଦି ଈଶ୍ୱର ସ୍ୱାସ୍ଥ୍ୟ ପ୍ରଦାନ କରିବେ ତେବେ ଆସନ୍ତା ବର୍ଷ ମଧ୍ୟ ହଜୁରଙ୍କ ଗୋଚରେ ଉପସ୍ଥିତ ହେବି ଓ ଚେଷ୍ଟା କରିବି କି ଏହି ବାର୍ତାକୁ ନିଜ ଚତୁଃପାର୍ଶ୍ୱର ପରିବେଶରେ ପ୍ରଚାର ପ୍ରସାର କରିବି।

ବୋସ୍‌ନିଆନ୍ ପ୍ରତିନିଧି ମଣ୍ଡଳରେ ଜଣେ ମହିଳା ମୋମ୍‌ରାଃ ସାହିବା ମଧ୍ୟ ସାମିଲ୍ ଥିଲେ। ସେ କହୁଛନ୍ତି ମୁଁ ପ୍ରଥମଥର ପାଇଁ ଜଲ୍‌ସାରେ ହଜୁରଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କରୁଅଛି। ଜଲ୍‌ସାର ଦିନ ଗୁଡିକ କେତେ ଶିଘ୍ର ବିତିଗଲା ଆମେ ଜାଣିପାରିଲୁ ନାହିଁ। କାଳେ ଏ ଦିନଗୁଡିକ ଆଉଟିକେ ଲମ୍ବା ହୋଇଥାଆନ୍ତା କି ମୋର ଆନ୍ତରିକ ଇଛା କି ପ୍ରତ୍ୟେକ ବର୍ଷ ଜଲ୍‌ସାରେ ସାମିଲ୍ ହୁଅନ୍ତି। ହଜୁର୍ ଅନୁଓ୍ୱର୍‌ଙ୍କ ଚେହେରାରେ ଗୋଟିଏ ନୁର୍ ରହିଛି, ଯାହାକୁ ଆମେ ଦେଖିବାକୁ ପାଇଲୁ। କାଳେ ଆମ ଦେଶର ଲୋକମାନେ ମଧ୍ୟ ସେହି ନୁର୍‌କୁ ଦେଖିପାରନ୍ତି କି।

ବୋସ୍‌ନିଆର ଓ୍ୱଫଦ୍‌ରେ ମଂଟେଗ୍ରୋ ସହିତ ସମ୍ପର୍କ ରଖିଥିବା ଫାରୁକ୍ ସାହେବ୍ ମଧ୍ୟ ସାମିଲ୍ ଥିଲେ। ସେ କହୁଛନ୍ତି ମୁଁ ଜଣେ ଦୁର୍ବଳ ଦୃଷ୍ଟି ଶକ୍ତି ରଖିଥିବା ବ୍ୟକ୍ତି କିନ୍ତୁ ଏ ଜଲ୍‌ସାରେ ସାମିଲ୍ ହୋଇ ମୁଁ ସବୁକିଛି ହୃଦୟର ଆଖିରେ ଦେଖିପାରିଲି ଓ ଏହି ଜଲ୍‌ସାର ଆତ୍ମାକୁ ଆବରି ଧରି ଫେରିଯାଉଛି। ମୁଁ ଯେଉଁ ଦେଶ ବା ଯେଉଁ ଇଲାକା ସହିତ ସମ୍ପର୍କ ରଖିଛି ସେଥିରେ ଦୀନ୍ ଓ ଧର୍ମଠାରୁ ଲୋକମାନେ ବହୁତ ଦୂରରେ ଅଛନ୍ତି ଏବଂ ଆଧାତ୍ମିକ କଣ ବସ୍ତୁ ସେ ସମ୍ବନ୍ଧରେ ଆମକୁ କିଛି ଖବର ନାହିଁ। କିନ୍ତୁ ଜଲ୍‌ସା ସମୟରେ ମୁଁ ଏକଥା ଅନୁଭବ କଲି କି ଈଶ୍ୱର ଅଛନ୍ତି ଏବଂ ତାଙ୍କର ବରକତ୍ ଏଠାରେ ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ଆତ୍ମସନ୍ତୋଷ ରୂପରେ ଅବତୀର୍ଣ୍ଣ ହେଉଅଛି, ଯେଉଁଥିରୁ ମୁଁ ମଧ୍ୟ ଭାଗ ପାଇଛି। ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌ପରେ ସେ କହୁଛନ୍ତି ଯେପରିକି ମୁଁ ପୂର୍ବରୁ କହିସାରିଛି କି ମୁଁ ଜଣେ ଦୁର୍ବଳ ଦୃଷ୍ଟି ସମ୍ପନ୍ନ ବ୍ୟକ୍ତି। ସାକ୍ଷାତ୍‌କାର୍ ଦିନ ମୋ ଦୃଷ୍ଟି ଦୁର୍ବଳ ଥିବା ଯୋଗୁ ଖଲିଫାଙ୍କୁ ସଠିକ୍ ରୂପେ ଦେଖିପାରୁନଥିଲି । କିନ୍ତୁ ଯେତେବେଳେ ଫଟୋ ଉଠାଇବାର ସମୟ ଆସିଲା ଓ ଖଲିଫାଙ୍କ ସହିତ ହାତ ମିଳାଇବାର ଅବସର ମିଳିଲା ସେ ସମୟରେ ମୋ ମନ ଏକଥା ଅନୁଭବ କଲା କି ଏ ବ୍ୟକ୍ତି ହେଉଛନ୍ତି ଜଣେ ବୈଭବପୁର୍ଣ୍ଣ ବ୍ୟକ୍ତି। ଏହା ସହିତ ଖଲିଫା ମୋତେ ଇଂରାଜୀରେ Thank You କହିଲେ। ତାଙ୍କର ଏହି ଶବ୍ଦଟି ଏପର୍ଯ୍ୟନ୍ତ ମୋ କାନରେ ଗୁଞ୍ଜରଣ ହେଉଅଛି ଓ ଏହି ଗୁଞ୍ଜରଣ ଦ୍ୱାରା ମୁଁ ଏକ ପ୍ରକାର ଆଧାତ୍ମିକ ଆନନ୍ଦ ହାସଲ କରୁଅଛି। ଯଦି ଈଶ୍ୱର ସ୍ୱାସ୍ଥ୍ୟ ପ୍ରଦାନ କରନ୍ତି ତେବେ ମୁଁ ପ୍ରତ୍ୟେକ ବର୍ଷ ଏ ଜଲ୍‌ସାରେ ସାମିଲ୍ ହେବାପାଇଁ ଚେଷ୍ଟା କରିବି ଓ ଏହି ବର୍‌କତ୍‌କୁ ଆବରି ଘରକୁ ଫେରିବି।

ବୋସ୍‌ନିଆର ଓ୍ୱଫଦ୍‌ରେ ଜଣେ ନୌମୁବାଏ ବନ୍ଧୁ Elvedin ସାହେବ୍ ମଧ୍ୟ ସାମିଲ୍ ହୋଇଥିଲେ। ଯେତେବେଳେ ତାଙ୍କୁ ଏକଥା ବତାଗଲା ଯେ ଜର୍ମାନୀ ଜଲ୍‌ସାରେ ହଜୁର୍ ଅନୁଓ୍ୱର୍ ସ୍ୱୟଂ ଯୋଗ ଦେଉଛନ୍ତି ବୋଲି ଏଥିରେ ସେ ମଧ୍ୟ ଜଲ୍‌ସାରେ ଯୋଗ ଦେବାପାଇଁ ଇଛା ପ୍ରକାଶ କଲେ। କିନ୍ତୁ ଯେଉଁଠି ସେ କାମ କରୁଥିଲେ ସେଠାରୁ ତାଙ୍କୁ ଛୁଟି ମିଳିବା ପାଇଁ ବହୁତ ମୁସ୍‌କିଲ୍ ଲାଗୁଥିଲା। ଯେଉଁ ବ୍ୟକ୍ତିଙ୍କ ନିକଟରେ ସେ କାମ କରୁଥିଲେ ସେ ବ୍ୟକ୍ତିର ବ୍ୟବହାର ମଧ୍ୟ ବହୁତ କଠୋର ଥିଲା। ସେ ଏ ମନସ୍ଥ କଲେ କି ଯଦି କାମ ଛାଡିବାକୁ ପଡେ ତେବେ ମଧ୍ୟ କାମକୁ ଛାଡି ଜଲ୍‌ସାରେ ସାମିଲ୍ ହୋଇ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କରିବେ। ଈଶ୍ୱର ଏପରି କଲେ କି ଯାହାଙ୍କ ପାଖରେ ସେ କାମ କରୁଥିଲେ ସେ ନିଜେ ତାଙ୍କୁ କହିଲେ କି ଯେତେଦିନ ଛୁଟିର ଆବଶ୍ୟକତା ଅଛି ନେଇପାର କିନ୍ତୁ ଛୁଟିରୁ ଫେରିଆସି କାମ ଆରମ୍ଭ କରିବ। ଏହିପରି ତାଙ୍କୁ ଜଲ୍‌ସାରେ ସାମିଲ୍ ହେବାପାଇଁ ଏବଂ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ମୌକା ମିଳିଗଲା।

ଆଉଜଣେ ବନ୍ଧୁ ପଚାରିଲେ କି ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ଏତେ ମାତ୍ରାରେ ମତଭେଦ କଣପାଇଁ ଦେଖାଯାଉଛି। ମୁସଲ୍‌ମାନ୍ ରାଷ୍ଟ୍ରଗୁଡିକ ଜଣେ ଅନ୍ୟକୁ ବିରୋଧ କରୁଛନ୍ତି ଓ ଜଣେ ଅନ୍ୟଜଣକ ସହିତ ଯୁଦ୍ଧ କରୁଛନ୍ତି। ଏହା କେବଳ ଆରବ ଦେଶଗୁଡିକର କଥା ନୁହେଁ ବରଂ ସମଗ୍ର ପୃଥିବୀରେ ଏହିପରି ଅବସ୍ଥା ଦେଖାଦେଇଛି। ଏହାର କଣ କାରଣ? ହଜୁର୍ ଅନୁଓ୍ୱର୍ ଏହି ସମସ୍ୟାକୁ କିପରି ଦେଖୁଛନ୍ତି ଓ ଏ ସମ୍ବନ୍ଧରେ କଣ କହିବେ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଜମାତ୍ ଅହେମଦୀୟା ପାଇଁ ଏପରି ପରିସ୍ଥିତିକୁ ଦେଖିବା ବହୁତ ସାଧା ଓ ସହଜ। ଆମେ ତ ଏହା ଦେଖୁଛୁ କି ଆଁ ହଜ୍‌ରତ୍ ସ:ଆ:ସ ଭବିଷ୍ୟବାଣୀ କରିଥିଲେ ଓ ଏ ହଦିସ୍ ଥିଲା ଯେ ଗୋଟିଏ ଯୁଗ ଆଁ ହଜ୍‌ରତ୍ ସ:ଆ:ସଙ୍କ ନବୁଓ୍ୱତ୍‌ର ଯୁଗ ହେବ। ଏହାପରେ ଖିଲାଫତେ ରାଶ୍‌ଦାର ଯୁଗ ଆସିବ। ତା ପରେ ସମ୍ରାଟଙ୍କ ସାମ୍ରାଜ୍ୟ ବ୍ୟାପିଯାଇ ଲମ୍ବା ସମୟ ପର୍ଯ୍ୟନ୍ତ ରହିବ ଓ ତା ପରେ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍ ପ୍ରକଟ ହେବେ ଓ ତା ପରେ ଯାଇ ଇସ୍‌ଲାମ୍ ପୁନର୍ଜିବୀତ ହେବ ଓ ଗୋଟିଏ ଜମାତ୍ କାଏମ୍ ହେବ ଓ ଏହା ମଧ୍ୟ କହିଥିଲେ କି ଇସ୍‌ଲାମ୍ ଭିତରେ ବହୁତ ଗୁଡିଏ ଫିର୍‌କା (ଦଳ) ସୃଷ୍ଟି ହୋଇଯିବେ ଏବଂ ବର୍ତମାନ ଆମେ ଦେଖୁଛେ ଯେ ଯଦିଚ ଏହା କେବଳ କହିବାକୁ ଦୁଇଟି ବଡ ଫିର୍କା ଅଛନ୍ତି ଅର୍ଥାତ୍ ସୁନ୍ନି ଏବଂ ସିହା କିନ୍ତୁ ତାଙ୍କ ଭିତରେ ପୁଣି ଏତେ ମାତ୍ରାରେ Sub-division ହୋଇଛି ଯେ ପ୍ରତ୍ୟେକ ଗୋଷ୍ଠୀ ନିଜ ନିଜର ଇମାମ୍‌କୁ ହିଁ ସତ୍ୟବୋଲି ବିବେଚନା କରୁଛି। ସେଇଥିପାଇଁ ଓ୍ୱଲେମାମାନଙ୍କ ମଧ୍ୟରେ ଆପୋଷରେ ମତଭେଦ ଦେଖାଦେଇଛି। ଏହି ମତଭେଦ ଯୋଗୁ ସେମାନଙ୍କ ମସ୍‌ଜିଦ୍‌ରେ ସେମାନଙ୍କ ପଛରେ ମୁକ୍‌ତଦି ଅର୍ଥାତ୍ ହେଉଁମାନେ ନମାଜ ପଢ଼ିବା ପାଇଁ ଆସୁଛନ୍ତି ସେମାନଙ୍କର ମୁଣ୍ଡଭିତରେ ଉକ୍ତ ଇମାମ୍ ମାନଙ୍କର ଚିନ୍ତାଧାରା ପଶି ରହିଛି ଓ ପୁଣି ପ୍ରତ୍ୟେକ ଗୋଷ୍ଠୀ ଏକଥା ଭାବୁଛନ୍ତି କି ଆମେ ହେଉଛୁ ଠିକ୍ ଓ ବାକି ସମସ୍ତେ ଭୁଲ୍। ପୁଣି ସେମାନେ ଏକଥା ଭୁଲିଯାଉଛନ୍ତି କି ଇସ୍‌ଲାମ୍‌ର ମୂଳଶିକ୍ଷା କଣ।

ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ- ପବିତ୍ର କୋରାନ୍ ତ ଏହା ନିର୍ଦ୍ଦେଶ ଦେଉଛି କି ରୁହମାଉ ବଇନହୁମ୍ ଅର୍ଥାତ୍ ଆପୋଷରେ ପୁଣ୍ୟ ବ୍ୟବହାର ହେଉ ଓ ପ୍ରେମ ଓ ସୌହାର୍ଦ୍ଦ୍ୟର ସହିତ ମିଳିମିଶି ରୁହନ୍ତୁ। ଏହାର ଗୋଟିଏ କାରଣ ତ ଏହା କି ଏହି ପ୍ରକାରର ତଥାକଥିତ ଓ୍ୱଲେମାମାନେ ମତଭେଦର ଗୋଟିଏ ବିସ୍ତୀର୍ଣ୍ଣ ତ୍ରିକୋଣଭୂମିକୁ ବ୍ୟାପକ କରିଦେଇଛନ୍ତି। ପୁଣି ମୁସଲ୍‌ମାନଙ୍କ ଯେଉଁ ନେତା ଅଛନ୍ତି ସେମାନଙ୍କର ନିଜସ୍ୱ ଲାଭ ରହିଥାଏ। ସେମାନେ ଏକଥାକୁ ଅଲ୍ଲାଃତାଲାଙ୍କର ଫଜଲ୍ ବୋଲି ବିବେଚନା କରିବା ପରିବର୍ତେ ନିଜର ସ୍ୱାର୍ଥକୁ ଦେଖୁଛନ୍ତି। ଯିଏ ବି (ଶାସନରେ) ଆସୁଛି ସେ ଶାସନ କଳ ଉପରେ କବ୍‌ଜା କରିବା ପାଇଁ ଚାହୁଁଛି, ତାକୁ ଛାଡିବାକୁ ଚାହୁଁନାହିଁ। ତା ପାଇଁ ଯଦି ତାଙ୍କୁ ଲୋକମାନଙ୍କ ଉପରେ ଅତ୍ୟାଚାର କରିବାକୁ ମଧ୍ୟ ପଡେ ତେବେ ସେମାନେ ତାହା କରୁଛନ୍ତି। ତେଣୁ ସେ ସାଂସାରିକ ଲିଡର୍ ହୁଅନ୍ତୁ, ଦେଶର ସର୍ବୋଚ୍ଚ ନେତା ହୁଅନ୍ତୁ ବା ରାଜନୈତିକ ପାର୍ଟି ଗୁଡିକର କର୍ଣ୍ଣଧାର ହୁଅନ୍ତୁ ବା ଧାର୍ମିକ ନେତା ହୁଅନ୍ତୁ, ଏମାନେ ସମସ୍ତେ ସାଧାରଣ ଲୋକମାନଙ୍କର ମିଜାଜ୍‌କୁ ଏପରି କରିଦେଇଛନ୍ତି ଯେ ସେମାନେ ବୁଝୁଛନ୍ତି କି ଆମେ ହିଁ ଠିକ୍ ରାସ୍ତାରେ ଅଛୁ ଓ ଏଥିପାଇଁ ଆମକୁ ଯାହାକିଛି କରିବାକୁ ପଡ଼ିବ ଆମେ କରିବୁ, ତାହା ଅତ୍ୟାଚାର ଦ୍ୱାରା ହେଉ ପଛକେ। ଏହା ଫଳରେ ଦେଶ ଭିତରେ ଥିବା ଥିବା ଦଳ ଗୁଡିକରେ ଅସମଞ୍ଜସ୍ୟ ରହିବା ଯୋଗୁ ବା ଫିର୍‌କା ଫିର୍‌କା ମଧ୍ୟରେ ଅସମଞ୍ଜସ୍ୟତା ରହିବା ଯୋଗୁ ଅତ୍ୟାଚାର ହେଉଅଛି ଓ ଗୋଟିଏ ଦେଶ ଆଉ ଗୋଟିଏ ଦେଶ ସହିତ ଯୁଦ୍ଧ କରୁଅଛି।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସେଇଥିପାଇଁ ଆମେ ତ ଏକଥାରେ ବିଶ୍ୱାସ ରଖିଛୁ କି ଆଁ ହଜ୍‌ରତ୍ ସ:ଆ:ସଙ୍କ ପେଶ୍‌ଗୋଇ ମୁତାବକ ଯେଉଁ ବ୍ୟକ୍ତିକୁ ଆସିବାର ଥିଲା ସେ ଆସିସାରିଛନ୍ତି ଓ ସେ ଆସି ଏ ଘୋଷଣା କଲେ କି ମୁଁ ଦୁଇଟି ଜରୁରୀ କାର୍ଯ୍ୟପାଇଁ ଆସିଛି। ଗୋଟିଏ ହେଉଛି ଭକ୍ତଙ୍କୁ ଈଶ୍ୱରଙ୍କ ସହିତ ପରିଚୟ କରାଇବି ଓ ତାକୁ ନିକଟକୁ ଆଣିବି ଏବଂ ମନୁଷ୍ୟକୁ ଜଣେ ଅନ୍ୟଜଣକର ଅଧିକାର ପ୍ରଦାନ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇବି। ଏହି କାର୍ଯ୍ୟ ପାଇଁ ଜମାତ୍ ଅହେମଦୀୟା ସାରା ପୃଥିବୀରେ ନିଜର ମିଶନ୍ ମଧ୍ୟ ଖୋଲି ରଖିଛି ଓ ପବ୍ଲିକ୍ ମଧ୍ୟ କରୁଛି ଓ ଇସ୍‌ଲାମ୍‌ର ବାର୍ତା ମଧ୍ୟ ପହଂଚାଉଛି। ତେଣୁ ଆପଣ ପୃଥିବୀର ଯେକୌଣସି ଦେଶକୁ ଚାଲିଯାଆନ୍ତୁ, ଆଫ୍ରିକା ଦେଶ ଯେଉଁଠି ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଅହେମଦୀୟତ୍ ବହୁଳ ଭାବେ ପ୍ରସାର କରିଚାଲିଛି ସେଠାରେ ଦୂରଦୁରାନ୍ତ ଇଲାକାକୁ ଯାଆନ୍ତୁ ଦେଖିବେ ଅହେମଦୀୟତ୍ ଥିବ। ପୁଣି ଇଣ୍ଡୋନେସିଆ, ମାଲେସିୟା, ୟୁରୋପୀୟ ଦେଶଗୁଡିକ ବା ଏସିଆରେ ଥିବା ବିଭିନ୍ନ ଦେଶ ଗୁଡିକରେ, ଆପଣ ପ୍ରତ୍ୟେକ ସ୍ଥାନରେ ,କଥା ଦେଖିବାକୁ ପାଇବ କି ଅହେମଦୀୟତ୍‌ର ମିଜାଜ୍ ଏକାପରି ଅର୍ଥାତ୍ ଶାନ୍ତି, ପ୍ରେମ ଓ ଭାଇଚାରାର ପରିବେଶ ସ୍ଥାପନ କରିବା। ସେଥିଯୋଗୁ କିଛି ସ୍ଥାନରେ ଆମ ଉପରେ ଅତ୍ୟାଚାର ମଧ୍ୟ ହେଉଅଛି। କିନ୍ତୁ ଆମେ କେବେ Retaliate (ପ୍ରତି ଆକ୍ରମଣ) କରିନାହୁଁ, କେବେ ଉତର ଦେଇନାହୁଁ।

ହଜୁର୍ ଅନୁଓ୍ୱର୍ କହିଲେ- ଅସଲ କଥା ହେଉଛି ଏହା କି ଅଲ୍ଲାଃତାଲା ଆମ ସମ୍ମୁଖରେ ଯେଉଁ ସମାଧାନକୁ ଉପସ୍ଥାପନ କରିଛନ୍ତି, ଯାହାର ପେଶ୍‌ଗୋଇ ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ କରିଥିଲେ ଓ ଆମ ଇମାନ୍ ମୁତାବକ ପବିତ୍ର କୋରାନ୍‌ର ସୁରା ଜୁମାରେ ମଧ୍ୟ ତାହା ଚର୍ଚ୍ଚା ହୋଇଛି, ତାହା ହିଁ ଏକ ସମାଧାନ ଯାହା ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ଥିବା ବିଭେଦତାକୁ ଶେଷ କରିପାରିବ। ବାକି ଅତକମ୍‌ରେ ପ୍ରତ୍ୟେକ ବ୍ୟକ୍ତି ସେ କୌଣସି ମଧ୍ୟ ଫିର୍‌କାର ହୋଇଥାଉ, ସେ ଜ୍ଞାନ ରଖିଥିବେ, ତାଙ୍କୁ ଏହା ଦର୍‌କାର୍ ଯେ ପ୍ରତ୍ୟେକ କଥା ଶୁଣିବା ପରେ ବା ତପରେ ପରଚାଳିତ ହେବା ପୂର୍ବରୁ ଏକଥା ଉଚିତ୍ ହେବ କି ମୁଁ ଯାହା କିଛି କରୁଅଛି ତାହା ଠିକ୍ ବା ନୁହେଁ? ଏହା ଜରୁରୀ ନୁହେଁ କି ନିର୍ବୋଧଙ୍କ ପରି ପ୍ରତ୍ୟେକ କଥା ପଛରେ ଚାଲିପଡ। ଯଦି ବୁଦ୍ଧିଥିବା ମନୁଷ୍ୟ, ସେ ପୃଥିବୀର ଯେକୌଣସି ସମ୍ପ୍ରଦାୟ ସହିତ ସମ୍ପର୍କ ରଖିଥାଉ ସେ ଯଦି ଏକଥା ଅନୁଭବ କରିନେବ ତେବେ ସଂସାରରେ ଶାନ୍ତି ସ୍ଥାପନ ହୋଇଯିବ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦି ଏ ଲୋକମାନେ ଜାଏଜା ନିଅନ୍ତି ତେବେ ସେମାନଙ୍କୁ ଜଣାପଡ଼ିଯିବା ଯେ ଇରାକ୍ ରେ ଓ ସିରିଆରେ ମଧ୍ୟ, ଯେବେକି ପାଶ୍ଚାତ୍ୟ ଶକ୍ତିସମ୍ପନ୍ନ ରାଷ୍ଟ୍ରଗୁଡିକ ଫସାଦ୍ (ବିଭ୍ରାଟ) କୁ ଅଧିକ ବଢ଼ାଇବା ପାଇଁ ଭୂମିକା ନିର୍ବାହ କରିଛନ୍ତି କିନ୍ତୁ ଫସାଦ୍‌ର ମୂଳ ହେଉଛି ସିହା ଏବଂ ସୁନ୍ନି ମାନଙ୍କ ମଧ୍ୟରେ ଥିବା ବତଭେଦ। ତୁର୍କୀରେ ମଧ୍ୟ ଜାତିଆଣ ମନୋଭାବ ଯୋଗୁ ଏ ସମସ୍ୟା ସୃଷ୍ଟି ହୋଇଛି ଯେ ସେମାନେ ହେଉଛନ୍ତି କୁର୍କ୍ ଏବଂ କୁର୍ଦ୍। ସୁତରାଂ ପ୍ରତ୍ୟେକ ସ୍ଥାନରେ ମଣିଷ ଏଥିପାଇଁ ଲଢୁଅଛି କି ସେମାନଙ୍କର ନିଜର ଆଗ୍ରହ ଅଧିକା ହୋଇଯାଇଛି। ଏବଂ ସେମାନେ ଈଶ୍ୱରଙ୍କ କଥାକୁ ଶୁଣିବାକୁ ଚାହୁଁନାହାଁନ୍ତ। ଯେପରିକି ମୁଁ ପୂର୍ବରୁ ମଧ୍ୟ କହିସାରିଛି ଅଲ୍ଲାଃତାଲା ତ ମୁସଲ୍‌ମାନ୍‌ମାନଙ୍କ ପାଇଁ ଏ ଚିହ୍ନ/ଲକ୍ଷଣ ବତାଇଥିଲେ- ''ରୁହମାଉ ବଇନହୁମ୍''। ଅଲ୍ଲାଃତାଲା ଯୁଦ୍ଧ କରିବାର ଲକ୍ଷ୍ୟଣ ତ ଅମାନ୍ୟକାରୀଙ୍କର ବୋଲି ବତାଇଛି ଅର୍ଥାତ୍ ''କୁଲୁବୁହୁମ୍ ଶତ୍‌ତା'' କିନ୍ତୁ ଆଜିକାଲି ମୁସଲ୍‌ମାନ୍‌ଙ୍କର ଯେଉଁ ଅବସ୍ଥା ଅଛି ସେଥିରେ ସେମାନଙ୍କର ମନ ଫାଟି ଯାଇଛି।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏବେ ଆପଣ ନିଜେ ଏ ନିଷ୍ପତି କରନ୍ତୁ କିପରି ମୁସଲ୍‌ମାନ୍ ମାନେ ଅଲ୍ଲାଃତାଲାଙ୍କର କଥାକୁ ମାନୁଛନ୍ତି ନା ମାନୁନାହାଁନ୍ତି? ଯଦି ଆପଣ ଭାବିବେ ତେବେ ଆପଣଙ୍କୁ ଏହାର ସମାଧାନର ରାସ୍ତା ସ୍ୱତଃପ୍ରୃତ ଭାବେ ମିଳିଯିବ।

ବୋସ୍‌ନିଆରୁ ଆସିଥିବା ପ୍ରତିନିଧି ମଣ୍ଡଳର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଏହି ସାକ୍ଷାତ୍‌କାର୍ ୬:୪୦ ପର୍ଯ୍ୟନ୍ତ ଜାରି ରହିଲା। ଶେଷରେ ଓ୍ୱଫଦ୍‌ର ସଦସ୍ୟମାନେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାରେ ସୈଭାଗ୍ୟ ପ୍ରାପ୍ତ କଲେ। (କ୍ରମଶଃ....)

**(ବହଓ୍ୱାଲା ଅଖ୍‌ବାର୍ ବଦର୍ ୨୫ ଅକ୍ଟୋବର, ୨ନଭେମ୍ବର୍ ୨୦୧୮)**

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2017-2019 Vol.3 Thursday 15-22 November 2018 Issue No.46-47**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ସେପ୍ଟେମ୍ବର ୨୦୧୮)

**୧୦ ସେପ୍ଟେମ୍ବର ୨୦୧୮ (ସୋମବାର)**
**(ରିପୋର୍ଟ୍‌ର ବଳକା ଅଂଶ)**
**ଲିଥୁଆନିଆ, ଲାଟ୍‌ଭିୟା, ସ୍ଲୋଭିନିଆ, ଇସ୍ତୋନିୟା ଏବଂ କଜାକିସ୍ତାନ୍‌ର ୱଫଦ୍‌ଙ୍କ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍ ।**

ଲାଟ୍‌ଭିୟାରେ ଜଣେ ଗଏର୍ ଅହେମଦୀ ପାକିସ୍ତାନୀ ମୁହମ୍ମଦ୍ ଜୁନୈଦ୍ ସିଲ୍‌ମି ସାହେବ୍ ଯିଏ ମାଷ୍ଟର୍ ଡିଗ୍ରୀର ଶିକ୍ଷା ହାସଲ କରୁଛନ୍ତି, ସେ ମଧ୍ୟ ଜଲ୍‌ସାରେ ସାମିଲ୍ ହୋଇଥିଲେ ଓ ନିଜର ମନୋଭାବକୁ ପ୍ରକାଶ କରି କହୁଛନ୍ତି- ମୁଁ ପଛମାସରୁ ଷ୍ଟଡିଭିଜା ପାଇଁ ପାକିସ୍ତାନ୍‌ରୁ ଲାଟ୍‌ଭିୟା ଆସିଛି । ମୋତେ ମଧ୍ୟ ଜଲ୍‌ସାରେ ସାମିଲ୍ ହେବାପାଇଁ ନିମନ୍ତ୍ରଣ କରାଯାଇଛି ଓ ମୁଁ ଏହାକୁ ବହୁତ ଚିନ୍ତା କରିବା ପରେ ଗ୍ରହଣ କରିଛି । ଯେତେବେଳେ ମୁଁ ଜଲ୍‌ସାଗାଃରେ ପହଂଚିଲି ସେତେବେଳେ ସେଠିକାର ଇନ୍ତେଜାମିଆ (ବ୍ୟବସ୍ଥାପକ) କୁ ଦେଖି ବହୁତ ଆଶ୍ଚର୍ଯ୍ୟ ହେଲି । କାରଣ ସେଠାରେ ବହୁତ ଅଧିକ ଲୋକ ଥିଲେ । ଇନ୍ତେଜାମିଆ ବହୁତ ସୁନ୍ଦର ଶୈଳୀରେ ଓ ବୁଦ୍ଧିମତାର ସହିତ ସମସ୍ତଙ୍କୁ ସମ୍ଭାଳୁଥିଲେ । ଜଲ୍‌ସାଗାଃରେ ବହୁତ ଲୋକଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଲୋକେ ବିଭିନ୍ନ ଦେଶ ସହିତ ସମ୍ପର୍କ ରଖିଥିବା ଅଣ ମୁସ୍‌ଲିମ୍ ଅତିଥିମାନେ ମଧ୍ୟ ଥିଲେ । ଏବଂ ସେ ସମସ୍ତଙ୍କୁ ଏଥିପାଇଁ ନିମନ୍ତ୍ରଣ ଦିଆଯାଇଥିଲା କି ସେମାନେ ଦୀନେ ଇସ୍‌ଲାମ୍ (ଇସ୍‌ଲାମ୍ ଧର୍ମ)କୁ ନିଜେ ଆସି ଦେଖନ୍ତୁ । ମୁଁ ଏତେ ମାତ୍ରାରେ ପ୍ରେମ, ଭଲପାଇବା, ସମ୍ମାନ ଏବଂ ଅତିଥି ପରାୟଣତା କେବେ ମୋ ଜୀବଦଶାରେ କେଉଁଠାରେ ମଧ୍ୟ ଦେଖିନାହିଁ ଯେତେମାତ୍ରାରେ ମୁଁ ଏଠାରେ ଦେଖିଲି ଏବଂ ମୋତେ ଏହା ଦେଖି ବହୁତ ଭଲ ଲାଗିଲା କି ଏହାଦ୍ୱାରା ସମସ୍ତ ଅଣ ମୁସ୍‌ଲିମ୍ ଅତିଥିମାନଙ୍କ ଉପରେ ବହୁତ ଭଲ ପ୍ରଭାବ ପଡ଼ିବ । ଫଳତଃ ସେମାନେ ଦିନେ ଇସ୍‌ଲାମ୍ ଆଡକୁ ଆସିବା ପାଇଁ ନିଶ୍ଚିତ ରୂପେ ଚେଷ୍ଟା କରିବେ । ଯେହେତୁ ମୁଁ ଅହେମଦୀ ନୁହେଁ ତେଣୁ ମୋ ମନରେ ମଧ୍ୟ କିଛି ଭୁଲ୍ ଧାରଣା ରହିଥିଲା ଯାହା ପ୍ରତ୍ୟେକ ମୁସଲ୍‌ମାନ୍ ଫିର୍‌କାଙ୍କ ମନରେ ରହିଥାଏ । ମୁଁ ସେଠାରେ ଯେତେବେଳେ ଭାଷଣ ଶୁଣିଲି ଓ ସେଠାରେ ଲେଖାଥିବା କଲ୍‌ମା ଗୁଡିକୁ ଦେଖିଲି ଓ ନମାଜ ମଧ୍ୟ ପଢ଼ିଲି ଏ ସବୁଥିରେ ମୋତେ କୌଣସି ଫରକ ଦୃଷ୍ଟିଗୋଚର ହେଲାନାହିଁ । ଏ ସବୁକିଛି ଆମେ ମଧ୍ୟ କରୁଛୁ ଓ ଏହାସବୁ ଅହେମଦୀୟ ମଧ୍ୟ କରୁଛନ୍ତି । ସେମାନଙ୍କର କଲମା ମଧ୍ୟ ଏକା । ନମାଜ ମଧ୍ୟ ଏକା ଓ ପବିତ୍ର କୋରାନ୍ ମଧ୍ୟ ସମାନ । ସବୁଠାରୁ ଅଧିକା ପ୍ରଣିଧାନ କଥା ଖତ୍‌ମେ ନବୁୱ୍ୱତ୍ ଥିଲା, ଯାହା ଉପରେ ମୁଁ ବର୍ତ୍ତମାନ ଚିନ୍ତା କରିବା ପାଇଁ ମଜ୍‌ବୁର୍ ହୋଇଯାଇଛି କି ବର୍ତ୍ତମାନ ମୁଁ ଚିନ୍ତା କରିବି କି କଣ ମୁଁ ନିଜ ଫିର୍‌କାକୁ ସଚ୍ଚା କହିବି ବା ଅହେମଦୀ ଫିର୍‌କାକୁ ସଚ୍ଚା କହିବି ।

ସବୁଠାରୁ ବଡ ଲାଭ ଏ ଜଲ୍‌ସାସାଲାନାକୁ ଆସିବାରେ ଏହା ହେଲା କି ମୁଁ ଅହେମଦୀ ଲୋକମାନଙ୍କ ମଧ୍ୟରେ ବସି ସବୁକିଛି ନିଜେ ନିଜ ଆଖିରେ ଦେଖିଲି ଓ ନିଜ କାନରେ ଶୁଣିଲି । ଏବେ ମୁଁ ନିଜ ଶୈଳୀରେ ଭଲଭାବେ ଦେଖିବି କି ଇସ୍‌ଲାମ୍ ଅସଲରେ କଣ ଓ ଖତ୍‌ମେ ନବୁୱ୍ୱତ୍ କଣ ? ହଜୁର୍ ଅନୁୱ୍ୱର୍‌ଙ୍କ ଅଭିଭାଷଣ ମୋତେ ବହୁତ ପସନ୍ଦ ଆସିଲା । ବିଶେଷ ରୂପେ ଶେଷ ଦିନର ଅଭିଭାଷଣ । । ଜଲ୍‌ସା ଶେଷ ହେବାର ପରଦିନ ମୁଁ ହଜୁର୍ ଅନୁୱ୍ୱରଙ୍କ ସହିତ ସାକ୍ଷାତ୍ ମଧ୍ୟ କଲି ଓ ତାଙ୍କ ସହିତ ମିଶି ମୋତେ ବହୁତ ଭଲ ଲାଗିଲା । ସେ ବହୁତ ସୁନ୍ଦର ବ୍ୟକ୍ତିତ୍ୱର ମାଲିକ ଅଟନ୍ତି । ଏହି ଚାରିଦିନ ମୋ ଜୀବନରେ ବହୁତ ଭଲ ଦିନ ଥିଲା । ବାକି ଅନ୍ୟ ମୁସଲ୍‌ମାନ୍‌ମାନେ କେବଳ କଥା କହୁଛନ୍ତି ଓ ଘୃଣାଭାବକୁ ପ୍ରଚାର ପ୍ରସାର କରୁଛନ୍ତି । କିନ୍ତୁ ଏଠାରେ ମୁଁ କେବଳ ପ୍ରେମ, ଭଲପାଇବା ଓ ସମ୍ମାନ ଦେଖିଲି । ମୋ ସହିତ କିଛି ଅଣ ମୁସ୍‌ଲିମ୍ ବନ୍ଧୁମାନେ ମଧ୍ୟ ଥିଲେ । ମୁସଲ୍‌ମାନ୍ ମାନଙ୍କର ଏଭଳି ବ୍ୟବହାର, ଏଭଳି ସମ୍ମାନ ଯାହା ଅହେମଦୀୟା ଜମାତ୍ ସେମାନଙ୍କୁ ଦେଲା ଏଥିରେ ସେମାନେ ବହୁତ ପ୍ରଭାବିତ ହେଲେ । ଇନ୍ତେଜାମିଆ ଟିମ୍‌ର ପ୍ରତ୍ୟେକ ବ୍ୟକ୍ତି ବହୁତ ପ୍ରେମ, ସମ୍ମାନର ସହିତ କଥା ହୁଅନ୍ତି ଏବଂ ଆମକୁ ଗାଇଡ୍ ମଧ୍ୟ କଲେ ଏବଂ ଏତେବଡ ଜଲ୍‌ସାକୁ ବହୁତ ସୁନ୍ଦର ରୂପେ ସମ୍ପାଦନ କଲେ । ଅତିଥିମାନଙ୍କର ରହିବାଠାରୁ ନେଇ ଖାଇବା ପିଇବା, ଟ୍ରାନ୍‌ସ୍‌ପୋର୍ଟ୍ ଓ ଏତଦ୍‌ବ୍ୟତୀତ ପ୍ରତ୍ୟେକ ପ୍ରକାର ସୁବ୍ୟବସ୍ଥାକୁ ଦେଖି ମୁଁ ଜମାତ୍ ଅହେମଦୀୟା ଦ୍ୱାରା ବହୁତ ପ୍ରଭାବିତ ହୋଇଛି ତେଣୁ । ହୃଦୟର ଗଭୀରତମ ପ୍ରଦେଶରୁ ଧନ୍ୟବାଦ ଅର୍ପଣ କରୁଛି ।

ୟୁନିଭର୍‌ସିଟି ଅଫ୍ ଏଗ୍ରି କଲ୍‌ଚର୍ ଲଟ୍‌ଭିୟାର ଜଣେ ଶ୍ରୀଲଙ୍କୀୟ ଲେକ୍‌ଚରର୍ Lakmal Kularatna ସାହେବ୍ ମଧ୍ୟ ଏ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି । ସତକଥା ହେଉଛି ଏହା କି ଯେତେବେଳେ ମୁଁ ଏହି ଜଲ୍‌ସାରେ ସାମିଲ୍ ହେବାପାଇଁ ନିଷ୍ପତି କଲି ସେତେବେଳେ ମୋ ମନରେ କିଛି ଭୟ ଥିଲା କି କାଳେ ଏହି ଜଲ୍‌ସାରେ କୌଣସି ସନ୍ତ୍ରାସବାଦର ଆକ୍ରମଣ ହୋଇଯିବ । କିନ୍ତୁ ଯେତେବେଳେ ମୁଁ ଏହି ଜଲ୍‌ସାର ସିକ୍ୟୁରିଟି ବ୍ୟବସ୍ଥାକୁ ଦେଖିଲି ସେତେବେଳେ ମୁଁ ଏହା ଅନୁଭବ କଲି କି କେହି ମଧ୍ୟ ଏ ପ୍ରୋଗ୍ରାମ୍‌କୁ ବା ଏଥିରେ ସାମିଲ୍ ହୋଇଥିବା କୌଣସି ବ୍ୟକ୍ତିକୁ କ୍ଷତି ପହଂଚାଇ ପାରିବ ନାହିଁ । ମୁଁ ଏ ଜଲ୍‌ସାର ସମ୍ପୂର୍ଣ୍ଣ ପ୍ରୋଗ୍ରାମ୍‌ରେ ହୋଇଥିବା ସିକ୍ୟୁରିଟି ବ୍ୟବସ୍ଥାକୁ ବହୁତ ପ୍ରଶଂସା କରୁଅଛି । ମୋର ଅନେକ ଶ୍ରୀଲଙ୍କୀୟ ମୁସଲ୍‌ମାନ୍ ବନ୍ଧୁ ଅଛନ୍ତି । ମୁଁ ଗୋଟିଏ ବୌଦ୍ଧ ସମ୍ପ୍ରଦାୟ ଘରେ ଜନ୍ମ ହୋଇଥିବା ଯୋଗୁ ଇସ୍‌ଲାମ୍ ସମ୍ବନ୍ଧରେ ମୋର ବିଶେଷ ଜ୍ଞାନ ନଥିଲା । ଏ ଜଲ୍‌ସା ମୋତେ ପ୍ରକୃତ ଇସ୍‌ଲାମ୍ ସମ୍ବନ୍ଧରେ ଶିକ୍ଷା ଦେଇଛି ଓ ଅନ୍ୟ ଇସ୍‌ଲାମୀୟ ସଂଗଠନ ବିଷୟରେ ମୁଁ ଜାଣିବାକୁ ପାଇଲି । ଏହିପରି ଅହେମଦୀୟା ଫିର୍‌କା ଓ ଅନ୍ୟ ମୁସଲ୍‌ମାନ୍ ଫିର୍‌କା ମାନଙ୍କ ମଧ୍ୟରେ ଥିବା ଫରକ ସ୍ପଷ୍ଟ ହୋଇଗଲା । ଏହି ଜଲ୍‌ସାରୁ ସବୁଠାରୁ ଭଲ ଜିନିଷ ଯାହାକୁ ମୁଁ ଗ୍ରହଣ କରିଛି ତାହା ହେଉଛି ଏହା କି ଜମାତ୍ ଅହେମଦୀୟା ହେଉଛି ଗୋଟିଏ ପ୍ରେମ କରୁଥିବା ଜମାତ୍ । ତେଣୁ ମୁଁ ଏହାକୁ ବହୁମାତ୍ରାରେ ପ୍ରଶଂସା କରିବାକୁ ଚାହେଁନି । ମୁଁ ଆପଣଙ୍କ ଜମାତ୍‌ର ଇନ୍ତେଜାମି ପାରଦର୍ଶିତାକୁ ଦେଖି ଆଶ୍ଚର୍ଯ୍ୟ ନହୋଇ ରହିପାରୁନାହିଁ ଓ ଏହା ସ୍ପଷ୍ଟ ରୂପେ ଇଂଗିତ କରୁଅଛି କି ଆପଣମାନେ ପୃଥିବୀକୁ ଠିକ୍ ମାର୍ଗରେ ମାର୍ଗଦର୍ଶନ କରାଇପାରିବେ ।

ଲାଟ୍‌ଭିୟାରୁ ଆସିଥିବା ଜଣେ ଛାତ୍ରୀ ଗ୍ଲୋରିୟା ସାହିବା, ସେ ପ୍ରଥମଥର ପାଇଁ କୌଣସି ଇସ୍‌ଲାମୀୟ ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଛନ୍ତି । ସେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି ମୋତେ ଏଠାରେ ସବୁକିଛି ଭଲ ଲାଗିଲା । ଖାଦ୍ୟ ବହୁତ ସୁସ୍ୱାଦୁ ଥିଲା । ଲୋକମାନେ ଚରିତ୍ର ସମ୍ପନ୍ନ ଥିଲେ । ଡ୍ୟୁଟିରେ ଥିବା ଲଜ୍‌ନାମାନେ ସର୍ବଦା ହସହସ ମୁହଁରେ ମିଳୁଥିଲେ । ମୋତେ ଏକଥା ଦେଖି ବହୁତ ଭଲ ଲାଗିଲା ଯେ ସବୁ ଛୋଟବଡ ମିଶି ଏ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଚେଷ୍ଟା କରୁଥିଲେ । ଏକଥା ମୋତେ ବହୁତ ଭଲ ଲାଗିଲା । ମୁଁ ଏଠାରେ ବହୁତ ଆରାମ ଅନୁଭବ କଲି । ମୋତେ ସେ ଦୃଶ୍ୟ ଭଲଭାବେ ମନେଅଛି, ଯେତେବେଳେ ମୋ ଆଖି ପରଦା ଉପରେ ପଡ଼ିଲା ଓ ମୁଁ ଦେଖିଲି କି ପୁରୁଷମାନଙ୍କ ପାଇଁ ଥିବା ଟେଂଟ୍ ଭିତରେ ସବୁ ଲୋକମାନେ ଜଣେ ଅନ୍ୟଜଣକ କାନ୍ଧ ଉପରେ ହାତ ରଖିଥିଲା (ବୟତ ଉତ୍ସବର ଦୃଶ୍ୟ) । ଏହି କନ୍‌ଫରେନ୍‌ସ୍‌ରେ ସାମିଲ୍ ହୋଇ ଇସ୍‌ଲାମ୍ ସମ୍ବନ୍ଧରେ ଥିବା ମୋର ଭାବନା ସମ୍ପୂର୍ଣ୍ଣ ରୂପେ ବଦଳିଗଲା ଓ ଏକଥା ଜାଣି ବହୁତ ଖୁସି ହେଲି କି ବର୍ତ୍ତମାନ ମଧ୍ୟ ଏପରି ଲୋକ ଅଛନ୍ତି ଯେଉଁମାନେ ସଂସାରର ଭଲପାଇଁ ଚିନ୍ତା କରୁଛନ୍ତି ।

ମେକାନିକାଲ୍ ଇଞ୍ଜିନିୟରିଂ କରୁଥିବା ଜଣେ ଭାରତୀୟ ଶିକ୍ଷାର୍ଥୀ ବିନୟ ସାହେବ୍ ମଧ୍ୟ ଏ ଜଲ୍‌ସାରେ ସାମିଲ୍ ହୋଇଥିଲେ, ସେ କହୁଛନ୍ତି କି- ମୁଁ ମୋ ସମ୍ପୂର୍ଣ୍ଣ ଜୀବନରେ କଦାପି ଏପରି ଏକତା ଓ ଏପରି ସୁନ୍ଦର ବ୍ୟବସ୍ଥା ଦେଖିନାହିଁ । ଯାହାକିଛି ମୁଁ ଜଲ୍‌ସାରେ ଦେଖିଲି ତାହାସବୁ ମୋତେ ବହୁତ ପ୍ରଭାବ ପକାଇଛି । ଅନୁବାଦର ସ୍ତର ବହୁତ ଉଚ୍ଚାକୋଟୀର ଥିଲା । ସେହିପରି ଯେଉଁ ଖାଦ୍ୟ ଯୋଗାଇ ଦିଆଗଲା, ତାହା ମଧ୍ୟ ବହୁତ ଉଚ୍ଚକୋଟୀର ଥିଲା । ପ୍ରତ୍ୟେକ ବ୍ୟକ୍ତି ଆମ ସହିତ ସୁବ୍ୟବହାର କଲେ । ଏହି ପ୍ରୋଗ୍ରାମ୍ ମୋ ଜୀବନର ଅଭୁଲା ଅଂଶବିଶେଷ ହୋଇ ରହିବ ।

ଲାଟ୍‌ଭିୟାରୁ ଆସିଥିବା ଆଉଜଣେ ଭାରତୀୟ ଛାତ୍ର ଓମ୍‌କାର୍ ସାହେବ୍ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ କହୁଛନ୍ତି କି ଏ ଜଲ୍‌ସାରେ ସାମିଲ୍ ହେବା ନିଶ୍ଚିତ ରୂପେ ସମ୍ମାନର କଥା । ଏ ଜଲ୍‌ସାରେ ସାମିଲ୍ ହେବାର ମୌକା ମିଳିଥିବାରୁ ମୁଁ ନିଜକୁ ବହୁତ ଭାଗ୍ୟଶାଳୀ ବିବେଚନା କରୁଛି । ଏହି ସାମୁହିକ କାର୍ଯ୍ୟ ଓ ସୁବ୍ୟବସ୍ଥା ଗୋଟିଏ ଉତମ ଦୃଷ୍ଟାନ୍ତ ଥିଲା । ଏହାକୁ ସଫଳ କରିବା ପାଇଁ ବିଭିନ୍ନ ଟିମ୍ ବହୁତ ପରିଶ୍ରମ କରି କାମ କରୁଥିଲେ । ଟ୍ରାନ୍‌ସ୍‌ପୋର୍ଟ୍‌ର ଯେଉଁ ଟିମ୍ ଥିଲା ସେ ବହୁତ ସାନ୍‌ଦାର କାର୍ଯ୍ୟ କରିଛି । ସେହିପରି ରହିବା ପାଇଁ ଓ ଖାଇବା ପାଇଁ ଯେଉଁ ବ୍ୟବସ୍ଥା ଥିଲା ତାହା ବହୁତ ଉଚ୍ଚକୋଟୀର ଥିଲା । ମୋତେ ଏ ଜଲ୍‌ସାରେ ସାମିଲ୍ ହେବା ପାଇଁ ମୌକା ଦେଇଥିବାରୁ ମୁଁ ଆପଣମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ।

ଲଟ୍‌ଭିୟାରୁ ଆସିଥିବା ଆଉଜଣେ ଭାରତୀୟ ଶିକ୍ଷାର୍ଥୀ ସଙ୍କେତ ସାହେବ୍ ନିଜର ମନୋଭାବ ବ୍ୟକ୍ତ କରି କହୁଛନ୍ତି କି ମୁଁ ଏକଥା ବତାଇବାକୁ ଚାହୁଁଛି ଯେ ମୁଁ ଯାହାକିଛି ଜର୍ମାନୀରେ ଦେଖିଲି ତାହା ବହୁତ ଆଶ୍ଚର୍ଯ୍ୟପୁର୍ଣ୍ଣ ଥିଲା । ଏବେ ଯାଏ ମୋତେ ଅହେମଦୀ ମୁସଲ୍‌ମାନ୍ ଓ ଅନ୍ୟ ମୁସଲ୍‌ମାନ୍‌ଙ୍କ ମଧ୍ୟରେ ଥିବା ଫରକ ଜଣାନଥିଲା । ଅହେମଦୀମାନେ ବହୁତ ଭଲ ଓ ଆମ ସହିତ ସେମାନେ ଅତ୍ୟନ୍ତ ସ୍ନେହଶୀଳ ବ୍ୟବହାର କଲେ । ଏଠିକାର ରହିବା ଓ ଟ୍ରାନ୍‌ସପୋର୍ଟ୍‌ର ବ୍ୟବସ୍ଥା ମଧ୍ୟ ବହୁତ ଭଲ ଥିଲା । ପ୍ରୋଗ୍ରାମ୍‌ର ସବୁଠାରୁ ଭଲକଥା ଏହା ଥିଲା କି ହଲ୍ ଭିତରେ ପ୍ରତ୍ୟେକ ବ୍ୟକ୍ତିକୁ ଗୋଟିଏ ଉଚିତ୍ ସ୍ଥାନ ଦିଆଯାଉଥିଲା । ଭାରତ ସହିତ ସମ୍ପର୍କ ରଖିଥିବା ଲୋକମାନଙ୍କ ସହିତ ସେମାନେ ଏପରି ଧ୍ୟାନ ରଖିଲେ କି ଯେପରି ଆମେ ମଧ୍ୟ ଏହି ଫ୍ୟାମିଲିର ଅଂଶ ଥିଲୁ । ମୋତେ ଏଠିକାର ପ୍ରତ୍ୟେକ ପ୍ରୋଗ୍ରାମ୍ ଓ ପ୍ରତ୍ୟେକ ବ୍ୟବସ୍ଥା ବହୁତ ପସନ୍ଦ ଲାଗିଲା । ମୁଁ ସୌଭାଗ୍ୟବାନ୍ କି ଏକ ବିରାଟ ପ୍ରୋଗ୍ରାମ୍‌ର ହେଉଛି ମୁଁ ଗୋଟିଏ ଛୋଟିଆ ଯୋଗଦାନକାରୀ । ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ ।

ଲଟ୍‌ଭିୟା ୱଫଦ୍‌ରେ ତୁର୍କୀ ସହିତ ସମ୍ପର୍କ ରଖିଥିବା ଜଣେ ଡାକ୍ତରୀ ଛାତ୍ର Alkan ସାହେବ୍ ମଧ୍ୟ ଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି କି ଏହା ବହୁତ ହୃଦୟସ୍ପର୍ଶୀ ପ୍ରୋଗ୍ରାମ୍ ଥିଲା । ଏହି ତିନିଦିନ ଭିତରେ ମୁଁ ଇସ୍‌ଲାମ୍ ଓ ଅହେମଦୀୟତ୍ ବିଷୟରେ ବହୁତ କିଛି ଶିଖିବାକୁ ପାଇଲି । ବିଶେଷ କରି ଏ ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଜମାତ୍ ଅହେମଦୀୟାର ଚେଷ୍ଟା ବିଷୟରେ ତକ୍‌ରିର୍ ଗୁଡିକରେ ବାରମ୍ବାର ଉପସ୍ଥାପନ କରାଗଲା । ଏହି ପ୍ରୋଗ୍ରାମ୍ ବହୁତ ହିଁ ପ୍ରଭାବଶାଳୀ ଥିଲା ଏବଂ ବ୍ୟବସ୍ଥା ଗୁଡିକ ମଧ୍ୟ ବହୁତ ଜବର୍‌ଦସ୍ତ ଥିଲା ।

ଲଟ୍‌ଭିୟାର ୱଫଦ୍‌ରେ ସାମିଲ୍ ହୋଇଥିବା ଜଣେ ଝିଅ Anastasia ସାହିବା ହଜୁର୍ ଅନୁୱ୍ୱର୍ ଅ:ବ:ଅଙ୍କ ଦ୍ୱାରା ଅଣ ମୁସ୍‌ଲିମ୍ ଅତିଥିମାନଙ୍କୁ ପ୍ରଦାନ କରାଯାଇଥିବା ଅଭିଭାଷଣ ପ୍ରସଙ୍ଗରେ କହୁଛନ୍ତି କି ହଜୁର୍ ଅନୁବର୍ ଅ:ବ:ଅଙ୍କ ଅଭିଭାଷଣ ମୋତେ ବହୁତ ଭଲଲାଗିଲା ଓ ହଜୁର୍ ଯେଉଁକଥା

*ଅବଶିଷ୍ଟାଂଶ ପୃଷ୍ଠା-୧୦ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**